

'ସମଲେଇ ପ୍ରକଳ୍ପ'
ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-210 •BHUBANESWAR •WEDNESDAY •24 JANUARY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୨୧୦ •ଭୁବନେଶ୍ୱର •ବୁଧବାର •୨୪ ଜାନୁଆରୀ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦



ଓଡ଼ିଶା ସରକାର

ଆମ ଓଡ଼ିଶା ନବୀନ ଓଡ଼ିଶା

DSPL-576

ଓଡ଼ିଆ ବିଶ୍ୱବିଦ୍ୟାଳୟ
ସତ୍ୟବାଦୀ
ବନ୍ଦେ ଉତ୍କଳ ଜନନୀ

## "ଓଡ଼ିଆ ବିଶ୍ୱବିଦ୍ୟାଳୟ"

ନୂତନ ସୌଧର
ଲୋକାର୍ପଣ ଉତ୍ସବ



ମୁଖ୍ୟ ଅତିଥି

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ**

ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା

୨୪ ଜାନୁଆରୀ ୨୦୨୪ ॥ ଦିବା ୧୧.୩୦ ଘଟିକା
ପଞ୍ଚସଖା କ୍ରୀଡ଼ାଙ୍ଗନ, ସତ୍ୟବାଦୀ, ପୁରୀ

OIPR-11001/13/0063/2324



ଓଡ଼ିଆ ବିଶ୍ୱବିଦ୍ୟାଳୟ, ସତ୍ୟବାଦୀ, ପୁରୀ, ଓଡ଼ିଶା

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-210 ◆BHUBANESWAR ◆WEDNESDAY ◆24 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୦ ◆ଭୁବନେଶ୍ୱର ◆ବୁଧବାର ◆୨୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


**ଦୁଇ ଦିନ ପରେ ବଦଳିବ ପାଗ**

## ଖସିବ ପାରଦ, ବଢ଼ିବ ଶୀତ

**ଭୁବନେଶ୍ୱର, ୨୩।୧(ସମିସ):** ରାଜ୍ୟରେ ଲାଗି ରହିଥିବା କୋହଲା ପାଗ ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ। ୨୬ ତାରିଖଠାରୁ ପାଗରେ ପରିବର୍ତ୍ତନ ଆସିବା ସହ ତାପମାତ୍ରା ହ୍ରାସ ପାଇବ। ଏହାଦ୍ୱାରା ରାଜ୍ୟରେ ଶୀତର ପ୍ରକୋପ ସାମାନ୍ୟ ବୃଦ୍ଧି ହେବ। ଗୁରୁଚାପବଳୟ ପ୍ରଭାବ ଯୋଗୁଁ ରାଜ୍ୟରେ ବର୍ତ୍ତମାନ ପାଗ ମୁଖ୍ୟତଃ କୋହଲା ରହିଛି। କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ଗୁରୁଚାପ ବଳୟ ଯୋଗୁଁ ପୂର୍ବ ଦିଗରୁ ରାଜ୍ୟକୁ ବଙ୍ଗୋପସାଗରୀୟ ପବନ ବହୁଛି। ଏହାସହ ଉତ୍ତର ପଶ୍ଚିମ ଦିଗରୁ ରାଜ୍ୟକୁ ଆସୁଥିବା ପବନ ସଂସ୍ପର୍ଶରେ ଏହା ଆସିବା ଯୋଗୁଁ ପାଗ କୋହଲା ପାଗ ପାଇଁ ସ୍ଥିତି ଅନୁକୂଳ ରହୁଛି। ୨୫ ତାରିଖ ସୁଦ୍ଧା ଗୁରୁଚାପ ବଳୟ ଦୁର୍ବଳ ହେବା ସହ ଏଭଳି ପାଗରେ ପରିବର୍ତ୍ତନ ଆସିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଉମାଶଙ୍କର ଦାସ କହିଛନ୍ତି, ଗତକାଲି ଦକ୍ଷିଣ ଛତିଶଗଡ଼ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହାସହ ଗତ କିଛି ଦିନ ହେଲା ଏକ ଗୁରୁଚାପ ବଳୟ ଓଡ଼ିଶା ଉପକୂଳରେ ବଙ୍ଗୋପସାଗର ଅଞ୍ଚଳରେ ସକ୍ରିୟ ରହିଛି। ଏହି ଗୁରୁଚାପ ବଳୟର ସକ୍ରିୟତା ଆଜି ଓ ଆସନ୍ତାକାଲି ଯଥେଷ୍ଟ ଅଧିକ ରହିବ ବୋଲି ଅନୁମାନ କରାଯାଇଛି। ଏହା ପ୍ରଭାବରେ ଓଡ଼ିଶାର କିଛି ଜିଲ୍ଲାରେ ଆଜି ବର୍ଷା ହୋଇଛି।






■ ଗୋପାଳପୁରରେ ହେବ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କେନ୍ଦ୍ର

## ଜାପାନରୁ ଆସିଲା ପୁଞ୍ଜି



- ୫୮ ହଜାର କୋଟି ନିବେଶ କରିବେ ଆଇଏଚ୍‌ଆଇ କର୍ପୋରେସନ୍ ଏବଂ ଏସିଏମ୍‌ଇ କ୍ଲିନ୍ ଏନର୍ଜି
- ଓଡ଼ିଶାକୁ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍‌ରେ ପରିଣତ କରାଯିବ: ମୁଖ୍ୟମନ୍ତ୍ରୀ
- ୩୭୦୦ ଲୋକଙ୍କୁ ମିଳିବ ନିଯୁକ୍ତି

**ଭୁବନେଶ୍ୱର, ୨୩।୧(ସମିସ):** ଗତବର୍ଷ ଏପ୍ରିଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜାପାନ୍ ଗସ୍ତ ଫଳପ୍ରସୂ ହେବା ଆରମ୍ଭ କରିଛି। ଜାପାନର ଖ୍ୟାତନାମା ଉଦ୍ୟୋଗ ଆଇଏଚ୍‌ଆଇ କର୍ପୋରେସନ୍ ଏବଂ ଏହାର ସହଯୋଗୀ ସଂସ୍ଥା ଏସିଏମ୍‌ଇ ଗ୍ରୁପ୍ ଓଡ଼ିଶାରେ ଗ୍ରୀନ୍ ହାଇଡ୍ରୋଜେନ୍ ଓ ଗ୍ରୀନ୍ ଆମୋନିଆ ଉତ୍ପାଦନ କରିବ। ଏଥିପାଇଁ ଗୋପାଳପୁର ଶିଳ୍ପ ପାର୍କରେ କମ୍ପାନୀ ୫୮, ୯୦୫ କୋଟି ଟଙ୍କା ବିନିଯୋଗ କରିବା ସହ ୩୭୦୦ ଲୋକଙ୍କୁ ନିଯୁକ୍ତି ଦେବ। ଏନେଇ ଆଜି ଲୋକସେବା ଭବନରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସିବ୍ୟକ୍ତ କରିବା ସହ ଶୀଘ୍ର ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଓଡ଼ିଶାକୁ ଏକ ସବୁଜ ହାଇଡ୍ରୋଜେନ୍ ହବ୍‌ରେ ପରିଣତ କରିବାରେ ସହଯୋଗ ପାଇଁ ଉଭୟ କମ୍ପାନୀର କର୍ତ୍ତୃପକ୍ଷଙ୍କୁ ଆହ୍ୱାନ ଜଣାଇଥିଲେ। ଶିଳ୍ପ ସମୂହକୁ ସବୁ ପ୍ରକାର ସହଯୋଗ ପ୍ରଦାନ ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ।

ଆଜି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଉପସ୍ଥିତିରେ ଆଇଏଚ୍‌ଆଇ କର୍ପୋରେସନ୍‌ର ସଭାପତି ତଥା ସିଇଓ ହିରୋଶୀ ଇଦେ ଏବଂ ଏହାର ସହଯୋଗୀ ସଂସ୍ଥା ଏସିଏମ୍‌ଇ କ୍ଲିନ୍ ଏନର୍ଜି ଲିମିଟେଡ୍‌ର ଅଧ୍ୟକ୍ଷ ମନୋଜ ଉପାଧ୍ୟାୟ ଏମ୍‌ଓୟୁରେ ସ୍ୱାକ୍ଷର କରିଥିଲେ। ଉଭୟ କମ୍ପାନୀ ସବୁଜ ହାଇଡ୍ରୋଜେନ ଓ ଆମୋନିଆ ଉତ୍ପାଦନ ସହିତ ପରିଚାଳନା, ବିତରଣ ତଥା ଶକ୍ତି ଉତ୍ପାଦନ କରିବେ। ଓଡ଼ିଶାରେ ପ୍ରଥମଥର ପାଇଁ ଗୋପାଳପୁରରେ ଗ୍ରୀନ୍ ହାଇଡ୍ରୋଜେନ୍‌ର ଏକକ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା ହେବାକୁ ଯାଉଛି। ଉଭୟ କମ୍ପାନୀର ମୁଖ୍ୟ ଶିଳ୍ପ ପ୍ରତିଷ୍ଠାରେ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସାଧୁବାଦ ଜ୍ଞାପନ କରିବା ସହିତ ଦେଶର ଏହା ସର୍ବୋତ୍ତମ ଶିଳ୍ପୋନ୍ମୁଖୀ ରାଜ୍ୟ ବୋଲି ପ୍ରକାଶ କରିଥିଲେ। ଭାରତକୁ ଗ୍ରୀନ୍ ହାଇଡ୍ରୋଜେନ୍ ଏବଂ ଗ୍ରୀନ୍ ଆମୋନିଆ ସୁଲଭ ମୂଲ୍ୟରେ ଯୋଗାଇ ଦେବାରେ ଏହି ପ୍ରକଳ୍ପ ବେଶ୍ ସହାୟକ ହେବ ବୋଲି କହିଥିଲେ।

ଆଇଏଚ୍‌ଆଇ କର୍ପୋରେସନ୍‌ର ହିରୋଶୀ କହିଥିଲେ, ଓଡ଼ିଶାକୁ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍‌ରେ ପରିଣତ କରିବା ପାଇଁ ଏଠାରେ ସବୁ ପ୍ରକାର ଭିତ୍ତିଭୂମି ଉପଲବ୍ଧ ଅଛି। ଓଡ଼ିଶାରେ ପାରମ୍ପରିକ ବିଦ୍ୟୁତ ପ୍ଲାଣ୍ଟଗୁଡ଼ିକୁ ସବୁଜ ଶକ୍ତି ପ୍ଲାଣ୍ଟରେ ପରିଣତ କରିବା ଲାଗି ଆମେ ସବୁ ପ୍ରକାର ସହଯୋଗ ପ୍ରଦାନ କରିବୁ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଆବଶ୍ୟକତାକୁ ଦେଖି ଭାରୀ ଖଣିଜ ଏବଂ ନିର୍ମାଣ ଯନ୍ତ୍ରାଂଶ ଉତ୍ପାଦନ ଦିଗରେ ମଧ୍ୟ ଆଇଏଚ୍‌ଆଇ ପୁଞ୍ଜିନିବେଶ କରିବ ବୋଲି ସେ କହିଥିଲେ। ଆଲୋଚନା ଅବସରରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା କହିଥିଲେ, ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ବିହିତ ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ଅଧିକରୁ ଅଧିକ କମ୍ପାନୀ ପ୍ରତିଷ୍ଠା ସହିତ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ଦେଇଥିବା ନିର୍ଦ୍ଦେଶକୁ ରାଜ୍ୟ ସରକାର ଅନୁପାଳନ କରୁଛନ୍ତି। ଓଡ଼ିଶା ସରକାରଙ୍କ ଶିଳ୍ପ ନୀତି-୨୦୨୨ ଅନୁସାରେ ରାଜ୍ୟକୁ ଏକ ଅଗ୍ରଣୀ ଶିଳ୍ପ କ୍ଷେତ୍ରରେ ପରିରତ କରିବା ପାଇଁ ଉଦ୍ୟମ କରାଯାଉଛି। ଏହା ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶର ଏହା ଆଧାର ସାଜିବ। ଆଇପିଆର-୨୦୨୨ରେ ଗ୍ରୀନ୍ ହାଇଡ୍ରୋଜେନ୍ କ୍ଷେତ୍ର ପାଇଁ ବ୍ୟାପକ ପ୍ରୋତ୍ସାହନ ବ୍ୟବସ୍ଥା ରହିଛି ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ।

**ନୂଆ ଇତିହାସ ରଚିଲା ଓଡ଼ିଶା**

## ଡ୍ରୋନ୍‌ରେ ସ୍ୱାସ୍ଥ୍ୟସେବା

**ଭୁବନେଶ୍ୱର, ୨୧।୧(ସମିସ):** ଭୁବନେଶ୍ୱର ଅଖିଳ ଭାରତ ଆୟୁର୍ବିଜ୍ଞାନ କେନ୍ଦ୍ର(ଏମ୍ସ) ପକ୍ଷରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଡ୍ରୋନ୍‌ର ଉପଯୋଗ ନିମନ୍ତେ ଆଜି କରିଥିବା ପରୀକ୍ଷଣ ସଫଳତାର ସହ ସମ୍ପନ୍ନ ହୋଇଛି। ମେଡିକାଲ୍ ସାଇନ୍ସ ସହ ପ୍ରଯୁକ୍ତିବିଦ୍ୟାର ସମ୍ମିଶ୍ରଣରେ ଡ୍ରୋନ୍ ମାଧ୍ୟମରେ ଔଷଧ ତଥା ଅନ୍ୟାନ୍ୟ ଅତ୍ୟାବଶ୍ୟକ ମେଡିକାଲ୍ ସାମଗ୍ରୀ ଯୋଗାଣ ଏବେ ସହଜ ହେବ। ଅପହଞ୍ଚ ଇଲାକାରେ ଆଉ ରକ୍ତଜନିତ ଅଭାବରେ ରୋଗୀର ପ୍ରାଣହାନି ହେବନି କି ଗୁରୁତର ରୋଗୀ ପାଖରେ ଔଷଧ ପହଞ୍ଚିବାରେ କୌଣସି ବାଧା ସୃଷ୍ଟି ହେବ ନାହିଁ।



ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବରଦାନ ସାଜିବ ଏହି ଡ୍ରୋନ୍ ସେବା। ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପରୀକ୍ଷାମୂଳକ ଡ୍ରୋନ୍ ଉଡାଣ ଏମ୍ସ ପରିସରରୁ ଆରମ୍ଭ ହୋଇ ଟାଙ୍ଗି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଯାଇଥିଲା। ମାତ୍ର ୩୫ମିନିଟ୍ ମଧ୍ୟରେ ଏହି ଡ୍ରୋନ୍ ୬୦ କିଲୋମିଟର ଅତିକ୍ରମ କରିଥିଲା। ପୁନର୍ବାର ଟାଙ୍ଗିରୁ ଉଡ଼ାଣ ଆରମ୍ଭ କରି ଏମ୍ସକୁ ପ୍ରତ୍ୟାବର୍ତ୍ତନ କରିଥିଲା। ମୋଟ ୧୨୦ କିଲୋମିଟରର ସଫଳ ଯାତ୍ରାକୁ ମାତ୍ର ଏକ ଘଣ୍ଟା ୧୦ ମିନିଟ୍ ମଧ୍ୟରେ ସମାପ୍ତ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶାରେ ନୂଆ ଇତିହାସ ରଚିଲା। ଏହି ଯାତ୍ରା କାଳରେ ଡ୍ରୋନ୍‌ରେ ଯୋଗାଣ ନିମନ୍ତେ ପ୍ରାୟ ୨ କିଲୋଗ୍ରାମ୍ ଓଜନର ରକ୍ତ ଏବଂ ଅନ୍ୟାନ୍ୟ ଔଷଧୀୟ ସାମଗ୍ରୀ ରଖାଯାଇଥିଲା।

ଡ୍ରୋନ୍ ମାଧ୍ୟମରେ ଔଷଧ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବିତରଣ ଗ୍ରାମାଞ୍ଚଳ, ଆଦିବାସୀ ଏବଂ ଅର୍ଦ୍ଧ ସହରାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ବୃଦ୍ଧି କରିବ। ଏହି ଡ୍ରୋନ୍ ମାଧ୍ୟମରେ ଟିକା, ଅତ୍ୟାବଶ୍ୟକ ଔଷଧ, ରକ୍ତ ସହ ଅନ୍ୟାନ୍ୟ ଏକାଧିକ ପରୀକ୍ଷଣ ସାମଗ୍ରୀ ପଠା ଯାଇପାରିବ। ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟସେବା ଯୋଗାଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏମ୍ସ ଭୁବନେଶ୍ୱର ଓଡ଼ିଶାବାସୀଙ୍କ ଆବଶ୍ୟକ ସମୟରେ ତ୍ୱରିତ ସେବା ଯୋଗାଇଦେବା ନିମନ୍ତେ ଏପରି ପଦକ୍ଷେପ ଗ୍ରହଣ କରିଛି ବୋଲି ଶ୍ରୀ ବିଶ୍ୱାସ କହିଛନ୍ତି। ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଡ୍ରୋନ୍ ସେବା ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଭୌଗୋଳିକ ପ୍ରତିବନ୍ଧକକୁ ଦୂର କରିବା ସହିତ

- ଭୁବନେଶ୍ୱର ଏମ୍ସରେ ସଫଳ ପରୀକ୍ଷଣ
- ଅପହଞ୍ଚ ଇଲାକା ଓ ପ୍ରାକୃତିକ ଦୁର୍ବିପାକରେ ବରଦାନ ସାଜିବ
- ଏକକାଳୀନ ୨ରୁ ୫କେଜି ସାମଗ୍ରୀ ବହନ କରିପାରିବ
- ୩୫ ମିନିଟରେ ଅତିକ୍ରମ କଲା ୬୦ କିଲୋମିଟର

ଜରୁରୀକାଳୀନ ଔଷଧ, ରକ୍ତ ନମୁନା, ରକ୍ତ ଆଦିକୁ ଦୁର୍ଗମ ଅଞ୍ଚଳରେ ଚିକିତ୍ସା ଯୋଗାଣକୁ ସୁନିଶ୍ଚିତ କରିବ। ଏହି ପରୀକ୍ଷଣରେ ବ୍ୟବହୃତ ଡ୍ରୋନ୍ ପ୍ରାୟ ୫ କେଜି ପର୍ଯ୍ୟନ୍ତ ସାମଗ୍ରୀ ବହନ କରିବାର କ୍ଷମତା ରଖିଛି। ଏହାସହ ଏହା ପ୍ରାୟ ୧୬୦ କିମି ପର୍ଯ୍ୟନ୍ତ ଯାତ୍ରା କରିପାରିବ।

ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପଦକ୍ଷେପ ଅନୁଯାୟୀ, ଦୁର୍ଗମ ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟସେବା ଉପଲବ୍ଧତାକୁ ସୁଦୃଢ଼ କରିବା ନିମନ୍ତେ ଏହି ପ୍ରୟୋଗ କରାଯାଉଛି। ଆଜିର ଏହି ପରୀକ୍ଷଣ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ସୋନୁ ଏଚ୍ ସୁବା, ଡାକ୍ତର ପ୍ରିୟମାଧବ ବେହେରା, ଡାକ୍ତର ଅଭିଷେକ ମିଶ୍ର, ଡାକ୍ତର ସତ୍ୟପ୍ରକାଶ, ଡାକ୍ତର ଅଂଶୁମାନ ସାହୁ, ଭାରପ୍ରାପ୍ତ ଡିଡିଏ ରଶ୍ମିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

**ଶିକାରୀମୁକ୍ତ ହେବ ଶିମିଳିପାଳ**

## ୩୦୦ ବନ କର୍ମଚାରୀଙ୍କୁ ମିଳିବ ବନ୍ଧୁକ

**ବାରିପଦା, ୨୩।୧(ସମିସ):** ଶିକାରୀମୁକ୍ତ ହେବ ଶିମିଳିପାଳ। ଏଥିପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପ ନେଉଥିବା ବେଳେ ଏବେ ବନ କର୍ମଚାରୀଙ୍କୁ ବନ୍ଧୁକ ଚାଳନା ତାଲିମ୍ ଦିଆଯାଉଛି। ଖୁଣ୍ଟାସ୍ଥିତ ଜିଲ୍ଲା ପୁଲିସ ବନ୍ଧୁକ ଚାଳନା ପ୍ରଶିକ୍ଷଣ କେନ୍ଦ୍ରରେ ବନକର୍ମଚାରୀଙ୍କୁ ତାଲିମ୍

- ବନ୍ଧୁକ ଚାଳନା ତାଲିମ ଆରମ୍ଭ
- ପ୍ରତିବର୍ଷ ଦିଆଯିବ ପ୍ରଶିକ୍ଷଣ

ଆରମ୍ଭ ହୋଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡଃ ପ୍ରକାଶ ଚାନ୍ଦ ଗୋଗିନେନି ଏ ସଂପର୍କରେ ସୂଚନା ଦେଇଛନ୍ତି।

୨୭୫୦ ବର୍ଗକିମିରେ ପରିବ୍ୟାପ୍ତ ଶିମିଳିପାଳ ଅଭୟାରଣ୍ୟର ୩୦୩ ବର୍ଗକିମି ହେଉଛି ଆଭ୍ୟନ୍ତରୀଣ ଅଞ୍ଚଳ ବା କୋର୍ ଏରିଆ। ଏହି ଅଞ୍ଚଳରେ ଅଧିକ ବନ୍ୟଜନ୍ତୁ ବସବାସ କରିଥା'ନ୍ତି।



ତେଣୁ ଶିକାରୀଙ୍କ ଲୋଲୁପଦୃଷ୍ଟି ଏହି ଅଞ୍ଚଳ ଉପରେ ଅଧିକ। ଗତବର୍ଷ ଶିକାରୀଙ୍କୁ ଧରିବାକୁ ଯାଇ ଶିକାରୀ ଗୁଳିରେ ଦୁଇଜଣ ବନ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଶିମିଳିପାଳ ଅଭୟାରଣ୍ୟକୁ ଶିକାରୀମୁକ୍ତ କରିବା ଅଭିଯାନ ଆରମ୍ଭ ହୋଇଥିଲା। ଶିମିଳିପାଳର ସୁରକ୍ଷାକୁ କଡ଼ାକଡ଼ି କରାଯାଇଛି। ଏପରିକି ପୁଲିସ ଓ ବନ ବିଭାଗର ସଶସ୍ତ୍ର ସ୍ୱତନ୍ତ୍ର ମିଳିତ ଟାସ୍କଫୋର୍ସ ନିୟୋଜିତ ରହିଛନ୍ତି। ଟାସ୍କଫୋର୍ସର ମିଳିତ ଉଦ୍ୟମରେ ଶିମିଳିପାଳ ଅଭୟାରଣ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ କରି ବିପୁଳ ପରିମାଣରେ ବନ୍ଧୁକ ଜବତ କରାଯାଇଥିଲା। ତେବେ ଅଭୟାରଣ୍ୟର ସୁରକ୍ଷାକୁ ଆହୁରି ଅଧିକ ସୁଦୃଢ଼ କରି ଶିକାରୀ ଦମନ ନିମନ୍ତେ ତାଲିମ ଆରମ୍ଭ ହୋଇଛି। ପାଟ୍ରୋଲିଂରେ ନିୟୋଜିତ ବନ କର୍ମଚାରୀଙ୍କୁ ବନ୍ଧୁକ ପ୍ରଦାନ ସହ ଚାଳନା ତାଲିମ୍ ଦିଆଯାଉଛି। ବନ କର୍ମଚାରୀଙ୍କୁ ଅତ୍ୟାଧୁନିକ ବନ୍ଧୁକ ଯଥା ଇନସାସ୍ ରାଇଫଲ୍, ଏକେ- ୪୭, କମ୍ପାକ୍ସ, ପିଏମ୍‌ଜି ଏବଂ ୯ ଏମଏମ ପିସ୍ତଲ ଆଦି ପ୍ରଦାନ କରାଯିବ।

ତାଲିମ୍‌ରେ ମିଳିପାଳ ସତନ୍ତ୍ର ବ୍ୟାଘ୍ର ସୁରକ୍ଷାବଳ (ଏସଟିପିଏଫ) ସମେତ ରେଞ୍ଜର, ଡେପୁଟି ରେଞ୍ଜର, ଫରେଷ୍ଟ ଗାର୍ଡଙ୍କୁ ତଥ୍ୟଗତ ଜ୍ଞାନ ସହ ପ୍ରାକ୍ଟିକାଲ ବନ୍ଧୁକ ଚାଳନା ନେଇ ମକ୍‌ଡ୍ରିଲ ଆଦି ତାଲିମ ପ୍ରଦାନ କରାଯାଉଛି। ତାଲିମ ଶେଷ ପରେ ଶିମିଳିପାଳ ଅଭୟାରଣ୍ୟର ଉତ୍ତର ଓ ଦକ୍ଷିଣ ବନଖଣ୍ଡ ସମେତ ବାରିପଦା, ରାଇରଙ୍ଗପୁର, କରଞ୍ଜିଆ ଏବଂ ଉଦଳା ବନଖଣ୍ଡ ପାଇଁ ସମୁଦାୟ ୩୦୦ଟି ବନ୍ଧୁକ ପ୍ରଦାନ କରାଯିବ ବୋଲି ଡ. ଗୋଗିନେନି କହିଛନ୍ତି। ଅଭୟାରଣ୍ୟର ବଫର ଅଞ୍ଚଳରୁ କୋର୍ ଅଞ୍ଚଳକୁ ପ୍ରବେଶ ନିମନ୍ତେ ୨୩ଟି ଚିହ୍ନଟ ସ୍ଥାନରେ ମଧ୍ୟ ପାଟ୍ରୋଲିଂ କରିବେ। ନିକଟରେ ଶିମିଳିପାଳ ଅଭୟାରଣ୍ୟକୁ ସୁରକ୍ଷା ନିମନ୍ତେ ଶିମିଳିପାଳ ଏସ୍‌ଟିପିଏଫ୍‌ର ୬ଟି ଟିମ୍ ନିୟୋଜିତ ରହିଛନ୍ତି। ଏଥିସହ ୧୬ଟି ପାଟ୍ରୋଲିଂ ଭ୍ୟାନ୍ ଓଏମ୍‌ସି ଫଣ୍ଡରୁ ମଧ୍ୟ ପ୍ରଦାନ କରାଯାଇଛି। ବନ କର୍ମଚାରୀଙ୍କୁ ବନ୍ଧୁକ ପ୍ରଦାନ ସମେତ ପ୍ରତି ବର୍ଷ ମୟୂରଭଞ୍ଜ ଜିଲ୍ଲା ପୁଲିସ ସହାୟତାରେ ବନ୍ଧୁକ ଚାଳନା ନେଇ ତାଲିମ ଦିଆଯିବ ବୋଲି ଡ. ଗୋଗିନେନି କହିଛନ୍ତି।

## ୩ ରାଇସ୍ ମିଲ୍ ଉପରେ ପଡ଼ିଛି ୭କୋଟି ୫୮ ଲକ୍ଷ ଟଙ୍କା

**ଭଦ୍ରକ, ୨୩।୧ (ସମିସ):** ଭଦ୍ରକ ଜିଲ୍ଲାର ୩ଟି ରାଇସ୍‌ମିଲ୍ ମାଲିକଙ୍କ ଉପରେ ବର୍ଷେ କି ଦି'ବର୍ଷ ନୁହେଁ; ଦୀର୍ଘ ପ୍ରାୟ ୧୦ବର୍ଷ ହେବ ୭ କୋଟି ୫୮ ଲକ୍ଷ ବକେୟା ଗଡୁଛି। ତେବେ ଏହି ବକେୟା ଟଙ୍କା ଆଦାୟ ନେଇ ରାଜ୍ୟ ଯୋଗାଣ ନିଗମ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଏବେ ପ୍ରକ୍ରିୟା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଜିଲ୍ଲାର

- ୧୦ ବର୍ଷ ହେବ ଠକୁଛନ୍ତି ମିଲ୍ ମାଲିକ
- ସମ୍ପତ୍ତି ଜବତ ପାଇଁ ଚାଲୁଛି ପ୍ରକ୍ରିୟା

୩ଟି ରାଇସ୍ ମିଲ-ଚନ୍ଦ୍ରପ୍ରଭା ରାଇସ୍ ମିଲ, ଭାରତୀ ରାଇସ୍ ମିଲ ଓ ମଙ୍ଗଳମ୍ ରାଇସ୍ ମିଲ ଉପରେ ଏହି ବକେୟା ଅର୍ଥ ଦୀର୍ଘବର୍ଷରୁ ପଡ଼ିରହିଛି। ଚରମ୍ପା ଅଞ୍ଚଳର ଚନ୍ଦ୍ରପ୍ରଭା ଉପରେ ଗତ ୨୦୧୪-୧୫ ବର୍ଷରୁ ୩ କୋଟି ୬୬ଲକ୍ଷ ୫୭ହଜାର ୪୮୬ଟଙ୍କା ବକେୟା ଗଡୁଥିବା ବେଳେ ଭଣ୍ଡାରିପୋଖରୀର ଭାରତୀ ରାଇସ୍ ମିଲ ଉପରେ ୨୦୧୫-୧୬ରୁ ୩କୋଟି ୨୩ଲକ୍ଷ ୬୮ହଜାର ୯୭୩ଟଙ୍କା ପଡ଼ିଛି। ସେହିଭଳି ମଙ୍ଗଳମ୍ ରାଇସ୍ ମିଲ୍ ଉପରେ ଗତ ୨୦୧୨-୧୩ ମସିହାରୁ ୮୮ଲକ୍ଷ ୧୩ହଜାର ୮୨୯ଟଙ୍କା ପଡ଼ିଛି। ମୋଟ ୭କୋଟି ୭୮ଲକ୍ଷ ୪୦ହଜାର ୨୮୮ଟଙ୍କା ଯୋଗାଣ ନିଗମ ଏହି ୩ ମିଲରଙ୍କଠାରୁ ପାଇବାକୁ ଥିଲା। ସମ୍ପୃକ୍ତ ମିଲରମାନଙ୍କ ପକ୍ଷରୁ ପରିଶୋଧ ନୋଟିସ୍ ପାଇବା ପରେ ହାଇକୋର୍ଟରେ ମାମଲା ରୁଜୁ ହୋଇଥିବାରୁ ଏହି ବକେୟା ଅର୍ଥ ଆଦାୟ ହୋଇପାରିନଥିଲା। ସମ୍ପୃକ୍ତ ୩ ମିଲରଙ୍କ ଜମାରାଶି ବାଦ୍ ଏହି ବିପୁଳ ଅର୍ଥ ପଡ଼ି ରହିଥିବାରୁ ଏବେ ଯୋଗାଣ ନିଗମ ପକ୍ଷରୁ ଟଙ୍କା ପରିଶୋଧ ଲାଗି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା।

ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଏହି ବକେୟା ସରକାର ଅର୍ଥ ପରିଶୋଧ ପାଇଁ ସମ୍ପତ୍ତି ଜବତ ଲାଗି ତହସିଲଦାର ନୋଟିସ୍ ଜାରି କରିଛନ୍ତି। ଏଥିମଧ୍ୟରୁ ୨ଜଣ ମିଲର ହାଇକୋର୍ଟ ଯାଇଥିବା ଆମେ ଜାଣିବାକୁ ପାଉଛୁ।

**ଲୋକକଥା**



ଇଣ୍ଡଷ୍ଟ୍ରି ହବ୍ ହେବାକୁ ଓଡ଼ିଶା
ଆଉ ସତେ କେତେ ଦୂର,
ସମୃଦ୍ଧ ହୋଇବ ରାଇଜ ଭୂଖଣ୍ଡ
ଲାଗିଛନ୍ତି ସରକାର।
ଯିଏ ଯେତେ ପରକାର,
କହିଲେ କି ହେବ ପ୍ରଗତିର ଚକ
ଘୂରୁଅଛି ନିରନ୍ତର॥

## ୪୦୦ ନିଯୁତ ଡଲାର୍ ଏଫ୍‌ଡିଆଇ ଅଭିମୁଖେ ଓଡ଼ିଶା

**ସେବା, ଶିଳ୍ପ, ଆଇଟି, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ଭାବନା ଉଜ୍ଜ୍ୱଳ**

**ଭୁବନେଶ୍ୱର,୨୩।୧(ସମିସ):** ଦାରିଦ୍ର୍ୟ ଦୂରୀକରଣ, ମୁଣ୍ଡପିଛା ଆୟବୃଦ୍ଧି, ତ୍ୱରିତ ଅଭିବୃଦ୍ଧି ହାର ସଫଳତା ପାଇବା ପରେ ଓଡ଼ିଶା ଏବେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ)ରେ ବଡ଼ ଲମ୍ଫ ମାରିବାକୁ ଯାଉଛି। ଗତ ୫ବର୍ଷ ଭିତରେ ଓଡ଼ିଶା ୧୬୫.୫ ନିଯୁତ ଡଲାର୍‌ର ଏଫ୍‌ଡିଆଇ ହାସଲ କରିଥିବା ବେଳେ ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି ପରିମାଣ ୪୦୦ ନିଯୁତ ଡଲାର୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ରାଜ୍ୟର ବିଭିନ୍ନ ଅଭିବୃଦ୍ଧି ମାନକ ଆଧାରରେ ଓଡ଼ିଶା ଏଫ୍‌ଡିଆଇରେ ବଡ଼ ସଫଳତା ପାଇବାକୁ ଯାଉଛି ବୋଲି ଅର୍ଥନୈତିକ ସମୀକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ସେବା କ୍ଷେତ୍ର ସହ ଆଇଟି, ଉତ୍ପାଦନ, ଆଇଟି, ମେଟାଲର୍ଜିକାଲ ଶିଳ୍ପ, ଶିକ୍ଷା କ୍ଷେତ୍ର ଅଧିକ ଏଫ୍‌ଡିଆଇ ଆକର୍ଷଣ କରିବ ବୋଲି କୁହାଯାଇଛି।

ହସ୍ତଗତ ସୂଚନା ଅନୁସାରେ, ୨୦୨୨ରେ ଓଡ଼ିଶାକୁ ୩୧.୩୬ ନିଯୁତ ଡଲାର ଏଫ୍‌ଡିଆଇ ମିଳିଥିବା ବେଳେ ୨୦୨୧-୨୨ରେ ୯୫.୩୩ ନିଯୁତ ଡଲାର୍, ୨୦୨୦-୨୧ରେ ୧୯.୭୬ ନିଯୁତ ଡଲାର, ୨୦୧୯-୨୦ରେ ୧୩.୦୫ ନିଯୁତ ଡଲାର୍ ଏଫ୍‌ଡିଆଇ ପାଇଥିଲା। ଏପରି ଭାବେ ଗତ ୫ ବର୍ଷ ମଧ୍ୟରେ ଓଡ଼ିଶା ୧୬୫.୫ ନିଯୁତ ଡଲାରର ଏଫ୍‌ଡିଆଇ ପାଇଥିଲା। ଅଧିକ ଏଫ୍‌ଡିଆଇ ଅଧିକ କର୍ମ ନିୟୋଜନ ସୃଷ୍ଟି କରିବା ସହିତ ରାଜ୍ୟ ତଥା ଦେଶର ସାମାଜିକ ଏବଂ ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିଥାଏ।

**ଗତ ୫ ବର୍ଷରେ ଆସିଛି ୧୬୫ ନିଯୁତ ଡଲାର୍**

ଅର୍ଥନୈତିକ ବିଶେଷଜ୍ଞ ପ୍ରଫେସର୍ ମନୋଜ ମହାରଥାଙ୍କ କହିବା ଅନୁସାରେ, କୌଣସି ଦେଶ ଅବା ରାଜ୍ୟକୁ ଏଫ୍‌ଡିଆଇ ଆସିବା ପଛରେ ଅନେକ କାରଣ ରହିଥାଏ। ମୁଖ୍ୟତଃ ସେଠାରେ ଉପଲବ୍ଧ ପ୍ରାକୃତିକ ସମ୍ପଦ, ବଜାର ଆକାର, ସରକାରରେ ସ୍ଥାୟିତ୍ୱ, ମାକ୍ରୋ-ଇକୋନୋମିକ୍ ସ୍ଥିରତା, ପୁଞ୍ଜି ନିବେଶ ପାଇଁ ଉପଯୁକ୍ତ ପରିବେଶ ଉପରେ ଏଫ୍‌ଡିଆଇ ପରିମାଣ ନିର୍ଭର କରିଥାଏ। ଓଡ଼ିଶା ଏବେ ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷ ହାସଲ କରୁଥିବା ବେଳେ ରାଜ୍ୟରେ ଶିଳ୍ପ, ଆଇଟି, ଶିକ୍ଷା, ସ୍ୱାସ୍ଥ୍ୟ, ସେବା ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅଭିବୃଦ୍ଧି ପରିଲକ୍ଷିତ ହେଉଛି। ରାଜ୍ୟ ସରକାରଙ୍କ ନିବେଶ ଅନୁକୂଳ ନୀତି ତଥା ପର୍ଯ୍ୟାପ୍ତ ପ୍ରାକୃତିକ ଏବଂ ମାନବ ସମ୍ବଳ ନିବେଶକମାନଙ୍କ ପାଇଁ ଆକର୍ଷଣ ସାଜିଛି। ପରିଣାମସ୍ୱରୂପ, ଗତ ୫ ବର୍ଷ ମଧ୍ୟରେ ଓଡ଼ିଶାକୁ ବ୍ୟାପକ ପୁଞ୍ଜିନିବେଶ ଆସିଛି। କେବଳ ଭାରତ ନୁହେଁ, ବରଂ ଅନ୍ତର୍ଜାତୀୟ ସ୍ତରର ବହୁ ଖ୍ୟାତନାମା କମ୍ପାନୀ ଓଡ଼ିଶାରେ କାମ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ରାଜ୍ୟ ସରକାରଙ୍କ ମେକ୍-ଇନ୍-ଓଡ଼ିଶା କନକ୍ଲେଭ୍ ହେଉ ଅବା ବିଦେଶରେ ପୁଞ୍ଜିନିବେଶ ସମ୍ମିଳନୀର ସଫଳତାରୁ ଏହା ବେଶ୍ ବାରି ହୋଇପଡୁଛି। ଏସବୁ ଦୃଷ୍ଟିକୋଣରୁ ଓଡ଼ିଶାକୁ ଏଫ୍‌ଡିଆଇ ଆଗମନ ପୂର୍ବାପେକ୍ଷା ଆହୁରି ତ୍ୱରାନ୍ୱିତ ହେବ। ଗତ ମେକ୍-ଇନ୍-ଓଡ଼ିଶା କନକ୍ଲେଭ୍‌ରେ ଓଡ଼ିଶା ୧୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ପାଇଥିବା ବେଳେ ୨୦୨୧-୨୨ରେ ରାଜ୍ୟ ସରକାର ୩.୬୭ ଲକ୍ଷ କୋଟି ଟଙ୍କାର ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ଦେଇଥିଲେ। ସେହିପରି ଗତ ଦୁଇବର୍ଷ ମଧ୍ୟରେ ଏହି ପରିମାଣ ୧୦ ଲକ୍ଷ କୋଟି ଟଙ୍କାରୁ ଅଧିକ ହେବ। ଓଡ଼ିଶାରେ ବିସ୍ତୀର୍ଣ୍ଣ ୪୮୦ କିମି ଉପକୂଳ ରହିଥିବା ବେଳେ ତିନିଟି ବନ୍ଦର ଅର୍ଥନୈତିକ ଦ୍ୱାର ସାଜିଛି। ଆଗକୁ ଆଉ ୩ଟି ବୃହତ୍ ବନ୍ଦର କାର୍ଯ୍ୟକ୍ଷମ ଅପେକ୍ଷାରେ ଥିବା ବେଳେ ରେଳ, ବିମାନ ଚଳାଚଳ କ୍ଷେତ୍ର ସମୃଦ୍ଧ ହେଉଛି। ଅପରପକ୍ଷେ ବିଜୁ ଏକ୍ସପ୍ରେସ୍ ୱେ ରାଜ୍ୟର ଶିଳ୍ପ ଅଭିବୃଦ୍ଧିକୁ ଖୋରାକ୍ ଯୋଗାଉଛି।

# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-210 ◆BHUBANESWAR ◆WEDNESDAY ◆24 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୦ ◆ଭୁବନେଶ୍ୱର ◆ବୁଧବାର ◆୨୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ପୁଣି ଥରେ ମଞ୍ଜୁଲିକା ଭୂମିକାରେ ବିଦ୍ୟା

▶ପୃଷ୍ଠା ୧୫ ଦେଖନ୍ତୁ...

## କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାରତରତ୍ନ



■ **ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ନେତା କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ପ୍ରଦାନ କରିବାକୁ ମଙ୍ଗଳବାର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। କର୍ପୁରୀ ଠାକୁରଙ୍କୁ ଭାରତ ରତ୍ନ ପୁରସ୍କାର ଦେବାକୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲା। ଆସନ୍ତାକାଲି ତାଙ୍କର ଜନ୍ମ ଶତବାର୍ଷିକୀ ପାଳନ କରାଯାଉଥିବା ବେଳେ ତାଙ୍କୁ ମରଣୋତ୍ତର ଭାରତ ରତ୍ନ ସମ୍ମାନ ଦିଆଯିବା ଘୋଷଣା ବିଭିନ୍ନ ମହଲକୁ ଆନନ୍ଦିତ କରିଛି। ଉଲ୍ଲେଖଯୋଗ୍ୟ ଯେ, ଜଣେ ସମାଜବାଦୀ ନେତା ଭାବେ କର୍ପୁରୀ ଠାକୁର ଦଳିତ ଏବଂ ପଛୁଆବର୍ଗ ସମାଜର ଉନ୍ନତି ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ବିହାରର ଦଳିତ ବର୍ଗଙ୍କ ପାଇଁ ସେ ଦୃଢ ସ୍ୱର ଉତ୍ତୋଳନ କରିବା ସହିତ ଅନ୍ୟାନ୍ୟ ପଛୁଆବର୍ଗ ଲୋକଙ୍କ ବିକାଶ ପାଇଁ ରାଜନୈତିକ ପୃଷ୍ଠଭୂମିରେ ଯେଉଁଳି ନିଷ୍ଠା ଓ ଦକ୍ଷତା ▶ପୃଷ୍ଠା-୯

## ୪୪ ବର୍ଷ ପରେ ଅସ୍ତ୍ର ତ୍ୟାଗକଲା ଉଲଫା

■ **ଗୌହାଟୀ, ୨୩।୧ (ଏଜେନ୍ସି):** ଆସାମର ସର୍ବ ପୁରାତନ ଉଗ୍ରବାଦୀ ସଂଗଠନ 'ୟୁନାଇଟେଡ୍ ଲିବରେସନ ଫ୍ରଣ୍ଟ ଅଫ୍ ଆସାମ(ଉଲଫା) ଦୀର୍ଘ ୪୪ ବର୍ଷ ପରେ ଅସ୍ତ୍ର ପରିତ୍ୟାଗ କରିଛି। ମଙ୍ଗଳବାର ଗୌହାଟୀ ଠାରୁ ପ୍ରାୟ ୫୫ କିମି ଦୂର ସିପାଝର ଠାରେ ଏହି ସଂଗଠନର ଶେଷ ବୈଠକ ଅନୁଷ୍ଠିତ ହୋଇଥିଲା ବେଳେ ଏଥିରେ ଅସ୍ତ୍ରଶସ୍ତ୍ର ସମ୍ପୂର୍ଣ୍ଣ ପରିତ୍ୟାଗ କରାଯିବା ନେଇ ଘୋଷଣା କରାଯାଇଛି। ପ୍ରାୟ ୨୫ ଦିନ ତଳେ ଉଲଫା ପକ୍ଷରୁ କେନ୍ଦ୍ର ସରକାରଙ୍କ ସହ ଏକ ଶାନ୍ତି ପ୍ରସ୍ତାବକୁ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହାପରେ ସଂଗଠନ ଏଭଳି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଡିସେମ୍ବର ୨୯ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଉପସ୍ଥିତିରେ ଉଲଫା, କେନ୍ଦ୍ର ସରକାର ଏବଂ ଆସାମ ସରକାରଙ୍କ ମଧ୍ୟରେ ଏକ ତ୍ରିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ବର୍ତ୍ତମାନ ଉଲଫା ସଂଗଠନର ପ୍ରାୟ ୭୦୦ ସଦସ୍ୟ ରହିଥିଲେ ହେଁ ସେମାନେ ଉଗ୍ରବାଦକୁ ତ୍ୟାଗ କରି ମୁଖ୍ୟସ୍ରୋତକୁ ଫେରିବା ସହ ରାଜ୍ୟରେ ଶାନ୍ତି ପ୍ରତିଷ୍ଠାକୁ ଅଗ୍ରାଧିକାର ଦେବେ ବୋଲି ସହମତ ହୋଇଥିଲେ।

### ମହାପ୍ରଭୁଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

## ରାଜ୍ୟବାସୀଙ୍କ ସୁଖ ମନାସିଲେ



**ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ବିକାଶ ନେଇ ସେବାୟତଙ୍କ ସହ କଥାହେଲେ**

**ପରିକ୍ରମା ପ୍ରକଳ୍ପର ଭବ୍ୟତା ଓ ଆଧ୍ୟାତ୍ମିକ ପରିବେଶ ଦେଖି ଖୁସି ବ୍ୟକ୍ତକଲେ**

■ **ପୁରୀ, ୨୩।୧ (ସମିସ):** ପରିକ୍ରମା ପ୍ରକଳ୍ପ ଲୋକାର୍ପଣର ସପ୍ତମ ଦିନରେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମଙ୍ଗଳବାର ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିବା ସହ ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିସହ ପରିକ୍ରମା ପ୍ରକଳ୍ପର ପୁନଃ ପ୍ରଦକ୍ଷିଣ କରି ଅନୁଭୂତି ନେଇଛନ୍ତି।

ପୂର୍ବସୂଚୀ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ହେଲିକପ୍ଟରରେ ଆସି ଅପରାହ୍ଣ ୪ଟା ୪୦ରେ ମାଟିତୋଟାସ୍ଥିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଆସିଥିଲେ। ସେଠାରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍‌ପି ଡ. କନୱର ବିଶାଲ ସିଂ ସ୍ୱାଗତ କରିଥିଲେ। ସେଠାରୁ କାର୍ ଯୋଗେ ଶ୍ରୀସେତୁ ଦେଇ ଜଗନ୍ନାଥ ବଲ୍ଲଭ ପିଲଗ୍ରୀମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ବ୍ୟାଟେରି ଗାଡ଼ିରେ ଶ୍ରୀମାର୍ଗ ଦେଇ ଅପରାହ୍ଣ ୫ଟାରେ ସିଂହଦ୍ୱାରଠାରେ ପହଞ୍ଚିଥିଲେ। ଗାଡ଼ିରୁ ଓହ୍ଲାଇବା ପରେ ସିଂହଦ୍ୱାର ସମ୍ମୁଖରେ ସମବେତ ଜନସାଧାରଣ ଏବଂ ମନ୍ଦିର ବେଢ଼ା ଭିତରେ ଥିବା ଭକ୍ତଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ ମୁଖ୍ୟମନ୍ତ୍ରୀ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସଙ୍କ ସମେତ ପରିଚାଳନା କମିଟି ସେବାୟତ ପ୍ରତିନିଧି ପ୍ରମୁଖ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ ମନ୍ଦିରକୁ ପାଛୋଟି ନେଇଥିଲେ। ମୁଖ୍ୟମନ୍ତ୍ରୀ ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କୁ ଦର୍ଶନ କରିବା ପରେ ଆଗକୁ ବଢ଼ିଥିଲେ। ଗୋଟିଏ ପରେ ଗୋଟିଏ ପାଦ ପକାଇ ବାଇଶି ପାହାଚ ଚଢ଼ିବା ଦୃଶ୍ୟ ଥିଲା ବେଶ୍ ନିଆରା। ବାଇଶି ପାହାଚରୁ ସାତ ପାହଚ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଥିବା ଦେବଦେବୀଙ୍କୁ ହାତଯୋଡ଼ି ନମସ୍କାର କରିଥିଲେ। ରତ୍ନସିଂହାସନରେ ଦାରୁବିଗ୍ରହଙ୍କୁ ଦର୍ଶନ କରି ▶ପୃଷ୍ଠା-୯

### ଗଜପତି ଜିଲ୍ଲାରେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବିକାଶ ସମୀକ୍ଷା

## ଜନତା ହିଁ ସରକାରଙ୍କ ମାଲିକ





■ **ଗଜପତି, ୨୩।୧ (ସମିସ):** ବିଜେଡି ସରକାର ହେଉଛି ଲୋକଙ୍କ ସରକାର। ଜନତାଙ୍କ ଇଛା ହିଁ ସରକାରଙ୍କ ପାଇଁ ସର୍ବମାନ୍ୟ। ଲୋକେ ଯାହା କହୁଛନ୍ତି, ମୁଖ୍ୟମନ୍ତ୍ରୀ ତାହା କରୁଛନ୍ତି। ଏହା ହେଉଛି ଉତ୍ତରଦାୟୀ ସରକାର। ତେଣୁ ଲୋକଙ୍କୁ କାମର ଗୋଟି ଗୋଟି ହିସାବ ଦିଆଯାଉଛି। ଅନ୍ୟ କୌଣସି ସ୍ଥାନରେ ଗଣତନ୍ତ୍ରର ଏପରି ପରିଭାଷା ଦେଖିବାକୁ ମିଳେ ନାହିଁ। ତେଣୁ ଆପଣମାନଙ୍କ ସହଯୋଗରେ ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନ ସ୍ୱପ୍ନ ସାକାର ହେବ। ମଙ୍ଗଳବାର ଗଜପତି ଜିଲ୍ଲା ଗସ୍ତ ଅବସରରେ କାଶୀନଗରଠାରେ ଆୟୋଜିତ ସାଧାରଣ ସଭାକୁ ସମ୍ବୋଧିତ କରି '୫-ଟି' ଓ 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଏହା କହିଛନ୍ତି। କାଶୀନଗର ନୀଳମଣି ଦୁର୍ଗା ମନ୍ଦିର ପଡିଆରେ ଆୟୋଜିତ ସଭାରେ ଶ୍ରୀ ପାଣ୍ଡିଆନ୍ ଲୋକଙ୍କୁ ଜିଲ୍ଲାରେ ହୋଇଥିବା ବିକାଶମୂଳକ କାମର ହିସାବ ଦେଇ କହିଛନ୍ତି ▶ପୃଷ୍ଠା-୯

୭ମାସରେ ସମାଧାନ ହୋଇଛି
**୭୩୦ ସମସ୍ୟା**

ଉନ୍ନୟନ କାର୍ଯ୍ୟ ପାଇଁ ଜିଲ୍ଲାକୁ ମିଳିଛି
**୨୭୯କୋଟି**

ଲୋକମାନେ ଯାହା ଚାହାଁନ୍ତି, ମୁଖ୍ୟମନ୍ତ୍ରୀ ତାହା କରି ଦେଖାନ୍ତି

ଲୋକଙ୍କୁ ପ୍ରତି କାମର ହିସାବ ଦିଆଯାଉଛି

କୃଷ୍ଣସାଗର, ରାମସାଗର ଓ ଗଜପତି ସାଗର ପାଇଁ ୮ କୋଟି

ଗୁମ୍ମାରେ ମଡେଲ ବସ୍ ଷ୍ଟାଣ୍ଡ, ଡିଗ୍ରୀ କଲେଜ ସ୍ଥାପନ ଶୀଘ୍ର

## ଓଡ଼ିଆ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ଆଜି

**ଭର୍ଚୁଆଲରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ**

■ **ସାକ୍ଷୀଗୋପାଳ, ୨୩।୧ (ସମିସ):** ବହୁପ୍ରତୀକ୍ଷିତ ଓଡ଼ିଆ ବିଶ୍ୱବିଦ୍ୟାଳୟକୁ ଆସନ୍ତାକାଲି (ବୁଧବାର) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଭର୍ଚୁଆଲରେ ଉଦ୍‌ଘାଟନ କରିବେ। ଏଥିପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୯ଏକର ଜମି ଉପରେ ଠିଆ ହୋଇଥିବା ଏହି ବିଶ୍ୱବିଦ୍ୟାଳୟର ପରିସରକୁ ଆଲୋକମାଳାରେ ସଜାଯାଇଛି। ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସଭାସ୍ଥଳର ଆୟୋଜନ କରାଯାଇଛି। ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଏଡିଏମ୍ ▶ପୃଷ୍ଠା-୯

### ଡ୍ରେନ୍ କାମବେଳେ ଅଘଟଣ

## ମାଟି ଅତଡ଼ା ଧସି ୨ ଶ୍ରମିକ ମୃତ





■ **ଯୋଡ଼ା/କେନ୍ଦୁଝର, ୨୩।୧ (ସମିସ):** ଯୋଡ଼ା ସହର ମଧ୍ୟ ଦେଇ ନିର୍ମାଣାଧୀନ ଫ୍ଲାଏଓଭର ନିକଟରେ ଡ୍ରେନ୍ କାମ ହେଉଥିବା ବେଳେ ମାଟି ଅତଡ଼ା ଖସିଯିବାରୁ ୨ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏଥିରେ ଜଣେ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି।

**ତଦନ୍ତ ପାଇଁ ୪ ଜଣିଆ ଟିମ୍ ଗଠିତ**

ଆଗାମୀ ଫେବୃଆରୀ ମାସରେ ଉଦ୍‌ଘାଟନ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏହି ଫ୍ଲାଏଓଭର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଫ୍ଲାଏଓଭର ନିର୍ମାଣ ସହିତ ଡ୍ରେନେଜ କାମ ଦ୍ରୁତ ଗତିରେ ଚାଲିଛି। ମଙ୍ଗଳବାର ଅପରାହ୍ଣ ପ୍ରାୟ ୫ଟା ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନେଜ ବ୍ୟବସ୍ଥା ପାଇଁ ତଳେ ଯାଇଥିବା ପାଣି ପାଇପ୍ ଲାଇନକୁ ସାଇଜ କରିବା ▶ପୃଷ୍ଠା-୯

### ସମବାୟ ନଗରୀରେ ଶିଳ୍ପର ରୁଗ୍ଣ ଗାଥା

## ଶ୍ରୀହୀନ ସୂତାକଳ; ଦୁଃସ୍ଥିତିରେ ଶ୍ରମିକ



■ **ବ୍ରହ୍ମପୁର, ୨୩।୧ (ସମିସ):** ଦିନଥିଲା, କାରଖାନାର ଘଣ୍ଟି ବାଜିଲେ ଚଳଚଞ୍ଚଳ ହୋଇ ଉଠୁଥିଲା ଗଂଜାମ ଜିଲ୍ଲାର ଆସିକା ସୂତାକଳ ଅଞ୍ଚଳ। ସ୍ଥାନୀୟ ଅଞ୍ଚଳବାସୀଙ୍କୁ ରୋଜଗାର ଯୋଗାଇ ଦେବା ସାଙ୍ଗକୁ ଶିଳ୍ପର ବିକାଶ କରିବା ସୂତାକଳର ମୂଳଲକ୍ଷ୍ୟ ଥିଲା। ଲକ୍ଷ୍ୟକୁ ସାକାର କରିବା ପାଇଁ ଫୁରସତ ପାଉନଥିଲେ ଶ୍ରମିକ। କାରଖାନା ପାଇଁ ବ୍ରତୀ ହୋଇଥିଲେ ୧୨ଶହ ଶ୍ରମିକ। ସରକାରଠାରୁ ପ୍ରଶାସନ ସମସ୍ତେ କାରଖାନା ଓ ଶ୍ରମିକଙ୍କ ପାଇଁ ଖୁବ୍ ଯତ୍ନବାନ ଥିଲେ। ସବୁ ଠିକ୍ ଠାକ୍ ଚାଲିଥିଲା। କାଳକ୍ରମେ ପରିଚାଳନାଗତ ତ୍ରୁଟି ଓ ଶ୍ରମିକବିରୋଧୀ ନିଷ୍ପତ୍ତି କାରଖାନାକୁ ରୁଗ୍ଣ ସ୍ଥିତି ଆଡ଼କୁ ଠେଲିନେଲା। ଅବସ୍ଥା ଏମିତି ହେଲା କାରଖାନା ଧିରେ ଧିରେ ଅଚଳ ହେବାକୁ ଲାଗିଲା। ଶ୍ରମିକଙ୍କ ଉପରେ ଅତ୍ୟାଚାର ଆରମ୍ଭ ହେଲା। ଶ୍ରମିକ ଧର୍ମଘଟ ଆରମ୍ଭ ହେଲା। ବାରମ୍ବାର ମାଲିକାନା ପରିବର୍ତ୍ତନ ହେଲା। ପରିଚାଳନା ତ୍ରୁଟି ଲାଗି ରହିଲା। ଶେଷରେ କାରଖାନାରେ ତାଲା ଝୁଲିଲା। ଛଟେଇ ହେଲେ ଶହଶହ ଶ୍ରମିକ। ଏପଟେ କାରଖାନା ଭିତରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହେଲା। ସେପଟେ ଜୀବିକା ହରାଇ ଭୋକରେ ଦିନ ବିତାଇଲେ ଛଟେଇ ଶ୍ରମିକ ପରିବାର। ଏହା ମଧ୍ୟରେ ଅନେକ ସରକାର ଗଲେଣି। ଅନେକ ଅଭିଯୋଗ ହେଲାଣି। ଥାନା, କୋର୍ଟ କଚେରୀ ପର୍ଯ୍ୟନ୍ତ କଥା ଯାଇଛି। ହେଲେ ଏଯାଏଁ, ଏହି "ଅଛିଣ୍ଡା-ଅଙ୍କର ସମାଧାନ ହୋଇ ପାରିନାହିଁ। ସମବାୟ ନଗରୀ ସହ ଚିନିକଳକୁ ନେଇ ସମଗ୍ର ଏସିଆ ମହାଦେଶରେ ନୂଆଁ ସମ୍ଭାବନା ସୃଷ୍ଟି କରିଥିଲା ଗଂଜାମ ଜିଲ୍ଲାର ଏହି ଆସିକା ସୂତାକଳ। ଅତୀତ ଏବଂ ବର୍ତ୍ତମାନର ଘଟଣା ଓ ଦୁର୍ଘଟଣାକୁ ନେଇ ଆସିକାର ସୂତାକଳ, ଏବେ ଇତିହାସ ହେବାକୁ ଯାଉଛି।

ଆସିକା ନିକଟରେ ସୂତାକଳ ନିର୍ମାଣ ପାଇଁ ୧୯୮୪ ମସିହାରେ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ପରେ ସୂତାକଳ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ, ୧୯୮୭ ମସିହାରେ ଉତ୍ପାଦନ ଆରମ୍ଭ ହେଲା। ସରକାରଙ୍କ ରାଜ୍ୟ ଶିଳ୍ପ ▶ପୃଷ୍ଠା-୯





Mark your moment WITH TANISHQ Festival of Diamonds

UP TO 20% OFF* On diamond jewellery value

PAY WITH OLD GOLD 100%* exchange value on old gold from any jeweller

To locate your nearest store and know more on 6366920017 Buy online at tanishq.co.in or Download our App *Conditions Apply.

BHUBANESWAR: CHANDRASEKHARPUR Mob.: 7205050700 | MASTER CANTEEN Mob.: 9238307043
CUTTACK: CANTONMENT CHOWK (CTC) Ph.: 0671- 2302036 / 9238307044
ANGUL: AMALAPADA, LANE-2 Ph.: 06764- 231224 / 9090066000

# ଓଚିନ୍ଦାର ଗଣପର୍ବ ହରିହାଟ ମହୋତ୍ସବ ଉଦ୍‌ଯାପିତ

**ପାଣିକୋଇଲି,୨୩ା୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ଗ୍ରାମର ଗଣପର୍ବ ହରିହାଟ ମହୋତ୍ସବ ମକର ସଂକ୍ରାନ୍ତିରୁ ଆରମ୍ଭ ହୋଇଥିଲା । ଏହି ଅବସରରେ ନୂତନ ଗୋପିନାଥ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା । ବେଦଜ୍ଞ ବ୍ରାହ୍ମଣ ମାନଙ୍କ ମନ୍ତ୍ର ଧ୍ୱନୀରେ ପ୍ରକମ୍ପିତ ହୋଇଥିଲା ସମଗ୍ର ଅଞ୍ଚଳ । ଗୋପିନାଥ ନାଟ୍ୟ ପରିଷଦ ପକ୍ଷରୁ ୨ ଦିନ ମୁକ୍ତାକାଶ ନାଟକ ଓ ଗ୍ରାମର କୁନି କଳାକାର ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏହି ଗଣପର୍ବର ଉଦ୍‌ଯାପନୀ ଉତ୍ସବରେ ଯାଜପୁରର ସାଂସଦ ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ କୁମାର ବଳ, ପୂର୍ବତନ ବିଧାୟକ ତଥା ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ବିଜେପି ନେତା ବିଶ୍ୱଜିତ ନାୟକ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀ ପ୍ରଭା ଜେନା, ଶିଳ୍ପପତି ପର୍ଶୁରାମ ଦାଶ, ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ପଣ୍ଡିତ ଡକ୍ଟର ସୂର୍ଯ୍ୟମଣି ଖୁଣ୍ଟିଆ, ସମିତିସଭ୍ୟ ପ୍ରିୟଙ୍କା ବରାଳ ପ୍ରମୁଖ ଯୋଗଦେଇଥିଲେ । ଶେଷରେ କଳସ ବିସର୍ଜନ କରାଯାଇଥିଲା ।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ହରିପୁର ,୨୩ା୧(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ଚଣ୍ଡିପୁର ଗ୍ରାମର ଗୋପୀନାଥ ମହାନ୍ତିଙ୍କ ସହଧର୍ମିଣୀ ବିଶିଷ୍ଟ ଧର୍ମପରାୟଣା ମହିଳା ସ୍ୱର୍ଗୀୟା ଦେବକୀ ମହାନ୍ତି (୭୫) ଙ୍କ ପରଲୋକରେ ରସୁଲପୁର ବ୍ଲକ ତଥା ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗୀୟା ଦେବକୀଙ୍କ ପରଲୋକରେ ଧର୍ମଶାଳାର ବିଧାୟକ ପ୍ରଣବ ବଳବନ୍ତ ରାୟ, ରସୁଲପୁର ବ୍ଲକର ଅଧ୍ୟକ୍ଷ ଅରୁଣ କୁମାର ରାଉତ, ବରିଷ୍ଠ ସମାଜ ସେବୀ ପ୍ରହଲ୍ଲାଦ ପଣ୍ଡା, ଯାଜପୁର ଜିଲ୍ଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ନରେଶ କୁମାର ମହାନ୍ତି, ସାମ୍ବାଦିକ କାଳନ୍ଦି ଚରଣ କଣ୍ଡ, ସାଧୁ ଚରଣ ସାହୁ, ବିଶ୍ୱନାଥ ପଣ୍ଡା, ଭୋଟକାର ସମିତିସଭ୍ୟ ରଞ୍ଜିତ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶିଶିର କୁମାର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି । ସ୍ୱର୍ଗୀୟା ଦେବକୀ ମହାନ୍ତିଙ୍କର ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରା ଠାରେ ସତ୍କାର କରାଯାଇଥିଲା । ମଝିଆଁ ପୁତ୍ର ନବଘନ ମୁଖାଗ୍ନି ଦେଇଛନ୍ତି ।

# ଯାଜପୁରକୁ ଫେରିବେ ଡାକ୍ତର ଶୁଭଙ୍କର ମହାପାତ୍ର



**ଯାଜପୁର,୨୩ା୧(ସମିସ):** ଯାଜପୁର ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ରାଜ୍ୟ ପଞ୍ଚାୟତିରାଜ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି । ତାଙ୍କ ସ୍ଥାନରେ ୨୦୧୮ ବ୍ୟାଚର ଆଇଏଏସ ଡାକ୍ତର ଶୁଭଙ୍କର ମହାପାତ୍ର ନିଯୁକ୍ତି ପାଇଛନ୍ତି । ଡାକ୍ତର ମହାପାତ୍ର ବର୍ତ୍ତମାନ ରାଉରକେଲା ମ୍ୟୁନସିପାଲ କର୍ପୋରେସନର କମିଶନର, ରାଉରକେଲା ସ୍ମାର୍ଟ ସିଟିର ସିଇଓ ଏବଂ ରାଉରକେଲା ଏଡିଏମ ସ୍ମାର୍ଟ ସିଟିର ସଚିବ ମଧ୍ୟ ଅଛନ୍ତି । ସେ ପ୍ରଥମେ ୨୦୧୬ ମସିହାରେ ଆଇଆରଏସ ,୨୦୧୭ ମସିହାରେ ଆଇପିଏସ ପାଇବା ପରେ ୨୦୧୮ ମସିହାରେ ଆଇଏଏସ ପରିକ୍ଷାରେ କୃତକାର୍ଯ୍ୟ ହୋଇଥିଲେ । ପ୍ରଥମେ ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜରୁ ଡାକ୍ତରୀ ପାଠ ପଢ଼ିବା ପରେ ଯାଜପୁର ଜିଲାରେ ଡାକ୍ତର ଭାବେ ମଧ୍ୟ ଯୋଗ ଦେଇଥିଲେ । ଯାଜପୁର ଜିଲାରେ ଥିବା ପୂର୍ବ ଅଭିଜ୍ଞତାକୁ ଆଧାର କରି ସେ ଏଠାରେ କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି ।

# 'ଆମେ ବି ସକ୍ଷମ' ସଙ୍ଗଠନ ପ୍ରତିଷ୍ଠା



**ଧର୍ମଶାଳା,୨୩ା୧(ସମିସ):** ପବିତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ଅବସରରେ ଜାରକା ଠାରେ ଧର୍ମଶାଳା ଅଞ୍ଚଳର ଶାରୀରିକ ଓ ମାନସିକ ଭିନ୍ନକ୍ଷମ ମାନଙ୍କର ଆମେବି ସକ୍ଷମ ନାମରେ ଏକ ସଂଗଠନ ଜନ୍ମ ନେଇଛି । ଏହି ପରିପ୍ରେକ୍ଷୀରେ ଜାରକସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଡଃ କୈବଲ୍ୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ମୁଖ୍ୟ ଅତିଥିଭାବେ ସମାଜସେବୀ କାହ୍ନୁ ଚରଣ ଦାଶ ଯୋଗଦେଇ ଦିବ୍ୟାଙ୍ଗ ମାନଙ୍କ ପାଇଁ ସରକାରଙ୍କର ଯାବତୀୟ ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସରୋଜ କୁମାର ସାହୁ, ଦେବରାଜ ନାୟକ, ପ୍ରଶାନ୍ତ ବେହେରା,ସମ୍ବାଦିକ ଅଖିଳକୁମାର ସ୍ୱାଇଁ ଓ ଉପେନ୍ଦ୍ର ରାଓ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ବ୍ୟକ୍ତିମାନେ ଯୋଗଦେଇଥିଲେ । 'ଆମେ ବି ସକ୍ଷମ' ନାମରେ ଏକ ସଙ୍ଗଠନ ଗଠାନ କରାଯାଇଥିଲା । ଭିନ୍ନକ୍ଷମଙ୍କ ହିତ ପାଇଁ ଏହି ସଙ୍ଗଠନ କାମ କରିବ ବୋଲି ସଭାପତି କୈବଲ୍ୟ ମହାପାତ୍ର ସୂଚନା ଦେଇଥିଲେ ।

## 'ଶିଳାଲିପି'ର ସ୍ୱନକ୍ଷତ୍ର ଉତ୍ସବ

# 'ସାହିତ୍ୟ ବ୍ୟକ୍ତିକୈନ୍ଦ୍ରୀକ ନହେଉ: ଦାଶ ବେନହୁର'



**ବରୀ,୨୩ା୧(ସମିସ)**

ଆମ ଓଡ଼ିଆ ସାହିତ୍ୟରେ ଥାଏ ସମାଧାନ, କାହାଣୀ ହେଉଛି ଜ୍ଞାନ ବିତରଣ ପ୍ରମୁଖ ପଦ୍ଧତି । ତ୍ୟାଗ ନଥିଲେ କେହି ସମ୍ମାନ ପାଇ ପାରେନା ସାହିତ୍ୟ ବ୍ୟକ୍ତି କୈନ୍ଦ୍ରୀକ ହୋଇଛି । ତେଣୁ ସାରସ୍ୱତ ସ୍ରଷ୍ଟାମାନେ ସମାଜ କୈନ୍ଦ୍ରୀକ ହୋଇ ନିଜର ସୃଷ୍ଟି କରନ୍ତୁ ବୋଲି ଶିଳାଲିପିର ସ୍ୱନକ୍ଷତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଦାଶ ବେନହୁର ପ୍ରକାଶ କରିଛନ୍ତି ।

ମଙ୍ଗଳବାର ଦିନ ଶିଳାଲିପି ସାହିତ୍ୟ ସଂସ୍କୃତି ମଞ୍ଚ, ରତ୍ନଗିରି, ଯାଜପୁରର ସ୍ୱନକ୍ଷତ୍ର ଉତ୍ସବ ଅନୁଷ୍ଠାନର ସଭାପତି ଡାକ୍ତର ସର୍ବେଶ୍ୱର ଶତପଥୀଙ୍କ ସଭାପତିତ୍ୱରେ ପୁଷ୍ପଗିରି ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଉଦ୍ଘାଟକ ଭାବେ କବି ଡକ୍ଟର ଫନୀ ମହାନ୍ତି ଯୋଗ ଦେଇ କହିଲେ ଯେ ଅବସର ନେଲା ପରେ ଓଡ଼ିଶାରେ ଅନେକ ବ୍ୟକ୍ତି ସାହିତ୍ୟ କ୍ଷେତ୍ରରେ ମନୋନିବେଶ କରିବା ନିଶ୍ଚିତ ଭାବେ ସାରସ୍ୱତ ସାମ୍ରାଜ୍ୟ ବିସ୍ତାର କ୍ଷେତ୍ରରେ ବେଶ୍ ଉଜ୍ଜ୍ୱଳମୟ ସମ୍ଭାବନା ସୃଷ୍ଟି କରିଛି ।

ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ସୁନନ୍ଦା ଦାସ ନିଜ ବକ୍ତବ୍ୟରେ ସାହିତ୍ୟ ଦ୍ୱାରା ସମାଜ ଆଲୋକିତ ହୋଇଥାଏ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଇଞ୍ଜିନିୟର ଅକ୍ଷୟ କୁମାର ଦାସ କହିଲେ ଯେ ଓଡ଼ିଆ ଭାଷା ଅନ୍ୟ ଭାରତୀୟ ଭାଷା ତୁଳନାରେ ବେଶ୍ ମଧୁର ବୋଲି କହିଥିବା ବେଳେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ନାଟ୍ୟକାର ଯାମିନୀକାନ୍ତ ଦାସ ଯୋଗ ଦେଇ ସମାଜ କିପରି ସୁସ୍ଥ ରହିବା ସହ ପ୍ରଗତିଶୀଳ ହୋଇ ପାରିବ ସେଥିପାଇଁ ସାହିତ୍ୟିକମାନେ ଧ୍ୟାନ ଦେବା ଉଚିତ କାରଣ ସଫଳ ସାହିତ୍ୟ ଗୋଟିଏ ଦେଶର ଦୃଶ୍ୟପଟକୁ ବଦଳାଇ ଦେବାର ଦକ୍ଷତା ରଖେ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ କଥାଶିଳ୍ପୀ ସଦାନନ୍ଦ ତ୍ରିପାଠୀ ଯୋଗଦେଇ କହିଲେ ଯେ ଭାଷଣ ବଦଳାଏ ନା କିଛି କି ବଦଳାଇ ପାରେନା କିଛି ବୋଲି କହିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ କୁଞ୍ଜ ବିହାରୀ ଦାଶ ଓ ପ୍ରକାଶ ଶତପଥୀ ବେଦପାଠ କରିବା ପରେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯାଇଥିଲା । ଏହା ପରେ ପରେ ଦିବଂଗତ ସାହିତ୍ୟିକମାନଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ଡକ୍ଟର ନୃସିଂହ ଚରଣ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସାଧାରଣ ସମ୍ପାଦକ କବି ସୁଶୀଲ ସିଂହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବରୀ ବିଧାୟିକା ସୁନନ୍ଦା ଦାସଙ୍କୁ ଅନୁଷ୍ଠାନ ତରଫରୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା । ଚଳିତ ବର୍ଷର କବି ଅଶୋକ ସିଂହ ଶିଳାଲିପି ପୁରସ୍କାର ୨୦୨୪ କବି ତଥା ପ୍ରାଧ୍ୟାପକ ବିଜୟ ରାୟଙ୍କୁ ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ନଗଦ ଦଶ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶିଳାଲିପି ର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଅନୁଷ୍ଠାନର ସଂଗଠନ ସମ୍ପାଦକ ଦିଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ଶିଳାଲିପି ସ୍ୱନକ୍ଷତ୍ର ଉତ୍ସବର ଦ୍ୱିତୀୟ ଅଧିବେଶନରେ ସଚିକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତାପାଠ ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ଇଞ୍ଜିନିୟର ସରୋଜ ମହାପାତ୍ର ଯୋଗଦେଇ ଥିବା ବେଳେ ମୁଖ୍ୟ ଅତିଥି ଭାବେ କବି ଓ ଗୀତିକାର ପଞ୍ଚାନନ ଯୋଗଦେଇଥିଲେ । ବିଶିଷ୍ଟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗ ଦେଇ ସାହିତ୍ୟ ଓ କବିତାକୁ ଛାଡି ଜୀବନ ଆଗକୁ ଯିବା ସମ୍ଭବପର ହୋଇ ନଥାଏ ବୋଲି କହିଥିଲେ । ପରେ ପରେ ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା ଓ ଅମ୍ରିତା ସିଂ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ବିଶିଷ୍ଟ କବି ଡକ୍ଟର ଫନୀ ମହାନ୍ତି, ବିଜୟ ରାୟ, ଇନିୟର ଯାମିନୀକାନ୍ତ ଦାସ, ରାମଚନ୍ଦ୍ର ଦାଶ, ସୁବାସ ମହାପାତ୍ର, ପଦ୍ମଜା ଶରଣ, ପ୍ରଭାତ କୁମାର ମଲ୍ଲିକ, ଅଭିମନ୍ୟୁ ନାୟକ, ଅଜୟ କୁମାର ଜେନା, ଜିତେନ୍ଦ୍ର କୁମାର ବେହେରା, ଅଶୋକ କୁମାର ମହାପାତ୍ର, କିଶୋର ଚନ୍ଦ୍ର ପୃଷ୍ଟି, ଗୋମତୀ ପଣ୍ଡା, ମହାପାତ୍ର ବନ୍ଦନା ସାମଲ, ଯଶୋବନ୍ତ ସେଠୀ, ବନିତା ବେହେରା, ସରୋଜ ଦାଶ, ଖଗେଶ୍ୱର ସାହୁ, ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ବହୁ କବି ସେମାନଙ୍କ କବିତା ପାଠ କରିଥିଲେ ।

## ● ମହିଳା ସରପଞ୍ଚଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ମୁଖ୍ୟ ଅଭିଯୁକ୍ତକୁ ଗିରଫ ଦାବି କଲା ବ୍ଲକ୍ ସରପଞ୍ଚ ସଂଘ

**ଦଶରଥପୁର,୨୩ା୧(ସମିସ)**

ଦଶରଥପୁର ବ୍ଲକ୍ ଚଷାଖଣ୍ଡ ପଞ୍ଚାୟତର ମହିଳା ସରପଞ୍ଚ ପ୍ରତିଭା ମଲ୍ଲିକ ଓ ତାଙ୍କ ସ୍ୱାମୀ ଗଂଜନ ମଲ୍ଲିକଙ୍କୁ ସଂପୃକ୍ତ ପଞ୍ଚାୟତର ମାଣିକେଇ ଛକରେ ଚଳିତ ମାସ ୧୮ ତାରିଖରେ ମରଣାନ୍ତକ ଆକ୍ରମଣ ହୋଇଥିଲା । ଆକ୍ରମଣରେ ଗୁରୁତର ସରପଞ୍ଚ ଶ୍ରୀମତୀ ମଲ୍ଲିକ ଏବେ ସଙ୍କଟାପନ୍ନ ଅବସ୍ଥାରେ କଟକ ମେଡ଼ିକାଲରେ ଚିକିତ୍ସାଧିନ ଥିବାବେଳେ ତାଙ୍କ ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସୁବାସ ମହଲା ଓରଫ ଅଲିଆ ଏବଂ ସାନ ଭାଇ ଆଶିଷ ମହଲାକୁ ଗିରଫ ପାଇଁ ମଙ୍ଗଳପୁର ପୁଲିସ ଉକ୍ତ ଦିନ ବିଳମ୍ବିତ ରାତିରେ ଚଷାଖଣ୍ଡ ଗ୍ରାମରେ ପହଞ୍ଚିଥିଲେ ମଧ୍ୟ ଅଭିଯୁକ୍ତ ୨ ଭାଇ ଫେରାର ହୋଇଯାଇଥିଲେ । ଘଟଣାର ୨ ଦିନ ପରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସୁବାସର ସାନ ଭାଇ ଆଶିଷକୁ ଗିରଫ କରିଥିଲା । ମାତ୍ର ଘଟଣାକୁ ଇତି ମଧ୍ୟରେ ୫ ଦିନ ବିତିଥିଲେ ମଧ୍ୟ ପୁଲିସ ମୁଖ୍ୟ ଅଭିଯୁକ୍ତ ନିକଟରେ ପହଞ୍ଚି ପାରିନାହିଁ । ପୁଲିସର ଶିଥିଳ ତଦନ୍ତ ସୁଯୋଗରେ ମୁଖ୍ୟ ଅଭିଯୁକ୍ତ ରାଜ୍ୟ ବାହାରକୁ ପଳାଇଯାଇଥିବା ଜଣାପଡ଼ିବା ପରେ ବ୍ଲକ୍ ସରପଞ୍ଚ ସଂଘ ପୁଲିସ ତଦନ୍ତ ଉପରେ ପ୍ରଶ୍ନ ଉଠାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ସରପଞ୍ଚ ସଂଘ ପକ୍ଷରୁ ଦଶରଥପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସଂଘର ସଭାପତି ହିମାଂଶୁ ନାୟକଙ୍କ ପୌ÷ରହିତ୍ୟରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା । ବାଚସ୍ପତିଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି, ଗୋପାଳପୁର ସରପଞ୍ଚ ଏସ୍ କେ ନାଦର, ପାଳଟପୁର ସରପଞ୍ଚ ଲିପିକା ମଲ୍ଲିକ, ଡ଼ାହାଣହତା ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ବିରିପଟା ସରପଞ୍ଚ ଗାୟତ୍ରୀ ନାୟକ, ଗ୍ରାମନନ୍ଦିପୁର ସରପଞ୍ଚ ସଂଯୁକ୍ତା ମହାନ୍ତି, ଚିତାଳୋ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ଖଣ୍ଡରା ସରପଞ୍ଚ କୁଞ୍ଜ ବିହାରୀ ଦାସ, ବିରଜାପୁର ସରପଞ୍ଚ ନିରାକାର ସାହୁ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା, ଇଜାପୁର ସରପଞ୍ଚ ରାଜଶ୍ରୀ ସାମଲ, ଦଶରଥପୁର ସରପଞ୍ଚ ମୀନାରାଣୀ ବେହେରା, କମାରଡ଼ିହି ସରପଞ୍ଚ ଚିତ୍ତ ଗଂଜନ ନାୟକ ପ୍ରମୁଖଙ୍କ ଉପସ୍ଥିତିରେ ବୈଠକରେ ପୁଲିସ ତଦନ୍ତ ଉପରେ ବିସ୍ତୃତ ଆଲୋଚନା କରାଯାଇ ତଦନ୍ତ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ । ଶେଷରେ ସର୍ବ ସମ୍ମତିକ୍ରମେ ଆସନ୍ତାକାଲି ସରପଞ୍ଚ ସଂଘର ଏକ ୫ ଜଣିଆ କାର୍ଯ୍ୟକର୍ତ୍ତା ପାଣିକୋଇଲି ସ୍ଥିତ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଆରକ୍ଷୀ ଅଧିକ୍ଷକ ଭିନିତ୍ ଅଗ୍ରୱାଲଙ୍କୁ ଭେଟି ମୁଖ୍ୟ ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି କରିବେ ବୋଲି ନିଷ୍ପତ୍ତି ହୋଇଥିଲା ।

# ବିରଳ ପକ୍ଷୀ ଉଦ୍ଧାର



**ଦଶରଥପୁର,୨୩ା୧(ସମିସ):** ସୋମବାର ସାରା ଦେଶରେ ରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଥିବା ବେଳେ ଦଶରଥପୁର ବ୍ଲକ୍ ଅକରପଡ଼ା ପଞ୍ଚାୟତ ଶ୍ରୀଧରପୁର ଛକରେ ଥିବା ଶ୍ରୀରାମ ମନ୍ଦିର ପରିସରରେ ସ୍ୱତନ୍ତ୍ର ଯଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଯଜ୍ଞ କାର୍ଯ୍ୟ ଚାଲୁ ରହିଥିବା ବେଳେ ହଠାତ୍ ଏକ ବିରାଟକାୟ ବିରଳ ପକ୍ଷୀ ଏହି ଯଜ୍ଞ ସ୍ଥଳରେ ପହଞ୍ଚିଥିଲା । କିଛି ବ୍ୟକ୍ତି ପକ୍ଷୀଟିକୁ ଧରିବାକୁ ଉଦ୍ୟମ କରିବାରୁ ପକ୍ଷୀଟି ଧରା ମଧ୍ୟ ଦେଇଥିଲା । କେହି କେହି ଏହାକୁ ଗରୁଡ଼ ପକ୍ଷୀ ବୋଲି ଆକଳନ କରିବାରୁ ଅନେକ ପୁରୁଷ ଓ ମହିଳା ସେଠାରେ ପକ୍ଷୀଟିକୁ ପୂଜାର୍ଚ୍ଚନା କରିଥିଲେ । କିଛି ଲୋକଙ୍କଠାରୁ ଖବର ପାଇ ଜିଲ୍ଲା ବନ ବିଭାଗ କର୍ମଚାରୀ ପହଞ୍ଚି ପକ୍ଷୀଟିକୁ ଉଦ୍ଧାର କରିଥିଲେ । କୌଣସି କାରଣରୁ ପକ୍ଷୀଟି ଆହତ ହୋଇଥିବା ବେଳେ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ପକ୍ଷୀଟିକୁ ନନ୍ଦନକାନନ ପଠାଯାଇଥିବା ବନ ବିଭାଗ ସୂଚନା ଦେଇଥିବା ବେଳେ ଏହା ଗରୁଡ଼ ପକ୍ଷୀ ନୁହେଁ ବରଂ ହିମାଳୟାନ୍ ଭଲଚର ପ୍ରଜାତିର ପକ୍ଷୀ ବୋଲି ବନ ବିଭାଗ ସ୍ପଷ୍ଟ କରିଥିବା ଜଣାଯାଇଛି ।

# ଫୌଜ ଇଣ୍ଡିଆର ପ୍ରତିଷ୍ଠା ଦିବସ




**ଧର୍ମଶାଳା,୨୩ା୧(ସମିସ):** ଧର୍ମଶାଳା ବ୍ଲକ ପଣ୍ଡୁଆ ଠାରେ ଫୌଜ ଇଣ୍ଡିଆର ୨୪ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ସ୍ମିତା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଫୌଜ ଇଣ୍ଡିଆ ଶିକ୍ଷାଦାନ କରିବାରେ ସଫଳ ହୋଇପାରିଛି । ଏଥିରେ ସମ୍ମାନୀତ ଅତିଥିଭାବେ ସଶୀଲ କୁମାର ମହାନ୍ତି ଯୋଗଦେଇ ଫୌଜ ଇଣ୍ଡିଆର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଯୁକ୍ତ୨ କଳାରେ ସର୍ବାଧିକ ନମ୍ବର ରଖି ପାସ କରିଥିବା ଆଶା କୁଣ୍ଡୁ ଓ ମିନୁ ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବରୁ ଏହି ଅନୁଷ୍ଠାନ ପକ୍ଷରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଫୌଜ ଇଣ୍ଡିଆର ଉପସଭାପତି ସୁଶାନ୍ତ କୁମାର ଦାସ, ମୁଖ୍ୟ କାର୍ଯ୍ୟନିର୍ବାହୀ କାହ୍ନୁ ଚରଣ ମଲିକ, ସେକ ରହିମ, କେଦାର ବାରିକ, ଅରବିନ୍ଦ ମଲିକ, କେଶବ ଚନ୍ଦ୍ର ଜେନା, ବିଶ୍ୱରନ ପରିଡା, ପ୍ରଦୀପ କୁମାର ପରିଡା ପ୍ରମୁଖ ଯୋଗଦେଇ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ମାନସୀ ମଲିକ ସଭା ପରିଚାଳନା କରିଥିବା ବେଳେ ଉପଦେଷ୍ଟା ଧରଣୀଧର ସାହୁ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ସୁଭ୍ରାଂଶୁ କୁମାର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

# କ୍ରିପ ସର୍ଭିସ ସେଣ୍ଟର ନିକଟରେ ଅଗ୍ନିକାଣ୍ଡ

**ସୁକିନ୍ଦା,୨୩ା୧(ସମିସ):** ୫୩ନଂ ଜାତୀୟ ରାଜପଥ ସୁକିନ୍ଦା ଡୁବୁରୀ ରାସ୍ତାର ରଙ୍ଗିଟାଙ୍ଗର ନିକଟରେ ଥିବା କ୍ରିପ ସର୍ଭିସ ସେଣ୍ଟର ନିକଟରେ ମଙ୍ଗଳାବର ସନ୍ଧ୍ୟାରେ ଗ୍ୟାସ ଟାଙ୍କିରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି । କ୍ରିପ ସର୍ଭିସ ସେଣ୍ଟର ନିକଟରେ ରହୁଥିବା ଏକ ବୋରୱେଲ ଗାଡ଼ିର କର୍ମଚାରୀ ରୋଷେଇ କରୁଥିବା ବେଳେ ଗ୍ୟାସ ଟାଙ୍କି ଲିକେଜ୍ ହୋଇ ଗ୍ୟାସ ନିଆଁ ଲାଗି ଯାଇଥିଲା । ଗ୍ୟାସ ଟାଙ୍କିରେ ଲାଗିଥିବା ନିଆଁକୁ ସ୍ଥାନୀୟ ଲୋକମାନେ ଆୟତ୍ତ କରିବାରେ ବିଫଳ ହେବାରୁ ତୁରନ୍ତ ସୁକିନ୍ଦା ଦମକଳ ବାହିନୀ ସହିତ ଯୋଗାଯୋଗ କରିଥଲେ । ସୁକିନ୍ଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟରେ ପରାକ୍ରମ ଦିବସ




**ଯାଜପୁର,୨୩ା୧(ସମିସ):** ଯାଜପୁର ପି.ଏମ୍.ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଉପଲକ୍ଷେ ପରାକ୍ରମ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ପ୍ରିନ୍ସପାଲ ସଞ୍ଜୟ ପ୍ରତିଯୋଗିତାର ଶୁଭାରମ୍ଭ କରି ବିଦ୍ୟାର୍ଥୀମାନଙ୍କର ଉତ୍ସାହ ବଢାଇଥିଲେ । ଏହି ପ୍ରତିଯୋଗିତା ପାଇଁ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ସ୍ୱାଇଁ ବିଦ୍ୟାର୍ଥୀମାନଙ୍କୁ ପ୍ରସ୍ତୁତ କରିଥିବା ବେଳେ ବିଦ୍ୟାଳୟର ସିସିଏ ଇନଚାର୍ଜ ରାହୁଲ କୁମାର ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ ।




## ଶିକ୍ଷକ ଭବନ ସଭାଗୃହ ଉଦ୍‌ଘାଟିତ

# 'ଉତ୍କଳ'ର ଦ୍ୱିତୀୟ କ୍ୟାମ୍ପସ ଏକ ଯୁଗାନ୍ତକାରୀ ପଦକ୍ଷେପ

**ବଡ଼ଚଣା,୨୩ା୧(ସମିସ)**




ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପୁଣ୍ୟ ଜନ୍ମ ଜୟନ୍ତୀ ଅବସରରେ ଆଜି ବଡ଼ଚଣା ଠାରେ ବ୍ଲକସ୍ତରୀୟ ଶିକ୍ଷକ ମହାସଂଘ ତରଫରୁ ନୂତନ ଶିକ୍ଷକ ଭବନ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତେନ୍ଦୁ ଓତାଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି ଯୋଗ ଦେଇ ଶ୍ରେଣୀ ଗୃହରୁ ଦେଶର ଭବିଷ୍ୟତ ନିର୍ମାଣ ହେଉଥିବା ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସେମାନଙ୍କର ଶିକ୍ଷାର ବିକାଶ ଲାଗି ସରକାରଙ୍କ ତରଫରୁ ବିଭିନ୍ନ ସାହାର୍ଯ୍ୟ ସହଯୋଗ ଦିଆଯାଉଛି । ବଡ଼ଚଣାରେ ଶିକ୍ଷାର ବିକାଶ ପାଇଁ '୫-ଟି' ମାଧ୍ୟମରେ ବିଦ୍ୟାଳୟର ପୁନଃନିର୍ମାଣ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ (ଗ୍ରାମୀଣ) ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ଶ୍ରୀ ଶତପଥୀ କହିବା ସହିତ ଶିକ୍ଷକ ଭବନଟି କେବଳ ଶିକ୍ଷକମାନଙ୍କ କାର୍ଯ୍ୟରେ ନୁହେଁ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇ ପାରିବ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନତୀ ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବିନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତିନ୍ଦ୍ର ପ୍ରସାଦ ନାୟକ, ବଡ଼ଚଣା ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତି ସଭ୍ୟ ମଧୁସୁଦନ ବଳ, ସମାଜସେବୀ ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସି.ଆର.ସି.ସି ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ବଳରାମ ରଣା ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ସମରକେତନ ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଶିକ୍ଷକ ସନ୍ତୋଷ କୁମାର ଜେନା , ପ୍ରଶାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଗଣେଶ୍ୱର ପ୍ରଧାନ, ଶିକ୍ଷୟିତ୍ରୀ ବିଜୟନୀ ନନ୍ଦ, ଅଞ୍ଜଳୀ ମହାନ୍ତି, ମାନସୀ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଏହି ବିଧାୟକଙ୍କ ଶିକ୍ଷକମାନଙ୍କ ପ୍ରତି ଥିବା ଶ୍ରଦ୍ଧା ସେହ୍ନ ଓ ଉଦାର ମନବୃତ୍ତିକୁ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ଛାତ୍ରୀ ଜ୍ୟୋତିର୍ମୟୀ ଦାସ ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ ଶିକ୍ଷୟିତ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 41 ◆ISSUE-210 ◆BHUBANESWAR ◆WEDNESDAY ◆24 JANUARY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୧୦ ◆ଭୁବନେଶ୍ୱର ◆ବୁଧବାର ◆୨୪ ଜାନୁଆରୀ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦




ଗିଲ୍, ଦୀପ୍ତି ଶ୍ରେଷ୍ଠ କ୍ରିକେଟର୍

▶କ୍ରୀଡ଼ା ପୃଷ୍ଠାରେ...




**ସ୍ତ୍ରୀକୁ ଭୁଜାଲିରେ ହାଣି ହତ୍ୟା ମାମଲା**

# ୨୪ଘଣ୍ଟା ପରେ ହେଲା ଶବ ବ୍ୟବଚ୍ଛେଦ

ଭଦ୍ରକ,୨୩।୧(ସମିସ)

ଜଣେ ନିର୍ଦ୍ଦୟ ସ୍ୱାମୀ ନିଜ ସ୍ତ୍ରୀକୁ ଭୁଜାଲିରେ ହାଣି ହତ୍ୟା କରିବା ଘଟଣାରେ ଦୀର୍ଘ ୨୪ଘଣ୍ଟା ପରେ ଆଜି ମୃତକଙ୍କ ଶବକୁ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ବାପଘର ଲୋକ ଓ ସମ୍ପର୍କୀୟମାନେ ହତ୍ୟାକାରୀ ସ୍ୱାମୀ ସମେତ ଏଥିରେ ସଂପୃକ୍ତ ତାଙ୍କ ପରିବାର ଲୋକଙ୍କୁ ଗିରଫ୍ କରିବା ଏବଂ ଆରମ୍ଭରୁ ଏହି ମାମଲାରେ ପକ୍ଷପାତିତା କରିଥିବା ଗୁଜିଦରଡ଼ା ପୁଲିସ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ପୂର୍ବରୁ ବହୁବାର ମୃତା ମହିଳାଙ୍କ ଉପରେ ତାଙ୍କ ସ୍ୱାମୀ ପାରିବାରିକ କଳହକୁ କେନ୍ଦ୍ର କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏପରିକି ୨୦୨୨ ଏପ୍ରିଲ ମାସରେ ଏକ ଟାଙ୍ଗିଆରେ ସ୍ୱାମୀ ସେକ ମୋଜାଲ ହୋସେନ ତାଙ୍କ ସ୍ତ୍ରୀ ରୁନୁ ବିବିଙ୍କୁ ଆକ୍ରମଣ କରିଥିଲା। ଏଥିନେଇ ଏତଲା ଦେବା ପରେ ଗୁଜିଦରଡା ଫାଣ୍ଡି ପକ୍ଷରୁ ଏକ ମାମଲା(ନଂ-୮୩/୨୪) ରୁଜୁ କରିଥିଲା। କିନ୍ତୁ ଗୁଜିଦରଡା ଫାଣ୍ଡି ଅଧିକାରୀ ଏହି ମାମଲାରେ ପକ୍ଷପାତିତା କରିଥିଲେ। ଏପରିକ ସେଠାରେ କାର୍ଯ୍ୟରତ ଜଣେ ହାବିଲଦାରଙ୍କ ପକ୍ଷପାତିତା ନୀତି ଯୋଗୁଁ ଏହି ହତ୍ୟାକାଣ୍ଡ ଘଟିଲା ବୋଲି ମୃତକଙ୍କ ସମ୍ପର୍କୀୟମାନେ ଅଭିଯୋଗ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତକାଲି ମଧ୍ୟାହ୍ନରୁ ରହିଥିବା ମୃତଦେହକୁ ବ୍ୟବଚ୍ଛେଦ କରିବାକୁ ଦେଉନଥିଲେ। ସେମାନେ ହତ୍ୟାକାରୀ ଓ ତାଙ୍କ ପରିବାର ସହ ସଂପୃକ୍ତ ପୁଲିସ ଅଧିକାରୀ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଅଡ଼ି ବସି ରହି ଶବ ବ୍ୟବଚ୍ଛେଦ ହେବାକୁ ଦେଇନଥିଲେ। ଫଳରେ ଘଟଣାକୁ ୨୪ଘଣ୍ଟା ବିତିବାକୁ ବସିଥିଲେ ବି ମୃତା ମହିଳାଙ୍କ ଶବ ବ୍ୟବଚ୍ଛେଦ ନହୋଇ ଜିଲ୍ଲା ହସ୍ପିଟାଲ ଶବ ବ୍ୟବଚ୍ଛେଦ କେନ୍ଦ୍ରରେ ପଡି ରହିଥିଲା। ତେବେ ଆଜି ଗୁଜିଦରଡା ପୁଲିସ ସହ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ମେଡିକାଲକୁ ଆସି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ସଂପୃକ୍ତ ପୁଲିସ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ହତ୍ୟାକାରୀଙ୍କୁ ଗିରଫ କରିବାକୁ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ହୋଇଥିଲା। ପରେ ଅପରାହ୍ନ ୨.୩୦ରେ ଶବ ବ୍ୟବଚ୍ଛେଦ ହୋଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସୂଚନା ଯୋଗ୍ୟ, ଭଦ୍ରକ ଗ୍ରାମାଂଚଳ ଥାନା ଅଧିନ ଗୁଜିଦରଡା ଫାଣ୍ଡି ଅନ୍ତର୍ଗତ କୋଟାଲ ମହଲା ଗାଁର ଇଲେକ୍ଟ୍ରିକସିଆନ କାମ କରୁଥିବା ସେକ ମୋଜାଲ ହୋସେନଙ୍କ ସହ ତାଙ୍କ ସ୍ତ୍ରୀ ରୁନୁ ବିବି(୩୭)ଙ୍କ ଦୀର୍ଘ ୭ବର୍ଷ ହେବ ପାରିବାରିକ କଳହ ଲାଗି ରହିଥିଲା। ଏପରିକି ନିୟମିତ ଭାବେ ସ୍ୱାମୀ ମୋଜାଲ ତାଙ୍କ ସ୍ତ୍ରୀ ରୁନୁ ବିବିଙ୍କୁ ମାଡ ମାରିବା ସହ ପୂର୍ବରୁ ମଧ୍ୟ ତାଙ୍କୁ ଟାଙ୍ଗିଆରେ ହାଣିଥିଲା। ମୃତାଙ୍କ ୩ଝିଅ ଥିବା ବେଳେ ତାଙ୍କୁ ପରିବାର ପୋଷଣ ଲାଗି ଟଙ୍କା ବି ଦେଉନଥିଲା। ବାଧ ହୋଇ ମୃତା ରୁନୁ ନିଜ ଘର ପିଣ୍ଡାରେ ଏକ ଛୋଟ ପାନଦୋକାନ କରି ପରିବାର ଚଳାଉଥିଲେ। ତେବେ ଗତକାଲି ମଧ୍ୟାହ୍ନରେ ଘରୋଇ କଳିକୁ ନେଇ ସ୍ୱାମୀ ମୋଜାଲ ଏକ ଧାରୁଆ ଭୁଜାଲିରେ ସ୍ତ୍ରୀ ରୁନୁ ବିବିଙ୍କ ପେଟ ଓ ଛାତିରେ ଭୁସଦେଇଥିଲା। ଲରେ ଗୁରୁତରଭାବେ ଆହତ ହୋଇ ସେହିଠାରେ ଟଳି ପଡିଥିଲେ ସ୍ତ୍ରୀ ରୁନୁ ବିବି । ତେବେ ଏହି ହତ୍ୟାକାଣ୍ଡ ନେଇ ମୃତକଙ୍କ ଭାଇ ଓ ସମ୍ପର୍କୀୟମାନେ ଗୁଜିଦରଡା ପୁଲିସର ଅବହେଳାକୁ ଦାୟୀ କରିଥିଲେ ମୃତକଙ୍କ ଭାଇ ସେକ୍ ସରାଫତ। ଅନ୍ୟପକ୍ଷରେ ଆଜି ରାତି ୯ଟା ସୁଦ୍ଧା ହତ୍ୟାକାରୀ ସ୍ୱାମୀ ଗିରଫ୍ ହୋଇନଥିବା ପୁଲିସ ସୂଚନାରୁ ଜଣାଯାଇଛି।



**ଅଭିଯୁକ୍ତଙ୍କ ଗିରଫ୍ ଓ ଗୁଜିଦରଡ଼ା ପୁଲିସ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି**

# ଧାମରା ପୋର୍ଟରେ 'ଧାମରା କନେକ୍ଟ ୨୦୨୪' ଆୟୋଜିତ

**ଭଦ୍ରକ,୨୩।୧(ସମିସ):** ଭଦ୍ରକ ଜିଲ୍ଲା ଆଦାନି ଧାମରା ପୋର୍ଟ ପରିସରରେ ଗତ ୧୯ ଓ ୨୦ ତାରିଖରେ 'ଧାମରା କନେକ୍ଟ ୨୦୨୪' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ଶିଳ୍ପସଂସ୍ଥା, ସରକାରୀ ଓ ବେସରକାରୀ ସଂସ୍ଥାରୁ ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ। ଏହି ଶିଳ୍ପସଂସ୍ଥାଗୁଡ଼ିକ ଧାମରା ପୋର୍ଟ ମାଧ୍ୟମରେ ପଣ୍ୟଦ୍ରବ୍ୟ କାରବାର, ଆମଦାନୀ ଓ ରପ୍ତାନୀରେ ସାହାଯ୍ୟ କରିଥାନ୍ତି। ବିଭିନ୍ନ ଶିଳ୍ପସଂସ୍ଥାଗୁଡ଼ିକୁ ନିର୍ଦ୍ଧାରିତ ସମୟ ଓ ପରିଚାଳନାଗତ ମୂଲ୍ୟରେ କଞ୍ଚାମାଲ ଯୋଗାଇ ଦେଇଥିବାରୁ ଉପସ୍ଥିତ ଅଧିକାରୀମାନେ ପୋର୍ଟର ଏହି ସହଯୋଗକୁ ପ୍ରଶଂସା କରିଥିଲେ। ୨ ଦିନ ବ୍ୟାପୀ ଏହି କାର୍ଯ୍ୟକ୍ରମରେ ଧାମରା ପୋର୍ଟର ବର୍ତ୍ତମାନର କାର୍ଯ୍ୟଶୈଳୀ, ସୁବିଧା ସୁଯୋଗ, ପୋର୍ଟରେ ବ୍ୟବହୃତ ଅତ୍ୟାଧୁନିକ ଯନ୍ତ୍ରାଂଶ ଓ କିପରି ଭାବରେ ପୋର୍ଟ ସହ ଜଡ଼ିତ ଥିବା ଶିଳ୍ପସଂସ୍ଥାଗୁଡ଼ିକୁ ଉତ୍ତମ ସେବା ଯୋଗାଇବାରେ ଶୀର୍ଷ ଭୂମିକା ନେଇ ପାରିବା ଭଳି ଯୋଜନା ଓ ଆଗାମୀ ଭବିଷ୍ୟତରେ ପୋର୍ଟ ସମ୍ପ୍ରସାରଣ ଦିଗରେ ଆଦାନି ଧାମରା ପୋର୍ଟ ସିଇଓ ଦେବେନ୍ଦ୍ର ଠକ୍କର ପ୍ରମୁଖ ବିବରଣୀ ଉପସ୍ଥାପନା କରିଥିଲେ। ଉପସ୍ଥିତ ଅଧିକାରୀମାନଙ୍କୁ ପୋର୍ଟ ପରିଚାଳନା ବିଷୟରେ ପୋର୍ଟର ମୁଖ୍ୟ ପରିଚାଳନା ଅଧିକାରୀ ସଞ୍ଜୀବ ଗୁପ୍ତା ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ସମସ୍ତ ଅଧିକାରୀମାନେ ଟଗ୍-ବୋଟ୍ ମାଧ୍ୟମରେ ସମୁଦ୍ର ଭିତରକୁ ଯାଇ ପୋର୍ଟର ବିଭିନ୍ନ କାର୍ଯ୍ୟାବଳୀ ଅନୁଧ୍ୟାନ କରିଥିଲେ। ଉପସ୍ଥିତ କ୍ୟାପଟେନ୍‌ମାନେ ସମସ୍ତ ଅଧିକାରୀମାନଙ୍କୁ ମାନଚିତ୍ର ମାଧ୍ୟମରେ ପୋର୍ଟ ସମ୍ପ୍ରସାରଣ ବିଷୟରେ ବୁଝାଇଥିଲେ। ଏହି କ୍ରମରେ ଆଦାନି ପୋର୍ଟ ଏବଂ 'ସ୍ପେଶାଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ର ସିଇଓ ସୁବ୍ରତ ତ୍ରିପାଠୀ ପୋର୍ଟର ସମସ୍ତ ଗ୍ରାହକଙ୍କୁ ଧନ୍ୟବାଦ ଜଣାଇବା ସହିତ ଧାମରା ପୋର୍ଟର କାର୍ଯ୍ୟଶୈଳୀକୁ ମଧ୍ୟ ଭୂୟସୀ ପ୍ରଶଂସା କରିଛନ୍ତି। ପୋର୍ଟର ପ୍ରତ୍ୟେକ ଗ୍ରାହକଙ୍କ ସହ ପ୍ରତ୍ୟେକ୍ଷ ସଂଯୋଗ ଅତ୍ୟନ୍ତ ଆନନ୍ଦ ଦାୟକ ହୋଇଥିବା ବେଳେ ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲା ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଭବିଷ୍ୟତରେ ପରସ୍ପରର ଦୃଢ଼ ସହଭାଗିତା ଉପରେ ଶିଳ୍ପସଂସ୍ଥାଗୁଡ଼ିକର ଉପଯୁକ୍ତ ପରାମର୍ଶର କାର୍ଯ୍ୟକାରିତା ନେଇ ପୋର୍ଟ ଅଧିକାରୀମାନେ ଆଶାବାଦୀ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଧାମରା ପୋର୍ଟର ବିଭିନ୍ନ ବିଭାଗୀୟ ମୁଖ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ।



## ପୂର୍ବତନ ୱାର୍ଡ ସଦସ୍ୟଙ୍କ ପରଲୋକ

**ଭଣ୍ଡାରିପୋଖରୀ,୨୩।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ଗ୍ରାମର ପୂର୍ବତନ ୱାର୍ଡ ସଦସ୍ୟ ଗଣେଶ ଯେନାଙ୍କର ଗତ ସୋମବାର ପୈତୃକ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୫ ବର୍ଷ ବୟସ ହୋଇଥିଲା। ନାନାବ୍ୟାଧିରେ ପୀଡ଼ିତ ହୋଇ ସେ ଦୀର୍ଘ ଦିନ ଧରି ଶଯ୍ୟାସାୟୀ ହୋଇଥିଲେ। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପ୍ରଦୀପ ମୁଖାଗ୍ନି ଦେଇଥିଲେ। ଜିଲ୍ଲା ପରିଷଦ ସଦସ୍ୟ ଲକ୍ଷ୍ମୀଧର ସାହୁ, ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର, ବିଜୟ ଶଙ୍କର ମହାନ୍ତି, ସମାଜସେବୀ ରଜନୀକାନ୍ତ ଚନ୍ଦ, କମଳାକାନ୍ତ ଜେନା, ଭାଗବତ ଜେନା ପ୍ରମୁଖ ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଜିଲ୍ଲା ଜେଲ ମାନ୍ୟତା ପରେ ପ୍ରଥମ ଅଧୀକ୍ଷକ ନିଯୁକ୍ତି

**ଭଦ୍ରକ,୨୩।୧(ସମିସ):** ଜିଲ୍ଲା ଗଠନର ଦୀର୍ଘ ୩୦ବର୍ଷ ପରେ ଭଦ୍ରକ ସବ୍‌ଜେଲ୍ 'ଜିଲ୍ଲା ଜେଲ୍' ମାନ୍ୟତା ପାଇଛି। ଫଳରେ ଏହାର ପ୍ରଥମ ଅଧୀକ୍ଷକ (ସୁପରିଟେଣ୍ଡେଣ୍ଟ) ଭାବେ ଋଷିନାଥ ନାୟକଙ୍କୁ ନିଯୁକ୍ତି ମିଳିଛି। ରାଜ୍ୟ ସରକାର ଗତ ଜୁଲାଇ ମାସରେ ଭଦ୍ରକ ସବ୍‌ଜେଲକୁ ଜିଲ୍ଲା ଜେଲ୍ ମାନ୍ୟତା ଘୋଷଣା କରିବା ପରେ ସବ୍‌ଜେଲର ଜେଲର ଭାବେ ଶ୍ରୀ ନାୟକଙ୍କୁ ପଦୋନ୍ନତି ଦେଇ ଏହି ପଦବୀରେ ପ୍ରଥମ ସୁପରିଟେଣ୍ଡେଣ୍ଟ ଭାବେ ଅବସ୍ଥାପିତ କରାଯାଇଛି। ଗତ ୨୦୦୨ଜୁନ୍ ମାସ ୪ତାରିଖରେ ଜେଲ୍ ବିଭାଗରେ ସହକାରୀ ଉପଜେଲର ଭାବେ କାମାକ୍ଷ୍ୟାନଗର ସବ୍‌ଜେଲରେ ସେ କାର୍ଯ୍ୟରେ ଯୋଗଦେଇଥିଲେ। ପରେ ବିଭିନ୍ନ ଜେଲ୍‌ରେ ଦକ୍ଷତାର ସହ କାମ କରି ୨୦୨୧ ମାର୍ଚ୍ଚ ୧୯ ତାରିଖରେ ସେ ଭଦ୍ରକ ସବ୍‌ଜେଲ ଜେଲ୍‌ର ଭାବେ ଯୋଗ ଦେଇ ଦକ୍ଷତାର ସହ କାର୍ଯ୍ୟ କରିଥିଲେ। ତାଙ୍କ ଉତ୍ସର୍ଗୀକୃତ ସେବା ପାଇଁ ଗତ ୨୦୨୨ ଡିସେମ୍ବର ମାସରେ ଜେଲ୍ ବିଭାଗ ନିର୍ଦ୍ଦେଶକ ମନୋଜ ଛାବ୍ରା ତାଙ୍କୁ ଶ୍ରେଷ୍ଠ ଜେଲ୍‌ର ଭାବେ ଡିଜିପି ଡିସ୍ ସମ୍ମାନରେ ସମ୍ମାନିତ କରିଥିଲେ । ଅନ୍ୟପକ୍ଷରେ ଭଦ୍ରକ ଜେଲ୍‌ର ଅନ୍ତେବାସୀଙ୍କ ପାଇଁ ଉପଯୁକ୍ତ ରହଣି ବ୍ୟବସ୍ଥା ନଥିବାରୁ ଅର୍ଦ୍ଧାଧିକ ବିଚାରାଧୀନ ବନ୍ଦୀଙ୍କୁ ସୋର ଜେଲ୍ ସ୍ଥାନାନ୍ତରିତ କରାଯାଉଛି। ନୂତନ ଜିଲ୍ଲା ଜେଲ୍ ସ୍ଥାପନ ପାଇଁ ଚତୁର୍ଦ୍ଦଶ ଅର୍ଥ କମିଶନ ଟଙ୍କା ମଞ୍ଜୁର କରାଯାଇଛି। ଏହାର ନିର୍ମାଣ ନୂଆ ସୁପରିଟେଣ୍ଡେଣ୍ଟଙ୍କ ପାଇଁ ଏକ ଆହ୍ୱାନ ହେବ ବୋଲି ଚର୍ଚ୍ଚା ହେଉଛି।



## ଶ୍ରୀଜଗନ୍ନାଥ ଚେତନାର ଆଲୋଚନାଚକ୍ର

**ଭଦ୍ରକ,୨୩।୧(ସମିସ):** ପୁରଣା ବଜାରସ୍ଥିତ ଦାମୋଦର ସଂସ୍କୃତ ଡିଗ୍ରୀ ମହାବିଦ୍ୟାଳୟରେ ଶ୍ରୀଜଗନ୍ନାଥ ଚେତନା ଶୀର୍ଷକ ଆଲୋଚନା ଚକ୍ର ଓ ଲୋକନୃତ୍ୟ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ ଉତ୍ସବକୁ ସିନିୟର ଟ୍ରିବୁନାଲ ସମାଧାନ ଜଜ୍ ତଥା ବରିଷ୍ଠ ନାଗରିକ ଭଦ୍ରକ ମହାସଂଘର ସଭାପତି ଲଲାଟେନ୍ଦୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ତତ୍ତ୍ୱ ସର୍ବପୁରାତନ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଭାଷା ସାହିତ୍ୟକୁ ଋଦ୍ଧିମନ୍ତ କରିଛି ଏବଂ ସଂସ୍କୃତ ଭାଷାର ପ୍ରୟୋଗ ଓଡ଼ିଆ ଭାଷାରେ ପ୍ରତିଫଳିତ ବୋଲି ମତବ୍ୟକ୍ତ କରିଥିବା ବେଳେ ଅନ୍ୟତମ ମୁଖ୍ୟବକ୍ତା ଶ୍ରୀ ଜଗନ୍ନାଥ ଚେତନାର ଉପସଭାପତି ଓ ରେଲ୍‌ୱେ ବୋର୍ଡର ଅବସରପ୍ରାପ୍ତ ନିରୀକ୍ଷକ ସୁଦର୍ଶନ ପଣ୍ଡା ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ବିଶ୍ୱ ସାହିତ୍ୟରେ ଅନ୍ତର୍ଭୁକ୍ତ ବୋଲି ମତବ୍ୟକ୍ତ କରିଥିଲେ। ଉକ୍ତ ଉତ୍ସବରେ ନୋଡ଼ାଲ ଅଫିସର ଶୁକଦେବ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀ ଲୋକ ନୃତ୍ୟ ପରିବେଷଣ କରିଥିବା ବେଳେ ସର୍ବଶ୍ରୀ ମଧୁସୂଦନ ତ୍ରିପାଠୀ, ଅକ୍ଷୟ କୁମାର ପାଣିଗ୍ରାହୀ, ରଘୁନାଥ ନାୟକ, ଗୌରାଙ୍ଗ ଦାସ ମଞ୍ଚ ପରି.ଳନା କରିଥିଲେ।

## ନାଗ ରାଜାକୁ ପୂଜାର୍ଚ୍ଚନା

**ମଞ୍ଜୁରୀରୋଡ଼,୨୩।୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ଧେପଡା ଗ୍ରାମ ନିକଟରେ ଆଜି ନାଗ ସାପ ଦେଖିବାକୁ ମିଳିଛି। ଦିନ ପ୍ରାୟ ୧୨ଟା ବେଳେ ସାପଟି ଜନୈକ ବ୍ୟକ୍ତିଙ୍କ ଖଳାବାଡିରେ ବୁଲୁଥିବା ପାଖ ପଡ଼ୋଶୀ ଦେଖିବାକୁ ପାଇଥିଲେ। ଖବର ଜଣା ପଡିବା ପରେ ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚି ନାଗ ଦେବତାଙ୍କୁ ଦେବା ପାଇଁ ଭିଡ ଜମାଇଥିଲେ। ଅନେକ ଗୃହସ୍ଥ ଧୂପଦୀପ ଓ ର ଦେଇ ନାଗ ରାଜଙ୍କୁ ପୂଜାର୍ଚ୍ଚନା କରିଥିଲେ। ଲୋକ କୋଳାହଳ ଶୁଣି ନାଗଟି ନିକଟ .ଷ ଜମିକୁ .ଲି ଯାଇଥିବା ଜଣାପଡିଛି।



## ବିଷାକ୍ତ ଶାଗ ଖାଇ ୪ ଅସୁସ୍ଥ

**ଆଗରପଡ଼ା,୨୩।୧(ସମିସ):** ବିଷାକ୍ତ ଶାଗ ଖାଇ ଗୋଟିଏ ପରିବାରର ୪ଜଣ ଅସୁସ୍ଥ ହୋଇପଡ଼ି ବର୍ତ୍ତମାନ ଆଗରପଡ଼ା ମେଡ଼ିକାଲରେ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ସୋରୋ ଥାନା ଅନ୍ତର୍ଗତ କାନପୁର ଗ୍ରାମ ମଝିସାହିର ରବିନ୍ଦ୍ର ଖମାରୀଙ୍କ ପରିବାର ଲୋକେ ଶାଗ କିଣିଥିଲେ। ଏହାକୁ ଅନ୍ୟ ଖାଦ୍ୟ ସହ ଖାଇବା ପରେ ହଠାତ୍ ରବିନ୍ଦ୍ରଙ୍କ ମା' ଶାନ୍ତିଲତା(୭୦), ସ୍ତ୍ରୀ ବୀଣାପାଣି(୩୮), ଝିଅ ରୋଜାଲିନ(୧୨) ଓ ପୁଅ ତ୍ରିଲୋଚନ(୧୪) ଅସୁସ୍ଥ ହୋଇପଡ଼ିଥିଲେ। ସେଠାରୁ ତାଙ୍କୁ ଆମ୍ବୁଲାନ୍ସରେ ଅଣାଯାଇ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ବିଷାକ୍ତ ଶାଗ ଖାଇ ସେମାନେ ଅସୁସ୍ଥ ହୋଇପଡ଼ିଥିବାର ଅନୁମାନ କରାଯାଉଛି।

## ପଡ଼ୋଶୀ ଆକ୍ରମଣରେ ଜଣେ ଗୁରୁତର

**ଭଣ୍ଡାରିପୋଖରୀ,୨୩।୧(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ପିରିପୁର ଗ୍ରାମରେ ପଡୋଶୀ ଆକ୍ରମଣରେ ଜଣେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାଯାଇଛି। ଅଭିଯୋଗ ଅନୁଯାୟୀ ଗ୍ରାମର ଅରୁଣ କମାର ଜେନା ଓ ଦିନା ଜେନା ମଇବିଦ୍ୟାଳୟ ସିମେଣ୍ଟ ଚେୟାର ଉପରେ ଗତ ଶନିବାର ୧୨.୩୦ମି. ସମୟରେ ବସିଥିଲେ। ସେଠାରୁ ଉଠିବା ସମୟରେ ଗ୍ରାମର ଶଶିକାନ୍ତ ଜେନା ଶାବଳ ସହାୟତାରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଫଳରେ ଅରୁଣ ଆହତ ହୋଇଥିଲେ। ତାଙ୍କୁ ଭଣ୍ଡାରିପୋଖରୀ ମେଡିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭଦ୍ରକ ପଠାଇ ଦିଆଯାଇଥିଲା। ଅଭିଯୋଗ ଆଧାରରେ ଥାନାରେ ୩୨/୨୪ନଂ ମାମଲା ରଜୁ ହୋଇଛି।

## ଛାତ୍ରୀଙ୍କ ଠାରୁ ମୋବାଇଲ ଛଡ଼ାଇ ନେଲେ

**ଦୋବଲ,୨୩।୧(ସମିସ):** ଧାମନଗର ଥାନା ଅନ୍ତର୍ଗତ ଆନନ୍ଦପୁର ଗ୍ରାମର ନିତ୍ୟାନନ୍ଦ ସାହୁଙ୍କ ଝିଅ ଲକ୍ଷ୍ମୀ ପ୍ରିୟା ସାହୁ ଯାଜପୁର କଲେଜ ରୁ ସାଇକଲ ନେଇ ଫେରୁ ଥିବା ବେଳେ ଦାଣ୍ଡକୁଳ ଠାରେ ଏକ ଅଜଣା ଯୁବକ ବାଇକରେ ଆସି ଲକ୍ଷ୍ମୀପ୍ରିୟା ଠାରୁ ମୋବାଇଲ ଛଡାଇ ନେଇ ଦ୍ରୁତ ଗତିରେ ଚମ୍ପଟ ମାରିଥିଲେ। ନିରୁପାୟ ହୋଇ ଘରେ ଆସି କହିବା ପରେ ଲକ୍ଷ୍ମୀଙ୍କ ବାପା ନିତ୍ୟାନନ୍ଦ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି କି ଦାଣ୍ଡକୁଳ ରାସ୍ତାଟି ଏକ ନିଛାଟିଆ ରାସ୍ତା ହୋଇ ଥିବାରୁ ସାଧାରଣ ଲୋକ ଓ ମହିଳା ମାନେ ଅସୁରକ୍ଷିତ ମଣୁଛନ୍ତି। ଉକ୍ତ ରାସ୍ତାଟି ଭଣ୍ଡାରିପୋଖରୀ ଓ ଧାମନଗର ଥାନା ସୀମାରେ ରହୁ ଥିବାରୁ ପୋଲିସର ଦୃଷ୍ଟି ଆଢୁଆଳରେ ରହି ଯାଉଛି । ଏ ଦିଗରେ ଭଦ୍ରକ ଆରକ୍ଷୀ ଅଧିକ୍ଷକ ଦୃଷ୍ଟି ଦେବାକୁ ଦାବି ହେଉଛି।

## ଶିକ୍ଷାବିତଙ୍କୁ ସମ୍ବର୍ଦ୍ଧନା

**ଭଣ୍ଡାରିପୋଖରୀ,୨୩।୧(ସମିସ):** ମହୁରା ଉନ୍ନିତ ଉଚ୍ଚବିଦ୍ୟାଳୟ ପକ୍ଷରୁ ଅବସରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଧିରେନ୍ଦ୍ରନାଥ ଦାଶ ଓ ଅତିରିକ୍ତ ବ୍ଲକଶିକ୍ଷାଧିକାରୀ ପୁରୁଷୋତ୍ତମ ଧଳଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳନ ଅବସରରେ ଉଭୟଙ୍କର ଶିକ୍ଷାପ୍ରଶାସନ, ସରଳ ଜୀବନଚର୍ଯ୍ୟା ଓ ଅମାୟିକ ସ୍ୱଭାବ ପାଇଁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅନ୍ୟାମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ପାତ୍ର, ଶିକ୍ଷାସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ, ଶିକ୍ଷାବିତ ସରୋଜ ନାୟକ, ଆଶିଷ ନାୟକ, ସୁକାନ୍ତ ଦାସ, ମନସ୍ୱିନୀ ରାଉତ, ପୁଷ୍ପାଞ୍ଜଳୀ ପାଢୀ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଶିକ୍ଷକ ପ୍ରସନ୍ନ କୁମାର ମହାକୁଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିକ୍ଷକ ସୌମ୍ୟରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ

ଭଦ୍ରକ,୨୩।୧(ସମିସ): ଭଦ୍ରକ ବିନ୍ଦୁମାଧବ ବାଗୁରାଇ ହାଇସ୍କୁଲ ପରିସରରେ ୧୯୭୨ ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କର ବନ୍ଧୁମିଳନ ଉତ୍ସବ ପ୍ରତିବର୍ଷ ପରି ପାଳନ ହୋଇଯାଇଛି। ହାଇସ୍କୁଲ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଏବଂ ସହକାରୀ ଶିକ୍ଷକ ରବିନାରାୟଣ ମହାନ୍ତିଙ୍କ ସାହାଯ୍ୟ ସହଯୋଗରେ ଅବସରପ୍ରାପ୍ତ ପୁରାତନ ଶିକ୍ଷକ ନବକିଶୋର ପାତ୍ରଙ୍କ ସଭାପତିତ୍ୱରେ ଏକ ସଭାର ଆୟୋଜନ ହୋଇଥିଲା। ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ସର୍ବଶ୍ରୀ ଅଶ୍ୱିନୀ କୁମାର ମହାପାତ୍ର, ଦୁଃଶାସନ ଗାହାଣ, ପ୍ରଶାନ୍ତ କୁମାର ମହାପାତ୍ର, ନାରାୟଣ ଚନ୍ଦ୍ର ମହାପାତ୍ର, ଭାଗୀରଥି ଦାସ, ମୁକୁଳ ଦତ୍ତ, ମିହିର କୁମାର ଚାନ୍ଦ, ଦୁର୍ଯ୍ୟୋଧନ ଦାସ, ରବିନାରାୟଣ ପାଢ଼ୀ, ଗୋପବନ୍ଧୁ ପୃଷ୍ଟି, ଅନନ୍ତ ସାହୁ, ପଦ୍ମନାଭ ବିନ୍ଧାଣୀ, ରମାକାନ୍ତ ବିନ୍ଧାଣୀ, ରାଜେନ୍ଦ୍ର ସୂତାର, ବାବାଜୀ ଖିଲାର, ଭବାନୀଶଙ୍କର ଦେ, ସୁବାସ ଚନ୍ଦ୍ର ଦେ, ଭାବଗ୍ରାହୀ ଦାସ, ପଞ୍ଚାନନ ପାତ୍ର, ରବିନାରାୟଣ ନାୟକ, ଗଣେଶ ଜେନା, ରଘୁନାଥ ଜେନା ଓ ଛାତ୍ରୀମାନଙ୍କ ମଧ୍ୟରେ ବିଣାପାଣୀ ପାଣିଗ୍ରାହୀ, ଦମୟନ୍ତି ଦାସ, ସରୋଜିନୀ ମହାପାତ୍ର, ସରୋଜିନୀ ବରାଳ ଇତ୍ୟାଦି ପରିଚାଳନା କରିଥିଲେ।

## ୨୦୨୩ରେ ଧୂଷୁରୀ ଥାନାରେ ମୋଟ ୪୫୨ଟି ମାମଲା

**ଅସୁରାଳି,୨୩।୧(ସମିସ):** ବିଦାୟ ନେଇଛି ବର୍ଷ ୨୦୨୩ । ଗତବର୍ଷ ଧୂଷୁରୀ ଥାନାର କ୍ରାଇମ ରେକର୍ଡ ପୂର୍ବ ବର୍ଷ ତୁଳନାରେ ବଢ଼ିଛି । କ୍ରାଇମ ସଂଖ୍ୟା ଗତ ୨୦୨୩ ମସିହାରେ ଏହି ଥାନା ଅଞ୍ଚଳରେ ଧୂଷୁରୀ ଥାନାରେ ୨ ଟି ହତ୍ୟାକାଣ୍ଡ, ୮ ଟି ଦୁଷ୍କର୍ମ, ୪୪ ଟି ଚୋରି, ୧୩ ଟି ଠକେଇ, ୧୦ଟି ଦୁର୍ଘଟଣା ମାମଲା ହୋଇଥିବା ବେଳେ ଜମିଜମା, ନିଶା କାରବାର ଭଳି ଅନ୍ୟାନ୍ୟ ୩୭୫ ଟି ମାମଲାକୁ ମିଶାଇ ମୋଟ ୪୫୨ ଟି ମାମଲା ରୁଜୁ ହୋଇଥିବା ଜଣା ଯାଇଛି । ଏହି ଅଞ୍ଚଳରେ ଥିବା ଥାନାରେ ମୋଟ ୪୫୨ ଟି ମାମଲା ରୁଜୁ ହୋଇଥିବା ନେଇ ଧୂଷୁରୀ ଥାନା ଅଧିକାରୀଣୀ ବନାନୀ ବେହେରାଙ୍କ ଠାରୁ ସୂଚନା ମିଳିଛି । ଧୂଷୁରୀ ଥାନା ଅଞ୍ଚଳରେ .ନ୍ଦବାଲି ବ୍ଲକର ବହୁ ଅଞ୍ଚଳ ସାମିଲ ଥିବାରୁ ବୃହତ ସୀମା ଦୃଷ୍ଟିରୁ ଦିନକୁ ଦିନ ଅପରାଧିକ ମାମଲା ବୃଦ୍ଧି ପାଉଥିବା ଜଣା ଯାଇଛି । ସେଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ବ୍ଲକ ଅଞ୍ଚଳରେ ଆଉ ଏକ ଥାନା ଖୋଲିବାକୁ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ୩୭ ୟୁନିଟ୍ ରକ୍ତ ସଂଗ୍ରହ

**ଭଦ୍ରକ,୨୩।୧(ସମିସ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀ ଉପଲକ୍ଷେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଜିଲ୍ଲା ଏକତା ରକ୍ତ ସଙ୍ଗଠନ ତରଫରୁ ଏକ ରକ୍ତଦାନ ଶିବିର ପୁରୁଣାବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଏହି ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ବ୍ଲଡ୍ ବ୍ୟାଙ୍କ କାଉନସେଲର ରତିକାନ୍ତ ବଳ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଜ୍ଞାନ ପାଣି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ମଦନମୋହନ ମହନ୍ତ, ସଙ୍ଗଠନର ସଭାପତି ପୁନିଲ କୁମାର ସାମନ୍ତ, ଉପସଭାପତି ଶିବାନନ୍ଦ ଭଟ୍ଟାଚାର୍ଯ୍ୟ, ପ୍ରିୟବ୍ରତ ନାୟକ, ବିଶ୍ୱଜିତ ନାୟକ, ଭକ୍ତହରି ସେଠୀ, ସମ୍ପାଦକ ସୁମନ୍ତ ପଣ୍ଡା, ଗଣେଶ ରାଓ, ମାମାଲି ନାୟକ, ଅବିନାଶ ଦାସ, ଅଭିନାଷ ଘଡେଇ, ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିଥିଲେ। ସଙ୍ଗଠନ ସଭାପତି ପୁନିଲ କୁମାର ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲା ବେଳେ ସମସ୍ତ ଗୁରୁଜୀ, ଗୁରୁମାଙ୍କ ସହଯୋଗରେ ୩୭ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।




**କ୍ରୀଡ଼ାର ବିକାଶ ଲାଗି ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଦୃଷ୍ଟି**

# କ୍ରୀଡ଼ାର ହବ୍ ପାଲଟିବ ଭଦ୍ରକ ଜିଲ୍ଲା

ଭଦ୍ରକ,୨୩।୧(ସମିସ)

ଜିଲ୍ଲାରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଇଛନ୍ତି। ଯାହା ଫଳରେ ଆସନ୍ତା ଦିନରେ ଭଦ୍ରକ ଜିଲ୍ଲା କ୍ରୀଡ଼ାର ହବ୍ ପାଲଟିବ ବୋଲି କ୍ରୀଡାବିତ୍ ଓ କ୍ରୀଡାପ୍ରେମୀମାନେ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ସହର ପ୍ରବେଶ ପଥର ୧୬ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ରେ ଥିବା ନେହରୁ ଷ୍ଟାଡିୟମର ରୂପରେଖ ଏବେ ବଦଳିବାରେ ଲାଗିଛି। ଏହି ଷ୍ଟାଡିୟମରେ ଡେ' ନାଇଟ୍ କ୍ରିକେଟ ଗ୍ରାଉଣ୍ଡ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସେହିପରି ଭଲିବଲ, ବାସ୍କେଟ ବଲ ଓ ଜିମ୍‌ର ନିର୍ମାଣ କାର୍ଯ୍ୟ ଜାରି ରହିଛି। ଗ୍ୟାଲେରୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି। ଜିଲ୍ଲାର ୪ଟି ପୌରାଞ୍ଚଳ ଭଦ୍ରକ, ଚାନ୍ଦବାଲି, ବାସୁଦେବପୁର ଓ ଧାମନଗରରେ ଇନ୍‌ଡୋର ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏବେ ଭଦ୍ରକ ପୌରାଞ୍ଚଳର ପୁରୁଣାବଜାର ଠାରେ ଥିବା ସଦାବର୍ତ୍ତ ମଠର ମାଲିକାନାରେ ଥିବା ୩ଏକର ୭୭ ଡେସିମିଲର ମହାବୀର ପଡ଼ିଆରେ ଏକ ଦିବାରାତ୍ର ଫୁଟ୍‌ବଲ ଗ୍ରାଉଣ୍ଡ ନିର୍ମାଣ କାର୍ଯ୍ୟ ଜୋରଦାର ଚାଲିଛି। ଏହା ସମ୍ପୂର୍ଣ୍ଣ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ମାନ ନିଆଯାଇଛି। ପ୍ରଥମତଃ ଦେବୋତ୍ତର ବିଭାଗର ଏହି ଜମିକୁ ପ୍ରଶାସନ ନିଜ ହାତକୁ ଆଣି ସାରିଛି। ଏହି ପଡ଼ିଆରେ ଡେ' ନାଇଟ୍ ଫୁଟ୍‌ବଲ ଖେଳ ପାଇଁ ଏଲ୍‌ଇଡି ଲାଇଟ୍‌ର ବ୍ୟବସ୍ଥା ସହ ୫୦୦ ଲୋକଙ୍କ ବସିବା ପାଇ ଗ୍ୟାଲେରୀ ନିର୍ମାଣ, ବାଉଣ୍ଡାରୀ ୱାଲ୍ ସହ ଗେଟ୍ ନିର୍ମାଣ କରାଯିବ। ଏହାର ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ଓ ନିର୍ମାଣ ଦାୟିତ୍ୱ ପ୍ରଥମଥର ପାଇଁ ପୂର୍ତ୍ତ ବିଭାଗକୁ ଦିଆ ନଯାଇ ପୁଲିସ ହାଉସିଂ ବୋର୍ଡକୁ ଦିଆଯାଇଛି। ସେହିପରି ଭଦ୍ରକ ପୌରାଞ୍ଚଳ ପରିସର ଭୁକ୍ତ ବାଗୁରାଇ ହାଇସ୍କୁଲ ଖେଳ ପଡ଼ିଆରେ ସ୍ପୋର୍ଟସ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ କ୍ରୀଡ଼ା ଓ ଯୁବ ବିଭାଗର ସ୍ପୋର୍ଟସ କନ୍‌ସଲ୍‌ଟାଣ୍ଟର ଏକ ପ୍ରତିନିଧି ଦଳ ଅନୁଧ୍ୟାନ କରି ଫେରିଯାଇଛନ୍ତି। ଏହି ସ୍କୁଲ୍ ପଡ଼ିଆରେ ସୁଇମିଂ ପୁଲ୍, ଇନ୍‌ଡୋର ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଏବେ କ୍ରୀଡ଼ା ସମ୍ବନ୍ଧୀୟ (ଏଥ୍‌ଲେଟିକ) ଖେଳ ପଡ଼ିଆ ନିର୍ମାଣ କରାଯିବ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଠାରେ ୪୦୦ ମିଟର ଦୌଡ଼ିବା, ଲଙ୍ଗ ଜମ୍ପ, ସର୍ଟପୁଟ୍, ଡିସ୍‌କର୍ସ ଏଣ୍ଡ ଜାଭେଲିନ୍ ଥ୍ରୋ ପାଇଁ ଟ୍ରାକ୍ ନିର୍ମାଣ, ଭଲିବଲ କୋର୍ଟ, ପିଲାମାନଙ୍କ ପାଇଁ ଖେଳ ପଡ଼ିଆ ସହ ମିଲିଟାରୀ ଜିମ୍ ନିର୍ମାଣ କରାଯିବ। ଏହା ବ୍ୟତିତ ବାଉଣ୍ଡାରୀ ୱାଲ୍ ଓ ଗେଟ୍ ନିର୍ମାଣ କରାଯିବ। ଏହାର ପ୍ରକଳ୍ପ ପ୍ରସ୍ତୁତି ଓ ନିର୍ମାଣ ଦାୟିତ୍ୱ ପୋଲିସ ହାଇସିଂ ବୋଡର୍‌କୁ ଦିଆଯାଇଛି। ଏହି ସବୁ କ୍ରୀଡ଼ାର ଅଗ୍ରଗତି ସମ୍ପର୍କୀତ ପ୍ରକଳ୍ପର ଅଗ୍ରଗତି ନେଇ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଓ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦୋର ବାରମ୍ବାର ସମୀକ୍ଷା କରିବା ସହ କାର୍ଯ୍ୟର ଅଗ୍ରଗତି ପରଖିବାକୁ କ୍ଷେତ୍ରୀୟ ପରିଦର୍ଶନରେ ଯାଉଥିବା ଜଣାଯାଇଛି।



# ସିଆଇଏସ୍‌ଏଫ୍ ହାତକୁ ଗଲା ସଂସଦ ସୁରକ୍ଷା

## କମ୍ପ୍ଲେକ୍ସର ଫଟୋ-ଭିଡିଓ ନେବା ମନା

**ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି):** ବଜେଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ ସଂସଦ ଭବନର ସୁରକ୍ଷା ଦାୟିତ୍ୱ ସେଣ୍ଟ୍ରାଲ ଇଣ୍ଡଷ୍ଟ୍ରିଆଲ ସିକ୍ୟୁରିଟି ଫୋର୍ସ (ସିଆଇଏସ୍‌ଏଫ୍) ହାତକୁ ଯାଇଛି। ସିଆଇଏସ୍‌ଏଫ୍‌ର ୧୪୦ ଯବାନ ସୋମବାରଠାରୁ ସଂସଦ ଭବନରେ କାର୍ଯ୍ୟାରମ୍ଭ କରିଛନ୍ତି। ଏହି ଯବାନ ସଂସଦ ଅଧିବେଶନ ଦେଖିବାକୁ ଆସୁଥିବା ଦର୍ଶକ ଏବଂ ସେମାନେ ଆଣୁଥିବା ସାମଗ୍ରୀର ଯାଞ୍ଚ କରିବେ। ଏହା ସହିତ ଅଗ୍ନିସୁରକ୍ଷା ବ୍ୟବସ୍ଥାର ମଧ୍ୟ ତଦାରଖ କରିବେ। ପୂର୍ବରୁ ସଂସଦ ସୁରକ୍ଷାରେ ମୁତୟନ ଥିବା ଅନ୍ୟ ସୁରକ୍ଷା ଏଜେନ୍ସିର ଯବାନ ସିଆଇଏସ୍‌ଏଫ୍ କର୍ମୀଙ୍କୁ ସଂସଦ ପରିସରର ସ୍ଥିତି ବିଷୟରେ ବୁଝାଇଛନ୍ତି। ଏହା ପୂର୍ବରୁ ଗତ ବର୍ଷ ଡିସେମ୍ବର ୧୩ ତାରିଖରେ କିଛି ଲୋକ ସଂସଦରେ ଅନୁପ୍ରବେଶ କରି ହଙ୍ଗାମା କରିଥିଲେ। ଏହାକୁ ନଜରରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରାଳୟ ସଂସଦ ସୁରକ୍ଷାର ସମୀକ୍ଷା କରିଥିଲା। ପରେ ସିଆଇଏସ୍‌ଏଫ୍ ମୁତୟନ ପାଇଁ ମଞ୍ଜୁରି ଦେଇଥିଲା। ରିପୋର୍ଟ ଅନୁଯାୟୀ ସିଆଇଏସ୍‌ଏଫ୍ ଯବାନ ଏକ୍ସ-ରେ ମେସିନ ଏବଂ ଡିଟେକ୍ଟର ମାଧ୍ୟମରେ ସଂସଦ ଭବନକୁ ଆସୁଥିବା ଦର୍ଶକ ଏବଂ ତାଙ୍କ ସାମଗ୍ରୀକୁ ଯାଞ୍ଚ କରିବେ। ଏଥର ଜୋତାକୁ ମଧ୍ୟ ସ୍କାନ କରିବାକୁ ପଡ଼ିବ। ଭାରି ଜ୍ୟାକେଟ ଏବଂ ବେଲ୍ଟକୁ ଏକ ଟ୍ରେରେ ରଖାଯାଇ ସ୍କାନ କରାଯିବ। ଅନ୍ୟପକ୍ଷରେ କମ୍ପ୍ଲେକ୍ସର ଭିଡିଓ ଏବଂ ଫଟୋ ଉତ୍ତୋଳନ ନ କରିବା ପାଇଁ ସଂସଦର କର୍ମଚାରୀଙ୍କୁ କୁହାଯାଇଛି।



ନିଜ ସେନା ଅଧିକାରୀଙ୍କୁ ଫେରାଇ ନେବା ଲାଗି ଭାରତ ଆସିଥିବା ମ୍ୟାଁମାରର ଏକ ବାୟୁସେନା ବିମାନ ମିଜୋରାମର ଲଙ୍ଗପୁଇ ବିମାନ ବନ୍ଦରରେ ଅବତରଣ କରିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ୧୪ ଯାତ୍ରୀଙ୍କ ମଧ୍ୟରୁ ୬ ଜଣ ଗୁରୁତର ଆହତ ହୋଇଛନ୍ତି।

● ଚୀନ୍ ଆଗରେ ହାତ ଟେକିଦେଲେ ମୋଇଜ୍ଜୁ

# ଗୁଇନ୍ଦା ଜାହାଜକୁ ଦେଲେ ଅନୁମତି

**ମାଲେ, ୨୩।୧ (ଏଜେନ୍ସି):** ଭାରତ ମହାସାଗରରେ ଚୀନ୍‌ର ଦଖଲ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ନେଇ ଭାରତର ଚିନ୍ତା ବଢ଼ିବାରେ ଲାଗିଛି। ଶ୍ରୀଲଙ୍କା ମନା କରିବା ପରେ ଏବେ ଚୀନ୍‌ର ଗୁଇନ୍ଦା ଜାହାଜ 'ଜିଆଙ୍ଗ ୟାଙ୍ଗ ହୋଙ୍ଗ ୦୩' ମାଳଦ୍ୱୀପ ଅଭିମୁଖେ ବଢୁଛି। ମାଲେ ବନ୍ଦରରେ ରହିବା ପାଇଁ ମାଳଦ୍ୱୀପର ମହମ୍ମଦ ମୁଇଜ ସରକାର ଏହାକୁ ଅନୁମତି ଦେଇଛନ୍ତି। ଏହା ତାଙ୍କର ଭାରତ ବିରୋଧୀ ନୀତିକୁ ଦର୍ଶାଉଛି। ମୋଇଜ୍ଜୁଙ୍କ ଚୀନ୍ ଗସ୍ତ ସମୟରେ ଏହି ଜାହାଜକୁ ଅନୁମତି ଦେବା ପାଇଁ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ବୋଲି କୁହାଯାଉଛି। ଭାରତୀୟ ନୌସେନାର ଜଣେ ଅଧିକାରୀ କହିଛନ୍ତି ଯେ ଏହି ଜାହାଜ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଏହା ଇଣ୍ଡୋନେସିଆର ସୁଣ୍ଡା ଷ୍ଟ୍ରେଟ ଦେଇ ଭାରତ ମହାସାଗରରେ ପ୍ରବେଶ କରିଥିଲା। ଏହା ପୂର୍ବରୁ ଜିଆଙ୍ଗ ହୋଙ୍ଗ ୨୦୧୯ ଏବଂ ୨୦୨୦ରେ ମାଲେ ବିମାନବନ୍ଦରରେ ଅଟକି ଥିଲା। ୨୦୨୨ରେ ଶ୍ରୀଲଙ୍କାରେ ରହିଥିବାବେଳେ ଭାରତ ତୀବ୍ର ବିରୋଧ କରିଥିଲା। ଏହାକୁ ଅନେକ ସମୟରେ ବଙ୍ଗୋପସାଗର ଏବଂ ଆରବ ସାଗରରେ ମଧ୍ୟ ଦେଖାଯାଇଛି। ଚୀନ୍ ଏହି ଜାହାଜ ମାଧ୍ୟମରେ ଭାରତ ଉପରେ ଗୁଇନ୍ଦାଗିରି କରିପାରେ ବୋଲି କୁହାଯାଉଛି। ଏହା ଭାରତର ପ୍ରତିରକ୍ଷା ତଥ୍ୟ ହାସଲ କରିବା ପାଇଁ ନିଜ ଜ୍ଞାନକୌଶଳକୁ ବ୍ୟବହାର କରିପାରେ।

● ଆସାମରେ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା'ରେ ଉତ୍ତେଜନା

# ପୁଲିସର ଲାଠିଚାର୍ଜ ; ରାହୁଲଙ୍କ ବିରୋଧରେ ମାମଲା

**ଗୌହାଟୀ,୨୩।୧(ଏଜେନ୍ସି)**

ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଚାଲିଥିବା ଭାରତ ଯୋଡୋ ନ୍ୟାୟ ଯାତ୍ରା ମଙ୍ଗଳବାର ସକାଳେ ଆସାମରେ ପ୍ରବେଶ କରିବାକୁ ଯାଉଥିବା ବେଳେ ଉତ୍ତେଜନା ଦେଖାଯାଇଛି। ଏହି ଯାତ୍ରା ମେଘାଳୟ ସୀମାରୁ ଆସି ଗୌହାଟୀ ସହରରେ ପ୍ରବେଶ କରିବା ବେଳେ ଆସାମ ପୁଲିସ ଯାତ୍ରାକୁ ଅଟାକାଇଥିଲା। ଏକ ନିର୍ଦ୍ଦିଷ୍ଟ ରୁଟ୍ ଦେଇ ଯାତ୍ରା ଯିବାକୁ ପୂର୍ବରୁ ଆସାମ ସରକାରଙ୍କ ପକ୍ଷରୁ କୁହାଯାଇଥିଲେ ହେଁ କଂଗ୍ରେସ କର୍ମୀମାନେ ଏହାକୁ ମାନି ନଥିଲେ। କଂଗ୍ରେସ ନିଜର ଯାତ୍ରାକୁ ଗୌହାଟୀ ମୁଖ୍ୟମାର୍ଗ ପରିବର୍ତ୍ତେ ଜାତୀୟ ରାଜପଥ ଦେଇ ନେବାକୁ ରାଜ୍ୟ ସରକାର କହିଥିଲେ। ମଙ୍ଗଳବାର କାର୍ଯ୍ୟ ଦିବସ ଥିବାରୁ ମୁଖ୍ୟ ରାସ୍ତା ଜାମ୍ ହେବା ଲକ୍ଷ୍ୟରେ ଏହା କୁହାଯାଇଥିଲା। କିନ୍ତୁ ଦଳୀୟ ନେତାମାନେ ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ କରିଥିଲେ । ତେଣୁ ପୁଲିସ ବ୍ୟାରିକେଡ୍ ଲଗାଇ ଯାତ୍ରା ଅଟକାଇଥିଲା। ତେବେ କଂଗ୍ରେସ କର୍ମୀମାନେ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ପଶିବାକୁ ଉଦ୍ୟମ କରିବାରୁ ପୁଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ବାଧ୍ୟ ହୋଇ ଲାଠିଚାର୍ଜ କରିବାରୁ କିଛି କଂଗ୍ରେସ କର୍ମୀ ଓ ନେତା ଆହତ ହୋଇଥିବା ଜଣାପଡ଼ିଛି। କଂଗ୍ରେସର କହିବା ଅନୁସାରେ ଆସାମ ପ୍ରଦେଶ ଅଧ୍ୟକ୍ଷ ଭୂପେନ କୁମାର ବୋରା, ବିଧାନସଭା ବିରୋଧୀ ଦଳ ନେତା ଦେବବ୍ରତ ସୌକିଆ ମଧ୍ୟ ଆହତ ହୋଇଛନ୍ତି । ଏହାଛଡ଼ା ଜୋର ଜବରଦସ୍ତି ପ୍ରବେଶ ଉଦ୍ୟମ ଏବଂ ଆଇନଶୃଙ୍ଖଳା ଭଙ୍ଗକୁ ନେଇ ରାହୁଲ ଗାନ୍ଧୀଙ୍କ ସହ କେତେକ ଦଳୀୟ କର୍ମୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱ ଶର୍ମା ଡିଜିପିଙ୍କ ସହ ଆଲୋଚନା କରି ରାହୁଲଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାହୁଲ ଗୌହାଟୀ ସହରର ଏକ ତଳି ଅଞ୍ଚଳରେ ଏକ ଜନସଭାରେ ନିଜ କର୍ମୀଙ୍କୁ ଉଦ୍‌ବୋଧନ ଦେବା ସହିତ ଦଳୀୟ କର୍ମୀମାନେ ବ୍ୟାରିକେଡ୍ ଭାଙ୍ଗିଥିବାରୁ ସେମାନଙ୍କୁ ସିଂହ ବୋଲି କହିଥିଲେ। କିନ୍ତୁ ବ୍ୟାରିକେଡ୍ ଭାଙ୍ଗିଥିଲେ ବି ଆଇନକୁ ଅସମ୍ମାନ କରାଯାଇ ନାହିଁ ବୋଲି କହିଥିଲେ। ଅନ୍ୟପକ୍ଷରେ ରାହୁଲ ନକ୍ସଲ ଢଙ୍ଗରେ କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏକ୍ସରେ ପୋଷ୍ଟ କରି କହିଛନ୍ତି।

# ଅଯୋଧ୍ୟା: ୩ ଲକ୍ଷ ଭକ୍ତଙ୍କୁ ସମ୍ଭାଳି ପାରିଲାନି ପୁଲିସ

● ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସର ମୃଦୁ ଲାଠି ଚାଳନା
● ଆକାଶମାର୍ଗରୁ ସ୍ଥିତି ପରଖିଲେ ଯୋଗୀ ଆଦିତ୍ୟନାଥ
● ଅଯୋଧ୍ୟାରେ ପ୍ରବେଶ ଉପରେ ଲାଗିଲା କଟକଣା

**ଅଯୋଧ୍ୟା,୨୩।୧(ଏଜେନ୍ସି)**

ଅଯୋଧ୍ୟାରେ ନବ ନିର୍ମିତ ମନ୍ଦିରରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପରେ ସହରକୁ ରାମ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଛି। ଭକ୍ତମାନଙ୍କ ଲାଗି ରାମ ଦର୍ଶନ ମଙ୍ଗଳବାର ଠାରୁ ଆରମ୍ଭ ହେବ ବୋଲି ଗତକାଲି ଘୋଷଣା କରାଯିବା ପରେ ଲକ୍ଷ ଲକ୍ଷ ଲୋକ ରାମଲାଲାଙ୍କ ଝଲକ ପାଇବା ପାଇଁ ବ୍ୟାକୁଳ ହୋଇପଡ଼ିଥିଲେ। ଫଳରେ ମଙ୍ଗଳବାର ଅଯୋଧ୍ୟା ସହର ଜନସମୁଦ୍ର ପାଲଟିଥିବା ଦେଖିବାକୁ ମିଳିଛି। ଭକ୍ତମାନେ ସୋମବାର ରାତିରୁ ଲମ୍ବା ଲାଇନ ଲଗାଇ ଦର୍ଶନ ପାଇଁ ଛିଡା ହୋଇଥିଲା ବେଳେ ମଙ୍ଗଳବାର ପ୍ରତ୍ୟୁଷରେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥିଲା। ପରେ ପରେ ଭକ୍ତଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ମଧ୍ୟାହ୍ନ ସୁଦ୍ଧା ପ୍ରାୟ ୩ ଲକ୍ଷ ଭକ୍ତଙ୍କ ଭିଡ଼ ଜମିଥିବା ଦେଖାଯାଇଥିଲା। ସ୍ଥିତି ଏଭଳି ହୋଇଥିଲା ଯେ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିଲା। ତଥାପି ସ୍ଥିତି ନିୟନ୍ତ୍ରଣ ହୋଇପାରିନଥିଲା। ଏହାକୁ ଦୃଷ୍ଟିରେ ରଖି ଉତ୍ତରପ୍ରଦେଶ ଗୃହ ବିଭାଗ ପ୍ରମୁଖ ସଚିବ ,ପୁଲିସ ଡିଜି(ଆଇନ ଶୃଙ୍ଖଳା), ଅତିରିକ୍ତ ଡିଜି ,ପୁଲିସ କମିସନର ଏବଂ ଆଇଜି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ କହିଥିଲେ। ଏହାସହିତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପୁଲିସ ଡିଜିଙ୍କ ସହ ଆକାଶମାର୍ଗରୁ ସ୍ଥିତି ପରଖିଥିଲା ବେଳେ ଶୃଙ୍ଖଳା ସହିତ ଭକ୍ତମାନଙ୍କୁ ନିୟନ୍ତ୍ରଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଭଳି ସ୍ଥଳେ ଅଯୋଧ୍ୟା ମଧ୍ୟକୁ ପ୍ରବେଶ କରିବା ଉପରେ କଟକଣା ଜାରି କରାଯାଇଛି।ଅନ୍ୟ ଜିଲ୍ଲାରୁ ମଧ୍ୟ ଅଯୋଧ୍ୟାକୁ କୌଣସି ଗାଡି ଯେଭଳି ପ୍ରବେଶ କରି ନପାରେ ତାହାକୁ ଦୃଷ୍ଟି ଦେବାକୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତକାଲି ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବା ପରେ ପ୍ରଭୁ ରାମଙ୍କ ଦର୍ଶନ ଲାଗି ସମୟସୂଚୀ ଘୋଷଣା କରାଯାଇଥିଲା। ସକାଳ ବେଳା ପ୍ରାୟ ସାଢେ ଚାରି ଘଣ୍ଟା ଏବଂ ଅପରାହ୍ଣରେ ପାଞ୍ଚ ଘଣ୍ଟା ପର୍ଯ୍ୟନ୍ତ ଭକ୍ତମାନେ ପ୍ରଭୁଙ୍କ ଦର୍ଶନ କରିପାରିବେ ବୋଲି କୁହାଯାଇଥିଲା। ସକାଳ ୭ଟାରୁ ଦିନ ୧୧.୩୦ ଏବଂ ଅପରାହ୍ଣ ୨ଟାରୁ ସଂଧ୍ୟା ୭ଟା ଯାଏ ରାମଲାଲାଙ୍କ ଦର୍ଶନ ହୋଇପାରିବ ବୋଲି ଘୋଷଣା କରାଯାଇଥିଲଲା ବେଳେ ମଙ୍ଗଳବାର ପ୍ରତ୍ୟୁଷରୁ ଭକ୍ତଙ୍କ ନାହିଁ ନଥିବା ଭିଡ଼ ଜମିଥିଲା। କିନ୍ତୁ ଦିନ ୨ଟା ବେଳକୁ ଭିଡ଼ ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଯେଉଁଥିପାଇଁ ପୁଲିସକୁ ମୃଦୁ ଲାଠି ଚାଳନା କରିବାକୁ ପଡ଼ିଥିବା କୁହାଯାଇଛି।



● ହମାସ୍ ଆକ୍ରମଣ

# ଇସ୍ରାଏଲର ୨୪ ସୈନିକଙ୍କ ମୃତ୍ୟୁ

● ଆଜି ସବୁଠାରୁ ଖରାପ ଦିନ: ନେତନ୍ୟାହୁ
● ଜିତିବା ପର୍ଯ୍ୟନ୍ତ ଯୁଦ୍ଧ ଚାଲିଥିବ

**ତେଲ ଆଭିଭ୍, ୨୩।୧ (ଏଜେନ୍ସି)**

ଗାଜା ଷ୍ଟ୍ରିପ୍‌ରେ ଚାଲିଥିବା ସଂଘର୍ଷ ଦିନକୁ ଦିନ ବିକଟାଳ ରୂପ ନେଇଛି। ସୋମବାର ଇସ୍ରାଏଲ ସୈନିକଙ୍କ ଉପରେ ଆତଙ୍କବାଦୀ ସଂଗଠନ ହମାସ୍ ପକ୍ଷରୁ ସବୁଠାରୁ ବଡ଼ଧରଣ ଆକ୍ରମଣ କରାଯାଇଛି। ଏଥିରେ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ) ର ୨୪ ସୈନିକଙ୍କ ମୃତ୍ୟୁ ହୋଇଛି। ଅନେକ ମଧ୍ୟ ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଏହି ସୈନିକ ଦେଶ ସୀମାରୁ ୬୦୦ ମିଟର ଦୂରରେ ଥିବା ହମାସ୍ ଠିକଣାକୁ ଧ୍ୱଂସ କରିବାକୁ ଲାଗିଥିଲେ। ଏଠାରେ ଅନେକ ଟ୍ୟାଙ୍କ ମଧ୍ୟ ମୁତୟନ ଥିଲା। ଏହି ସମୟରେ ହମାସ ଆକ୍ରମଣ କରିବାରୁ ଏକ କୋଠା ଭୁଶୁଡ଼ି ଯାଇଥିଲା। ଏହା ପଡ଼ି ୨୪ ସୈନିକଙ୍କ ମୃତ୍ୟୁ ହୋଇଥିଲା। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ଆଜିର ଦିନକୁ ସବୁଠାରୁ ଖରାପ କହିଛନ୍ତି। ହମାସକୁ ନିପାତ କରିବା ପାଇଁ ଶପଥ ନେଇଛନ୍ତି। ବିଜୟୀ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି କହିଛନ୍ତି। ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଆଇଡିଏଫ ଗାଜାର ଖାନ୍ ୟୁନୁସ ସହରରେ ବୋମା ମାଡ଼ କରିଛି। ଏଥିରେ ୫୦ ଜଣ ପ୍ରାଣ ହରାଇଛନ୍ତି। ତେବେ ଏହା ମଧ୍ୟରେ ଯୁଦ୍ଧବିରତି ପାଇଁ ଇସ୍ରାଏଲ ଏକ ପ୍ରସ୍ତାବ ଦେଇଛି। ଗାଜା ଛାଡ଼ିବା ଆଇଁ ହମାସ ନେତାଙ୍କ ନିମନ୍ତେ ଏକ ସୁରକ୍ଷିତ ମାର୍ଗ ଦେବ ବୋଲି କୁହାଯାଇଛି। ୨ ମାସର ଯୁଦ୍ଧବିରତି ବଦଳରେ ସମସ୍ତ ବନ୍ଦୀକୁ ଛାଡ଼ିବାକୁ ସର୍ତ୍ତ ରଖିଛି। ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ଗାଜାରୁ ହମାସ ନେତାଙ୍କୁ ହଟାଇ ଇସ୍ରାଏଲ ଉକ୍ତ ଅଞ୍ଚଳକୁ କବଜା କରିବାକୁ ଚାହୁଁଛି। ଯୁଦ୍ଧ ଯୋଗୁଁ ଗାଜାରେ ଏ ପର୍ଯ୍ୟନ୍ତ ୨୬ ହଜାର ସାଧାରଣ ଲୋକଙ୍କ ଜୀବନ ଗଲାଣି। ଏହା ମଧ୍ୟରେ ତୁରନ୍ତ ଯୁଦ୍ଧ ବନ୍ଦ କରିବା ପାଇଁ ମିଳିତ ଜାତିସଂଘ (ୟୁଏନ) ମହାସଚିବ ଆଣ୍ଟୋନିଓ ଗୁଟରେସ କହିଛନ୍ତି। ଯୁଦ୍ଧରେ ସାଧାରଣ ଲୋକଙ୍କ ଜୀବନ ଯିବା ଲଜ୍ଜାଜନକ। ଏହାକୁ କେବେ ବି ବରଦାସ୍ତ କରାଯିବ ନାହିଁ। ଅନ୍ୟପକ୍ଷରେ ନିଜ ବନ୍ଦରରୁ ଗାଜାକୁ ସହାୟତା ସାମଗ୍ରୀ ପଠାଇବା ପାଇଁ ଇସ୍ରାଏଲ ଅନୁମତି ଦେଉ ବୋଲି ଆମେରିକା ଏବଂ ୟୁରୋପ ପକ୍ଷରୁ ଦାବି କରାଯାଇଛି।

# ଏପ୍ରିଲ ୧୬ରେ ଲୋକସଭା ନିର୍ବାଚନକୁ ନେଇ ଚର୍ଚ୍ଚା

**ନୂଆଦିଲ୍ଲୀ,୨୩।୧(ଏଜେନ୍ସି):** ୨୦୨୪ ଲୋକସଭା ନିର୍ବାଚନ ଆସନ୍ତା ଏପ୍ରିଲ ମାସ ୧୬ ତାରିଖରୁ ଆରମ୍ଭ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏହି ଦିନରେ ଲୋକସଭା ନିର୍ବାଚନ ଲାଗି ତତ୍କାଳ ଦିନାଙ୍କ ସ୍ଥିର କରାଯାଇଥିବା ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏଠାକାର ୧୧ ଜିଲ୍ଲା ନିର୍ବାଚନ ଅଧିକାରୀ(ଡିଇଓ) ମାନଙ୍କୁ ଏକ ସର୍କୁଲାର ଯୋଗେ ଅବଗତ କରାଯିବା ପରେ ନିର୍ବାଚନ ତାରିଖକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟ ନିର୍ବାଚନ କମିସନର ଏପ୍ରିଲ ୧୬ ତାରିଖରେ ଲୋକସଭା ନିର୍ବାଚନ ପାଇଁ ତତ୍କାଳ ସମୟ ଧାର୍ଯ୍ୟ କରିଥିବା ଦିଲ୍ଲୀ ମୁଖ୍ୟ ନିର୍ବାଚନ ଅଧିକାରୀ ଟି ମିସାଓ ଜିଲ୍ଲା ଅଧିକାରୀମାନଙ୍କୁ ନିଜ ସରକାରୀ ଏକ୍ସ ହ୍ୟାଣ୍ଡଲରେ ସୂଚନା ଦେବା ସହିତ ଏଥିପାଇଁ ଆନୁଷଙ୍ଗିକ ପ୍ରସ୍ତୁତି କରିବାକୁ କହିଥିଲେ। ତେବେ ଏହି ବିଷୟ ସାମ୍ନାକୁ ଆସିବା ପରେ ଲୋକସଭା ନିର୍ବାଚନ ତାରିଖକୁ ନେଇ ବିଭିନ୍ନ ମହଲରେ ଆଲୋଚନା ଚାଲିଛି।

# ମରାମତି ସମୟରେ ଚାପିଦେଲା ଟ୍ରେନ୍ ୩ କର୍ମଚାରୀ ମୃତ

**ମୁମ୍ବାଇ, ୨୩।୧ (ଏଜେନ୍ସି):** ମହାରାଷ୍ଟ୍ରର ଭସାଇ ରେଳ ଷ୍ଟେସନ ନିକଟରେ ସୋମବାର ରାତି ୮ଟା ୫୫ରେ ବଡ଼ ଦୁର୍ଘଟଣା ଘଟିଛି। ମରାମତି ସମୟରେ ଟ୍ରେନ୍ ଚାପିଦେବାରୁ ପଶ୍ଚିମ ରେଳବାଇର ୩ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ରେଳବାଇ ପକ୍ଷରୁ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ସୂଚନା ଅନୁଯାୟୀ ରାତିରେ ଭସାଇ ରୋଡ ଏବଂ ନଇଗାଁଓ ମଧ୍ୟରେ ଥିବା 'ସ୍ଲୋ ଲାଇନ'ରେ ସିଗ୍‌ନାଲରେ ତ୍ରୁଟି ଅଭିଯୋଗ ଆସିଥିଲା। ଏହା ପରେ ଚିଫ୍ ସିଗ୍‌ନାଲିଂ ଇନ୍ସପେକ୍ଟର (ଭାୟଣ୍ଡର) ବାସୁ ମିତ୍ରା, ଇଲେକ୍ଟ୍ରିକାଲ ସିଗ୍‌ନାଲିଂ ମେଣ୍ଟେନର (ଭସାଇ ରୋଡ) ସୋମନାଥ ଉତ୍ତମ ଲାମ୍ବୁଟ୍ରେ ଏବଂ ସହାୟକ ସଚିନ ୱାଙ୍ଖଡେ ରାତିରେ ଏହାର ମରାମତି କରିବାକୁ ଯାଇଥିଲେ। ମରାମତି କରୁଥିବା ସମୟରେ 'ସୁବୁରବନ ଲୋକାଲ ଟ୍ରେନ' ସମସ୍ତଙ୍କୁ ଚାପି ଦେଇ ପଳାଇ ଥିଲା।

# ଅସମ୍ମାନ ସତ୍ତ୍ୱେ 'ଇଣ୍ଡିଆ' ବୈଠକକୁ ଯାଇଥିଲି: ମମତା

- ଏଜେଣ୍ଡାରେ ବାମଦଳର ନିୟନ୍ତ୍ରଣକୁ ସ୍ୱୀକାର କରାଯିବନି
- ୩୦୦ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁ କଂଗ୍ରେସ
- ଜିଦ୍ ଛାଡ଼ି ଲଢ଼ିଲେ ଟିଏମ୍‌ସି ସମର୍ଥନ କରିବ
- କିଛି ଦଳ କାହା କଥା ଶୁଣିବାକୁ ଚାହୁଁନାହାନ୍ତି
- ଆସନ ବଣ୍ଟନରେ ବିଳମ୍ବ ପାଇଁ କଂଗ୍ରେସ ଦାୟୀ
- ବିଜେପି ସମର୍ଥକଙ୍କୁ କାଫିର କହିଲେ ଦିଦି



**କୋଲକାତା, ୨୩।୧ (ଏଜେନ୍ସି)**

ଦୀର୍ଘ ବର୍ଷ ପର୍ଯ୍ୟନ୍ତ ବାମଦଳଙ୍କ ସହ ସଂଘର୍ଷ କରିଛି। ଅସମ୍ମାନ ଏବଂ ଅପମାନ ସତ୍ତ୍ୱେ 'ଇଣ୍ଡିଆ' ମେଣ୍ଟର ବୈଠକରେ ସାମିଲ ହୋଇଛି। ମାତ୍ର ଏହି ଦଳଗୁଡ଼ିକ ମେଣ୍ଟର ଏଜେଣ୍ଡାଙ୍କୁ ନିୟନ୍ତ୍ରଣ କରିବାକୁ ଚାହୁଁଛନ୍ତି। ଏହାକୁ କଦାପି ବରଦାସ୍ତ କରାଯିବ ନାହିଁ। ଏପରି ଲୋକଙ୍କ ସହ ସହମତି ହୋଇପାରିବି ନାହିଁ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି। ଲୋକସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଏ ପର୍ଯ୍ୟନ୍ତ ବିରୋଧୀଙ୍କ ମଧ୍ୟରେ ଆସନ ବୁଝାମଣା ହୋଇପାରି ନାହିଁ। କିଏ କେଉଁ ଆସନରେ ଲଢ଼ିବ ତାହାକୁ ନେଇ ଟଣାଓଟରା ଜାରି ରହିଛି। ଏପରି ସମୟରେ ଦିଦି ଏପରି ମନ୍ତବ୍ୟ ଦେଇ ବିରୋଧୀଙ୍କ ଗଣିତକୁ ଅଧିକ ଜଟିଳ କରିଦେଇଛନ୍ତି। ସୋମବାର କୋଲକାତାରେ ଆୟୋଜିତ ସର୍ବଧର୍ମ ସଦ୍ଭାବ ରାଲିକୁ ସମ୍ବୋଧନ କରି ମମତା କହିଥିଲେ ଯେ କଂଗ୍ରେସ କିଛି ସ୍ୱତନ୍ତ୍ର ଅଞ୍ଚଳକୁ ଆଞ୍ଚଳିକ ଦଳମାନଙ୍କ ପାଇଁ ଛାଡ଼ିଦେବା ଉଚିତ। ଏହି ଦଳ ଚାହିଁଲେ ୩୦୦ ଆସନରେ ଲୋକସଭା ନିର୍ବାଚନ ଲଢ଼ିପାରିବ। କଂଗ୍ରେସ ନିଜ ଜିଦ ଛାଡ଼ିଲେ ଟିଏମ୍‌ସି ସହଯୋଗ କରିବ। କଂଗ୍ରେସ ଲଢୁଥିବା ଆସନରେ ଦଳ ପ୍ରତିଦ୍ୱନ୍ଦ୍ୱିତା କରିବ ନାହିଁ। କିନ୍ତୁ କଂଗ୍ରେସ ନିଜ ଜିଦ୍‌ରେ ଅଟଳ ରହିଛି। ବିଜେପିକୁ ମୁକାବିଲା କରିବାର ସାମର୍ଥ୍ୟ ଏବଂ ଲୋକପ୍ରିୟତା ଟିଏମ୍‌ସି ପାଖରେ ରହିଛି। ମମତା ନାମ ନ ନେଇ କଂଗ୍ରେସକୁ ନିଶାଣ କରିଛନ୍ତି। ଏହି ଦଳ ଆସନ ବୁଝାମଣାକୁ ନେଇ କାହା କଥା ଶୁଣିବାକୁ ଚାହୁଁନାହିଁ ବୋଲି କହିଛନ୍ତି। ଯଦି କଂଗ୍ରେସ ବିଜେପି ସହ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁନାହିଁ ତେବେ ସେହି ଆସନକୁ ଟିଏମ୍‌ସିକୁ ଦେଇ ଦେଉ। କେବଳ କଂଗ୍ରେସ ପାଇଁ ଆସନ ବୁଝାମଣାରେ ବିଳମ୍ବ ହେଉଛି।

ଆସାମ ମନ୍ଦିରରେ ରାହୁଲ ଗାନ୍ଧୀଙ୍କୁ ପ୍ରବେଶ ଅନୁମତି ନ ଦେବା ଉପରେ ମଧ୍ୟ ଦିଦି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି ଯେ କେବଳ ମନ୍ଦିର ଯିବା ପର୍ଯ୍ୟାପ୍ତ ନୁହେଁ। ବିଜେପିକୁ ସିଧା ଟକ୍କର ଦେବା ପାଇଁ କେତେ ଜଣ ଲୋକ ଅଛନ୍ତି। ଗୋଟିଏ ମନ୍ଦିରକୁ ଯିବା କାଫି ନୁହେଁ। ପ୍ରଥମ ନେତା ଭାବେ ଦିଦି ମନ୍ଦିର, ଚର୍ଚ୍ଚ, ଗୁରୁଦ୍ୱାର ଏବଂ ମସ୍‌ଜିଦ ଯାଇଥିବା କହିଛନ୍ତି। ବାବ୍ରୀ ମସ୍‌ଜିଦ ଧ୍ୱଂସ କରିବା ସମୟରେ ହୋଇଥିବା ହିଂସକୁ ବିରୋଧ କରି ସେ ସଡ଼କକୁ ଓହ୍ଲାଇ ଥିଲେ ବୋଲି ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ରାଜ୍ୟରେ କଂଗ୍ରେସ ୨ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁ ବୋଲି ଦିଦି ଚାହୁଁଛନ୍ତି। ମାତ୍ର କଂଗ୍ରେସ ଅଧିକ ଆସନ ମାଗୁଛି। କଂଗ୍ରେସ ଦଳ ଟିଏମ୍‌ସିକୁ ଭିକ୍ଷା ମାଗିବ ନାହିଁ ବୋଲି ଦଳୀୟ ସାଂସଦ ଅଧିର ରଞ୍ଜନ ଚୌଧୁରୀ କହିଛନ୍ତି। ଅନ୍ୟପକ୍ଷରେ ସଦ୍ଭାବନା ରାଲିରେ ମମତା ଦେଇଥିବା ଏକ ମନ୍ତବ୍ୟକୁ ନେଇ ବିବାଦ ସୃଷ୍ଟି ହୋଇଛି। ସେ ନିଜ ସମ୍ବୋଧନରେ ଆଲ୍ଲାଙ୍କ ଶପଥ ନେଇ ବିଜେପି ସମର୍ଥକଙ୍କୁ କେବେ କ୍ଷମା କରିବେ ନାହିଁ ବୋଲି କହିଛନ୍ତି। ସେ ବିଜେପି ସମର୍ଥକଙ୍କୁ କାଫିର ମଧ୍ୟ କହିଛନ୍ତି। ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ଏହି ଅଭିଯୋଗ କରିଛନ୍ତି। ସେ ମମତାଙ୍କ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରିଛନ୍ତି।

DADLS-88



ଓଡ଼ିଶା ସରକାର

## ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ

ତା.୨୪.୦୧.୨୦୨୪

ସକାଳ ୮ ଘଟିକା ସମୟରେ ମ୍ୟୁଜିୟମ୍ ଛକ, ଭୁବନେଶ୍ୱରସ୍ଥିତ ମହାନ ବିପ୍ଳବୀ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି – ଡ. ଲେନିନ୍ ମହାନ୍ତି, ଅଧ୍ୟକ୍ଷ
ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ବିକାଶ ନିଗମ
ସମ୍ମାନନୀୟ ଅତିଥି – କସ୍ତୁରୀ ମହାପାତ୍ର, ସମ୍ପାଦିକା,
ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ
– ଡ.ଦିଲ୍ଲୀପ ଶ୍ରୀଚନ୍ଦନ, ବିଶିଷ୍ଟ ସାହିତ୍ୟିକ ଏବଂ ସଂସ୍କୃତି ଗବେଷକ
ମୁଖ୍ୟବକ୍ତା – ପ୍ରଫେସର ନିହାର ରଞ୍ଜନ ପଟ୍ଟନାୟକ,
ବିଶିଷ୍ଟ ଐତିହାସିକ ତଥା ଶିକ୍ଷାବିତ୍

ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0280/2324

ଯେଉଁଠି ସ୍ୱଚ୍ଛତାର ଅଭାବ ଥାଏ, ସେଠାରେ ଅବିଶ୍ୱାସ ଓ ଅସୁରକ୍ଷିତ ଭାବନା ସୃଷ୍ଟି ହୁଏ।
-ଦଲାଇଲାମା



ସକାଳ
THE SAKALA

# 'ଇଭି' ଉଦ୍ୟୋଗକୁ ସ୍ୱତନ୍ତ୍ର ପ୍ରୋତ୍ସାହନ

ଭାରତର ଅର୍ଥନୀତିକୁ ଅଙ୍ଗାରମୁକ୍ତ କରି ବିଶ୍ୱର ଏକ ପ୍ରମୁଖ ଅର୍ଥନୀତିରେ ପରିଣତ କରିବାରେ ବୈଦ୍ୟୁତିକ ଯାନ (ଇଭି)ର ଗୁରୁତ୍ୱ ଅତି ଅଧିକ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ପ୍ରଧାନମନ୍ତ୍ରୀ ଯେଉଁ ଉଚ୍ଚାଭିଳାଷୀ ଲକ୍ଷ୍ୟ ରଖିଛନ୍ତି, ସେଥିରେ ଉର୍ଜା ପରିବର୍ତ୍ତନର ଭୂମିକା ସର୍ବାଗ୍ରେ ରହିବ। ଏହି କାର୍ଯ୍ୟରେ ସମଗ୍ର ପରିବହନ ବ୍ୟବସ୍ଥାରୁ ପାରମ୍ପରିକ ଇନ୍ଧନଚାଳିତ ଯାନ ହଟାଇ ବିଦ୍ୟୁତ୍‌ଚାଳିତ ବାହନର ଚଳାଚଳ ବୃଦ୍ଧି କରିବାକୁ ହେବ। ଏ କାମ ତ ଆପଣାଛାଏଁ ହେବ ନାହିଁ; ଏଥିପାଇଁ ଉପଯୁକ୍ତ ସୁଚିନ୍ତିତ ନୀତି ପ୍ରଣୟନ ଓ ତାହାର କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏ କ୍ଷେତ୍ରରେ ସରକାର ଯେଉଁସବୁ କାର୍ଯ୍ୟ କରୁଛନ୍ତି, ତାହା ନିଶ୍ଚିତ ଉତ୍ସାହପ୍ରଦ। 'ଇଭିତନ୍ତ୍ର'କୁ ସମର୍ଥ କରିବାକୁ ଉପଯୁକ୍ତ ଟିକସ ଢାଞ୍ଚା, ଉତ୍ପାଦନଭିତ୍ତିକ ପ୍ରୋତ୍ସାହନ ଓ ଚାର୍ଜିଂ ପଏଣ୍ଟ ସ୍ଥାପନ ଭଳି ମୌଳିକ ଭିତ୍ତିଭୂମି ସୃଷ୍ଟି କରିବାକୁ ପଡ଼ିବ। ସର୍ବୋପରି ଇଭି ଉତ୍ପାଦନକୁ ସବୁମତେ ପ୍ରୋତ୍ସାହନ ଦେବାକୁ ହେବ।

ଆମ ଦେଶର ଗମନାଗମନ ବ୍ୟବସ୍ଥାଠାରୁ ମାଲ୍ ପରିବହନ ବ୍ୟବସ୍ଥାରେ ଅଧିକ ଜୈବିକ ଇନ୍ଧନ ବ୍ୟବହାର ହୋଇଥାଏ। ଏହି ପେଟ୍ରୋଲିୟମ ଇନ୍ଧନ ଅଧିକ ପରିବେଶ ପ୍ରଦୂଷଣକାରୀ ଏବଂ ଭାରତ ମଧ୍ୟ ଏଥିରେ ଆତ୍ମନିର୍ଭର ହୋଇ ନଥିବାରୁ ବିଦେଶରୁ ପ୍ରଚୁର ପରିମାଣରେ ତୈଳ ଆମଦାନି କରେ। ଏଥିପାଇଁ ଆମ ବୈଦେଶିକ ବିନିମୟ ମୁଦ୍ରାର ଏକ ବଡ଼ଭାଗ ଖର୍ଚ୍ଚ ହୋଇଥାଏ, ଯାହା ଅନ୍ୟାନ୍ୟ ବିକାଶମୂଳକ ଓ ଉତ୍ପାଦନଭିତ୍ତିକ କାର୍ଯ୍ୟରେ ଖର୍ଚ୍ଚ ହୋଇପାରନ୍ତା। ତେବେ ସେ ଯାହା ହେଉ ଭାରତ ଏବେ ଉର୍ଜା ପରିବର୍ତ୍ତନ ଉପରେ ଅଗ୍ରାଧିକାର ଦେଇ ଅଣପାରମ୍ପରିକ ବା ବିକଳ୍ପ ଇନ୍ଧନ ଅଧିକରୁ ଅଧିକ ଉତ୍ପାଦନ କରିବାରେ ଲାଗିଛି। ଏଥିରେ ସୌର, ପବନ, ଜଳ, ବାୟୋଗ୍ୟାସ୍ ହାଇଡ୍ରୋଜେନ୍ ଅଗ୍ରାଧିକାର ପାଇଛି। ଅକ୍ଷୟଶକ୍ତି ବିକାଶ କ୍ଷେତ୍ରରେ ସରକାର ଶତପ୍ରତିଶତ ବୈଦେଶିକ ପ୍ରତ୍ୟକ୍ଷ ପୁଞ୍ଜିନିବେଶକୁ ଅନୁମୋଦନ କରିଛନ୍ତି। ଏଥିସହିତ ଦେଶରେ ବିଦ୍ୟୁତ୍ ଚାଳିତ ଯାନର ଉତ୍ପାଦନ ଓ ବ୍ୟବହାର ବୃଦ୍ଧି ପାଇଁ ଗୁରୁତ୍ୱ ଦିଆଯାଉଛି। ଏକ ସର୍ବେକ୍ଷଣ ଅନୁସାରେ ୨୦୩୦ ସୁଦ୍ଧା ଭାରତରେ ବାର୍ଷିକ ବିଦ୍ୟୁତ୍ ଯାନ ବିକ୍ରି ସଂଖ୍ୟା ଏକ କୋଟିକୁ ଛୁଇଁବ।

ଏହା ଏକ ଅବାସ୍ତବ ଆକଳନ ନୁହେଁ। ଏହାର କାରଣ ହେଲା ଦେଶର ଦ୍ରୁତ ଅଭିବୃଦ୍ଧିଶୀଳ ବୈଦ୍ୟୁତିକ ଯାନ(ଇଭି) ବଜାର ପ୍ରତି ବିଶ୍ୱର ପ୍ରମୁଖ ନିବେଶକ ଓ ନିର୍ମାତା ଅଧିକ ଆକୃଷ୍ଟ ହେଉଛନ୍ତି। ୨୦୨୨-୨୩ ଅର୍ଥନୈତିକ ସର୍ଭେ ରିପୋର୍ଟର ତଥ୍ୟ ଅନୁସାରେ ୨୦୩୦ ବେଳକୁ ଭାରତରେ ବାର୍ଷିକ ୧ କୋଟି ବିଦ୍ୟୁତ୍ ଚାଳିତ ଯାନ ବିକ୍ରି ହେବ। ସେଥିପାଇଁ ସ୍ୱାଭାବିକ ଭାବେ ସମ୍ପୃକ୍ତ ଯାନର ଉତ୍ପାଦନ ବଢ଼ିବ। ଏହି ସର୍ବେକ୍ଷଣର ତଥ୍ୟ ଅନୁସାରେ ଏ କ୍ଷେତ୍ରରେ ୫ କୋଟିରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଯେଉଁ କ୍ଷେତ୍ରର ଅଭିବୃଦ୍ଧି ହାର ଭଲ, ସେ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସେତେ ଅଧିକ। ତେବେ ଇଭି କ୍ଷେତ୍ରର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ନୀତି କେବଳ ଯଥେଷ୍ଟ ନୁହେଁ। ଏଥିରେ ପ୍ରାଦେଶିକ ସହଯୋଗ ଅଧିକ ରହିବା ଆବଶ୍ୟକ। ରାଜ୍ୟମାନେ ଏ କ୍ଷେତ୍ରରେ ପ୍ରଗତିଶୀଳ ଆଭିମୁଖ୍ୟ ପ୍ରଦର୍ଶନ ନ କଲେ ଦେଶର ଲକ୍ଷ୍ୟ ପୂରଣ ହୋଇପାରିବ ନାହିଁ।

ଓଡ଼ିଶା ସରକାର କଟକ ସନ୍ନିକଟ ନରାଜ ଓ ପାରାଦୀପରେ ଇଭି ପ୍ରକଳ୍ପ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଏହାକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହା ନିଶ୍ଚିତ ଭାବେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଏହି ବୈଦ୍ୟୁତିକ ଯାନ ଓ ଇଭି ଉପକରଣ ନିର୍ମାଣ କରିବ ଏବଂ ଏଥିପାଇଁ ୧୧ ହଜାର ଲୋକ ପ୍ରତ୍ୟକ୍ଷ ନିଯୁକ୍ତି ପାଇବେ। ନିଯୁକ୍ତିଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଏହି ପ୍ରକଳ୍ପ ସଫଳ ହେଲେ ଏହା ରାଜ୍ୟର ଇଭି ଇକୋସିଷ୍ଟମ୍‌କୁ ତ୍ୱରାନ୍ୱିତ କରିବ। ଏଥିପାଇଁ ସଜ୍ଜନ ଜିନ୍ଦଲ ଶିଳ୍ପଗୋଷ୍ଠୀକୁ ସରକାର ନରାଜରେ ୧୧୦୦ ଏକର ଜମି ରିହାତି ମୂଲ୍ୟରେ ଶିଳ୍ପ ପାଇଁ ଯୋଗାଇ ଦେବେ। ଏହାଛଡ଼ା କମ୍ପାନୀକୁ ୧୦ କ୍ୟୁସେକ୍ ଲିଟର ପାଣି ଓ ୨୨୦ କେଭି ବିଜୁଳି ସରକାର ଯୋଗାଇବେ। ଏହାବ୍ୟତୀତ ସମ୍ପୃକ୍ତ କମ୍ପାନୀର ଇଭି ପ୍ରକଳ୍ପ ୫୦ ଶତାଂଶ ପୁଞ୍ଜି ରିହାତି ପାଇବ। ରାଜ୍ୟ ସରକାର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ପ୍ରକଳ୍ପ ପାଇଁ ୩୦ ଶତାଂଶ ରିହାତି ଦେଉଥିବା ବେଳେ ଇଭି ପ୍ରକଳ୍ପ ପାଇଁ ଅଧିକ ୨୦ ଶତାଂଶ ରିହାତି ପ୍ରଦାନ କରିବେ। ଏହା ନରାଜରେ ଜିନ୍ଦଲ ଶିଳ୍ପ ଗୋଷ୍ଠୀର ଦ୍ୱିତୀୟ ଇଭି ପ୍ଲାଣ୍ଟ ହେବାକୁ ଯାଉଛି। ନରାଜରେ ବିଦ୍ୟୁତଚାଳିତ ଯାନ ଓ ବ୍ୟାଟେରୀ ମୁଖ୍ୟତଃ ନିର୍ମିତ ହେବ। ଏହି ପ୍ରକଳ୍ପରେ ମୋଟ୍ ୨୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସେହିଭଳି ପାରାଦୀପରେ ଏହି କମ୍ପାନୀ ଇଭି ଯନ୍ତ୍ରାଂଶ ଉତ୍ପାଦନ କାରଖାନା ପ୍ରତିଷ୍ଠା କରିବ ଏବଂ ସେଥିରେ ୧୫ ହଜାର କୋଟି ଟଙ୍କା ବ୍ୟୟ କରିବ।

ପାରମ୍ପରିକ ଶିଳ୍ପର ଚାହିଦା କମିଛି। ଏବେ ନୂଆ ଓ ଉଦୟମୁଖୀ କ୍ଷେତ୍ରର ଶିଳ୍ପର ଗୁରୁତ୍ୱ ବଢ଼ିଛି। ଏଭଳି ଶିଳ୍ପକୁ ଆକର୍ଷିତ କରିବାକୁ ସରକାର ପ୍ରୋତ୍ସାହନ ଦେବା ନିଶ୍ଚୟ ସ୍ୱାଗତଯୋଗ୍ୟ। ଯୋଜନା ଓ ପ୍ରସ୍ତାବନା ଉତ୍ତମ। ତେବେ ଏହାର ବାସ୍ତବାୟନ ଉପରେ ସବୁ କିଛି ନିର୍ଭର କରେ। ସବୁଠାରୁ ବଡ଼ କଥା ହେଲା ଆମ ଦେଶରେ ବୈଦ୍ୟୁତିକ ଯାନ ଚାଲିବା ପାଇଁ ଅତ୍ୟାବଶ୍ୟକ ଭିତ୍ତିଭୂମି ଚାର୍ଜିଂ ଷ୍ଟେସନ୍ ସଂଖ୍ୟା ବହୁତ କମ୍। ବୈଦ୍ୟୁତିକ ଯାନ ପ୍ରତି ଆମ ଦେଶରେ ସରକାରୀ ପ୍ରୋତ୍ସାହନ ସହିତ ଚାହିଦା ବଢୁଥିଲେ ହେଁ ଏ ପର୍ଯ୍ୟନ୍ତ ଚାହିଦା ଅନୁଯାୟୀ ପର୍ଯ୍ୟାପ୍ତ ଚାର୍ଜିଂ ଷ୍ଟେସନ୍ ବା ଭିତ୍ତିଭୂମି ନିର୍ମାଣ କରାଯାଇପାରିନାହିଁ। ଆମେରିକାରେ ପ୍ରତି ୧୯ଟି ଗାଡ଼ି ପାଇଁ ଗୋଟିଏ ଚାର୍ଜିଂ ଷ୍ଟେସନ୍ ଥିବା ବେଳେ ଚୀନ୍ ଓ ନେଦରଲ୍ୟାଣ୍ଡରେ ଛଅଟି ଗାଡ଼ି ପିଛା ଗୋଟିଏ ଚାର୍ଜିଂ ଷ୍ଟେସନ୍ ରହିଛି। ଭାରତରେ ଏହି ସଂଖ୍ୟା ୧୩୫। ତେଣୁ ଚାର୍ଜିଂ ଷ୍ଟେସନ୍ ସଂଖ୍ୟା ବୃଦ୍ଧି ପାଇଁ ଉଭୟ ସରକାରୀ ଓ ଘରୋଇ ସଂସ୍ଥାମାନେ ମିଳିତ ପ୍ରୟାସ କରିବା ଆବଶ୍ୟକ।

# ଓଡ଼ିଶାରେ ମହିଳା ସ୍ୱାଧୀନତା ସଂଗ୍ରାମୀ ଓ ମହାତ୍ମା ଗାନ୍ଧୀ



ଡ. ବାସନ୍ତୀ ମହାନ୍ତି
ଭୁବନେଶ୍ୱର, ମୋ: ୯୪୩୭୦୩୩୦୭୪

ମହାତ୍ମା ଗାନ୍ଧୀ ୧୯୨୧ ମସିହା ମାର୍ଚ୍ଚ ୨୩ରୁ ୨୯ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଗସ୍ତରେ ଆସଥିବା ବେଳେ କାଠଯୋଡ଼ିର ବାଲୁକା ଶଯ୍ୟାରେ ଯେଉଁ ବିରାଟ ସାଧାରଣ ସଭାରେ ଭାଷଣ ଦେଇଥିଲେ ସେଥିରେ ପ୍ରାୟ ହଜାର ହଜାର ଲୋକ ଏକତ୍ରିତ ହୋଇଥିଲେ। ମହାତ୍ମା ଗାନ୍ଧୀଙ୍କ ସହ କସ୍ତୁରବା ମଧ୍ୟ ମଞ୍ଚ ଉପରେ ବସିଥିଲେ। କିନ୍ତୁ ଶ୍ରୋତାମାନଙ୍କ ମଧ୍ୟରେ ମହିଳା ନଥିଲେ। ହାତଗଣତି ଯେଉଁ କେତେଜଣ ମହିଳା ଥିଲେ ସେମାନେ ବାଉଁଶ ତାଟି ଆଢୁଆଳରେ ଥାଇ ମହାତ୍ମା ଗାନ୍ଧୀଙ୍କୁ ଶୁଣିଥିଲେ। ମହାତ୍ମା ଗାନ୍ଧୀଙ୍କୁ ଏହା ଖୁବ୍ କଷ୍ଟ ଦେଇଥିଲା। ଏହି ସଭା ପରେ ବିନୋଦ ବିହାରୀରେ କେବଳ ମହିଳାମାନଙ୍କ ପାଇଁ ସେ ଆଉ ଗୋଟିଏ ସଭାର ଆୟୋଜନ କରିଥିଲେ। ଏଥିରେ ୪୦ ଜଣ ମହିଳା ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଥିଲେ ଫକିର ମୋହନ ସେନାପତିଙ୍କ ଝିଅ ସରୋଜିନୀ ଚୌଧୁରୀ, ମୋହିନୀ ମୋହନ ସେନାପତିଙ୍କ ପତ୍ନୀ ହିରଣ୍ମୟୀ ଦେବୀ, ମା' ରମାଦେବୀ, ସରଳା ଦେବୀ, ହୈମବତୀ ଦେବୀ ପ୍ରମୁଖ। ଏହି ସଭାରେ ମହାତ୍ମା ଗାନ୍ଧୀ ପ୍ରଥମେ ପରଦା ପ୍ରଥା ବିରୁଦ୍ଧରେ ବିଷୋଦ୍‌ଗାର କରି ନାରୀମାନଙ୍କର ଶକ୍ତି, ସାମର୍ଥ୍ୟ, ସାମାଜିକ ଦାୟିତ୍ୱ ଓ ଦେଶମାତୃକା ପାଇଁ କର୍ତ୍ତବ୍ୟ ସମ୍ପର୍କରେ ମହିଳାମାନଙ୍କୁ ସଚେତନ କରାଇଥିଲେ। ଯେପର୍ଯ୍ୟନ୍ତ ନାରୀ ଏରୁଣ୍ଡି ଡେଇଁ ବାହାରକୁ ଆସି ଜାତୀୟ କର୍ତ୍ତବ୍ୟରେ ଭାଗ ନେଇ ନାହିଁ, ସେ ପର୍ଯ୍ୟନ୍ତ ଦେଶ ସ୍ୱାଧୀନ ହେବା ସେମିତି ଦିବା ସ୍ୱପ୍ନରେ ରହିଯିବ ବୋଲି ସେ କହିଥିଲେ। ମହାତ୍ମା ଗାନ୍ଧୀଙ୍କର ଏହି ଉଦ୍‌ବୋଧନ ଓଡ଼ିଶାରେ ନାରୀ ଜାଗରଣ ପାଇଁ ବୀଜମନ୍ତ୍ର ସଦୃଶ ହୋଇଥିଲା। ଏହାଛଡ଼ା ମହାତ୍ମା ଗାନ୍ଧୀଙ୍କ ସହ କସ୍ତୁରବା ମଞ୍ଚ ଉପରେ ବସିବା ଓଡ଼ିଶାର ମହିଳାମାନଙ୍କୁ ଆହୁରି ଉତ୍ସାହିତ କରିଥିଲା। ଜାତୀୟ କର୍ତ୍ତବ୍ୟ କରିବା ନିମନ୍ତେ ସେମାନେ ଆଗୁସାର ହୋଇଥିଲେ। ଏହାପରଠାରୁ ଓଡ଼ିଶାରେ ନାରୀମାନେ ଆଉ ପଛକୁ ଫେରି ନାହାନ୍ତି। ବନାଗ୍ନି ପରି ଏହି ବାର୍ତ୍ତା ପୁରପଲ୍ଲୀ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା। ୧୯୨୬ ମସିହାରେ ଗୟାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ଓଡ଼ିଶାର ମହିଳାମାନେ ଯୋଗଦେଲେ।

ତତ୍‌କାଳୀନ ଓଡ଼ିଶାରେ ନାରୀମାନଙ୍କର ସାମାଜିକ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ଥିଲା। ମା' ରମାଦେବୀ, ସରଳାଦେବୀ, ମାଳତୀ ଚୌଧୁରୀ ପ୍ରମୁଖ ମହିଳାମାନେ ଏହି ଦୁଃସ୍ଥିତିର ସଦୁପଯୋଗ କଲେ। ଓଡ଼ିଶାରେ ବାଲ୍ୟ ବିବାହ ପ୍ରଥା, ମହିଳାମାନଙ୍କର ଦୁର୍ଭାଗ୍ୟର ମୁଖ୍ୟ କାରଣ ଥିଲା। ଛ' ସାତ ବର୍ଷର ଶିଶୁ କନ୍ୟାକୁ ବିବାହ କରିଦିଆଯାଉଥିଲା। ବୟଃପ୍ରାପ୍ତ ହେବାବେଳକୁ ଅଧିକାଂଶ କନ୍ୟା ବିଧବା ହୋଇଯାଉଥିଲେ। ହଇଜା, ବସନ୍ତ ପରି ମହାମାରୀ ପ୍ରକୋପର କୌଣସି ନିଦାନ ନଥିଲା। ତେଣୁ ଅକାଳ ମୃତ୍ୟୁ ସେ ସମୟରେ ସ୍ୱାଭାବିକ ଥିଲା ଓ ବାଲ୍ୟ ବିଧବାଙ୍କ ନିପୀଡ଼ନ ମଧ୍ୟ ବହୁମାତ୍ରାରେ ଥିଲା। ଏହି ନିରାଶ୍ରୟାମାନଙ୍କୁ ଥଇଥାନ କରିବାର ଏକ ବଡ଼ ମାଧ୍ୟମ ଥିଲା ସ୍ୱାଧୀନତା ସଂଗ୍ରାମର ପଟ୍ଟଭୂମି। ଏହି ବାଲ୍ୟ ବିଧବାମାନଙ୍କ ପାଇଁ ସୁନାମଣି ଦେବୀ, ଅନ୍ନପୂର୍ଣ୍ଣା ଦେବୀ ପ୍ରଭୃତିଙ୍କ ପ୍ରଚେଷ୍ଟାରେ ୧୯୨୬ ମସିହାରେ ପୁରୀଠାରେ ପ୍ରତିଷ୍ଠିତ ହୋଇଥିଲା ଏକ ଥଇଥାନ କେନ୍ଦ୍ର 'ବିଧବା ଆଶ୍ରମ'। ତା'ର ଦୁଇବର୍ଷ ପରେ ଜାହ୍ନବୀ ଦେବୀ ଓ କୁନ୍ତଳା କୁମାରୀଙ୍କ ପ୍ରଚେଷ୍ଟାରେ ବାଲେଶ୍ୱରରେ ନାରୀସୁରକ୍ଷା ସମିତି ସ୍ଥାପନ ହେଲା। ଚାରିଆଡ଼ୁ ଉଦ୍ଧାର ହୋଇ ଆସିଥିବା ଅସହାୟ ନିରାଶ୍ରୟା ମହିଳାମାନେ ସ୍ୱାଧୀନତା ସଂଗ୍ରାମରେ ବୀରାଙ୍ଗନାର ଭୂମିକା ନିର୍ବାହ କରିଥିଲେ। ସ୍ୱାଧୀନତା ସଂଗ୍ରାମର ପ୍ରାଥମିକ ପର୍ଯ୍ୟାୟରେ ଦୁଇପ୍ରକାର ମହିଳାଙ୍କ ଥିଲା ଯୋଗଦାନ। ସରଳାଦେବୀ, ରମାଦେବୀ, ସରୋଜିନୀ ଚୌଧୁରୀ, କୁଜଙ୍ଗ ରାଣୀ ଭାବ ଦେବୀ, ହିରଣ୍ମୟୀ ଦେବୀଙ୍କ ପରି ଉଚ୍ଚଶିକ୍ଷିତା, ଆଭିଜାତ୍ୟ ଘରର ଝିଅ ବୋହୂ। ଯେଉଁମାନେ ପିତା, ଭ୍ରାତା, ପିତୃବ୍ୟ କିମ୍ବା ମାତୁଳମାନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ଆସିଥିଲେ। ଅନ୍ୟମାନେ ହେଲେ ଏପରି ଅସହାୟା, ନିରାଶ୍ରୟା ମହିଳା, ଯେଉଁମାନଙ୍କୁ ଏହି ଆଭିଜାତ୍ୟ ସମ୍ପନ୍ନ ମହିଳାମାନେ ଉଦ୍ଧାର କରି ଆଣିଥିଲେ। ସେମାନେ ମଧ୍ୟ ପ୍ରଥମରୁ ଅନେକ ପ୍ରତିବନ୍ଧକର ଶିକାର ହୋଇଥିଲେ। କେହି ପରିବାରରୁ ଓ ଆଉ କେହି ଗାଁ ଲୋକଙ୍କ ପାଖରୁ।

ସେତେବେଳେ ମହିଳାମାନଙ୍କୁ ଖୋଜି ଲୋଡ଼ି ଘର କୋଣରୁ ବାହାର କରି ଆଣି ରାଜରାସ୍ତାରେ ସଂଗ୍ରାମୀ ଭାବେ ଠିଆ କରାଇବା ବହୁତ ବଡ଼ ଦୁଃସାହିକ ପଦକ୍ଷେପ ଥିଲା। ମା' ରମାଦେବୀ, ସରଳା ଦେବୀ, ମାଳତୀ ଚୌଧୁରୀ ପ୍ରଭୃତିଙ୍କୁ ଏଥିପାଇଁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା। ଶେଷରେ ଏପରି ପରିସ୍ଥିତି ହୋଇଥିଲା, ମହିଳାମାନଙ୍କୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ପାଇଁ ଉସ୍‌କାଉଥିବା ଅଭିଯୋଗରେ ଗାଁମାନଙ୍କରେ ସେମାନଙ୍କ ପ୍ରବେଶକୁ ପ୍ରତିରୋଧ କରାଯାଉଥିଲା। କିନ୍ତୁ ମା' ରମାଦେବୀଙ୍କ ପଦ୍ମତୋଳା ଯାହା କାନରେ ପଡୁଥିଲା ସେମାନେ ଥୟ ଧରି ରହିପାରୁ ନ ଥିଲେ। ରାତିର ଅନ୍ଧକାର ଭିତରେ ପରିବାରଠାରୁ ଲୁଚି ଛପି ଆଶ୍ରମକୁ ଆସିଯାଉଥିଲେ। ଗହଣା ଗାଣ୍ଠି ସ୍ୱରାଜ ପାଣ୍ଠିକୁ ଦେଇ ଦେଉଥିଲେ।

ସ୍ୱାଧୀନତା ସଂଗ୍ରାମକୁ ମହାତ୍ମା ଗାନ୍ଧୀ ଦୁଇଭାଗରେ ବିଭକ୍ତ କରିଥିଲେ। ପ୍ରଥମଟି ହେଲା ଇଂରେଜମାନଙ୍କୁ ପ୍ରତ୍ୟକ୍ଷ ଆହ୍ୱାନ। ଦ୍ୱିତୀୟଟି ହେଲା ରଚନାତ୍ମକ କାର୍ଯ୍ୟ। ସ୍ୱାଧୀନତା ପ୍ରାପ୍ତି ପରେ ଆତ୍ମନିର୍ଭରଶୀଳ ହୋଇ ବଞ୍ଚିବା ପାଇଁ ନାଗରିକମାନଙ୍କୁ ଯୋଗ୍ୟ କରିବା ଥିଲା ତାଙ୍କର ଅନ୍ୟତମ ଆଭିମୁଖ୍ୟ। ସେ କହୁଥିଲେ ଗର୍ଭବତୀ ସ୍ତ୍ରୀଟିଏ ସନ୍ତାନ ସମ୍ଭବା ହେଲେ ଯେପରି ସନ୍ତାନ ଜନ୍ମ ହେଲା ପରେ ତା'ର ସୁରକ୍ଷା, ପ୍ରତିପାଳନ ପାଇଁ ଚିନ୍ତିତ ଥାଏ, ମୁଁ ସେହିପରି ସ୍ୱାଧୀନତାର ଶିଶୁ କିପରି ନିରାପଦରେ ଆତ୍ମନିର୍ଭରଶୀଳ ହେବ, ସେଥିପାଇଁ ଚିନ୍ତିତ। ଏକପକ୍ଷରେ ବାହ୍ୟ ଶତ୍ରୁଙ୍କୁ ବିଦାୟ କରିବା ପାଇଁ ସଂଗ୍ରାମ ଓ ଅନ୍ୟ ପକ୍ଷରେ ଦେଶକୁ ସାମାଜିକ, ଅର୍ଥନୈତିକ, ଆଧ୍ୟାତ୍ମିକ ଓ ନୈତିକ ବଳରେ ବଳିୟାନ କରିବାର ପ୍ରଚେଷ୍ଟା। ଦ୍ୱିତୀୟ ପ୍ରୟାସକୁ ସେ କହୁଥିଲେ ରଚନାତ୍ମକ କାର୍ଯ୍ୟ। ଆମ ସଂଗ୍ରାମୀ ମହିଳାମାନେ ଉଭୟ କ୍ଷେତ୍ରରେ ନିଷ୍ଠାର ସହ କାର୍ଯ୍ୟ କରୁଥିଲେ। ଝିଅମାନେ ବାନର ସେନାରେ ଯୋଗଦେଇ ସ୍ୱାଧୀନତା ଆନ୍ଦୋଳନ ପାଇଁ ପାଣ୍ଠି ସଂଗ୍ରହ କରୁଥିଲେ। ପୁଲିସ ଆଢୁଆଳରେ ରହିଥିବା ସଂଗ୍ରାମୀମାନଙ୍କୁ କଂଗ୍ରେସର ବାର୍ତ୍ତା ଓ ଗୋପନୀୟ ଚିଠି ପତ୍ର ଦେଉଥିଲେ। ନବକୃଷ୍ଣ ଚୌଧୁରୀଙ୍କର କନ୍ୟା ଦଶମ ଶ୍ରେଣୀରେ ପଢୁଥିବା ଉତ୍ତରାଙ୍କୁ ପୁଲିସ୍ ଏଥିପାଇଁ ଗିରଫ କରି ଅଢ଼େଇବର୍ଷ କାଳ ଜେଲ୍‌ରେ ରଖିଥିଲା। ଫଳରେ ତାଙ୍କର ଆନୁଷ୍ଠାନିକ ପାଠପଢ଼ା ସେଇଠାରେ ଇତି ହୋଇଗଲା। କିଶୋରୀ ଓ ଯୁବତୀମାନେ ପାମ୍ଫ୍ଲେଟ ବାଣ୍ଟୁଥିଲେ। ଶୋଭାଯାତ୍ରା ଓ ସଭା ସମିତିରେ ସ୍ୱେଚ୍ଛାସେବୀ ରୂପେ ଶାନ୍ତିଶୃଙ୍ଖଳା ରକ୍ଷା କରୁଥିଲେ।

୧୯୩୨ ଖ୍ରୀଷ୍ଟାବ୍ଦରେ ପୁରୀରେ ଜାତୀୟ କଂଗ୍ରେସ ଅଧିବେଶନ ଉଦ୍ଦେଶ୍ୟରେ ମହିଳା ସ୍ୱେଚ୍ଛାସେବୀ ତାଲିମ୍ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୮୮ ଜଣ ଝିଅ ଯୋଗ ଦେଇଥିଲେ। ହଜାର ହଜାର ଲୋକଙ୍କ ଆଗରେ ଏହି ଝିଅମାନେ ଲାଠି, ଖଣ୍ଡା ଓ ଛୁରୀ ଆଦି ଧରି ଗଣବ୍ୟାୟାମରେ ଯେଉଁ ପାରଦର୍ଶିତା ପ୍ରଦର୍ଶନ କରିଥିଲେ ସେଥିରେ ଦର୍ଶକମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ଏହି ଡ୍ରିଲ୍ ଝିଅମାନଙ୍କର ଆତ୍ମବିଶ୍ୱାସକୁ ଆହୁରି ଶତଗୁଣିତ କରିଦେଇଥିଲା। ସେମାନଙ୍କର ମୁଖ୍ୟ ଗୀତ ଥିଲା 'ନ ଜାଗିଲେ ଆଉ ଭାରତ ରମଣୀ, ଜାଗିବ ନାହିଁଟି ଏ ଭାରତ ପୁଣି'।

ପ୍ରଥମ କରି ୧୯୨୨ ମସିହାରେ ଗୟାରେ ଅନୁଷ୍ଠିତ ହୋଇଥିବା କଂଗ୍ରେସର ସର୍ବଭାରତୀୟ ଅଧିବେଶନରେ ରମାଦେବୀ, ସରଳା ଦେବୀ ଯୋଗ ଦେଇଥିଲେ। ଏଥିରେ ଜାତୀୟ ସଙ୍ଗୀତ ବୋଲିବାର ଅଧିକାର ପାଇଥିଲେ ସରଳା ଦେବୀ ଓ ରମାଦେବୀ। ୧୯୨୪ରେ ଡକ୍ଟର ପ୍ରଫୁଲ୍ଲ ଚନ୍ଦ୍ର ରାୟ ଓ ଗୋପବନ୍ଧୁ ଦାଶ ଦୁଇବର୍ଷ ଜେଲରେ ରହି ଫେରିବା ପରେ ଯେଉଁ ସମ୍ବର୍ଦ୍ଧନା ଦିଆଯାଇଥିଲା ସେ ସଭାରେ ତାଟି ଆଢୁଆଳରୁ ବାହାରି ପଡ଼ି ଭାଷଣ ଦେଇଥିଲେ ସରଳା ଦେବୀ। ଏହା ସେ ସମୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ତାହା ପରଠାରୁ ନାରୀମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି ହେଲା। ସେହିବର୍ଷ 'ସ୍ୱରାଜ ଆଶ୍ରମ'ରେ ମହିଳା ସମ୍ମିଳନୀ ଆହ୍ୱାନ କରି ନାରୀମାନଙ୍କୁ ସଚେତନ କରିଥିଲେ ଗୋପବନ୍ଧୁ। ଗଞ୍ଜାମରେ ମଧ୍ୟ ଏହିଭଳି ସମ୍ମିଳନୀଟି ଆହ୍ୱାନ କରି ସରଳା ଦେବୀ ମହିଳାମାନଙ୍କୁ ଦୃଢ଼ ଆତ୍ମବଳ ସମ୍ପନ୍ନ କରିପାରିଥିଲେ। କିଶୋରୀ ମଣି ଦେବୀ, ସ୍ୱର୍ଣ୍ଣଲତା ଦେବୀ, ହୈମବତୀ ଦେବୀ ଆଦି ଏହି ସମ୍ମିଳନୀର ପରିଚାଳନା କରିଥିଲେ। ବ୍ରିଟିଶ ସରକାରଙ୍କ ଲବଣ କର, ପୁରୁଷମାନଙ୍କ ଅପେକ୍ଷା ନାରୀମାନଙ୍କୁ ଅଧିକ ପ୍ରଭାବିତ କରିଥିଲା। ମହିଳାମାନଙ୍କର ରୋଷେଇ ଘରେ ସର୍ବନିମ୍ନ ଆବଶ୍ୟକତା ଲୁଣ। ତେଣୁ ଅନାୟାସରେ ଅନେକ ମହିଳାଙ୍କୁ ସମ୍ବେଦନଶୀଳ କରିପାରିଥିଲେ ରମାଦେବୀ ଓ ସରଳା ଦେବୀ। ଶ୍ରୀଜଙ୍ଗରେ ପ୍ରାୟ ଦେଢ଼ହଜାର ମହିଳା ଲବଣ ସତ୍ୟାଗ୍ରହରେ ଅଂଶଗ୍ରହଣ କରିଥିଲେ। ୭୦ ଜଣ ମହିଳା ରମାଦେବୀଙ୍କ ସହ ମିଶି ଲୁଣ ମାରିଥିଲେ। ଗଞ୍ଜାମରେ ମଧ୍ୟ ୧ହଜାର ମହିଳା ଅଂଶଗ୍ରହଣ କରିଥିଲେ ସରଳା ଦେବୀଙ୍କ ନେତୃତ୍ୱରେ।

ଲବଣ ସତ୍ୟାଗ୍ରହରେ ଶକ୍ତି ସଞ୍ଚୟ କରିଥିବା ମହିଳାମାନେ ୧୯୪୨ ମସିହା 'ଭାରତଛାଡ଼ ଆନ୍ଦୋଳନ'ରେ ସମ୍ପୂର୍ଣ୍ଣ ଶକ୍ତି ବିନିଯୋଗ କରିଦେଇଥିଲେ। ଯେଉଁମାନେ ରାଜରାସ୍ତାକୁ ଆସି ନିଶା ନିବାରଣ, ବିଦେଶୀ ବସ୍ତ୍ର ଦୋକାନ ଆଗରେ ପିକେଟିଂ କରିପାରୁନଥିଲେ, ଶୋଭାଯାତ୍ରାରେ ଭାଗନେଇ ପାରୁ ନଥିଲେ, ଗୃହ କୋଣରେ ଥାଇ ମଧ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସେବା ଯତ୍ନରେ ଲାଗୁଥିଲେ। ଅରଟରେ ସୂତା କାଟୁଥିଲେ। ରୋଷେଇ ଘରେ ଖାଦ୍ୟ ପ୍ରସ୍ତୁତ କରି ଘରଦ୍ୱାର ଛାଡ଼ି ବୁଲୁଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଖାଇବାକୁ ଦେଉଥିଲେ। ପୁଲିସ ଗୁଳିକୁ ଭ୍ରୂକ୍ଷେପ ନକରି ଆତ୍ମଗୋପନ କରିଥିବା ସଂଗ୍ରାମୀମାନଙ୍କୁ ଆଶ୍ରୟ ଦେଉଥିଲେ। ସେମାନଙ୍କ ଲୁଗାପଟା ସଫା ଆଦି କାର୍ଯ୍ୟ ମଧ୍ୟ କରୁଥିଲେ। ମହିଳାମାନେ ଦେଶମାତୃକା ପାଇଁ ହସି ହସି କାରାବରଣ କଲେ। ବର୍ଷ ବର୍ଷ ଧରି କାରାଗୃହରେ ରହିଲେ। କାରାଗୃହରୁ ମୁକୁଳି ଆସିବା ପରେ ପୁଣି ସେମାନେ ଲାଗିପଡୁଥିଲେ ସ୍ୱାଧୀନତା ସଂଗ୍ରାମରେ। କାରାଗାରର ଅଭିଜ୍ଞତା ସମସ୍ତଙ୍କୁ ବାଣ୍ଟୁଥିଲେ। ଚାରିବର୍ଷର ଶିଶୁ କ୍ରିଷ୍ଣା ମାଆ ମାଳତୀ ଚୌଧୁରୀଙ୍କ ସହ ଜେଲ୍‌ରେ ରହିଥିଲେ।

ଇଂରେଜମାନଙ୍କୁ ଦେଶରୁ ତଡ଼ିବାର ପ୍ରୟାସ କରି ଓଡ଼ିଶାର ୩ ଜଣ ମହିଳା ସ୍ୱାଧୀନତା ସଂଗ୍ରାମରେ ସହିଦ ହୋଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନର ବହୁପୂର୍ବରୁ ନିଜ ରାଜ୍ୟରେ ଇଂରେଜମାନଙ୍କ ହସ୍ତକ୍ଷେପକୁ ବିରୋଧ କରି ୧୮୩୨ରେ ପାରଳାଖେମୁଣ୍ଡିର କୃଷ୍ଣଚନ୍ଦ୍ର ବିଶୋୟୀ ସହିଦ ହୋଇଥିଲେ। ତାଙ୍କ ପରେ ତାଙ୍କ ପତ୍ନୀ ହାରାମଣି ବିଶୋୟୀ ୧୦ ବର୍ଷ କାଳ ଇଂରେଜମାନଙ୍କୁ ନାକେଦମ୍ କରିଦେଇଥିଲେ। ଗରିଲା ଯୁଦ୍ଧ କରି ଇଂରେଜ ସୈନ୍ୟମାନଙ୍କୁ ବନ୍ଦୀ ଓ ହତ୍ୟା କରୁଥିଲେ। ଶେଷରେ ଇଂରେଜମାନଙ୍କ ହାତରେ ସହିଦ୍ ହୋଇଥିଲେ। ସମଗ୍ର ଭାରତବର୍ଷରେ ଓଡ଼ିଆ ମହିଳା ହାରାମଣି ପ୍ରଥମ ମହିଳା ସହିଦ୍‌ର ମାନ୍ୟତା ପାଇଛନ୍ତି।

୬୫ ବର୍ଷର ପରି ବେଓା ଇରମରେ ଲବଣ ସତ୍ୟାଗ୍ରହ ବେଳେ ପୁଲିସ୍ ଗୁଳିରେ ପ୍ରାଣ ଦେଇଥିବା ବେଳେ ସର୍ବକନିଷ୍ଠ ୬ ବର୍ଷର ଶିଶୁ କନ୍ୟା ଅବଳା ପୁଲିସ୍ ଜୁଲମର ଶିକାର ହୋଇ ସହିଦ ହୋଇଥିଲା। ପରି ବେଓାଙ୍କ ବ୍ୟତୀତ ଅନ୍ୟ ଦୁଇମହିଳାଙ୍କ ସମ୍ପର୍କରେ ଖୁବ୍ କମ୍ ଲୋକେ ଅବଗତ ଅଛନ୍ତି। ବରୀ ଅଞ୍ଚଳର ସେରପୁର ଗାଁର ସଂଗ୍ରାମୀ ଭାଗବତ ନାୟକଙ୍କୁ ପୁଲିସ ବାନ୍ଧି ନେଉଥିବା ବେଳେ ଅବଳା ପୁଲିସ୍‌କୁ ପ୍ରତିରୋଧ କରିଥିଲା। ପୁଲିସ୍ ଏଥିରେ କ୍ଷୁବ୍ଧ ହୋଇ ତାକୁ ଏକ ନାଳକୁ ଫିଙ୍ଗି ଦେଇଥିଲା। ସେହି ନାଳ ପାଣିରେ ବୁଡ଼ି ସେ ମୃତ୍ୟୁବରଣ କରିଥିଲା। ଦୁଇଦିନ ପରେ ମିଳିଥିଲା ତା'ର ଶବ।

ଓଡ଼ିଶାରେ ଯେଉଁ ସ୍ୱାଧୀନତା ସଂଗ୍ରାମ ହୋଇଥିଲା, ତାହା ଆଦୌ ଗଡ୍ଡଳିକା ପ୍ରବାହ ନଥିଲା। ସଂଗ୍ରାମର ବାର୍ତ୍ତାକୁ ହୃଦ୍‌ବୋଧ କରି ସାମାଜିକ ଆବଶ୍ୟକତାକୁ ଅନୁଭବ କରି ସେମାନେ ଏ ରାସ୍ତାରେ ପାଦ ଦେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ମହିଳାମାନେ ଶରୀରରୁ ସବୁତକ ଅଳଙ୍କାର ଦାନ କରିଦେଉଥିଲେ। କେତେକ ଝିଅ ଓ ବୋହୂ ରମାଦେବୀଙ୍କ ଆହ୍ୱାନରେ ଘରୁ ଲୁଚିଛପି ଆଶ୍ରମକୁ ଆସିଯାଉଥିଲେ। ଘରଲୋକ ନେବା ପାଇଁ ଆସିଲେ ନ ଫେରିବାକୁ ଜିଦି କରୁଥିଲେ। ରାଜାରାଣୀଠାରୁ କୁଡ଼ିଆ ଘରର ଅସହାୟ ନିରାଶ୍ରୟାଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଗିଥିଲେ। ମହାତ୍ମା ଗାନ୍ଧୀ ଓଡ଼ିଶାରେ ପଦଯାତ୍ରା କରିଥିବା ସମୟରେ ନାରୀମାନଙ୍କ କର୍ମତତ୍ପରତା ଦାୟିତ୍ୱ ଜ୍ଞାନ, ନିଷ୍ଠା, କଷ୍ଟସହିଷ୍ଣୁତା ଲକ୍ଷ୍ୟ କରି ଭୂରି ଭୂରି ପ୍ରଶଂସା କରି କହିଥିଲେ, "ଭାରତରେ ହଜାର ହଜାର ମହିଳାଙ୍କ ସଙ୍ଗେ ମିଶିଛି, ସେମାନଙ୍କ କାମ ଦେଖିଛି। କିନ୍ତୁ ରମାଦେବୀ ଓ ତାଙ୍କ ଛୋଟିଆ ଦଳଟି ଯେପରି ସ୍ୱଭାବ ସୁଲଭ ଓ ସଫା ସୁତୁରାରେ କାମ କରୁଥିଲେ ସେଭଳି ମୁଁ ଅନ୍ୟ କେଉଁଠି ଦେଖି ନାହିଁ। ସେମାନେ ନିଜ ପାଇଁ କେବେହେଲେ ବିଶେଷ ସୁବିଧା ଲୋଡ଼ି ନାହାନ୍ତି ବା ଦାବି କରିନାହାନ୍ତି। ଏମାନଙ୍କର କଷ୍ଟ ସହିବା ଶକ୍ତି ଦେଖି ମୁଁ ମୁଗ୍ଧ। ଯାହା ଆଶା କରି ନ ଥିଲି ତା'ଠାରୁ ବଳି ଏମାନଙ୍କ କଷ୍ଟ ସହିବା ଦେଖି ମନ ଆନନ୍ଦରେ ଭରପୂର ହୋଇଯାଇଛି।" ପଦଯାତ୍ରାବେଳେ ଗୋଦାବରୀ ଦେବୀ ମହାତ୍ମା ଗାନ୍ଧୀଙ୍କୁ ଓଡ଼ିଆ ଶିଖାଉଥିଲେ।

ଓଡ଼ିଶାରେ ନାରୀଶକ୍ତିକୁ ଜାଗ୍ରତ କରିବାରେ ମହାତ୍ମା ଗାନ୍ଧୀଙ୍କର ମାନ୍ତ୍ରିକ ଭୂମିକାକୁ ଯଥେଷ୍ଟ ମର୍ଯ୍ୟାଦା ପ୍ରଦାନ କରିଥିଲେ ଓଡ଼ିଶାର ମହୀୟସୀ ମହିଳାମାନେ। ଉତ୍କଳୀୟ ମହିଳାମାନେ ଯେଉଁ ପରି ଜାତୀୟ ଚେତନାର ଉଦ୍‌ବୁଦ୍ଧ ହୋଇ ସ୍ୱାଧୀନତା ସଂଗ୍ରାମ ପାଇଁ ନିଜକୁ ଉତ୍ସର୍ଗ କରିଥିଲେ, ତାହା କେବଳ ମହାତ୍ମା ଗାନ୍ଧୀ ଓ ତାଙ୍କର ପ୍ରତ୍ୟକ୍ଷ ସମ୍ପର୍କରେ ଆସିଥିବା କେତେଜଣ ଅଗ୍ରଗଣ୍ୟା ମହିଳାଙ୍କ ପାଇଁ ସମ୍ଭବ ହୋଇଥିଲା।

# ଦୁର୍ନୀତି ନିରାକରଣ ସମ୍ଭବ

ଅଲେଖ ଚନ୍ଦ୍ର ମିଶ୍ର
ଭୁବନେଶ୍ୱର, ମୋ: ୯୪୩୮୬୭୩୮୯୮



ଦୁର୍ନୀତି କହିଲେ ଆଗେ ଯାହା ବୁଝା ଯାଉଥିଲା ଏବେ ତାହା ବଦଳି ଗଲାଣି। ଆଗେ ଲୋକେ ସାଧାରଣତଃ ସାଧୁ, ସଚ୍ଚୋଟ ଓ ସଦାଚାରୀ ଥିଲେ। ଦୁର୍ନୀତି ଏକ ସାମାଜିକ କଳଙ୍କ ବୋଲି ବିବେଚନା କରାଯାଉଥିଲା। ତେଣୁ ଦୁର୍ନୀତି କରିବା ପାଇଁ ଲୋକମାନେ ଲଜ୍ଜା ଅନୁଭବ କରୁଥିଲେ। କେବେ କେହି କ୍ୱଚିତ୍ ଦୁର୍ନୀତି କରୁଥିବା ଜଣାପଡ଼ିଲେ ତା'କୁ ସାମାଜିକ ଅସହଯୋଗ ଓ କୁତ୍ସାର ଶରବ୍ୟ ହେବାକୁ ପଡୁଥିଲା।

ଏବେ ଯୁଗ ବଦଳି ଗଲାଣି। ଅଭିଯୋଗ ହେଉଛି ଯେ ଦୁର୍ନୀତିକୁ ବିରୋଧ କରୁଥିବା ଲୋକଙ୍କ ସଂଖ୍ୟା ଖୁବ୍ କମ୍। ଦୁର୍ନୀତିର ପ୍ରଭାବ ସୁଦୂରପ୍ରସାରୀ। ଦୁର୍ନୀତିଖୋରମାନେ ଧନବଳ, ଜନବଳ ଓ ବାହୁବଳରେ ବଳୀୟାନ। ତାହା ତୁଳନାରେ ନୀତିବାନ ଲୋକଟିର ଏକମାତ୍ର ବଳ ହେଉଛି ମନବଳ। ହୋଇପାରେ ଏହା ସବୁଠାରୁ ଶ୍ରେଷ୍ଠବଳ। ମାତ୍ର ବାସ୍ତବ ମୁକାବିଲା କ୍ଷେତ୍ରରେ ଏହା ମୂଲ୍ୟହୀନ। ଦୁର୍ନୀତି ବିରୋଧରେ ଉତ୍ତୋଳିତ ସ୍ୱରକୁ ସବୁଦିନ ପାଇଁ ଚୁପ୍ କରିଦିଆଯାଉଥିବା ଅଭିଯୋଗ ମଧ୍ୟ ହେଉଛି। ଅଭିଯୋଗକାରୀମାନେ ଏହାର ଉଦାହରଣ ଦେବାକୁ ଯାଇ ଗୟାର ସତ୍ୟେନ୍ଦ୍ର କୁମାର ଦୁବେ (୨୦୦୩), ପୁଣେର ନରେନ୍ଦ୍ର ଡାଭୋଲ୍‌କର (୨୦୧୩), କୋଲ୍‌ହାପୁରର ଗୋବିନ୍ଦ ପାନ୍‌ସାରେ (୨୦୧୫) ଏବଂ ଧରୱାର୍ଡର ଏମ୍ ଏମ୍ କାଲବର୍ଗୀ (୨୦୧୫) ଓ ଓଡ଼ିଶାର ଛବିରାଣୀ ଘଟଣା (୧୯୮୦)ର ଉଲ୍ଲେଖ କରନ୍ତି। ଏମାନେ ସବୁ ଦୁର୍ନୀତିର ପର୍ଦ୍ଦାଫାଶ୍ କରିବାକୁ ଚେଷ୍ଟା କରିଥିଲେ।

ସେହିପରି ସାରା ପୃଥିବୀର ବିଭିନ୍ନ ଦେଶରେ ଘଟୁଥିବା ଭ୍ରଷ୍ଟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଅକଥନୀୟ ନିର୍ଯାତନା କିମ୍ବା ମୃତ୍ୟୁର ଶିକାର ହୋଇଥିବା ବିଶ୍ୱର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ପ୍ରମୁଖ ହେଉଛନ୍ତି ଅଷ୍ଟ୍ରେଲିଆର ଜୁଲିଆନ୍ ଆସାଞ୍ଜ, ଇରାନ୍‌ର ଚେଲସି ମ୍ୟାନିଂ, ଇରାକର ଏଡ୍ ୱାର୍ଡ ସ୍ନୋଡେନ୍ ଏବଂ ଇଉଏଇର ଜମାଲ ଖସୋଗୀ। ଗଣମାଧ୍ୟମର ତଥ୍ୟ (୨୦୨୧) ଅନୁସାରେ ଗତ ଦଶବର୍ଷ ଭିତରେ ଦୁର୍ନୀତିର ଖୋଳତାଡ଼ କରୁଥିବା ପ୍ରାୟ ୩୦୦ କର୍ମୀ ଅସାମାଜିକଙ୍କର ରୋଷର ଶିକାର ହୋଇ ଘୋର ମାନସିକ ଓ ଶାରୀରିକ ନିର୍ଯାତନା ଭୋଗିଛନ୍ତି। ୫୧ ଜଣଙ୍କୁ ହତ୍ୟା କରାଯାଇଛି ଏବଂ ୫ ଜଣ ଆତ୍ମହତ୍ୟା କରିଛନ୍ତି। ଗୋଷ୍ଠୀ ନିରପେକ୍ଷ ମାନବାଧିକାର ସଂସ୍ଥା(ସିଏଚଆର୍‌ଆଇ)ର ୨୦୨୧ ରିପୋର୍ଟ ଅନୁସାରେ ଦୁର୍ନୀତି ବିରୋଧରେ ସ୍ୱର ଉତ୍ତୋଳନ କରିଥିବା ୯୫ ଜଣଙ୍କୁ ମାରି ଦିଆଯାଇଛି, ୧୭୫ ଜଣଙ୍କୁ ଆକ୍ରମଣ କରାଯାଇଅଛି ଏବଂ ୧୮ ଜଣଙ୍କ ଉପରେ ନିର୍ମମ ଅତ୍ୟାଚାର କରାଯାଇଛି।

ମାନବାଧିକାର କର୍ମୀଙ୍କ ଅଭିଯୋଗ ଅନୁସାରେ ଦୁର୍ନୀତିର ଅପରାଜେୟ ଜୟଯାତ୍ରା ସାରା ପୃଥିବୀକୁ କବଳିତ କରି ଚାଲିଛି। ପୃଥିବୀରେ ଗୋଟିଏ ବି ଦେଶ ନାହିଁ, ଯିଏ ଦୁର୍ନୀତିରୁ ସମ୍ପୂର୍ଣ୍ଣ ମୁକ୍ତ। ବର୍ଲିନ ସ୍ଥିତ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ୨୦୨୧ରେ ପ୍ରକାଶିତ କରପ୍ସନ ପରସେପ୍ସନ୍ ଇଣ୍ଡେକ୍ସ (ସି.ପି.ଆଇ) ମାନଦଣ୍ଡ ଅନୁଯାୟୀ ପୃଥିବୀର ସର୍ବାଧିକ ଦୁର୍ନୀତିଗ୍ରସ୍ତ ଦେଶ ସାଉଥ୍ ସୁଦାନ ଓ ସୋମାଲିଆ ହେଲା ବେଳେ ସର୍ବନିମ୍ନ ଦୁର୍ନୀତିଗ୍ରସ୍ତ (ନିର୍ମଳ) ଦେଶ ହେଉଛି ଡେନମାର୍କ। ଭାରତ ଏହି ତାଲିକାରେ ୮୫ ତମ ସ୍ଥାନରେ ରହିଛି।

ଦୁର୍ନୀତିର କାୟା ଗ୍ରାମ ପଞ୍ଚାୟତରୁ ବିଶ୍ୱସ୍ତର ପର୍ଯ୍ୟନ୍ତ ସର୍ବତ୍ର ପରିବ୍ୟାପ୍ତ। ତେଣୁ ସେଥିରୁ ନିବୃତ୍ତି ପାଇଁ ୨୦୦୩ ଅକ୍ଟୋବର ମାସରେ ମିଳିତ ଜାତିସଂଘର ସାଧାରଣ ସଭାରେ ଏକ ବିଧେୟକ ପାରିତ ହୋଇ ଦୁର୍ନୀତି ନିରୋଧ ସମାବେଶ ନାମକ ସଂସ୍ଥା ଗଠନ କରାଯାଇଛି, ଯାହା ଦୁର୍ନୀତିର କାରଣ ଓ ନିରାକରଣ ପାଇଁ କେତେକ ମାର୍ଗଦର୍ଶିକା ପ୍ରଣୟନ କରିଛି। ତାଙ୍କ ମତରେ ଦୁର୍ନୀତିର ମୂଳକାରଣ କ୍ଷମତା, ବିଶେଷକରି ଇଚ୍ଛାଧୀନ କ୍ଷମତା ଯେଉଁଠି ଦୁର୍ନୀତି ସେଇଠି। ଅନେକବର୍ଷ ତଳେ ବ୍ରିଟିଶ୍ ପାର୍ଲିଆମେଣ୍ଟାରିଆନ୍ ଲର୍ଡ୍ ଆକଟନ୍ କହିଥିଲେ 'ପାୱାର କରପ୍ଟ୍‌ସ ଆଣ୍ଡ ଅବସୋଲ୍ୟୁଟ୍ ପାୱାର କରପ୍ଟ୍‌ସ୍ ଆବସୋଲ୍ୟୁଟଲି'। ଏହା ଏବେ ବି ପ୍ରାସଙ୍ଗିକ।

ତେବେ ଏଠାରେ ପ୍ରଶ୍ନ ଉଠୁଛି କଣ ଦୁର୍ନୀତିର ବିଲୋପ ଅସମ୍ଭବ? ଏହାର ଉତ୍ତର ହେଉଛି ନା। ଶାସକୀୟ ବ୍ୟବସ୍ଥାକୁ ଲୋକାଭିମୁଖୀ ଓ ଉତ୍ତରଦାୟୀ କରାଯାଇ ପାରିଲେ ତାହା ଜନସାଧାରଣଙ୍କର ପ୍ରତ୍ୟକ୍ଷ ଆସ୍ଥାଭାଜନ ହେବ ଓ ଦୁର୍ନୀତିମୁକ୍ତ ହେବ, ଯାହା ଏବେ ଓଡ଼ିଶାରେ ବିଗତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ଧରି ପ୍ରମାଣିତ ହୋଇସାରିଛି। ସେହିପରି ରାଜନୀତିକୁ ଅପରାଧମୁକ୍ତ ଓ ନିର୍ବାଚନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଅବାଧ କରିବାକୁ ହେଲେ ଦଳୀୟ ଚାନ୍ଦା ଆଦାୟ ଉପରେ କଟକଣା ପ୍ରୟୋଗ କରିବାକୁ ପଡ଼ିବ। ଏହାସହିତ ଗଣମାଧ୍ୟମର ସ୍ୱାଧୀନତା ଓ ନ୍ୟାୟପାଳିକାର ନିରପେକ୍ଷତା ଏ କ୍ଷେତ୍ରରେ ସହାୟକ ହେବ। ଦୁର୍ନୀତିଗ୍ରସ୍ତଙ୍କ ପାଇଁ କଠୋର ଦଣ୍ଡବିଧି ଓ ସେମାନଙ୍କର ସମ୍ପତ୍ତି ବାଜ୍ୟାପ୍ତି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ହୋଇପାରେ। ସବୁଠାରୁ ବଡ଼କଥା ହେଲା ଲୋକ ଚରିତ୍ର, ଜନସଚେତନତା ଓ ମାନବ ସ୍ୱଭାବରେ ପରିବର୍ତ୍ତନ ହେଲେ ଦୁର୍ନୀତିର ମୂଳୋତ୍ପାଟନ ସମ୍ଭବ ହୋଇପାରିବ।

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

## ମିଶନ ଶକ୍ତି ମାଆଙ୍କ ସ୍ୱପ୍ନ ସାକାର କଲେ ମୁଖ୍ୟମନ୍ତ୍ରୀ

# ଆଜି ଦୁବାଇ ଗସ୍ତରେ ଯିବେ ୧୧ ଜିଲ୍ଲାର ୩୫ ମାଆ

**ଭୁବନେଶ୍ୱର, ୨୩।୧(ସମିସ):** ମିଶନ ଶକ୍ତି ମାଆଙ୍କ ମନରେ ଥିବା ସ୍ୱପ୍ନକୁ ସାକାର କରିବାକୁ ଯାଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆସନ୍ତାକାଲିଠାରୁ ତିନି ଦିନିଆ ଦୁବାଇ ଗସ୍ତରେ ରାଜ୍ୟର ୧୧ ଜିଲ୍ଲାର ୩୫ ଜଣ ମାଆ ଯାତ୍ରା କରିବାକୁ ଯାଉଛନ୍ତି। ଏକ୍ସପୋଜର୍ ଭିଜିଟ୍‌ରେ ମାଆମାନେ ବିଦେଶ ଗସ୍ତରେ ଯାଉଥିବା ବେଳେ ହାଣ୍ଡିଶାଳରୁ ବାହାରି ସେମାନଙ୍କ ବିଦେଶ ଗସ୍ତ ସ୍ୱପ୍ନ ପୂରଣ ହେବାକୁ ଯାଉଛି। ଏହି କ୍ରମରେ ଦୁବାଇ ଗସ୍ତରେ ଯିବାକୁ ଥିବା ମାଆମାନେ ଆଜି ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଛନ୍ତି।

ସୂଚନା ଅନୁଯାୟୀ, ୧୧ ଜିଲ୍ଲା ଭିତରେ ଗଞ୍ଜାମ, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ସୋନପୁର ଓ ସୁନ୍ଦରଗଡ଼ର ମାଆ ରହିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏକ୍ସପୋଜର ଭିଜିଟ କାର୍ଯ୍ୟକ୍ରମକୁ ପର୍ଯ୍ୟଟନ ବିଭାଗ ହାତକୁ ନେଇଛି। ଏହି ଗସ୍ତ ଅବସରରେ ସେମାନେ ଦୁବାଇର ଏକାଧିକ ବ୍ୟବସାୟୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ବିଶେଷକରି ସେଠାରେ କେମିତି ବ୍ୟବସାୟ ହେଉଛି, ସେମାନେ କିପରି ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଧ୍ୟାନ ଦେଉଛନ୍ତି, ମାଆମାନେ ସେନେଇ ଅନୁଧ୍ୟାନ କରିବେ। ଓଡ଼ିଶାର ଧାନ, ଚାଉଳ, ମାଣ୍ଡିଆ, ହସ୍ତଶିଳ୍ପ ଭଳି ସାମଗ୍ରୀ କିଭଳି ବିଦେଶରେ କିପରି ଆଦୃତି ଲାଭ କରିବ, ସେନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହାସହ ମାଆମାନେ ଦୁବାଇର ବିଭିନ୍ନ ଜାଗା ବୁଲି ଦେଖିବେ।

**ନବୀନ ନିବାସରେ ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ ଜଣାଇଲେ କୃତଜ୍ଞତା**

ସୂଚନାଯୋଗ୍ୟ ଯେ ଏସ୍‌ଏଚଜିର ମାଆମାନେ କିପରି ଏସ୍‌ଏମଇ ଗଠନ କରିବେ, ସେନେଇ ମୁଖ୍ୟମନ୍ତ୍ରୀ ବ୍ୟାପକ ସୁଯୋଗ ସୃଷ୍ଟି କରିଛନ୍ତି। ମିଶନ ଶକ୍ତି ମାଆମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ମୁଖ୍ୟସ୍ରୋତକୁ ଆଣିଥିବାରୁ ମିଶନ ଶକ୍ତି ସଚିବ ସୁଜାତା କାର୍ତ୍ତିକେୟନ ପାଣ୍ଡିଆନ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମିଶନ ଶକ୍ତି ମାଆମାନଙ୍କ ଦୁବାଇ ଗସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରୁଛନ୍ତି। ସେମାନେ ବିଦେଶ ଗସ୍ତ ସମୟରେ ସେମାନଙ୍କ ଦକ୍ଷତା ବିକାଶ କରିବା ସହ, ଅନ୍ତର୍ଜାତୀୟ ମାନର ସାମଗ୍ରୀ ପ୍ରସ୍ତୁତ କରିବା ଓ ସେଗୁଡ଼ିକର ବ୍ୟବସାୟ କରିବା ଦିଗରେ ଅଭିଜ୍ଞତା ହାସଲ କରିବା ଲକ୍ଷ୍ୟ ରହିଛି।

# ସିରିଜ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**ବଡ଼ବିଲ,୨୩।୧(ସମିସ):** କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅଞ୍ଚଳ ଦେଇ ଯାଇଥିବା ୨୦ ନଂ. ଜାତୀୟ ରାଜପଥର ଟଣ୍ଟ କାସିଆ ଛକ ନିକଟରେ ଏକ ସିରିଜ୍ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳ ପ୍ରାୟ ୯ଟା ବେଳେ କୋଇଡା ପଟୁ ଦ୍ରୁତ ଗତିରେ ଆସୁଥିବା ଏକ ମାଲବାହୀ ହାଇୱା ଟ୍ରକ୍‌ର ଆଗ ଚକ ଫାଟିଯିବାରୁ ରାସ୍ତା କଡ଼ରେ ଛିଡା ହୋଇଥିବା ତିନୋଟି ଟ୍ରେଲରକୁ ଧକ୍କା ଦେଇ ବୁଲି ପଡ଼ିବା ସହ ଓଲଟି ପଡ଼ିଥିଲା। ଫଳରେ ଗୋଟିଏ ଟ୍ରେଲରରେ ଶୋଇଥିବା ଡ୍ରାଇଭର ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହାଇୱା ଡ୍ରାଇଭର ଗାଡ଼ି ଭିତରେ ଚାପି ହୋଇଯିବାରୁ ତାଙ୍କର ଦୁଇଟି ଗୋଡ଼ ଭାଙ୍ଗିବା ସହ ଗାଡିରେ ଚାପି ହୋଇ ରହିଥିଲେ। ତେବେ ଖବର ପାଇ ବଡ଼ବିଲ ଥାନା ପୁଲିସ ଓ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ଅତ୍ୟାଧୁନିକ ଯନ୍ତ୍ର ସାହାଯ୍ୟରେ ଗାଡି କାଟି ଆହତ ଓ ମୃତକଙ୍କ ଉଦ୍ଧାର କରି ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ମୃତକ ଟ୍ରେଲର ଡ୍ରାଇଭର ଦେଗାନ ଯାଦବ ହଜାରିବାଗ ଓ ଆହତ ହବିବ ଆନସରି ବିହାର ଗିରିଡି ଜିଲ୍ଲା ବାଗୋଡ଼ା ଅଞ୍ଚଳର ବୋଲି ଜଣାପଡ଼ିଛି।



## ଧାନକିଣାରେ ଆସିବ ଅଧିକ ସ୍ୱଚ୍ଛତା

# ଚାଷ ଜମିର ଗ୍ରାମଭିତ୍ତିକ ଯାଞ୍ଚ ଅବଧି ବୃଦ୍ଧି

**ଭୁବନେଶ୍ୱର,୨୩।୧(ସମିସ):** ରାଜ୍ୟରେ ଚାଷୀ ଯେପରି ଅଧିକରୁ ଅଧିକ ମାତ୍ରାରେ ଉପକୃତ ହେବେ, ସେନେଇ ରାଜ୍ୟ ସରକାର ନିୟମିତ ପଦକ୍ଷେପ ନେଇ ଆସୁଛନ୍ତି। ବିଶେଷକରି ଧାନକିଣାରେ ଅଧିକ ସ୍ୱଚ୍ଛତା ଆଣିବା ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏହି କ୍ରମରେ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ୨୦୨୮-୨୯ ଖରିଫ୍ ଋତୁ ପର୍ଯ୍ୟନ୍ତ ରାଜ୍ୟର ଧାନ ଚାଷ ଜମିର ଗ୍ରାମଭିତ୍ତିକ ଯାଞ୍ଚ ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଉଭୟ ଖରିଫ୍ ଓ ରବି ଫସଲ ଋତୁରେ କୃଷକ ପଞ୍ଜୀକରଣ ତଥ୍ୟ, ଜମି ରେକର୍ଡ ଡାଟା (ଆରଓଆର), କାଡାଷ୍ଟ୍ରାଲ ମାନଚିତ୍ର ଏବଂ ହାଇ ରିଜୋଲ୍ୟୁସନ୍ ସାଟେଲାଇଟ୍ ଫଟୋ ବ୍ୟବହାର କରି ଧାନ ଫସଲ ଉତ୍ପାଦନ ଅଞ୍ଚଳର ଗ୍ରାମଭିତ୍ତିକ ତଥା ଜମିୱାରୀ ଯାଞ୍ଚ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଓଡ଼ିଶା ମହାକାଶ ପ୍ରୟୋଗ କେନ୍ଦ୍ର (ଓରସାକ୍) ଖରିଫ୍ ଫସଲ ଋତୁରେ ସମସ୍ତ ୩୦ଟି ଜିଲ୍ଲା ଏବଂ ରବି ଫସଲ ଋତୁରେ ଅନ୍ତର୍ଭୁକ୍ତ ସମସ୍ତ ୧୭ଟି ଜିଲ୍ଲାରେ ୨୦୨୧-୨୨ ଖରିଫରୁ ୨୦୨୩-୨୪ ଖରିଫ୍ ଋତୁ ପର୍ଯ୍ୟନ୍ତ ପ୍ରକୃତ ଚାଷୀଙ୍କ ଫସଲ ହୋଇଥିବା ଜମିକୁ ସଫଳତାର ସହ ମ୍ୟାପିଂ କରାଯାଇଛି। ଫଳରେ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଧାନକିଣା କାର୍ଯ୍ୟକୁ ଶୃଙ୍ଖଳିତ କରାଯାଇପାରିଛି।

- **୨୦୨୮-୨୯ ଖରିଫ୍ ପର୍ଯ୍ୟନ୍ତ ଚାଲିବ ଯାଞ୍ଚ**
- **ଉପକୃତ ହେବେ ଚାଷୀ**

ଓରସାକ୍ ଦ୍ୱାରା ଏହି ପ୍ରକଳ୍ପର ସଫଳ ରୂପାୟନ ଆଧାରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏହି ପ୍ରକଳ୍ପକୁ ଓରସାକ୍ ଦ୍ୱାରା ୯ଟି ଫସଲ ଋତୁରେ, ଅର୍ଥାତ୍ ଖରିଫ୍ ଫସଲ ଋତୁ ୨୦୨୪-୨୫ ଠାରୁ ଖରିଫ୍ ଫସଲ ଋତୁ ୨୦୨୮-୨୯ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟର ୫୧ ହଜାରରୁ ଅଧିକ ଗାଁ ଥିବା ବେଳେ ରାଜ୍ୟରେ ପ୍ରତିବର୍ଷ ଲକ୍ଷଲକ୍ଷ ଚାଷୀ ଧାନ ଚାଷ କରୁଛନ୍ତି। ତେବେ କେତେକ ଚାଷୀ ଅନ୍ୟମାନଙ୍କ ନାମରେ ସରକାରୀ ସୁବିଧା ସୁଯୋଗ ହାସଲ କରୁଥିବା ବେଳେ ପଡ଼ିଆ ପଡ଼ିଥିବା ଜମିରେ ଧାନ ଚାଷ ହୋଇଥିବା ନେଇ ରିପୋର୍ଟ ଦର୍ଶାଯାଉଛି। ଅତଏବ୍ ଚାଷୀଙ୍କ ପଞ୍ଜୀକରଣର ସତ୍ୟତା ଯାଞ୍ଚ କରିବା ପାଇଁ ଚାଷୀମାନେ ଦେଇଥିବା ଧାନ ଫସଲର ଗ୍ରାମଭିତ୍ତିକ ଜମିୱାରୀ ଯାଞ୍ଚ ଆରମ୍ଭ କରାଯାଇଛି।

# ଦିଲ୍ଲୀରେ ପରେଡ୍ ଦେଖିବାକୁ ଦୁଇ କୁଟିଆ କନ୍ଧଙ୍କୁ ଆମନ୍ତ୍ରଣ

**ଭୁବନେଶ୍ୱର,୨୩।୧(ସମିସ):** ପ୍ରତିବର୍ଷ କେନ୍ଦ୍ର ଆଦିବାସୀ ମନ୍ତ୍ରାଳୟ ପକ୍ଷରୁ ଗଣତନ୍ତ୍ର ଦିବସ ଅବସରରେ ପ୍ରତି ରାଜ୍ୟରୁ ଆଦିବାସୀ ଅତିଥିମାନଙ୍କୁ କର୍ତ୍ତବ୍ୟପଥର ଭିଆଇପି



ଗ୍ୟାଲେରୀରେ ବସି ପରେଡ୍ ଦେଖିବାକୁ ଆମନ୍ତ୍ରଣ କରାଯାଇଥାଏ। ଚଳିତବର୍ଷ ଓଡ଼ିଶାରୁ କୁଟିଆ କନ୍ଧ ସମାଜରୁ ଦୁଇଜଣ ନିମନ୍ତ୍ରଣ ପାଇ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ସେମାନେ ହେଉଛନ୍ତି, କନ୍ଧମାଳ ଜିଲ୍ଲା ବିଲାମାଳ ପଞ୍ଚାୟତର ବୀରେନ୍ଦ୍ର ମାଝୀ ଓ ବେଲଘର ପଞ୍ଚାୟତର ହାରାମଣି ଜାନି। ଉଭୟ ବେଲଘର କୁଟିଆ କନ୍ଧ ଉନ୍ନୟନ ସଂସ୍ଥା ପକ୍ଷରୁ ମୋନୋନୀତ ହୋଇ ଆସିଛନ୍ତି। ତାଙ୍କୁ ଓଡ଼ିଶା ସରକାରଙ୍କ ପକ୍ଷରୁ ନିୟୋଜିତ ମଙ୍ଗଳ ଉନ୍ନୟନ ଅଧିକାରୀ ଦୀପକ କୁମାର ସାହୁ ଦିଲ୍ଲୀରେ ନେଇ ପହଞ୍ଚିଛନ୍ତି। ଆଗାମୀ ୧୦ ଦିନ ମଧ୍ୟରେ ସେ ଅନେକ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ରହିଛି। ଆସନ୍ତା ସାଧାରଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରପତିଙ୍କ ସହ ଉଭୟ ପରେଡ୍ ମଧ୍ୟ ଦେଖିବେ। ଏହାସହ ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ସମେତ ୧୮ ଟି ରାଜ୍ୟର ପିଭିଟିଜି ସମ୍ପ୍ରଦାୟର ଅତିଥି ଏହି ପରେଡ୍ ଦେଖିବା ସୁଯୋଗ ପାଇବେ।


**SALE**
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
**Ph.: 9437015112**

**AFFIDAVIT**
I Naushad Sekh, S/o- Sk. Abdul Hakim, At- Chhadakmohalla (Mirzapur), Po/Ps.- Purunabazar, Dist- Bhadrak, Pin-756100, Odisha declare by this affidavit No. 416 dated 18.01.2024 that now onwards I shall be known as **SK. NAWSHAD** for all future purposes.

**AFFIDAVIT**
I, Prasant Kumar Rout, S/o-Golak Chandra Rout, resident of Village Jalapok, PO- Pakshyot, PS- Patkura, Dist- Kendrapada, Pin-754210, Odisha declare by this affidavit No.154, dated-20/01/2024 that now onwards I shall be known as **PRASANTA KUMAR ROUT** for all future purposes.

**AFFIDAVIT**
I, Jay Jagdish Padhi, S/o-Late Dinabandhu Padhi, resident of AT-Plot No.L-3/3, Unit-3, Kharavel Nagar, Bhubaneswar, Pin-751001, Odisha declare by this affidavit No.148, dated 23/01/2024 that now onwards I shall be known as **JAY JAGADISH PADHI** for all future purposes.

**AFFIDAVIT**
I, Sagarika Patnaik W/o Anubhav Patnaik, resident of HIG-1/7, Satyasai Enclave, Khandagiri, PO/PS-Khandagiri, Bhubaneswar-751030, Odisha declare by this affidavit (CF No. 40 dated. 16/03/2023) that now onwards I shall be known as **SAGARIKA RAY** for all future purposes.

**AFFIDAVIT**
I, Bhavani Sankar Pattajoshi, S/o:Bhikari Pattajoshi, resident of AT-Baniamal, PO: Kendrapara, PS: Kendrapara town, Dist :Kendrapara Pin:754211, Odisha declared by this affidavit No.1008, dated 16.12.2023 that now onwards I shall be known as **BHABANI SANKAR PATTAJOSHI** for all future purposes.


# ଅବଶିଷ୍ଟାଂଶ

## କର୍ପୁରୀ ଠାକୁରଙ୍କୁ...

ଦେଖାଇଥିଲେ ତାହା ତାଙ୍କୁ ଜଣେ ପ୍ରଭାବଶାଳୀ ନେତା ଭାବେ ପ୍ରତିଷ୍ଠା ଦେଇଥିଲା। ତାଙ୍କୁ ବିହାରର 'ଜନନାୟକ' ବୋଲି କୁହାଯାଏ। କର୍ପୁରୀ ବିହାରରେ ଦୁଇଥର ମୁଖ୍ୟମନ୍ତ୍ରୀ ରହିଥିଲେ। ସେ ବିହାରର ସମସ୍ତିପୁର ଜିଲ୍ଲା ପିତଉଁଝିଆ (ବର୍ତ୍ତମାନ କର୍ପୁରୀ) ଗାଁରେ ଗୋକୁଲ ଠାକୁର ଏବଂ ରାମଦୁଲାରୀ ଦେବୀଙ୍କ ପରିବାରରେ ନାପିତ ଜାତିରେ ଜନ୍ମଗ୍ରହଣ କରିଥିଲେ। ଛାତ୍ର ଜୀବନରେ ସେ ଜାତୀୟତାବାଦୀ ଚିନ୍ତାଧାରାରେ ପ୍ରଭାବିତ ହୋଇ ଅଖିଳ ଭାରତ ଛାତ୍ର ମହାସଂଘରେ ଯୋଗ ଦେଇଥିଲେ। ସେ ଭାରତ ଛାଡ ଆନ୍ଦୋଳନରେ ଯୋଗ ଦେବାକୁ କଲେଜ ଛାଡ଼ିବା ସହିତ ୨୬ ମାସ ଜେଲରେ ରହିଥିଲେ।

## ରାଜ୍ୟବାସୀଙ୍କ ସୁଖ...

ଆଶୀର୍ବାଦ ଲୋଡ଼ିବା ସହ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ସେବାୟତଙ୍କ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ବିକାଶ ନେଇ ଆଲୋଚନା ମଧ୍ୟ କରିଛନ୍ତି। ପ୍ରାୟ ୨୫ ମିନିଟ୍ ମନ୍ଦିରରେ ବିତାଇବା ପରେ ସିଂହଦ୍ୱାର ବାହାରକୁ ଆସିଥିଲେ ମୁଖ୍ୟମନ୍ତ୍ରୀ। ସିଂହଦ୍ୱାର ଗୁମୁଟରେ ପତିତପାବନଙ୍କ ସେବକ ମୁଖ୍ୟମନ୍ତ୍ରୀଙ୍କ ଠାକୁରଙ୍କ ଫୁଲ, ତୁଳସୀ ପ୍ରଦାନ କରିଥିଲେ। ଗୁମୁଟରେ କିଛି ସମୟ ଠିଆ ହୋଇ ବାହାରକୁ ଆସିଥିଲେ। ସିଂହଦ୍ୱାର ସମ୍ମୁଖରେ ପରିଚାଳନା କମିଟି ସେବାୟତ ପ୍ରତିନିଧି ମୁଖ୍ୟମନ୍ତ୍ରୀ ଏବଂ '୫-ଟି' ଅଧ୍ୟକ୍ଷଙ୍କ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ପ୍ରଦାନ କରିଥିଲେ। ଏହାପରେ ବ୍ୟାଟେରୀ ଗାଡ଼ିରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରିଥିଲେ ମୁଖ୍ୟମନ୍ତ୍ରୀ। ସାଥୀରେ '୫-ଟି' ଅଧ୍ୟକ୍ଷ ଚାଲିଚାଲି ବୁଲିଥିଲେ। ସିଂହଦ୍ୱାରରୁ ବାହାରି ଦକ୍ଷିଣ ଦ୍ୱାରକୁ ଯାଇଥିଲେ। ଦକ୍ଷିଣ-ପଶ୍ଚିମ କୋଣରେ ଗାଡ଼ିରୁ ଓହ୍ଲାଇ ଫଟୋ ଉଠାଇଥିଲେ ମୁଖ୍ୟମନ୍ତ୍ରୀ। '୫-ଟି' ଅଧ୍ୟକ୍ଷ ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସବୁକିଛି ବୁଝାଇ କହୁଥିଲେ। ପ୍ରାୟ ୨୦ ମିନିଟ୍ ପରିକ୍ରମା ମାର୍ଗ ବୁଲି ଭକ୍ତମାନଙ୍କୁ ମିଳୁଥିବା ନୂତନ ସୁବିଧା ସୁଯୋଗ ସମ୍ପର୍କରେ ଅନୁଭୂତି ନେଇଥିଲେ। ପ୍ରକଳ୍ପର ଭବ୍ୟତା ଓ ଆଧ୍ୟାତ୍ମିକତାପୂର୍ଣ୍ଣ ପରିବେଶକୁ ଦେଖି ମୁଖ୍ୟମନ୍ତ୍ରୀ ଆନନ୍ଦ ଓ ସନ୍ତୋଷ ପ୍ରକାଶ କରିଥଲେ। ପ୍ରଦକ୍ଷିଣ କରିସାରିବା ପରେ ପୁନଶ୍ଚ ଶ୍ରୀମାର୍ଗ ଦେଇ ଜେବିପିସିରେ ପହଞ୍ଚିଥିଲେ। ଶ୍ରୀମାର୍ଗର ଉଭୟ ପାର୍ଶ୍ୱରେ ସୁସଜ୍ଜିତ ରଙ୍ଗୀନ ଆଲୋକମାଳା, ଲଗାଯାଇଥିବା ମହାପ୍ରଭୁଙ୍କ ବିଭିନ୍ନ ବେଶ, ପ୍ରସ୍ତର କଳାକୃତି ଆଦି ଦେଖି ବେଶ୍ ଖୁସି ହୋଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ଶ୍ରୀସେତୁ ଦେଇ ସଡ଼କ ପଥରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଥିଲେ।

ସୂଚନାଥାଉ କି, ଶ୍ରୀମନ୍ଦିରର ସୁରକ୍ଷା, ମହାପ୍ରଭୁଙ୍କ ଯାନିଯାତ୍ରା ଓ ଭକ୍ତଙ୍କ ସୁବିଧା ଦୃଷ୍ଟିରୁ ପରିକ୍ରମା ପ୍ରକଳ୍ପ ଅତ୍ୟନ୍ତ ଜରୁରୀ ଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ୭୫ ମିଟର ପ୍ରଶସ୍ତ ଏହି ପରିକ୍ରମା ପ୍ରକଳ୍ପ ଅତ୍ୟନ୍ତ ଭବ୍ୟ, ସୌନ୍ଦର୍ଯ୍ୟମୟ ହେବା ସହିତ ପିଢ଼ି ପରେ ପିଢ଼ି ଭକ୍ତମାନଙ୍କୁ ଏକ ଆଧ୍ୟାତ୍ମିକ ପରିବେଶ ପ୍ରଦାନ କରିବ। ସୁନ୍ଦର ସବୁଜ ପରିବେଶ, ଖଣ୍ଡୋଲାଇଟ୍ ପଥରର ଆକର୍ଷଣୀୟ କାରିଗରୀ କାମ ସହ ଭକ୍ତମାନଙ୍କ ପାଇଁ କ୍ଲୋକରୁମ୍, ସୂଚନା କେନ୍ଦ୍ର, ଆମ୍ଫିଥିଏଟର ଆଦି ଅନେକ ସୁବିଧା କରାଯାଇଛି। ଏହି ପ୍ରକଳ୍ପକୁ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ।

## ଓଡ଼ିଆ ବିଶ୍ୱବିଦ୍ୟାଳୟ...

(ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାଶ, ଭୂ-ଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଓବିସିସିର ଡିଜିଏମ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ସହିତ ସତ୍ୟବାଦୀର ଅତିରିକ୍ତ ତହସିଲଦାର ପିୟଦର୍ଶୀ ରାଜେଶ, ଶିଶୁ ମଙ୍ଗଳ କମିଟିର ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ସତ୍ୟବାଦୀ ଆର୍‌ଆଇ ଶ୍ୟାମସୁନ୍ଦର ପୂର୍ତ୍ତି ଓ ବିଭିନ୍ନ ବିଭାଗର ଅଧିକାରୀମାନେ ବିଶ୍ୱବିଦ୍ୟାଳୟର କାମ ଦେଖିବା ସହ ସଭାସ୍ଥଳ ବୁଲି ଦେଖିଛନ୍ତି। ଏହି ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରବାସ, ଛାତ୍ରୀବାସ ଓ ବିଦ୍ୟାର୍ଥୀ ଛାତ୍ରବାସ, ୮ଟି କ୍ଲାସରୁମ୍, ଇ-ଲାଇବେରୀ, ଲାଇବ୍ରେରୀ, ପ୍ରଶାସନିକ ଭବନ ସହ କ୍ୟାଣ୍ଟିନ୍ ରହିଥିବା ବିଶ୍ୱବିଦ୍ୟାଳୟର କୁଳସଚିବ ରଶ୍ମିରେଖା ଦାଶ ସୂଚନା ଦେଇଛନ୍ତି।

## ମାଟି ଅତଡ଼ା ଧସି...

ସମୟରେ କମାରଯୋଡ଼ା ନିକଟରେ ପ୍ରାୟ ୧୫ ଫୁଟ ଉପରୁ ମାଟି ଧସି ପଡିଥିଲା। ସେତେବେଳେ ପାଇପ ଲାଇନରେ ୫ଜଣ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ମାଟି ତଳେ ୨ଜଣ ଶ୍ରମିକ ଚାପି ହୋଇ ରହିଯାଇଥିଲେ। ଅନ୍ୟ ଜଣେ ଶ୍ରମିକ ଅଧା ପର୍ଯ୍ୟନ୍ତ ପୋତି ହୋଇଯାଇଥିଲେ। ସେଠାରେ କାର୍ଯ୍ୟ କରୁଥିବା ମୁକେଶ ସର୍ଦ୍ଦାର ନାମକ ଜଣେ ଶ୍ରମିକ ବାହାରକୁ ଧାଇଁ ଆସି ୨ଜଣ ଶ୍ରମିକ ଚରଣ ଲୋହାର ଓ ଅର୍ଜୁନ ଲୋହାର ମାଟି ତଳେ ପୋତିହୋଇଯାଇଥିବା ସୂଚନା ଦେଇଥିଲେ। ପରେ ଜେସିବି ମେସିନ ସାହାଯ୍ୟରେ ମାଟି ବାହାର କରାଯାଇ ଉଭୟଙ୍କୁ ସେଠାରୁ ଅଗ୍ନିଶମ ବିଭାଗ ଦ୍ୱାରା ଉଦ୍ଧାର କରାଯାଇଥିଲା। ତେବେ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଏହି ଉଦ୍ଧାର କାର୍ଯ୍ୟ ହୋଇଥିବା ବେଳେ ପୋତିହୋଇଥିବା ମାଟି ତଳୁ ୨ ଶ୍ରମିକଙ୍କୁ ଉଦ୍ଧାର କରି ଜଣଙ୍କୁ ଟାଟା ଷ୍ଟିଲ ଡାକ୍ତରଖାନା ଓ ଅନ୍ୟ ଜଣଙ୍କୁ କମାରଯୋଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିବା ବେଳେ ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ଶ୍ରମିକମାନଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବା ବେଳେ ଶତାଧିକ ଶ୍ରମିକ ରଣାଶାଳ ଘାଟି ନିକଟ ଠିକା ସଂସ୍ଥା ଚେଭରନ୍ସ କମ୍ପାନୀର କାର୍ଯ୍ୟାଳୟକୁ ଘେରାଓ କରିଥିଲେ। ଏହି ଘଟଣା ପରେ ସମ୍ପୃକ୍ତ ଠିକା ସଂସ୍ଥାର କୌଣସି ଅଧିକାରୀଙ୍କୁ ଘଟଣାସ୍ଥଳରେ ଦେଖିବାକୁ ମିଳିନଥିଲା। ସେପଟେ ଉଭୟ ଶ୍ରମିକଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାର ବର୍ଗ ଡାକ୍ତରଖାନାରେ ପହଞ୍ଚିଛନ୍ତି। ମୃତକ ୨ ଶ୍ରମିକ ଚରଣ ଲୋହାର ଓ ଅର୍ଜୁନ ଲୋହାର ଯୋଡ଼ା ପୌରପାଳିକା ଅନ୍ତର୍ଗତ ତଲକ ହାଟିଂର ବୋଲି ଜଣାପଡିଛି। ଘଟଣାସ୍ଥଳରେ ଯୋଡ଼ା ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ନିୟନ୍ତ୍ରିତ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ଏହି ଘଟଣାରେ କେନ୍ଦୁଝର ଜିଲ୍ଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିବା କହିଛନ୍ତି। ଚମ୍ପୁଆ ଉପଜିଲ୍ଲାପାଳ ସୁକାନ୍ତ କୁମାର ମାଝୀ, ବଡ଼ବିଲ ତହସିଲଦାର ଡିଏସଏସ ଯୋଶୀ, ଯୋଡ଼ା ପୌରପାଳିକା ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଏବଂ ପୂର୍ତ୍ତବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନେଇ ୪ ଜଣିଆ ଟିମ୍ ଘଟଣାର ତଦନ୍ତ କରି ରିପୋର୍ଟ ପ୍ରଦାନ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ଆଶିଷ କୁମାର ଠାକ୍‌ରେ ପ୍ରକାଶ କରିଛନ୍ତି।

## ଶ୍ରୀହୀନ ସୂତାକଳ...

ନିଗମ (ଆଇଡିସି) ଦ୍ୱାରା ପରିଚାଳିତ ହେଉଥିବା ଏହି ସୂତାକଳ ପରବର୍ତ୍ତୀ ସମୟରେ ଓଡ଼ିଶା ରାଜ୍ୟ ତନ୍ତୁବାୟ ନିଗମ (ଓଏସଟିସି) କୁ ହସ୍ତାନ୍ତର କରାଗଲା। ପରିଚାଳନା ନିର୍ଦ୍ଦେଶକ ପରିବର୍ତ୍ତନ ହେଲା । ସେହି ସମୟରୁ ଆରମ୍ଭ ହେଲା ଶ୍ରମିକଙ୍କ ଉପରେ ନିର୍ଯାତନା। ପୁଣି କାରଖାନା ହସ୍ତାନ୍ତର ହେଲା ରାଜ୍ୟ ସରକାରଙ୍କ ଏବିଏସ୍‌କୁ। ଯାହାକି "ଆସିକା-ବାରିପଦା-ସୋନପୁର" ସ୍ପିନିଂ ଲିମିଟେଡ (ଏବିଏସ୍) ଭାବେ ପରିଚିତ। ପୁଣି ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ପରିବର୍ତ୍ତନ ହେଲା। ପରିଚାଳନା ଗତ ତ୍ରୁଟି ବୃଦ୍ଧି ପାଇଲା। ବାରମ୍ବାର ମାଲିକାନା ଓ ପରିଚାଳନା କର୍ତ୍ତୃପକ୍ଷ ପରିବର୍ତ୍ତନ ହେବା ଦ୍ୱାରା ଆସିକା ସୂତାକଳ, କ୍ରମେ ସଂକଟ ଆଡ଼କୁ ଗତି କଲା। ରୁଗ୍ଣ ହେବାକୁ ଲାଗିଲା ସୂତାକଳ।

ପରବର୍ତ୍ତୀ ସମୟରେ କଲିକତାର ବାଲାଜୀ ସୂତାକଳ ନାମକ ଏକ ଘରୋଇ ସୂତାକଳକୁ ଏହା ବିକ୍ରି କରି ଦିଆଗଲା। ସରକାରୀ ପରିଚାଳନାରୁ ଘରୋଇ ମାଲିକାନା କୁ ବିକ୍ରି ହେବା ପରେ ଶ୍ରମିକ ଅସନ୍ତୋଷ ବଢି ଚାଲିଲା। ପ୍ରଥମେ ସୂତାକଳରେ ପ୍ରାୟ ୧୨ଶହ ଶ୍ରମିକ କାମ କରୁଥିବା ବେଳେ ବାଲାଜୀ ସୂତାକଳ ହାତକୁ କାରଖାନା ଯିବାପରେ ପ୍ରାୟ ୪୫୦ଶ୍ରମିକ କାମକଲେ। ସେଥିରୁ ପ୍ରାୟ ୨୫୦ଜଣ ମହିଳା ଶ୍ରମିକ ଥିଲେ। ସ୍ଥାନୀୟ ଅଞ୍ଚଳର ମାଗୁରା, ଧୋବାଡି, ନୂଆଁପଲ୍ଲୀ, କୁମ୍ଭାରୀ, ଘଟକୁରୀ, ଖାରିଆ ଓ କଲେଜ ଛକ ପ୍ରଭୃତି ଗାଁର ପୁରୁଷ ଓ ମହିଳାମାନେ ଉପକୃତ ହେଉଥିଲେ। କିଛି ଦିନ ଚାଲିବା ପରେ ବାଲାଜୀ ସୂତାକଳ ମାଲିକ ହଠାତ୍ କାରଖାନା ବନ୍ଦ କରିଦେଲେ। ସୂତାକଳ ମାଲିକ ଓ ଶ୍ରମିକଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଲା। ଶ୍ରମିକମାନେ ଅଦାଲତର ଆଶ୍ରୟ ନେଲେ। ଛଟେଇ ଶ୍ରମିକଙ୍କ ଅବସ୍ଥା ଗମ୍ଭୀର ହୋଇପଡିଲା। ଗାଁ ଛାଡି ଅନ୍ୟତ୍ର ଚାଲିଗଲେ, ଅନ୍ୟର ମୂଲ ଖଟିଲେ। ସୂତାକଳ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ଯଥେଷ୍ଟ ଅବଦାନ ରହିଥିଲା। ସୂତାକଳ ନିର୍ମାଣ ହେବା ପାଇଁ ସରକାରୀ ନିୟମର ପ୍ରକାରେ ନିଜ ପ୍ରାପ୍ୟ ପାଇ, ଜମି ହସ୍ତାନ୍ତର କରିଥିଲେ ଲୋକେ। କାରଖାନା ହେଲେ ନିଜର ଓ ସ୍ଥାନୀୟ ଅଞ୍ଚଳର ବିକାଶ ହେବ ବୋଲି ଲକ୍ଷ୍ୟ ରହିଥିଲା। କିନ୍ତୁ ତାହା ହୋଇପାରିଲା ନାହିଁ। ଶେଷରେ ଏମିତି ହେଲା ୨୦୦୨ମସିହା ବେଳକୁ ସୂତାକଳ ସଂପୂର୍ଣ୍ଣ ବନ୍ଦ ହୋଇଯିବା ପରେ, ପୁଣି ଏକ ଘରୋଇ ସଂସ୍ଥା ତାକୁ କିଣିନେଇ ପ୍ଲଟିଂ ବ୍ୟବସାୟ ଆରମ୍ଭ କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ ହେଲା। ହେଲେ, କୌଣସି ପ୍ରକାରେ ସ୍ଥାନୀୟ ଲୋକେ ଏହାକୁ ବ୍ୟବସାୟୀକରଣ କରିବାକୁ ସୁଯୋଗ ଦେଲେ ନାହିଁ। ଏବେ ଆସିକାର ସୂତାକଳ ସଂପୂର୍ଣ୍ଣ ବନ୍ଦ। ଭୂତକୋଠି ପାଲଟିଛି । ଏବେବି ସୂତାକଳ ଫାଟକରେ ଚୌକିଆ ହାଜିରା ଦେଉଛି। ମାଲିକ ସୁଯୋଗ ଖୋଜୁଛି। ସୂତାକଳର ସମ୍ପୂର୍ଣ୍ଣ ଜମି ଓ ଜରାଜୀର୍ଣ୍ଣ ଘର ଗୁଡ଼ିକୁ ବିକାଭଙ୍ଗା କରି ଚମ୍ପଟ ମାରିବାକୁ। ହେଲେ ସ୍ଥାନୀୟ ଲୋକେ ସମସ୍ତ ଘଟଣାକୁ ଗୋଡେ ଗୋଡେ ଜଗି ରହିଛନ୍ତି। କିନ୍ତୁ ଶ୍ରମିକମାନେ ଓ ସ୍ଥାନୀୟ ଲୋକେ ସୂତକଳ ବଦଳେ ଅନ୍ୟ କିଛି ଅନୁଷ୍ଠାନ ଗଢି ଉଠିଲେ ମଧ୍ୟ ଅନେକ ନିଯୁକ୍ତି ପାଇପାରିବେ ବୋଲି ଆଶାରେ ରହିଛନ୍ତି। ସବୁ ସତ୍ୱେ ଏବେବି ଅନେକ ଲୋକ ବଶ୍ୱାସ ରଖିଛନ୍ତି ଯେ, ପୁଣି ଥରେ ସୂତାକଳ ଆରମ୍ଭ ହେବ। ଏଣୁ ପୁଣିଥରେ ଯଦି ଜିଲ୍ଲା ପ୍ରଶାସନ କିମ୍ବା ଜନପ୍ରତିନିଧି ମାନେ ଏଥିପାଇଁ ପ୍ରଚେଷ୍ଟା କରନ୍ତେ, ତା'ହେଲେ ଆସିକାରେ ପୁଣି କାରଖାନା ଟିଏ ସୃଷ୍ଟି ହୋଇ ପାରନ୍ତା ବୋଲି ଅନେକେ ଆଶା ବାନ୍ଧିଛନ୍ତି। ସେପଟେ ସ୍ଥାନୀୟ ବିଧାୟିକାଙ୍କ ଦୃଷ୍ଟିକୁ ଆଣିବା ପରେ ସେ କହିଛନ୍ତି ଯେ, ଦିନ ଥିଲା ଆମ ଅଞ୍ଚଳର ଶହ ଶହ ଲୋକ ଏହି ସୂତାକଳରେ କାମ କରୁଥିଲେ। କିନ୍ତୁ ଆଜି ବନ୍ଦ ହୋଇଯାଇଛି। ଏନେଇ ମୁଁ ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଛି। ପୂର୍ବ ଅବସ୍ଥାକୁ ଫେରି ଆଣିବା ନେଇ ଚେଷ୍ଟା ଜାରି ରହିଥିବା କହିଛନ୍ତି ବିଧାୟିକା ମଞ୍ଜୁଳା ସ୍ୱାଇଁ।

## ଜନତା ହିଁ...

ଯେ ଗଜପତି ଜିଲ୍ଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ରହିଛି। ସେଥିପାଇଁ ସେ ଲୋକଙ୍କ ମତ ଆଧାରରେ ଏହି ଜିଲ୍ଲାକୁ ହାତଖୋଲା ପାଣ୍ଠି ଦେଉଛନ୍ତି। ପରିଣାମ ସ୍ୱରୂପ ଲୋକଙ୍କ ଜୀବନ ଶୈଳୀରେ ଅଭୂତପୂର୍ବ ପରିବର୍ତ୍ତନ ସୁନିଶ୍ଚିତ ହୋଇଛି ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ। ଆଜି ଜିଲ୍ଲା ଗସ୍ତ ଅବସରରେ '୫-ଟି' ଅଧ୍ୟକ୍ଷ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ।

ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଗତ ମେ' ୧୦ ତାରିଖରେ ଗଜପତି ଆସିଥିବା ସମୟରେ ଲୋକଙ୍କ ଠାରୁ ୩୮୦ ଖଣ୍ଡ ଦରଖାସ୍ତ ପାଇଥିଲେ। ସେଥିରୁ ୩୫୦ଟି ଦରଖାସ୍ତ ଉପରେ ପଦକ୍ଷେପ ନିଆଯାଇ ସମସ୍ୟାର ସମାଧାନ କରାଯାଇଛି ଏବଂ ମାସକ ଭିତରେ ବାକି ସବୁ ଦରଖାସ୍ତର ସମାଧାନ ହେବ। ଜିଲ୍ଲାରେ ୭ମାସ ମଧ୍ୟରେ ୭୩୦ଟି ସମସ୍ୟାର ସମାଧାନ କରାଯାଇଛି। ସବୁ ଦରଖାସ୍ତ ଉପରେ କ'ଣ ପଦକ୍ଷେପ ନିଆଗଲା, ତାହା ମାସକ ପରେ ଜିଲ୍ଲାପାଳ ପତ୍ର ଲେଖି ଜଣାଇବେ। ଲୋକଙ୍କ ପ୍ରସ୍ତାବ ଆଧାରରେ ଗୁମ୍ମାରେ ନୂଆ ସରକାରୀ ଡିଗ୍ରୀ କଲେଜ ପ୍ରତିଷ୍ଠା ପାଇଁ ମୁଖ୍ୟମନ୍ତ୍ରୀ ଅନୁମୋଦନ ପ୍ରଦାନ କରିଛନ୍ତି। ଗତ ୭ ମାସ ଭିତରେ ଗଜପତି ଜିଲ୍ଲାକୁ ମୁଖ୍ୟମନ୍ତ୍ରୀ ୨୭୯ କୋଟି ଟଙ୍କା ଦେଇଛନ୍ତି। ଗୁମ୍ମା ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ସ୍କୁଲକୁ ଉନ୍ନିତ କରିବାକୁ ମଞ୍ଜୁରୀ ମିଳିଛି। ନୂଆଗଡ଼ ବ୍ଲକ୍‌ର ଅନୁଗୁରୁ ସ୍କୁଲରେ ୨୪୦ ପିଲାଙ୍କ ପାଇଁ ହଷ୍ଟେଲ ନିର୍ମାଣ କରିବାକୁ ଗତ ମେ' ମାସରେ ଆବେଦନ ହୋଇଥିଲା ଏବଂ ଏଥିପାଇଁ ମୁଖ୍ୟମନ୍ତ୍ରୀ ୬ କୋଟି ଟଙ୍କା ଦେଇଛନ୍ତି। ସେହିପରି ପାରଳାଖେମୁଣ୍ଡିରେ ଚାରି ଲେନ୍ ବିଶିଷ୍ଟ ବାଇପାସ୍ ରାସ୍ତା ପାଇଁ ୫୦ କୋଟି ଟଙ୍କା, ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜର ଉନ୍ନତିକରଣ ପାଇଁ ୨ କୋଟି ୨୫ ଲକ୍ଷ ଟଙ୍କା, କାଶୀନଗରର ଶ୍ରୀରାମ ଡିଗ୍ରୀ କଲେଜର ୫-ଟି ରୂପାନ୍ତରଣ ପାଇଁ ୫୦ ଲକ୍ଷ ଟଙ୍କା, ଗୁମ୍ମାରେ ଥିବା ତୁମୁଲ ଏସସି ଏସ୍‌ଟି ହାଇସ୍କୁଲ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁରୀ ମିଳିଛି। ଏଥିସହ ମହେନ୍ଦ୍ରତନୟା ଉପରେ କରଡାସିଙ୍ଗି ଠାରେ ସେତୁ ନିର୍ମାଣ ପାଇଁ ୧୯ କୋଟି, ୫-ଟି ସ୍କୁଲରେ ହଷ୍ଟେଲ ନିର୍ମାଣ ପାଇଁ ୧୮ କୋଟି ଟଙ୍କା ମିଳିଛି। ମନ୍ଦିର, ମସଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ୧୩୦ଟି ପ୍ରକଳ୍ପରେ ୯.୫୦ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ଭଲ କାମ କରି ନୂଆ ଓଡ଼ିଶା ଗଠନ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରକ୍ଷା କରିବାକୁ ଶ୍ରୀ ପାଣ୍ଡିଆନ୍ ଆହ୍ୱାନ ଜଣାଇଥିଲେ।

ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ ଲୋକଙ୍କ ମତ ଆଧାରରେ କୃଷ୍ଣସାଗରର ଉନ୍ନତିକରଣ ପାଇଁ ୩ କୋଟି ୧୦ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି। ସେହିପରି ରାମସାଗର ପାଇଁ ୩ କୋଟି ୫୦ ଲକ୍ଷ, ଗଜପତି ସାଗର ପାଇଁ ଉନ୍ନତିକରଣ ପାଇଁ ୧ କୋଟି ୪୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଗୁମ୍ମାରେ ମଡେଲ ବସଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ ହେବ। ପ୍ରତି ଘରେ ପାଇପ୍ ପାଣି ପହଞ୍ଚାଇବା ପାଇଁ ଶୀଘ୍ର କାମ ଆରମ୍ଭ ହେବ ବୋଲି ନବୀନ ଓଡ଼ିଶା ଅଧ୍ୟକ୍ଷ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ପାଣ୍ଡିଆନ୍ କହିଥିଲେ, ଗ୍ରାମାଞ୍ଚଳରେ ରହୁଥିବା ସବୁ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନବୀନ କାର୍ଡ ଆରମ୍ଭ କରିଛନ୍ତି। ଯେଉଁମାନେ ବିଏସ୍‌କେୱାଇ କାର୍ଡ ପାଇନଥିଲେ ସେମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ କାର୍ଡ ପ୍ରଦାନ କରିବେ। ଅର୍ଥାଭାବରୁ କେହି ସ୍ୱାସ୍ଥ୍ୟ ସେବା ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ତେଣୁ ଯେଉଁମାନଙ୍କ ପାଖରେ ବିଏସ୍‌କେୱାଇ କାର୍ଡ ନାହିଁ ସେମାନେ ମୋ ସେବା କେନ୍ଦ୍ରରେ ନବୀନ କାର୍ଡ ପାଇଁ ଆବେଦନ କରନ୍ତୁ, ମାସେ ଭିତରେ କାର୍ଡ ମିଳିବ। ପରେ ସହରାଞ୍ଚଳର ଲୋକଙ୍କୁ ନବୀନ କାର୍ଡ ଦିଆଯିବ। ବିଏସ୍‌କେୱାଇ ହେଉଛି ସମଗ୍ର ଦେଶରେ ଏକ ଅନନ୍ୟ ଯୋଜନା। ଏପରି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ କରିବାରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ। ଧନୀ ଘରର ଲୋକଙ୍କ ଭଳି ଗରିବ ଲୋକଟିଏ ମଧ୍ୟ ବଡ଼ ବଡ଼ ଡାକ୍ତରଖାନାରେ ଚିକିତ୍ସା ପାଇବା ପାଇଁ ବିଏସ୍‌କେୱାଇର ବଳ ପାଇଛି। ସାଢ଼େ ଚାରି କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। କୌଣସି ବଡ଼ ରୋଗ ଆସିଲେ କେହି ଦୁର୍ଦ୍ଦଶା ନ ଭୋଗନ୍ତୁ, ମୁଖ୍ୟମନ୍ତ୍ରୀ ଏହା ଚାହନ୍ତି। ରାଜ୍ୟର ୯୦% ଲୋକଙ୍କୁ ବିଏସକେୱାଇ ସମ୍ପୂର୍ଣ୍ଣ ମାଗଣାରେ ସର୍ବୋତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଛି। ପ୍ରତି ମାସରେ ସରକାର ୨୦୦ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଚିକିତ୍ସା ପାଇଁ ଗରିବ ଲୋକଟିଏ ଗହଣା ବନ୍ଧା ରଖୁ ନାହିଁ କିମ୍ବା ଜମି ବିକ୍ରି କରୁ ନାହିଁ।

୫-ଟି ଅଧ୍ୟକ୍ଷ କହିଥିଲେ, ମନ୍ଦିର, ମସଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ସମ୍ପର୍କରେ ଯେଉଁ ଦରଖାସ୍ତ ମିଳିଥିଲା ତାହା ମୁଖ୍ୟମନ୍ତ୍ରୀ ପାଇଛନ୍ତି ଏବଂ ଆସନ୍ତା ଫେବୃଆରୀ ୩ ତାରିଖରେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ଖୁସି ଖବର ଦେବେ। ମୁଖ୍ୟମନ୍ତ୍ରୀ ଯେଉଁ ଅର୍ଥ ଦେଉଛନ୍ତି ତାହା ସ୍ୱଚ୍ଛତାର ସହ ଖର୍ଚ୍ଚ କରିବାକୁ ଶ୍ରୀ ପାଣ୍ଡିଆନ୍ ପରାମର୍ଶ ଦେଇଛନ୍ତି। ଭଲ କାମ କଲେ ଦ୍ୱିତୀୟ ଓ ତୃତୀୟ କିସ୍ତିରେ ଅଧିକ ପାଣ୍ଠି ମିଳିବ। ଗଜପତି ଜିଲ୍ଲାରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବା ପରେ ମହିଳା, ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିବା ସୁଯୋଗ ପାଇଛନ୍ତି। ଶ୍ରୀ ପାଣ୍ଡିଆନ୍ ଆହୁରି କହିଥିଲେ, ଖୁବ୍ ଶୀଘ୍ର ଭତ୍ତା ସହିତ ଆଶା, ଅଙ୍ଗନବାଡୀ ଦିଦି, ସ୍ୱଚ୍ଛ ସାଥୀଙ୍କ ଦରମା ବୃଦ୍ଧି ନେଇ ମୁଖ୍ୟମନ୍ତ୍ରୀ ଖୁସି ଖବର ଦେବେ। ଦୁଇ ମାସ ଭିତରେ ଜିଲ୍ଲାର ପ୍ରତି ପଞ୍ଚାୟତରେ ବ୍ୟାଙ୍କ ସେବା ଆରମ୍ଭ ହେବ ବୋଲି ସେ ଘୋଷଣା କରିଥିଲେ।

ଆଜି ଜିଲ୍ଲା ଗସ୍ତ ଅବସରରେ ଶ୍ରୀ ପାଣ୍ଡିଆନ୍ ୫୪ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ୯ଟି ସେତୁ ଓ ପାରଳାଖେମୁଣ୍ଡି ବାଇପାସ୍ ରାସ୍ତା ନିର୍ମାଣ ଅଗ୍ରଗତି ସମୀକ୍ଷା କରିଥିଲେ। ଗତ ମେ' ମାସରେ ଗଜପତି ଗସ୍ତ ପରେ ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଏହା ପରେ ଶ୍ରୀ ପାଣ୍ଡିଆନ୍, ୯୯୬ କୋଟି ଟଙ୍କାରେ ହେଉଥିବା ଛେଳିଗଡ଼ ଜଳସେଚନ ପ୍ରକଳ୍ପ, ୧୮୦ କୋଟି ଟଙ୍କାରେ ରାୟଗଡ଼ା ବ୍ଲକ୍ ପାଇଁ ବୃହତ ପାନୀୟ ଜଳ ପ୍ରକଳ୍ପ, ୧୩.୫ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ଜଳପ୍ରପାତ ଓ ଭ୍ୟୁ ପଏଣ୍ଟ ଉନ୍ନୟନ ପ୍ରକଳ୍ପ, ୨.୬୮ କୋଟିରେ ଜିରାଙ୍ଗ ବୌଦ୍ଧସ୍ଥଳ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିଥିଲେ। କାଶୀନଗର ଏବଂ ରାମଗିରି ଠାରେ ଆୟୋଜିତ ଜନସଭାରେ ଲୋକଙ୍କ ଆପତ୍ତି ଅଭିଯୋଗ ଗ୍ରହଣ କରିବା ସହ ତାହା ଶୀଘ୍ର ସମାଧାନ କରାଯିବ ବୋଲି ଶ୍ରୀ ପାଣ୍ଡିଆନ୍ ପ୍ରତିଶ୍ରୁତି ଦେଇଥିଲେ।


GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION RAIRANGPUR (MAYURBHANJ)
E-mail ID: - eerwrairangpur@yahoo.com
O-2280

Letter No. 43
"e" Procurement Notice for Road Works
Bid Identification No – RWDRRP – 24 / 2023-24

1. Name of the work : S/R to Jamda Tendra SDBC road for the year 23-24
2. Estimated Cost : Rs. 10.08 lakhs (approximately).
3. Class of Contractor : "D"&"C" Class or relevant Class of works license.
4. Period of Completion : 01 (One) calendar months.
5. Tender Paper Cost : as per annexure /-

: The details are as follows.

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O S.E.R.W. Division, Rairangpur. Technical Bid & Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Rairangpur. | RWDRRP- 24 / 2023-24 | 24.01.2024 at 11.00 A.M. | 31.01.2024 up to 5.00 P.M. | 30.01.2024 up to 5.00 P.M. | 01.02.2024 at 11.30 A.M. |

Further details can be seen from the website www.tendersodisha.gov.in

-Sd-
Er. D.Behera
Superintending Engineer
R.W.Division,Rairangpur

OIPR-25107/11/0026/2324

### ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ରଗଡା ଡ୍ୟାମ୍

# ପୁନରୁଦ୍ଧାର ସହ ପର୍ଯ୍ୟଟନସ୍ଥଳର ମାନ୍ୟତା ଦାବି

**କାଳିଆପାଣି, ୨୩।୧ (ସମିସ)**



ରଗଦା ଡ୍ୟାମ୍ ଯାଜପୁର ଓ ଢେଙ୍କାନାଳ ଜିଲ୍ଲା ସୀମାରେ ଅବସ୍ଥିତ। ପ୍ରାୟ ୭୦ ଦଶକରେ ନିର୍ମିତ ଏହି ଡ୍ୟାମ୍ ଦୁଇ ଜିଲ୍ଲାର ଦୁଇଟି ଛୋଟ ନଦୀ ଉପର ପର୍ବତ ମାଳାରୁ ବହିଆସି ଯାଜପୁର ଜିଲ୍ଲାର ରଗଦା ଓ ଢେଙ୍କାନାଳ ଜିଲ୍ଲାର ଖରଖରୀ ମାହାଲି ସାହିର ମଧ୍ୟବର୍ତ୍ତୀ ସ୍ଥାନରେ ମିଶିଛନ୍ତି। ତତ୍କାଳୀନ କାମାକ୍ଷାନଗର ବିଧାୟକ କୈଳାସ ଚନ୍ଦ୍ର ମହାପାତ୍ର ଦୁଇ ଜିଲ୍ଲାର କୃଷକଙ୍କ ହିତକୁ ଦୃଷ୍ଟିରେ ରଖି ନଦୀବନ୍ଧ ନିର୍ମାଣ କରିବାକୁ ଆଗ୍ରହ ପ୍ରକାଶ କରିଥିଲେ। ଯାହାକି ୧୯୭୦ରେ ଏହାର କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୁଇ ଜିଲ୍ଲାକୁ ସଂଯୋଗ କରୁଥିବା ଦୁଇଟି ନଦୀର ସଂଯୋଗ ସ୍ଥଳକୁ ଦୁଇଟି ବିଶାଳ ପର୍ବତକୁ ସଂଯୋଗ କରି ଏହି ବନ୍ଧ ନିର୍ମାଣ କରାଯାଇଥିଲା। ଚିଙ୍ଗୁଡ଼ିପାଳ ପଞ୍ଚାୟତର ବହୁ ପୁରାତନ ରଗଦା ଗାଁ ମୁଣ୍ଡରେ ଏହି ବନ୍ଧଟି ନିର୍ମିତ ହୋଇଥିବାରୁ ଏହାର ନାମ ରଗଦା ଡ୍ୟାମ ରଖାଯାଇଛି। ଏହି ଡ୍ୟାମରୁ ଦୁଇଟି କେନାଲ ବାହାରିଛି। ଡାହାଣ ପାର୍ଶ୍ୱ କେନାଲଟି ଢେଙ୍କାନାଳ ଜିଲ୍ଲା ଓ ବାମ ପାର୍ଶ୍ୱ କେନାଲ ଯାଜପୁର ଜିଲ୍ଲାର ହଜାର ହଜାର ଏକର ଚାଷ ଜମିକୁ ଜଳସେଚିତ କରୁଛି। ଏହି ଡ୍ୟାମ ନିର୍ମାଣ ହେବା ପରେ ଢେଙ୍କାନାଳ ଜିଲ୍ଲା ପଟକୁ ଥିବା ପାହାଡ଼ ଉପରେ ଗର୍ଗାଚଳ ଠାକୁରଙ୍କୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରୁଥିବା କିମ୍ବଦନ୍ତୀ ରହିଛି। ଯାହାକି ଆଜି ପର୍ଯ୍ୟନ୍ତ ଚାଲିଥିବା ଦେଖିବାକୁ ମିଳୁଛି। କୁଡ଼ମୀ ସମ୍ପ୍ରଦାୟର ଲୋକେ ସେଠାରେ ପୂଜାପାଠ କରିଆସୁଛନ୍ତି। କାଳକ୍ରମେ କୁଡୁମି ସମାଜର ମହାନ ପର୍ବ ଟୁସୁ ଦେବୀଙ୍କ ଟୁସୁ ପର୍ବ ସେହି ଗର୍ଗାଚଳ ଠାକୁରଙ୍କ ନିକଟରେ ପାଳନ କରି ରଗଦା ଡ୍ୟାମରେ ବିସର୍ଜନ କରିଆସୁଛନ୍ତି। ବର୍ତ୍ତମାନ ଏହା ପ୍ରସିଦ୍ଧି ଲାଭ କରିବାକୁ ଲାଗିଛି। କୁଡୁମୀଙ୍କ ଟୁସୁପର୍ବ ଏଠାରେ ପ୍ରସିଦ୍ଧ ହେବାରେ ଲାଗିଲାଣି। ପ୍ରତିବର୍ଷ ମକର ସଂକ୍ରାନ୍ତି ଦିନ ଏଠାରେ ଟୁସୁ ପର୍ବ ପାଳନ କରାଯାଇଥାଏ। ଦୁଇ ଜିଲ୍ଲାର ହଜାର ହଜାର ଲୋକ ଏଠାରେ ଟୁସୁ ପର୍ବ ବା ମକର ପର୍ବ ଦେଖିବାକୁ ଆସିଥା'ନ୍ତି। ଏହି ଡ୍ୟାମର ସୁନ୍ଦର ଜଳରାଶି ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ଉଭୟ ପାର୍ଶ୍ୱରେ ଅନେକ ମନୋରମ ଓ ପିକନିକ ଉପଯୋଗୀ ସ୍ଥାନ ଥିବାରୁ ବର୍ଷ ତମାମ ଏଠାକୁ ଲୋକେ ବଣଭୋଜି କରିବାକୁ ଆସୁଥିବାର ଦେଖିବାକୁ ମିଳୁଛି। ଏହି ଡ୍ୟାମ୍‌ର ପୁନରୁଦ୍ଧାର କରାଯିବା ସହ ଏହାକୁ ପର୍ଯ୍ୟଟନ ସ୍ଥଳ ମାନ୍ୟତା ପ୍ରଦାନ କରାଯିବାକୁ ଦାବି ହେଉଛି।

ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ରଗଦା ଡ୍ୟାମ ବର୍ତ୍ତମାନ ଏକ ପିକିନିକ ସ୍ପଟ୍ ଓ ପର୍ଯ୍ୟଟନ କେନ୍ଦ୍ର ଭାବେ ପରିଣତ ହେବାକୁ ଲାଗିଛି। ମକର ସଂକ୍ରାନ୍ତି ଦିନ କୁଡ଼ମୀ ସମ୍ପ୍ରଦାୟ ଓ ଅନ୍ୟାନ୍ୟ ସମ୍ପ୍ରଦାୟର ହଜାର ହଜାର ଜନସାଧାରଣ ଏଠାରେ ମକର ଯାତ୍ରା ଦେଖିବାକୁ ଆସୁଛନ୍ତି। ରଗଦା ଡ୍ୟାମର ଉପରେ ଥିବା ବନ୍ଧକୁ ଅତି ସୁନ୍ଦର ଓ ସୁରକ୍ଷିତ ଭାବେ ନିର୍ମାଣ କରାଯାଇଥିବାରୁ ବନ୍ଧ ଉପରୁ ଚତୁପାର୍ଶ୍ୱ ଅତୀବ ସୁନ୍ଦର ଓ ମନୋରମ ଦେଖାଯାଏ। ଏହି ଡ୍ୟାମ୍‌ର ପୁନରୁଦ୍ଧାର କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ପ୍ରାୟ ୬୦ ବର୍ଷ ପୁରାତନ ଏହି ଡ୍ୟାମର ମଧ୍ୟଭାଗ ଧୀରେ ଧୀରେ ପୋତିହୋଇ ଯାଉଥିବା ପରିଲକ୍ଷିତ ହେଉଛି। ଅନେକ ବର୍ଷ ପରେ ଯଦିଓ ମୁଖ୍ୟ ବନ୍ଧକୁ ପୁନରୁଦ୍ଧାର କରାଯାଇଛି ହେଲେ ଡ୍ୟାମରେ ଭର୍ତ୍ତି ହୋଇ ରହିଥିବା ମାଟି, କାଦୁଅ ଓ ପଙ୍କ ଏହାର ଜଳଧାରଣ କ୍ଷମତାକୁ କ୍ଷୀଣ କରୁଛି। ପରିଣାମ ସ୍ୱରୂପ ଏହାର ଜଳଧାରଣ କ୍ଷମତା ଧୀରେ ଧୀରେ କମିବାରେ ଲାଗିଛି। ଯାହାକି କିଛିବର୍ଷ ପରେ ଏହାର ଦୁଇଟି କେନାଲରେ ଯାଉଥିବା ପାଣି କମିଯିବା ସମ୍ଭାବନା ଦେଖାଦେବ। ତେଣୁ ଖୁବଶୀଘ୍ର ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବାକୁ ବୁଦ୍ଧିଜୀବୀ ମହଲରୁ ଦାବି କରାଯାଇଛି।

ଏହି ଡ୍ୟାମକୁ ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବାକୁ କିଛି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲେ ସୁଦ୍ଧା ତାକୁ ପୂରଣ କରିନାହାନ୍ତି। ଦୁଇବର୍ଷ ପୂର୍ବେ ଖଣି ଅଞ୍ଚଳରେ କାର୍ଯ୍ୟରତ ବେଦାନ୍ତ-ଫେକର କମ୍ପାନୀ ଜନଶୁଣାଣିରେ ସାଧାରଣ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ, ରଗଦା ଡ୍ୟାମର ପୁନରୁଦ୍ଧାର ଓ ସୁନ୍ଦରୀକରଣ ନିମନ୍ତେ ଖୁବଶୀଘ୍ର କାର୍ଯ୍ୟ ଆରମ୍ଭ କରିବ। ଇତିମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ସୁଦ୍ଧା କମ୍ପାନୀ ଏଥିପାଇଁ ଆଗ୍ରହ ଦେଖାଇନାହିଁ। ଟାଟା କମ୍ପାନୀ ଡ୍ୟାମ ତଳେ ଗତବର୍ଷ କିଛି ଜନହିତକର କାର୍ଯ୍ୟ କରିଛି। କିନ୍ତୁ ତାହା ପର୍ଯ୍ୟାପ୍ତ ନୁହେଁ। ତେଣୁ ଏହାର ପ୍ରାକୃତିକ ପରିବେଶକୁ ଆହୁରି ସୌନ୍ଦର୍ଯ୍ୟକରଣ କରିବାକୁ ପ୍ରଶାସନ ଓ ବେସରକାରୀ ସଂସ୍ଥା ଦାୟିତ୍ୱ ନେବା ଆବଶ୍ୟକ ବୋଲି ଦାବି ହୋଇଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

**ପାଣିକୋଇଲି, ୨୩।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସଠିପୁର ସର୍ଭିସ ରୋଡରେ ଭାରସାମ୍ୟ ହରାଇ ଏକ ବାଇକ ଡିଭାଇଡରରେ ପିଟି ହେବାରୁ ଆରୋହୀ ଓ ସହଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଞ୍ଚାୟତ ଆମ୍ବଗଡ଼ିଆ ଗ୍ରାମର ବୃନ୍ଦାବନ ସାହୁଙ୍କ ପୁଅ ଗୌରହରି ଓ ପଳସା ଗ୍ରାମର ପବିତ୍ର ସେଠୀଙ୍କ ପୁଅ ପଙ୍କଜ ସେଠୀ ଉଭୟ ଏକ ବାଇକ ଯୋଗେ ଷଠିପୁର ଟାଙ୍କିରୁ ତେଲ ପକାଇ ସର୍ଭିସ ରୋଡରେ ଯାଉଥିଲେ। ବାବାମଣୀ ହୋଟେଲ ନିକଟରେ ଭାରସାମ୍ୟ ହରାଇ ବାଇକଟି ଡିଭାଇଡରେ ପିଟି ହୋଇଯାଥିଲା। ସ୍ଥାନୀୟ ଲୋକ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ଉଦ୍ଧାର କରି ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡମେଡିକାଲ ସ୍ଥାନାନ୍ତର କରାଯାଇଛି।

## ଅଧା ଛୁଟି ପରେ ହେଲା ଜନଅଭିଯୋଗ ଶୁଣାଣି ଶିବିର

**ଦଶରଥପୁର, ୨୩।୧(ସମିସ):** ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅବସରରେ ସାରା ରାଜ୍ୟରେ ସରକାରୀ ଅଫିସ ଅପରାହ୍ନ ୨.୩୦ ପର୍ଯ୍ୟନ୍ତ ଛୁଟି ଥିଲା। ସେଥିପାଇଁ ଛୁଟି ଖୋଲିବା ପରେ ଅପରାହ୍ନରେ ଦଶରଥପୁର ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ଶାଶ୍ୱତୀ ସାହୁଆଲ, ମଣ୍ଡଳ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ତହସିଲଦାର ବିକ୍ରମ କିଶୋର ପରିଡ଼ା, ଏଡିଏମ୍‌ଓ ଡାକ୍ତର ସତ୍ୟ ପ୍ରକାଶ ସାହୁ, ଅଧିକ୍ଷଣ ଯନ୍ତ୍ରୀ, ଜଳ ନିଷ୍କାସନ ଖଣ୍ଡ ଇଞ୍ଜିନିୟର ଦିଲ୍ଲୀପ ନନ୍ଦନ ମହାପାତ୍ର, ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଇଞ୍ଜିନିୟର କ୍ଷେତ୍ରମୋହନ ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଉଦିପ୍ତ କୁମାର ତ୍ରିପାଠୀ, ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନା, ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ ଟିପିଏନଓ ଡିଏଲ୍ ମନୋଜ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି ପ୍ରକ୍ରିୟାରେ ସହଯୋଗ କରିଥିଲେ। ଶିବିରରେ ୧୪ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୧୨ଟି ବ୍ୟକ୍ତିଗତ ଓ ୨ଟି ସମୂହ ଅଭିଯୋଗ ଥିଲା।

## ଫେକର କମ୍ପାନୀ ପକ୍ଷରୁ ୨ ଗାଁକୁ ସ୍ୱଚ୍ଛ ଜଳ ଯୋଗାଣ

**କାଳିଆପାଣି, ୨୩।୧(ସମିସ):** ଆଜି କାଳିଆପାଣି ଖଣି ଅଞ୍ଚଳରେ ଥିବା ଫେକର କମ୍ପାନୀ ପକ୍ଷରୁ ଗୁରୁଜାଙ୍ଗ ଗ୍ରାମକୁ ପାଇପ ମାଧ୍ୟମରେ ପିଇବା ପାଣି ଯୋଗାଇ ଦେବାର ଶୁଭାରମ୍ଭ ହୋଇଛି। ଏହାସହିତ ଗୁରୁଜାଙ୍ଗ ଦେହୁରିସାହିର ପ୍ରାୟ ୫୦ ପରିବାର ଉପକୃତ ହୋଇଛନ୍ତି। ପୂର୍ବରୁ ଗୁରୁଜାଙ୍ଗ ଦେହୁରିସାହି ଏବଂ ହଟିଙ୍ଗ ସାହିର ଲୋକମାନେ ପିଇବା ପାଣି ପାଇଁ ଅସୁବିଧା ହେଉଥିଲେ। ଖରାବର୍ଷା ସବୁ ଋତୁରେ କେବଳ



ଟ୍ରାକ୍ଟର ବା ଅନ୍ୟ ଗାଡିର ପାଣିଟାଙ୍କି ମାଧ୍ୟମରେ ପିଇବା ପାଣି ପାଇଁ ଲମ୍ବା ଲମ୍ବା ଧାଡ଼ିବାନ୍ଧି ରହିବାକୁ ପଡୁଥିଲା। ଫେକର କମ୍ପାନୀର ଅତି ନିକଟରେ ଥିଲେ ସୁଦ୍ଧା ଦୀର୍ଘ ବର୍ଷଧରି ପାଣିର ଅସୁବିଧା ଭୋଗୁଥିଲେ ଏହି ଗ୍ରାମବାସୀ। ତେବେ ଆଜି ଫେକର କମ୍ପାନୀ ପକ୍ଷରୁ ଗୁରୁଜାଙ୍ଗ ସ୍କୁଲ ପାଖରେ ଏକ ବୋରୱେଲ ଖନନ କରି ପାଣିଟାଙ୍କିରୁ ପାଇପ ମାଧ୍ୟମରେ ଗୁରୁଜାଙ୍ଗ ଦେହୁରିସାହିକୁ ପାଣି ଯୋଗାଇ ଦେଇଛି। ପିଇବା ପାଣିର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘର ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, କାଳିଆପାଣି ଗ୍ରାମ ପଞ୍ଚାୟତ ସରପଞ୍ଚ ବିକାଶ ପାତ୍ର, ଜିଲ୍ଲା ପରିଷଦ ସଭ୍ୟା ଜେମାଚାଖି ଏବଂ ଫେକର କମ୍ପାନୀର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ସତ୍ୟସାଇ ସେବା ସମିତି ପକ୍ଷରୁ ବାଲ୍ ବିକାଶ କାର୍ଯ୍ୟକ୍ରମ

**ବାଲିଚନ୍ଦ୍ରପୁର, ୨୩।୧(ସମିସ):** ବାଲିଚନ୍ଦ୍ରପୁର ସତ୍ୟ ସାଇ ସେବା ସମିତି ତରଫରୁ ପତରାଜପୁରସ୍ଥିତ ସତ୍ୟସାଇ ସେବା ମନ୍ଦିରରେ ଛୋଟ ଛୋଟ ପିଲାମାନଙ୍କ ପାଇଁ ବାଲ୍ ବିକାଶ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଆବାହକ ସୁନିଲ୍ କୁମାର ମହାନ୍ତି, ସେବାଦଳ ସଂଯୋଜକ ସଞ୍ଜୟ କୁମାର ବାରିକ, ସାଇ ଆଶ୍ରିତ ଇନ୍ଦ୍ରମଣୀ ସାମଲ, ସୁଂଧାଂଶୁ କୁମାର ଷଡଙ୍ଗୀ, ଶୁଭ୍ରାଂଶୁ କୁମାର ଷଡଙ୍ଗୀ, କୈଳାସ ଚନ୍ଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ଭାଗ୍ୟଧର ବରାଳ, ଭାସ୍କର ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇଥିଲେ। ୩୦ରୁ ଊର୍ଦ୍ଧ୍ୱ କୁନି କୁନି ପିଲାମାନଙ୍କୁ ଖାତା, କଲମ ଓ ମ୍ରିାନ୍ନ ବଣ୍ଟାଯାଇଥିଲା। ବାଲ୍ ବିକାଶ ପାଠ୍ୟକ୍ରମର କାର୍ଯ୍ୟାନ୍ୱୟନରେ ପାଞ୍ଚଟି ଶିକ୍ଷାଦାନର କୌଶଳ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ସତ୍ୟ ଧାର୍ମିକତାର ପାଞ୍ଚଟି ସର୍ବଭାରତୀୟ ମାନବୀୟ ମୂଲ୍ୟବୋଧ, ଶାନ୍ତି, ପ୍ରେମ ଏବଂ ଅହିଂସା ଶିଶୁମାନଙ୍କୁ ଅନ୍ତଃର୍ନିହିତ ଅନୁଭବ କରିବାରେ ସାହାର୍ଯ୍ୟ କରିବା ଏହି କୌଶଳ ଉପରେ ଆଧାର କରି ପିଲାମାନଙ୍କୁ ଶିକ୍ଷାଦାନ କରିବା ବାଲ୍ ବିକାଶ ଶିଶୁର ମାନସିକ ବିକାଶ ସହିତ ଜଡିତ ଏକ ନିର୍ଦ୍ଦିଷ୍ଟ ଭୂମିକା, ଶୃଙ୍ଖଳା ଏବଂ ନିୟମ ପ୍ରତି, ସମ୍ମାନର ଭାବନା ବିକାଶ କରିବାକୁ ବାଲ୍ ବିକାଶର ମୁଖ୍ୟ ଲକ୍ଷ୍ୟ ବୋଲି ସଂଯୋଜକ ସୁନିଲ କୁମାର ମହାନ୍ତି କହିଛନ୍ତି।

## ନେତାଜୀ ଜୟନ୍ତୀ ଉପଲକ୍ଷେ ରକ୍ତଦାନ ଶିବିର



**ଯାଜପୁର ଟାଉନ, ୨୩।୧(ସମିସ):** ନେତାଜୀ ସୁଭାଷ ବୋଷ ଏବଂ ବୀର ସୁରେନ୍ଦ୍ରସାଏଙ୍କ ଜୟନ୍ତୀ ଉପଲକ୍ଷେ ଯାଜପୁର ଟାଉନ ସ୍ଥିତ ଡିଏଭି ସ୍କୁଲ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅଶୋକ ଦାସ ଫାଉଣ୍ଡେସନ ସହଯୋଗିତାରେ ଡିଏଭି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ ରକ୍ତଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯାଜପୁର ବ୍ଲକ ବିଡ଼ିଓ ସୌରଭ ଚକ୍ରବର୍ତ୍ତୀ, ଅଶୋକ ଦାସ ଫାଉଣ୍ଡେସନ ସଭାପତି ସବ୍ୟସାଚୀ ମହାପାତ୍ର ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଡିଏଭି ସ୍କୁଲ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିଥିଲେ। ଶିବିରରେ ୫୦ରୁ ଊର୍ଦ୍ଧ୍ୱ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଶେଷରେ ଡିଏଭି ସ୍କୁଲର ପ୍ରଧାନ ଶିକ୍ଷକ ଦେବବ୍ରତ ପ୍ରଧାନ ଏବଂ ପରିଚାଳନା କମିଟି ସଦସ୍ୟା ଶୁଭ୍ର ମଲ୍ଲିକା ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର; ୬୧ ୟୁନିଟ୍ ସଂଗୃହୀତ



**ବଡଚଣା, ୨୩।୧(ସମିସ):** ରବିବାର ସେବା ହିଁ ଧର୍ମ ସ୍ୱେଚ୍ଛାସେବୀ ସଂଗଠନ ତାର ତୃତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିଥିଲେ। ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ରଶ୍ମିରଞ୍ଜନ ପଶାୟତ, ପ୍ରଧାନ ଶିକ୍ଷୟିତ୍ରୀ ତଥା ସଂଗଠନର ଉପଦେଷ୍ଟା ଶ୍ରଦ୍ଧାଞ୍ଜଳି ଦାସ, ପ୍ରଧାନ ଶିକ୍ଷ ଦୈତାରୀ ମାଲିକ, ଦୁଃଶାସନ ସ୍ୱାଇଁ ସୁଧାଂଶୁ ବେହେରା, କେଦାର ଷଡଙ୍ଗୀ ଏବ ପ୍ରମୋଦ ବାଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭାଗ୍ୟଧର ସାମଲ ରକ୍ତଦାନ ଶୁଭାରମ୍ଭ କରିଥିଲେ। ଶିବିରରୁ ପ୍ରାୟ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରାୟ ୧୧ ଜଣ ମହିଳା ରକ୍ତଦାନ କରିଥିଲେ। ଯାଜପୁର ରକ୍ତ ଭଣ୍ଡାର ଅଧିକାରୀ ପାର୍ଥସାରଥୀ ପୁହାଣ ଏବଂ ସହଯୋଗୀ, ସଂଗଠନର ନିୟମିତ ରକ୍ତଦାନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ପୂର୍ବକ ଧନ୍ୟବାଦ୍ ଦେଇଥିଲେ। ସଂଗଠନ ତରଫରୁ ନୂଆଗାଁ ସ୍କୁଲର ସହକାରୀ ଶିକ୍ଷକ ପ୍ରକାଶ ବେହେରା ଶ୍ରୀଯୁକ୍ତ ପୁହାଣଙ୍କୁ ତାଙ୍କର ନିଷ୍ଠାପର ସେବା ପାଇଁ ମାନପତ୍ର ସହିତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବ୍ରାହ୍ମଣୀ ବ୍ରିଜ୍ ବଜାରରେ ନଳକୂପ ଅଚଳ

**କବାଟବନ୍ଧ, ୨୩।୧ (ସମିସ)**



ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛନ୍ଦା ପଞ୍ଚାୟତ ବ୍ରାହ୍ମଣୀ ବ୍ରିଜ ବଜାରରେ ଥିବା ନଳକୂପ ଅଚଳ ଅବସ୍ଥାରେ ପଡ଼ି ରହିଛି। ହଜାର ହଜାର ଲୋକ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସଂଲଗ୍ନ ବ୍ରାହ୍ମଣୀ ବ୍ରିଜ ବଜାର ରେ ଅନେକ ଗୁଡିଏ ଦୋକାନ ରହିଛି। ପାନୀୟ ଜଳ କହିଲେ ଏହି ନଳକୂପ ଏକ ମାତ୍ର ଭରସା। ବଜାରରେ ଥିବା ତାରିଣୀଙ୍କ ମନ୍ଦିରର ସମସ୍ତ କାର୍ଯ୍ୟ ତଥା ମା'ଙ୍କ ସ୍ନାନ ମଧ୍ୟ ଏହି ନଳକୂପ ଜଳରେ ହୋଇଥାଏ। ଦୀର୍ଘ ୪ ମାସ ହେବ ଏହି ନଳକୂପ ଅଚଳ ହୋଇ ପଡ଼ିବା ଫଳରେ ବାଧା ସୃଷ୍ଟି ହେବା ସହିତ ପଥଚାରୀମାନେ ମଧ୍ୟ ପାନୀୟ ଜଳ ପାଇଁ ଅସୁବିଧା ଭୋଗୁଛନ୍ତି। ବହୁଦିନ ଧରି ଅଚଳ ହୋଇ ପଡ଼ି ରହିବା ଫଳ ରେ ଏହାର ଯନ୍ତ୍ରାଂଶ ଗୁଡ଼ିକ ନଷ୍ଟ ହୋଇଗଲାଣି। ତୁରନ୍ତ ଏହାକୁ ମରାମତି କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

### ଗ୍ରାମ୍ୟ ଜଳଯୋଗାଣ ବିଭାଗୀୟ ଅଧିକାରୀଙ୍କ ଅବହେଳା

## ରସୁଲପୁର ବ୍ଲକ୍‌ରେ ପାନୀୟ ଜଳ ଯୋଗାଣ ବିପର୍ଯ୍ୟସ୍ତ

**କୁଆଖିଆ, ୨୩।୧(ସମିସ)**



ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ପାଇଁ ସରକାର ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଲୋଭ ଓ ଲାଭଖୋର ମନୋବୃତି ଯୋଗୁଁ ଗରିବ ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଦେଖିବାକୁ ମିଳିଛି। ରସୁଲପୁର ବ୍ଲକରେ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଅନେକ ପଞ୍ଚାୟତରେ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଯାହା ଫଳରେ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳଯୋଗାଣ ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଲୋକେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଓଭର ହେଡ୍ ଟାଙ୍କି ନିର୍ମାଣକୁ ୫ ବର୍ଷ ପୁରିଥିଲେ ବି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରୁନାହିଁ। ସେହିପରି କେତେକ ସ୍ଥାନରେ ଠିକାଦାର ବର୍ଷ ବର୍ଷ ଧରି ଅଧାରୁ କାମ ବନ୍ଦ କରି ଚାଲି ଯାଇଛନ୍ତି। ରାହାମ୍ବା ପଞ୍ଚାୟତ ମିର୍ଜାପୁର ଠାରେ ୨୦୨୦ ମସିହାରୁ ୮୬.୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ୧.୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଓଭର ହେଡ୍ ଟାଙ୍କି ଏପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇନାହିଁ। ଭୋଟକା ଓ ନରସିଂହପୁର ପଞ୍ଚାୟତରେ ନିର୍ମାଣାଧିନ ଓଭର ହେଡ୍ ପାଣିଟାଙ୍କି କାମ ଦୁଇବର୍ଷ ହେଲା ବନ୍ଦ ରହିଛି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଫଳରେ ଏହି ଟାଙ୍କିରୁ ପାଣି ପାଇବାକୁ ଆଶା ରଖିଥିବା ଲୋକମାନେ ନିରାଶ ହେଉଛନ୍ତି ଓ ସେମାନଙ୍କ ପାନୀୟ ଜଳ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଯଥାଶୀଘ୍ର ଓଭରହେଡ୍ ଟାଙ୍କି କାମ ସମାପ୍ତ କରି ଜଳଯୋଗାଣ କରିବାକୁ ନରସିଂହପୁର ସରପଞ୍ଚ ପ୍ରଶାନ୍ତ ଦାସ ଦାବି କରିଛନ୍ତି। ସାମନ୍ତରାପୁର କୁଳୁଗାଁ ହାଟ ଠାରେ ଥିବା ଓଭର ହେଡ୍ ଟାଙ୍କି ଦ୍ୱାରା ଯୋଗଇ ଦିଆ ଯାଉଥିବା ପାଣି ପାଇପ୍ ଲିକ ହେବା କାରଣରୁ ଦୂଷିତ ହେଉଛି। ଦଳିତସାହି ଏହି ଟାଙ୍କିରୁ ପାଣି ପାଇପାରୁନାହାନ୍ତି। ଅଭିଯୋଗ କଲେ ସଜାଡି ଦିଆଯିବାକୁ ପ୍ରତିଶ୍ରୁତି ଦିଆଯାଉଛି କିନ୍ତୁ କୌଣସି କାମ ହେଉନାହିଁ ବୋଲି ଯୁବନେତା ରାମଚନ୍ଦ୍ର ସେଠି କହିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ହେଉଥିବା କାମର ସଠିକ ତଦାରଖ ହେଉନଥିବାରୁ ଠିକାଦାର ମନଇଚ୍ଛା କାମ କରୁଛନ୍ତି। ମୋଟାମୋଟି ଭାବରେ ମେଗା ଲିଫ୍ଟ ଆଳରେ ବିଭାଗ ଏଠାରେ ଆଦୌ ଲୋକଙ୍କ ଆବଶ୍ୟକତା ପୁରଣ ଦିଗରେ କାମ କରୁନାହିଁ। ମେଗା ଲିଫ୍ଟ କାମ କେବେ ସରିବ ତାର କୌଣସି ଠିକଣା ନାହିଁ। ଜଳଯୋଗାଣ ପାଇଁ ଗାଁ ଗାଁରେ ମେଗା ଲିଫ୍ଟ ପକ୍ଷରୁ ପୋତା ଯାଇଥିବା ପାଇପ୍ ଗୁଡିକ ଅନେକ ସ୍ଥାନରେ ନଷ୍ଟ ହେଲାଣି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସ୍ୱାଗତିତା ପଟ୍ଟନାୟକଙ୍କୁ ପଚାରିବାରେ ସେମିତି କିଛି ଗୁରୁତର ଅଭିଯୋଗ ନାହିଁ, ଛୋଟ ମୋଟ ଅଭିଯୋଗ ଅଛି ବୋଲି କହିଥିଲେ। ଏଭଳି କ୍ଷେତ୍ରରେ ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

## ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସିଇଓ ପଦକୁ ତରୁଣ ଖୁଲବେ ଉନ୍ନୀତ

**ଦାନଗଦୀ, ୨୩।୧(ସମିସ)**



ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ)ର ନିର୍ଦ୍ଦେଶକ ମଣ୍ଡଳୀ ତରୁଣ ଖୁଲବେଙ୍କୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସମ୍ପୂର୍ଣ୍ଣଅବଧି ନିର୍ଦ୍ଦେଶକ ଭାବେ ପଦୋନ୍ନତି ଦେଇଛନ୍ତି। ଗତ ସପ୍ତାହରେ ଅନୁଷ୍ଠିତ ବୈଠକରେ ଏକ ବୃତ୍ତିଗତ ଭାବରେ ପରିଚାଳିତ ତଥା ଏକୀକୃତ ସଂଗଠନ ଗଠନ କରିବାର ଆଭିମୁଖ୍ୟରେ ବୋର୍ଡ ଏହି ନିଷ୍ପତ୍ତି ଗ୍ରହଣ କରିଛି। ବୋର୍ଡ ଶ୍ରୀ ଖୁଲବେଙ୍କ ଅତୁଳନୀୟ ନେତୃତ୍ୱ ଦକ୍ଷତା, ରଣନୀତିକ ଦୃଷ୍ଟିକୋଣ ଏବଂ କମ୍ପାନୀର ମୂଳ ମୂଲ୍ୟ ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ସ୍ୱୀକୃତି ଦେଇ ଏହି ନିଷ୍ପତ୍ତି ନେଇଛି।

ପ୍ରାୟ ୩୫ବର୍ଷର ଅଭିଜ୍ଞତା ଥିବା ଏକ ଇଣ୍ଡଷ୍ଟ୍ରି ଭେଟେରାନ୍, ଶ୍ରୀ ଖୁଲବେ ବ୍ୟବସାୟ ବିସ୍ତାର କରିବାରେ ଏବଂ ଜେଏସଏଲର ଲାଭଜନକ ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଜେଏସଏଲରେ ତାଙ୍କର ପ୍ରାୟ ୨୦ବର୍ଷର କାର୍ଯ୍ୟକାଳରେ, ସେ ଅପରେସନ୍, ବ୍ୟବସାୟ ବିକାଶ, ଯୋଗାଣ ଶୃଙ୍ଖଳା ପରିଚାଳନା, ଏବଂ ଆଇଟି ସାମର୍ଥ୍ୟର ସମସ୍ତ କ୍ଷେତ୍ରରେ ୩୬୦-ଡ଼ିଗ୍ରୀ ଅଭିଜ୍ଞତା ହାସଲ କରିଛନ୍ତି। ସେ ଜେଏସଏଲ ଯାଜପୁର କାରଖାନାର କାର୍ଯ୍ୟକ୍ଷମତା ଉନ୍ନତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଯାହା ପରେ କମ୍ପାନୀର ଆର୍ଥôକ କାରବାରକୁ ବଢ଼ାଇବା ପାଇଁ ନିହାତି ଗୁରୁତ୍ୱପୂର୍ଣ୍ଣ ଥିଲା।

ଏହି ନିଯୁକ୍ତି ସମ୍ପର୍କରେ ସୂଚନା ଦେଇ ଜିନ୍ଦଲ ଷ୍ଟେନଲେସର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଜଣେ ଘରୋଇ ପ୍ରତିଭା, ଯାହାଙ୍କର ଅଭିଜ୍ଞତା କାରଖାନାରୁ ଆରମ୍ଭ ହୋଇ ବୋର୍ଡରୁମକୁ ବିସ୍ତାର କରିଛି, ଶ୍ରୀ ଖୁଲବେ ସିଇଓ ପଦ ପାଇଁ ଉପଯୁକ୍ତ ପସନ୍ଦ। ଏକ ସମୟରେ ଯେତେବେଳେ କମ୍ପାନୀ ଏହାର ଅପଷ୍ଟ୍ରିମ୍ ଏବଂ ଡାଉନଷ୍ଟ୍ରିମ ଲିଙ୍କେଜ୍ ବିସ୍ତାର କରୁଛି, ଶ୍ରୀ ଖୁଲବେଙ୍କର ସିଇଓ ଭାବରେ ଉପସ୍ଥିତି ଆମର ବିକାଶ ଯୋଜନା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏଠାରେ ମୋର ଗତ ଦୁଇ ଦଶନ୍ଧିର ଯାତ୍ରା ପ୍ରେରଣାଦାୟକ ଏବଂ ସମୃଦ୍ଧ ବୋଲି ତାଙ୍କ ପଦୋନ୍ନତିକୁ ନେଇ ଆନନ୍ଦ ପ୍ରକାଶ କରି ଜିନ୍ଦଲ ଷ୍ଟେନଲେସର ସିଇଓ ତରୁଣ ଖୁଲବେ କହିଛନ୍ତି।

## ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ଶଙ୍ଖଚିଲା, ୨୩।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଖମଣ ଗ୍ରାମ ପଞ୍ଚାୟତ ଅଧିନସ୍ଥ ହିଙ୍ଗୁଳା ଉଚ୍ଚ ବିଦ୍ୟାଳୟରେ ୨୦୧୨ ବ୍ୟାଚର ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଜି ବଢ଼େଇ ଟିକର ସ୍ଥିତ ପଳାସବଣଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ୧୨ ବର୍ଷ ବନ୍ଧୁମିଳନ ପୂର୍ତ୍ତି ଅବସରରେ ବ୍ୟାଚର ସମସ୍ତ ସଦସ୍ୟ ଏକାଠି ହୋଇଥିଲେ। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ର ଯୋଗଦେଇଥିଲେ। ପରିଚଳନାରେ ପୁରାତନ ବିଦ୍ୟାର୍ଥୀ କାହ୍ନୁ ଚରଣ ନାୟକ, ଦୀପୁ ସାହୁ, ଶ୍ୟାମସୁନ୍ଦର ପରମାଣିକି, ଶୁଭମ ସାହୁ, ଜ୍ଞାନରଞ୍ଜନ ସାହୁ, ସୁନାକାର ସାହୁ, ଶ୍ରଦ୍ଧାରଞ୍ଜନ ସାହୁ, ଦିପୁ ସାହୁ, ଅଭିଜିତି ସାହୁ, ଅର୍ଜୁନ ସାହୁ, ଦେବାନନ୍ଦ ସାହୁ, କାଳନ୍ଦୀ ବାରିକି, ଦେବାଶିଷ ଗେଡ଼ି, ଚିନ୍ମୟ ପୃଷ୍ଟି, ବିରଞ୍ଚି ନାରାୟଣ ସାହୁ ଓ କେଶବ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ।

## ସରକାରୀ ବିଦ୍ୟାଳୟ ଜାଗା ଜବରଦଖଲ ଅଭିଯୋଗ

**ଟମକା, ୨୩।୧(ସମିସ)**

ସ୍ଥାନୀୟ ଥାନା ଅନ୍ତର୍ଗତ ଦେଉଳକଣ ଗ୍ରାମରେ ଥିବା ମା ଖଣ୍ଡୁରାଇ ନୋଡ଼ାଲ ବିଦ୍ୟାଳୟର ସରକାରୀ ଜାଗାକୁ ସେହି ଗ୍ରାମର ବାବୁଲି ନାୟକ ଦୀର୍ଘବର୍ଷ ହେବ ଜବରଦଖଲ କରିଥିବା ଅଭିଯୋଗ ହୋଇଛି। ଏକ୍ସପ୍ରେସ ୱେ ଠାରୁ ଭାୟା ଦେଉଳକଣ ଦେଇ ଧଳିଆ ପଶିଗାଁ ପର୍ଯ୍ୟନ୍ତ ନୂତନ କ୍ରକିଟ୍ ଓ ପିଚୁ ରାସ୍ତାର ଭିତ୍ତିଭୂମି ସମ୍ପ୍ରସାରଣ ଚାଲିଥିବାବେଳେ ଦେଉଳକଣ ବିଦ୍ୟାଳୟ ପାଖ ଓ ସାର ପାଇଁ ଜାଗା ଓ ଅଙ୍ଗନବାଡି ଗୃହ ପାଇଁ ସରକାରୀ ଜାଗା ଛାଡିବା ପାଇଁ ଗ୍ରାମବାସୀ ବାବୁଲିକୁ କହିଥିଲେ। ସେ ନଶୁଣିବାରୁ ଦାନଗଦୀ ତହସିଲଦାର ନିକଟରେ ଗ୍ରାମବାସୀ ଅଭିଯୋଗ କରିବା ପରେ ଗତ ଡିସେମ୍ବର ୩୦ ତାରିଖ ଦିନ ରାଜସ୍ୱ ବିଭାଗର ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ମିଳିତ ପ୍ରଚେଷ୍ଟାରେ ଦଖଲ କରିଥିବା ଜାଗାରେ ପହଞ୍ଚି ନକସା ଯାଞ୍ଚ ପରେ ସରକାରୀ ଜାଗା ଚିହ୍ନଟ କରିଥିଲେ।

ଏହି ସମୟରେ ସେହି ବ୍ୟକ୍ତି ଉପସ୍ଥିତ ରହିବା ସହିତ ଗ୍ରାମବାସୀଙ୍କ ଉପସ୍ଥିତିରେ ଜାଗା ଚିହ୍ନଟ କରିଥିଲେ। କିନ୍ତୁ କିଛିଦିନ ପରେ ବାବୁଲି ନାୟକ ପୁନର୍ବାର ରାସ୍ତା ପାଇଁ ଅଳ୍ପ ଜାଗା ଛାଡି ତାରବାଡ ବୁଲାଇ ଦେଇଛି। ସେଥିପାଇଁ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଉଛି। ଏ ବାବଦରେ ସ୍ଥାନୀୟ ପ୍ରଶାସନକୁ ଗ୍ରାମବାସୀ ଅବଗତ କରିଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ନଦେବା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି।

# ବିଭିନ୍ନ ସ୍ଥାନରେ ନେତାଜୀ ଜୟନ୍ତୀ ପାଳିତ



**ଭଦ୍ରକ, ୨୩।୧(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ଭଦ୍ରକ (ପୂର୍ବତନ-ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଭଦ୍ରକ) ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶିକ୍ଷକ ବିଜୟ କୁମାର ସାହୁ ଓ ଶିକ୍ଷୟିତ୍ରୀ ଚଞ୍ଚଳା ଜେନା ଓ ଛାତ୍ରୀ ଅର୍ପିତା ଆରତି ବେହେରା, ଛାତ୍ର ଅଶ୍ୱିନୀ କୁମାର ସାହୁଙ୍କ ସମେତ ଅନ୍ୟମାନେ ଉଭୟ ବରପୁତ୍ରଙ୍କ ଜୀବନାଦର୍ଶ ଆଲୋଚନା କରିଥିଲେ। ପ୍ରଧାନ ଶିକ୍ଷକ ତାଙ୍କ ବକ୍ତବ୍ୟରେ ପିଲାମାନଙ୍କୁ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଭଳି ଦେସପ୍ରତି ଅନୁରକ୍ତ ରହିବାସହ ସହ ନିଜକୁ ଉଭୟଙ୍କ ଆଦର୍ଶରେ ଅନୁପ୍ରାଣିତ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ କିରଣ ବାଳା ରାଉତ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ। ଏହି ଉଦ୍ଦେଶ୍ୟରେ ପିଲାମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଉକ୍ତ ଉତ୍ସବରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

**ଅସୁରାଳି:** ଧାମନଗର ବ୍ଲକ ଅନ୍ତର୍ଗତ ଧୁସୁରୀ ଥାନା ଅଧୀନ ବେତାଳି ଗାଁ ଠାରେ ନେତାଜୀ ଜୟନ୍ତୀ କମିଟି ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷାବିତ ବିଦ୍ୟାଧର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଶିକ୍ଷାବିତ ଅଟଳବିହାରୀ ନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ପ୍ରଫୁଲ୍ଲ କୁମାର ସାହୁ, ବରେଣ୍ୟ ବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଅଧିବକ୍ତା ଦେବାଶିଷ ସାମଲ, ଅନ୍ୟାନ୍ୟ ଅତିଥି ଭାବେ ଅଧ୍ୟାପକ ନିହାର ରଞ୍ଜନ କର, ସମ୍ପାଦକ ଭଦ୍ରକ ଲେଖକ ସାମ୍ମୁଖ୍ୟ ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, କମ୍ରେଡ ଅକ୍ଷୟ ପଣ୍ଡା, ଅଧ୍ୟାପକ ରବୀନ୍ଦ୍ର ବେହୁରିଆ, ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, କାଶୀନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକୀୟ ବିବରଣୀ ସମ୍ପାଦକ ସମାଜସେବୀ ମୃତ୍ୟୁଞ୍ଜୟ ସାହୁ ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଏହି ସବୁ କାର୍ଯ୍ୟକ୍ରମରେ ଜଗନ୍ନାଥ ବାରିକ, ତପନ ପ୍ରଧାନ, ରତ୍ନାକର ଜେନା, କପିଳ ଦେବ ବିଶ୍ୱାଳ, ମାର୍କଣ୍ଡ ଜେନା, ଶତ୍ରୁଘ୍ନ ମଲିକ, ପ୍ରଦୀପ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷକ ଚିତ୍ରଭାନୁ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।



## ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ଚିତ୍ରକଳା ପ୍ରତିଯୋଗିତା

# ଭାଗନେଲେ ୧୦ଟି ବିଦ୍ୟାଳୟର ୧୦୦ ପ୍ରତିଯୋଗୀ

ଭଦ୍ରକ, ୨୩।୧(ସମିସ)




ମହାନଯୋଦ୍ଧା ଦେଶଭକ୍ତ କର୍ମବୀର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସୁଭାଷଚନ୍ଦ୍ର ବୋଷଙ୍କ ଜୟନ୍ତୀ ଓ ପରାକ୍ରମ ଦିବସ ଭଦ୍ରକ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ ପାଳିତ ହୋଇଛି। କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ପଦ୍ମାବତୀ ଦ୍ୱିବେଦୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇ ସୁଭାଷ ବୋଷଙ୍କ ଜାତୀୟତାବୋଧ, ଦେଶପ୍ରେମ, ସଂଗ୍ରାମମୟ ଜୀବନ ଉପରେ ଗୁରୁତ୍ୱାରୋପ କରି ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାକୁ ମତ ରଖିଥିଲେ। ଏଥିରେ ବାଲବାଟିକା ଦ୍ୱାରା ଏକକ ଅଭିନୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷାପେ ଚର୍ଚ୍ଚା' କାର୍ଯ୍ୟକ୍ରମ ପାଇଁ ଭଦ୍ରକ କେନ୍ଦ୍ରୀୟ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ଚାନ୍ଦିମାଳ ଓ ଜବାହର ନବୋଦୟ ବିଦ୍ୟାଳୟ, ଭଦ୍ରକ, ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟ ସମେତ ୧୦ଟି ବିଦ୍ୟାଳୟର ୧୦୦ ପ୍ରତିଯୋଗୀ ଅଂଶଗ୍ରହଣ କରି ଚିତ୍ରାଙ୍କନ କରିଥିଲେ। କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମାବତୀ ଦ୍ୱିବେଦୀ ଚିତ୍ରକଳା ଶିକ୍ଷକ ଅନୀଲ କୁମାର ମହାରଣା, ଶିକ୍ଷାବିତ୍ କିଶୋର ଦାଶ, ରାଜେଶ ଶର୍ମା, ଡ. ଧରଣୀଧର ପରିଡ଼ାଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କ ମନରେ ଜାତୀୟତା ଭାବ, ଦେଶପ୍ରେମ ଜାଗ୍ରତ କରିବା ସହିତ ପରୀକ୍ଷାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଚାପ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ପରୀକ୍ଷାପେ ଚର୍ଚ୍ଚା' ଉପରେ ପରାମର୍ଶ ଦେଇଥିଲେ। ଏଥିରେ ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର, ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଜଣା ପଡ଼ିଛି। ପରୀକ୍ଷା ପେ ଚର୍ଚ୍ଚା ସମାରୋହରେ ଶିକ୍ଷାବିତ୍ ଚିତ୍ରଶିଳ୍ପୀ ମନୋଜ ଭଟ୍ଟାଚାର୍ଯ୍ୟ, ଅଶ୍ୱିନୀ ପଣ୍ଡା, ଅନାଦିଚରଣ ଓଝା ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଅଦ୍ୟାବଧି ୭ ବର୍ଷ ଧରି ପ୍ରଧାନମନ୍ତ୍ରୀଙ୍କ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଏହି ବିଦ୍ୟାଳୟରେ ଅନୁଷ୍ଠିତ ହୋଇ ଆସୁଛି।

## କ୍ଷେତ୍ରକୁ ଆସୁନାହାଁନ୍ତି ଯନ୍ତ୍ରୀ

# ନୂଆ ପାଇଁ ଟଙ୍କା ଯାଉଛି; ପୁରୁଣାରେ କାମ ହେଉଛି



**ମଞ୍ଜୁରୀରୋଡ଼ ୨୩।୧(ସମିସ):** କାର୍ଯ୍ୟ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି ଭଦ୍ରକ ପୂର୍ତ୍ତ ବିଭାଗ ଯନ୍ତ୍ରୀ। ଫଳରେ ଠିକା ସଂସ୍ଥା ସ୍ଥାନୀୟ ଲୋକଙ୍କୁ ନାଲି ଆଖି ଦେଖାଇ କାମ କରୁଥିବା ବାରମ୍ବାର ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ ଭଣ୍ଡାରିପୋଖରୀ ବ୍ଲକ ଛତାବରଠାରୁ ବନ୍ତ ବ୍ଲକ ନିଳୋକ ଯାଏଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେଉଛି। ରାସ୍ତାଟିର ଦୈର୍ଘ୍ୟ ପ୍ରାୟ୧୬କିମିରୁ ଅଧିକ ହୋଇଥିବା ବେଳେ ପୂର୍ବ ଆର୍ଥିକ ବର୍ଷରେ ପୂର୍ତ୍ତ ବିଭାଗ ଏହାର ନବୀକରଣ କାର୍ଯ୍ୟ ପାଇଁ ୨୭କୋଟିରୁ ଅଧିକ ଟଙ୍କା ବ୍ୟୟ କରିଛି। ଯାଜପୁର ଜିଲ୍ଲା ପାଣିକୋଇଲି ଅଞ୍ଚଳର ଜନୈକ ଠିକା ସଂସ୍ଥା କାର୍ଯ୍ୟାଦେଶ ପାଇଥିବା ବେଳେ ବର୍ଷେ ହେବ କାମ ଶତକଡା ୩୦ଭାଗରୁ ଅଧିକ ଆଗେଇ ପାରିନାହିଁ। ନାମକୁ ମାତ୍ର କେତେକ ସ୍ଥାନରେ ଅତି ନିକୃଷ୍ଟ ମାନର କଲ୍‌ଭର୍ଟ ନିର୍ମାଣ ହୋଇଥିବା ବେଳେ ସେଥିରେ ବାଲି ଓ ସିମେଣ୍ଟର ଆନୁପାତିକ ମିଶ୍ରଣ ଏଷ୍ଟିମେଣ୍ଟ ଅନୁଯାୟୀ ହୋଇନଥିବା ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି। ନିର୍ମାଣ ହୋଇଥିବା କଲ୍‌ଭର୍ଟ ଓ କଂକ୍ରିଟରେ ଏତେ ଅଧିକ ମାତ୍ରାରେ ବାଲି ବ୍ୟବହାର ହୋଇଛି ଯେ ଯାହାକୁ ଗୋଡ଼ରେ ମାଡିଲେ ମଧ୍ୟ ଭାଙ୍ଗି ଯାଉଥିବା ଅଭିଯୋଗ ହେଉଛି। ଦୁଇ ଥାକିଆ ରାସ୍ତା ନିର୍ମାଣରେ ଏଯାଏଁ ମୁଠାଏ ମାଟି ବ୍ୟବହାର ହୋଇନଥିବା ବେଳେ ପ୍ରଶସ୍ତିକରଣ ପାଇଁ ଠିକାସଂସ୍ଥା ଅତି ଚତୁରତାର ସହିତ ମେସିନ ଜରିଆରେ ପୁରୁଣା ରାସ୍ତାକୁ କାଟି କାମ ଚଳାଇ ଦେଉଛି। ଆବଶ୍ୟକ ପରିମାଣରେ ମେଣ୍ଟାଲ ଓ ଡଷ୍ଟ ବ୍ୟବହାର ହେଉନଥିବା ଅଭିଯୋଗ ହେଉଛି। ରାସ୍ତାରେ ଥିବା ପୁରୁଣା ମେଣ୍ଟାଲକୁ ଖୋଲି ସେଥିରେ ରୋଲିଂ କରାଯାଉଛି। ନୂଆ ପାଇଁ ଟଙ୍କା ଆସିଥିଲେ ସୁଦ୍ଧା ପୁରୁଣାରେ କାମ ହେଉଥିବା ଲୋକେ କହିଛନ୍ତି। ଦୁଇଗୋଟି ପର୍ଯ୍ୟାୟରେ ମେଣ୍ଟାଲ, ବାଲି, ଡଷ୍ଟ ମିଶ୍ରିତ ହୋଇ ପଡ଼ିବା ନିୟମ ରହିଥିଲେ ସୁଦ୍ଧା ଠିକାଦାର ସଠିକ କାର୍ଯ୍ୟ କରୁନଥିବା ଲୋକମାନେ ଜଣାଇଛନ୍ତି। କାର୍ଯ୍ୟ କ୍ଷେତ୍ରକୁ ପୂର୍ତ୍ତ ବିଭାଗର କୌଣସି ଯନ୍ତ୍ରୀ ଆସୁନଥିବାରୁ ଠିକାଦାର ମନଇଚ୍ଛା କାର୍ଯ୍ୟ କରୁଥିବା ଜଣାପଡ଼ିଛି। ବିରୋଧ କଲେ ସ୍ଥାନୀୟ ଲୋକଙ୍କୁ ସଂସ୍ଥା ମଧ୍ୟ ନାଲି ଆଖି ଦେଖାଉଥିବା କୁହାଯାଉଛି। ରାତି ପାହିଲେ ଏହି ରାସ୍ତା ଦେଇ ବ୍ଲକର ୫/୭ଖଣ୍ଡି ପଞ୍ଚାୟତର ଲୋକ ଯାତାୟତ ପାଇଁ ନିର୍ଭର କରୁଥିବା ବେଳେ ପଡୋଶୀ ଜିଲ୍ଲା କେନ୍ଦୁଝରର ସମେତ ବନ୍ତ ବ୍ଲକର ଶହ ଶହ ଜନସାଧାରଣ ଏହି ବାଟ ଦେଇ ଯାଜପୁର, ଭଦ୍ରକ, କଟକ, ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନକୁ ଯାଇଥାନ୍ତି। ଗୁରୁତ୍ୱ ଦୃଷ୍ଟିରୁ ସଠିକ ରାସ୍ତା ନିର୍ମାଣ ଆବଶ୍ୟକ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦାରଖ ବିନା କୋଟିକୋଟି ଟଙ୍କା ଯେ ପାଣିରେ ପଡ଼ିବଲ ଏଥିରେ ସନ୍ଦେହ ନାହିଁ। ତେଣୁ ଏବେ ଠାରୁ ଏହା ଉପରେ ଭଦ୍ରକ ଜିଲ୍ଲାପାଳଙ୍କ ସମେତ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦୃଷ୍ଟି ଦେଲେ ସଠିକ ଭାବେ ରାସ୍ତା ନିର୍ମାଣ ହୋଇ ପାରିବ ବୋଲି ମତ ପ୍ରକାଶ ପାଇଛି।

## ବିଏନ୍‌ଏମ୍‌ଏ କଲେଜରେ ଓଡିଆ ଭାଷା ସମ୍ମିଳନୀ ପାଠଚକ୍ର

# 'ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ସାହିତ୍ୟରେ ବୈଷ୍ଣବ ତତ୍ତ୍ୱ ପ୍ରକାଶିତ'



ତିହିଡି, ୨୩।୧(ସମିସ): ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମାଧବ-ଅର୍ଜୁନ ମହାବିଦ୍ୟାଳୟ ପକ୍ଷରୁ ଓଡ଼ିଆ ବୈଷ୍ଣବ ସାହିତ୍ୟରେ ଶ୍ରୀଜଗନ୍ନାଥ ଶୀର୍ଷକ ରାଜ୍ୟସ୍ତରୀୟ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ପକ୍ଷରୁ ଆହୂତ ନୂଆ-ଓ ସାହିତ୍ୟ ଉତ୍ସବ ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମୂଲ୍ୟ କୁମାର ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାଶିଳ୍ପୀ ଶିକ୍ଷାବିତ ଡ.ରାଧାବିନୋଦ ନାୟକ ଯୋଗଦେଇ ଯୋଗବାଦ ଭକ୍ତିବାଦ ପରମ୍ପରା ଓ ବିଶେଷତଃ ପଞ୍ଚସଖା ବୈଷ୍ଣବପନ୍ଥୀଙ୍କ ଧର୍ମଦର୍ଶନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରବକ୍ତା ଡ.ଚିନ୍ମୟୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ସମ୍ମିଳନୀ ଭଦ୍ରକ ଜିଲ୍ଲା ଶାଖା ସମ୍ପାଦକ ଅଜୟ ନାୟକ ଯୋଗଦେଇ ଶ୍ରୀଜଗନ୍ନାଥ ଓ ବୈଷ୍ଣବ ତତ୍ତ୍ୱକୁ ନେଇ ଓଡ଼ିଶା ଭୂମିରେ ଧର୍ମଦର୍ଶନର ମନ୍ଦାକିନୀଧାରା ପ୍ରବାହିତ ହୋଇଥିଲା ବୋଲି କହିଥିଲେ। କାର୍ଯ୍ୟକ୍ରମର ଯୁକ୍ତ୨ ସଂଯୋଜିକା ଅଧ୍ୟାପିକା ଗାୟତ୍ରୀ ବେହେରା ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ନୋଡାଲ ଅଧିକାରୀ ତଥା ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ବିଶ୍ୱରଞ୍ଜନ ଦାସ ବିଷୟବସ୍ତୁ ପ୍ରାକ ସୂଚନା ପ୍ରଦାନ କରିଥିଲେ। ଯୁକ୍ତ ୩ ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ଓ ଯୁକ୍ତ୨ ଛାତ୍ରୀ ଶ୍ରୁତିରେଖା ବେହେରା ପ୍ରବନ୍ଧପାଠ କରିଥିଲେ। ସଂସ୍କୃତ ବିଭାଗ ଅଧ୍ୟାପିକା ଡ. ସୁଜାତାରାଣୀ ଗରି ଶ୍ରୀଜଗନ୍ନାଥ ସ୍ତୋତ ଗାନ କରିଥିଲେ। ଯୁକ୍ତ ୩ ସଂଯୋଜିକା ଅଧ୍ୟାପିକା ପଦ୍ମାଳୟା ଖଟୁଆଙ୍କ ତତ୍ତ୍ୱାବଧାନରେ ଛାତ୍ରୀ ସାଇସ୍ମିତା ବିଶ୍ୱାଳ, ସୁଦୀପ୍ତା ସାମଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଓ ଅନନ୍ୟା ସାମଲ ରାଜ୍ୟ ସଙ୍ଗୀତ 'ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ' ପରିବେଷଣ କରିଥିଲେ ଓ ଛାତ୍ରୀ ବନ୍ଦେବିଶେଶ୍ୱରୀ ଦାସ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଅତିଥିମାନଙ୍କୁ ପାଠଚକ୍ର ସମ୍ମାନ ପ୍ରଦାନ କରାଯାଇଥିଲା। ପୂର୍ବାହ୍ଣରେ ଆୟୋଜିତ ଉତ୍କଳୀୟ ସଂସ୍କୃତି ଆଧାରିତ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀମାନଙ୍କ ମଧ୍ୟରୁ ଶୁଭସ୍ମିତ ବେହେରା, ଆଶିଷ ସାହୁ, ସ୍ୱାଗତିକା ମହାପାତ୍ର, ଅମ୍ରିତା ଗିରି, ଦମୟନ୍ତୀ ବେହେରା ଓ ଅଭିଲିପ୍ସା ପରିଡ଼ା ପ୍ରମୁଖ କୃତିତ୍ୱ ହାସଲ କରିଥିଲେ। ଛାତ୍ରୀ ମଧୁସ୍ମିତା ନାୟକ, ଅର୍ପିତା ଭଞ୍ଜ, ସିଦ୍ଧାନ୍ତ ପାତ୍ର, ବଦ୍ରିନାରାୟଣ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଯୁକ୍ତ୨ ନୋଡାଲ ଅଧିକାରୀ ଅଧ୍ୟାପକ ଡ. ରାଜେନ୍ଦ୍ର କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

# ବାପା ନିଖୋଜ; ମା' ମୂଲ ଲାଗୁଛି: ଅସହାୟ ଭାବେ କାଳ କାଟୁଛନ୍ତି ୩ ଝିଅ

**ଆଗରପଡ଼ା, ୨୩।୧(ସମିସ):** ସ୍ୱାମୀଙ୍କ କୌଣସି ପତ୍ତା ମିଳୁନଥିବା ବେଳେ ଶାଶୁ ଘରେ ମୁଣ୍ଡ ଗୁଞ୍ଜିବା ମଧ୍ୟ ମନା। ଏପରି ସ୍ଥିତିରେ ତିନି ନାବାଳିକା ଝିଅଙ୍କୁ ନେଇ ଅସହାୟ ଅବସ୍ଥାରେ ଜୀବନ ବିତାଉଛନ୍ତି ଜଣେ ମାଆ। ପର ଘରେ ମୂଲ ଲାଗି ସେମାନଙ୍କ ମୁହଁରେ ମୁଠାଏ ଦାନା ଦେଉଛନ୍ତି। ନିଜର ଜମିମାଡ଼ି କିଛି ନଥିବା ବେଳେ ରାସନକାର୍ଡ କି ସରକାରୀ ଆବାସଟିଏ ମଧ୍ୟ ନାହିଁ।



ବନ୍ତ ବ୍ଲକ ରାମଚନ୍ଦ୍ରପୁର ଗ୍ରାମର ସ୍ୱର୍ଗତ କପିଳ ମାଝୀଙ୍କ ଝିଅ ସତ୍ୟଭାମା(୫୦)। ପରିବାର ଅତ୍ୟନ୍ତ ଦରିଦ୍ର ଶ୍ରେଣୀର ଥିବାରୁ ସେ ହାଇଦରାବାଦର ଏକ ସୂତା କଳରେ କାମ କରୁଥିଲେ। ସେଠାରେ ବାଲେଶ୍ୱରର କରୁଣାକର ମାଝୀ ମଧ୍ୟ କାମ କରୁଥିଲେ। ସେଠାରେ ସତ୍ୟଭାମା କରୁଣାକରଙ୍କୁ ବିବାହ କରିଥିଲେ। ତାଙ୍କର ୩ ଗୋଟି କନ୍ୟା ସନ୍ତାନ ଜନ୍ମ ଲାଭ କରିଥିଲା। କରୋନା ସମୟରେ ଶରୀର ଅସୁସ୍ଥ ହେବାରୁ କରୁଣାକର ବାଲେଶ୍ୱରରେ ଥିବା ନିଜ ଘରକୁ ଆସିଥିଲେ। କିନ୍ତୁ ସେଠାରେ ତାଙ୍କୁ ରହିବାକୁ ନ ଦେବାରୁ ନିଜ ସ୍ତ୍ରୀ ଓ ଝିଅଙ୍କୁ ଧରି ସଖୀପାଟଣାରେ ରହିଥିଲେ। କିଛିମାସ ହେବ ଅଚାନକ କରୁଣାକର କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ମଧ୍ୟ ତାଙ୍କର ପତ୍ତା ମିଳୁନଥିବାରୁ ସତ୍ୟଭାମ ପରଘରେ କାମକରି ପିଲାମାନଙ୍କ ମୁଖରେ ଆହାର ଦେବା ସହ ତାଙ୍କୁ ପାଠ ପଢ଼ାଉଛନ୍ତି। ବଡ଼ ଝିଅ କ୍ରୀଷ୍ଣା (୧୩), ମଝିଆଁ କାବେରୀ (୧୧) ଓ ସାନ ଗୋଦାବରୀ (୮)ବର୍ଷ ହୋଇଥିବା ବେଳେ ସମସ୍ତେ ବିଦ୍ୟାଳୟରେ ପାଠପଢୁଛନ୍ତି। ଉକ୍ତ ପରିବାରକୁ ସରକାରଙ୍କ ତରଫରୁ ଭତ୍ତା କିମ୍ବା ରାସନକାର୍ଡ ସହିତ ଅନ୍ୟ କିଛି ସହାୟତା ମିଳିପାରିନଥିବାରୁ ସତ୍ୟଭାମା ନିଜର ସନ୍ତାନଙ୍କ ମୁଖରେ ଆହାର ଦେବା ସହ ତାଙ୍କୁ ପାଠ ପଢ଼ାଇବାରେ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସଖୀପାଟଣାରେ ବାସ କରୁଥିବାରୁ ଉକ୍ତ ସ୍ଥାନରେ ସତ୍ୟଭାମାଙ୍କ ଆଧାର କାର୍ଡ଼ ରହିଛି। ତେଣୁ ସରକାରୀ ସ୍ତରରେ ଉକ୍ତ ବେସାହାରା ପରିବାରକୁ ଆବାସ ଏବଂ ରାସନକାର୍ଡ଼ ସହିତ ତିନିଝିଅଙ୍କ ପାଠପଢ଼ାର ସୁବନ୍ଦୋବସ୍ତ କରାଇବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ବିଛଣାରେ ପଡ଼ି ରହିଛି ୩୦ ବର୍ଷର ରୋଜଗାରିଆ ପୁଅ

**● ସହାୟତା ପାଇଁ ପରିବାରର ଆକୁଳ ନିବେଦନ**



ଭଦ୍ରକ, ୨୩।୧(ସମିସ): ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ଅନ୍ତର୍ଗତ ପ୍ରଧାନୀ ପଞ୍ଚାୟତ କଣ୍ଟିଦୋଳ ଗାଁର ରଜନୀକାନ୍ତ ମିଶ୍ରଙ୍କ ଏକମାତ୍ର ରୋଜଗାରିଆ ପୁଅ ଦେବାଶିଷ ମିଶ୍ର ଦୁଇ ମାସ ହେଲା ଲିଭର ରୋଗରେ ଆକ୍ରାନ୍ତ ହୋଇ ଶୋଇରହିଛନ୍ତି। ଦୁଇ ମାସ ପୂର୍ବେ ଏକ ଘରୋଇ କମ୍ପାନୀରେ ମେଡିସିନ ରିପ୍ରେଜେଣ୍ଟିଭ୍ ଭାବେ କାର୍ଯ୍ୟ କରୁଥିଲେ ହଠାତ ଦେହ ଅସୁସ୍ଥ ହେବାରୁ ଭଦ୍ରକ ସହରରେ ଏକ ଘରୋଇ କ୍ଲିନିକରେ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। ତେବେ ରୋଗ ଉପଶମ ନହେବାରୁ ପରେ ଭୁବନେଶ୍ୱର ସ୍ଥିତ ଏକ ମେଡିକାଲକୁ ତାଙ୍କୁ ପରିବାର ଲୋକେ ନେଇଯାଇଥିଲେ। ସେଠାର ଚିକିତ୍ସା ପରେ ଜଣା ପଡ଼ିଥିଲା କି ଦେବାଶିଷଙ୍କ ଲିଭର ଖରାପ ହୋଇଯାଇଛି। ପରେ କିଛିଦିନ ଚିକିତ୍ସା କରିବାପରେ ଘରକୁ ଫେରି ଆସିଥିଲେ। ମେଡ଼ିସିନ ବି ଖାଉଥିଲେ। ଏମିତି କିଛିଦିନ ପରେ ପୁଣି ପେଟରେ ଯନ୍ତ୍ରଣା ହେବାରୁ ପରିବାର ଲୋକ ମେଡ଼ିକାଲ ନେଇଯାଇଥିଲେ। ସେଠାରେ ଚିକିତ୍ସକମାନେ ଦେଖିବା ପରେ ଲିଭର ପ୍ରତ୍ୟାରୋପଣ କରିବାକୁ ପରାମର୍ଶ ଦେଇଥିଲେ ଓ ଏଥିପାଇ ୨୨ ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ ଦରକାର ହେବ ବୋଲି ଡାକ୍ତର କହିଛନ୍ତି। କିନ୍ତୁ ଦେବାଶିଷ ବାପା ଜଣେ ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପାଖରେ ୨୨ଲକ୍ଷ ଟଙ୍କା ସାତ ସପନ। ଏପଟେ ବଢ଼ିଲା ଝିଅକୁ ଧରି ମା' ଜଗି ବସିଛି ଘରେ। ତାଙ୍କ ପୁଅକୁ ଚିକିତ୍ସାରେ ସହଯୋଗ କରିବା ପାଇଁ ସମସ୍ତ ପାଖରେ ଗୁହାରି କରୁଛନ୍ତି। ଯଦି କେହି ହୃଦୟବାନ ବ୍ୟକ୍ତି ସହାୟତାର ହାତ ବଢ଼ାଇବାକୁ ଚାହାଁନ୍ତି, ତେବେ ସେମାନେ ଫୋନ ପେ (ଦେବାଶିଷ ମିଶ୍ର) ନମ୍ବର-୮୨୪୯୦୫୨୩୧୫ରେ ସହାୟତା ଦେବାକୁ ତାଙ୍କ ପରିବାର ଲୋକେ ଆକୁଳ ନିବେଦନ କରିଛନ୍ତି।

# ସାଳନ୍ଦୀ କୁ ହରାଇ କେସିଏ ସେମିରେ

**ଦୋବଲ, ୨୩।୧(ସମିସ):** ଧାମନଗର ବ୍ଲକ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆଠାରେ ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ମା'ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚରେ ଧାମନଗରର କ୍ରାନ୍ତି କଲଚରାଲ ଏସୋସିଏସନ ବିଜୟ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ଧାମନଗରର କ୍ରାନ୍ତି କଲଚରାଲ ଏସୋସିଏସନ ଟସ ଜିତି ୨୦ ଓଭରରେ ୫ ୱିକେଟ ହରାଇ ୨୫୮ ରନ କରିଥିଲା। ଜବାବ ରେ ସାଳନ୍ଦୀ କ୍ଲବ ଭଦ୍ରକ ୨୦ ଓଭରରେ ୭ ୱିକେଟ ହରାଇ ୧୭୭ ରନ କରିଥିଲା। ଅମ୍ପାୟାର ବିବେକାନନ୍ଦ ସାମଲ ଓ ପ୍ରକାଶ ନନ୍ଦ ଖେଳ ପରିଚାଳନା କରିଥିଲେ। ସ୍କୋରର ଥିଲେ ଅଜୟ ସାହୁ ଓ ଶିବ ପ୍ରସାଦ ସାହୁ। ଧାରା ବିବରଣୀ ପ୍ରଦାନ କରିଥିଲେ ଅଜୟ ସାହୁ, ବସନ୍ତ ପୃଷ୍ଟି। ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମି ଫାଇନାଲ ମ୍ୟାଚ କ୍ରାନ୍ତି କଲଚରାଲ ଏସୋସିଏସନ ଧାମନଗର ସହିତ ଭାମଣ୍ଡା କ୍ରିକେଟ କ୍ଲବ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ।

## ମହାବୀର କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ସୂର୍ଯ୍ୟଶିଖାକୁ ହରାଇ କଟକ ରାଇଜିଂ ଷ୍ଟୁଡେଣ୍ଟ୍ସ ବିଜୟୀ

ଭଦ୍ରକ, ୨୩।୧(ସମିସ)




ଭଦ୍ରକ ସହର ଚରମ୍ପା ରେଲୱେ ପଡ଼ିଆ ଠାରେ ବାସନ୍ତୀ ଇନ୍‌ରାଟେଲ ପ୍ରାୟୋଜିତ ସର୍ବଭାରତୀୟ ୨ୟ ମହାବୀର କପ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶେଷ ହୋଇଛି। ଫାଇନାଲ୍‌ରେ ରାଇଜିଂ ଷ୍ଟୁଡେଣ୍ଟସ୍ କଟକ ବିଜୟୀ ହୋଇଛି। ଫାଇନାଲ ମ୍ୟାଚରେ ସୂର୍ଯ୍ୟଶିଖା ଭଦ୍ରକ ଓ ରାଇଜିଂ ଷ୍ଟୁଡେଣ୍ଟସ କଟକ ମଧ୍ୟରେ ଆୟୋଜିତ ହୋଇଥିଲା। ଟସ୍ ଜିତି ସୂର୍ଯ୍ୟଶିଖା କ୍ଲବ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ପ୍ରଥମ ଇନିଂସରେ ସୂର୍ଯ୍ୟଶିଖା କ୍ଲବ ୧୩୯ ରନ ସଂଗ୍ରହ କରିଥିଲେ। ଦିବ୍ୟଶକ୍ତି ଚକ୍ରବର୍ତ୍ତୀ ୬୩ ବଲରେ ୬୩ ରନ, ସାଇ ସୂର୍ଯ୍ୟ ୨୮ ରନ ଓ ସରୋଜ ବେହେରା ୨୨ ରନ କରିଥିବା ବେଳେ ସିଦ୍ଧାର୍ଥ ସିହ୍ନା ୪ ବିକେଟ, ପ୍ରଦୀପ ଦାସ ୩ ବିକେଟ ଓ ଶୁଭମ ନାୟକ ୧ ୱିକେଟ୍ ନେଇଥିଲେ। ଟାର୍ଗେଟର ପିଛା କରି ୨୬ ଓଭରରେ ରାଇଜିଂ ଷ୍ଟୁଡେଣ୍ଟସ ୭ ୱିକେଟ ହରାଇ ୧୪୦ ରନ ସଂଗ୍ରହ କରିଥିଲେ। ଦୀପକ ବେହେରା ୩୬ ରନ, ଅଭିଷେକ ରାଉତ ୨୯ ରନ ଓ ବିକ୍ରମ ସାମଲ ୩୫ ରନ ସଂଗ୍ରହ କରିଥିବା ବେଳେ ଅମିତ ରାଉତ ୨ ଟି, ସାଇ ସୂର୍ଯ୍ୟ ୨ଟି ଓ ଭବିଷ୍ୟ ବେହେରା ୨ ୱିକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ ରାଇଜିଂ ଷ୍ଟୁଡେଣ୍ଟସର ସିଦ୍ଧାର୍ଥ ସିହ୍ନା ହୋଇଥିବା ବେଳେ ମ୍ୟାଚରେ ରଞ୍ଜିତ ଚୌଧୁରୀ, ଅମ୍ପେୟାର ଭାବେ ଲଲାଟ କେଶରୀ ନନ୍ଦ ଓ ଆଶୁତୋଷ ପାଣି ମ୍ୟାଚ ପରିଚାଳନା କରିଥିଲେ। ନିରନେକ ଘୋଷ ଓ କରନ ଖାନ ସ୍କୋରର ଥିଲେ। ତେବେ ବାସନ୍ତୀ ଇନ୍‌ରାଟେଲର ପ୍ରୋପାଇଟର ସ୍ତୁତିରଞ୍ଜନ ପଲେଇ, ବିଶିଷ୍ଟ ବ୍ୟବସାୟୀ ଶ୍ରୀକାନ୍ତ ପାଢ଼ୀ, ଶ୍ରୀଧର ମିଶ୍ର ଓ ମୃଣ୍ମୟ ତ୍ରିପାଠୀ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ମ୍ୟାଚରେ ବେଷ୍ଟ ଫିଲ୍ଡ଼ର ଭାବେ ସୂର୍ଯ୍ୟଶିଖାର ରାଜୀବଲୋଚନ ସାହୁ, ବେଷ୍ଟ ବୋଲର ଭାବେ ରାଇଜିଂ ଷ୍ଟୁଡେଣ୍ଟସର ସିଦ୍ଧାର୍ଥ ସିହ୍ନା, ବେଷ୍ଟ ବ୍ୟାଟ୍ସମେନ ଭାବେ ସୂର୍ଯ୍ୟସିଖାର ଦିବ୍ୟଶକ୍ତି ଚକ୍ରବର୍ତ୍ତୀ, ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ଭାବେ ରାଇଜିଂ ଷ୍ଟୁଡେଣ୍ଟସର ସୌଭାଗ୍ୟ ମିଶ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଫାଇନାଲରେ ବେଷ୍ଟ ବୋଲର ସିଦ୍ଧାର୍ଥ ସିହ୍ନାଙ୍କୁ ପୁରସ୍କୃତ କରାଯାଇଛି। ୬ଟି ଛକା ଓ ୧୨ଟି ଚୌକା ପାଇଁ ସୂର୍ଯ୍ୟସିଖା କ୍ଲବ ଓ ୩ଟି ଛକା ଓ ୧୪ଟି ଚୌକା ପାଇଁ ରାଇଜିଂ ଷ୍ଟୁଡେଣ୍ଟସକୁ ଅର୍ଥରାଶି ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଛି।

# ମୃତ୍ୟୁକୁ ନିମନ୍ତ୍ରଣ କରୁଛି ରାଜପଥ

**ମଞ୍ଜୁରୀରୋଡ଼, ୨୩।୧(ସମିସ):** ଜାତୀୟ ରାଜପଥ ନିର୍ମାଣ ପରେ ରାସ୍ତା ଯେତେ ପ୍ରଶସ୍ତ ହେଉଛି ଦୁର୍ଘଟଣା ମଧ୍ୟ ସେତେ ବୃଦ୍ଧି ପାଉଥିବା ଦେଖାଯାଉଛି। ଯଦିଓ ଏଥିପାଇଁ ମନୁଷ୍ୟକୃତ ବ୍ୟବସ୍ଥା ହିଁ ଅଧିକାଂଶ ସମୟରେ ଦୁର୍ଘଟଣାକୁ ନିମନ୍ତ୍ରଣ କରୁଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ପ୍ରଶସ୍ତୀକରଣ କାର୍ଯ୍ୟ କିଛି ମାସ ହେବ ଶେଷ ହୋଇଛି। ଏହାରି ଭିତରେ ରାଜପଥ ପାର୍ଶ୍ୱକୁ ଲାଗି ଅନେକ ହୋଟେଲ ଓ ଢାବା ଗଢି ଉଠିଲାଣି। ବିଶେଷକରି ଛତାର ଟୋଲଗେଟ ଠାରୁ ଭଣ୍ଡାରିପୋଖରୀ ଯାମିନୀବିନ୍ଧା ଯାଏଁ ଥିବା ଅନେକ ହୋଟେଲ ଆଗରେ ଏବେ ଅୋଇନ ଭାବେ ଯାନବାହାନ ଘଣ୍ଟା ଘଣ୍ଟା ଧରି ଠିଆ ହେଉଛି। ଏହାଛଡା କହରାପୋଖରୀ ଠାରୁ ବିଷ୍ଣୁପୁର ଯାଏଁ ମଧ୍ୟ ସମାନ ଅବସ୍ଥା ହୋଇଛି। ବିଶେଷ କରି ମଧ୍ୟାହ୍ନ ୧୨ଟା ରୁ ଅପରାହ୍ନ ୩ଟା ଓ ସନ୍ଧ୍ୟା ୭ଟାରୁ ରାତି ୧୧ଟା ଯାଏଁ ଗାଡି ଗୁଡିକ ହୋଟେଲ ଓ ଢାବା ଆଗରେ ଠିଆ ହେଉଛି।



ରାସ୍ତାର ଉଭୟ ପାର୍ଶ୍ୱରେ ଏଭଳି ଚିତ୍ର ଦୈନନ୍ଦିନ ଦେଖିବାକୁ ମିଳୁଛି। ତିନି ଥାକିଆ ରାସ୍ତାର ଗୋଟିଏ ରାସ୍ତାକୁ ମାଲବାହୀ ଯାନବାହାନ ଅକ୍ତିଆର କରୁଥିବା ବେଳେ ଏଥି ପାଇଁ ଅନ୍ୟାନ୍ୟ ଯାନବାହାନ ଚଳାଚଳରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଯଦିଓ ନିୟମ ଦୃଷ୍ଟିରୁ ହୋଟେଲ ମାଲିକ ଗାଡି ରହିବା ପାଇଁ ନିଜସ୍ୱ ପାର୍କିଂ ସ୍ଥାନ ତିଆରି କରିବା ଉଚିତ, କିନ୍ତୁ କୌଣସି ହୋଟେଲ ବା ଢାବା ର ନିଜସ୍ୱ ଗାଡି ରହିବା ସ୍ଥାନ ନଥିବାରୁ ବାଧ ହୋଇ ଯାନବାହାନ ଗୁଡିକ ଘଣ୍ଟା ଘଣ୍ଟା ଧରି ରାଜପଥ ଉପରେ ରହୁଛି। ସ୍ଥାନୀୟ ପୋଲିସ ଓ ତହସିଲଦାର ଏହା ଉପରେ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ବେଆଇନ ଗାଡି ପାର୍କିଂ ଯୋଗୁଁ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ବେଳେ କେତେବେଳେ ଯେ କାହାର ଜୀବନ ଚାଲିଯିବ କହି ହେବ ନାହିଁ। ତେଣୁ ଲେହୁଁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ସମଲେଇ' ପ୍ରକଳ୍ପ





## ମନ୍ଦିର ନିର୍ମାଣ ଶୈଳୀ

ସମଲେଶ୍ୱରୀଙ୍କ ସ୍ୱରୂପ ଯେଭଳି ଅନନ୍ୟ ତାଙ୍କ ମନ୍ଦିରର ମଧ୍ୟ ବିଶେଷତ୍ୱ ରହିଛି । ଓଡ଼ିଶାର ମନ୍ଦିରଗୁଡ଼ିକର ନିର୍ମାଣ ଶୈଳୀଠାରୁ ସମ୍ବଲପୁରର ସମଲେଶ୍ୱରୀ ଓ ଅନ୍ୟ କେତେକ ପୁରାତନ ମନ୍ଦିରଗୁଡ଼ିକର ସ୍ଥାପତ୍ୟ ଭିନ୍ନ। ଏଗୁଡ଼ିକ ଖଜୁରାହୋ ଶୈଳୀରେ ହୋଇଛି। ଖଜୁରାହୋ ମନ୍ଦିର ସମୂହ ଭଳି ସମ୍ବଲପୁରର ମନ୍ଦିର ସମୂହ ଭବ୍ୟ ଓ ବିଶାଳ ନୁହନ୍ତି। ଏଗୁଡ଼ିକର ସ୍ଥାପତ୍ୟ କଳା ସୁନ୍ଦର ହୋଇଥିଲେ ମଧ୍ୟ ଖଜୁରାହୋ ଭଳି ଉତ୍କୃଷ୍ଟ କଳାତ୍ମକ ନୁହେଁ। ତେବେ ସେଗୁଡ଼ିକର କ୍ଷୁଦ୍ରାକୃତି ପ୍ରତିରୂପ । ତେଣୁ ସମ୍ବଲପୁର ମନ୍ଦିର ସମୂହକୁ ପ୍ରୋଟୋ- ନାଗର ବୋଲି ଅଭିହିତ କରାଯାଇଛି । ସମ୍ବଲପୁରର ମନ୍ଦିର ସମୂହର ନିର୍ମାତା ଉକ୍ତ ଅଳରୁ ଆସିଥାଇପାରନ୍ତି। ତେବେ ପ୍ରୋଟୋ ନାଗର ରୂପେ ଆଖ୍ୟାୟନକୁ ଗ୍ରହଣ କରନ୍ତି ନାହିଁ କେତେକ ଐତିହାସିକ । ସମ୍ବଲପୁରର ମନ୍ଦିର ଶୈଳୀ ନିଜସ୍ୱ ବୋଲି ସେମାନଙ୍କର ମତ ।





ସଜେଇ ହେଉଛି ସମ୍ବଲପୁରର ଇଷ୍ଟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର । ସମଲେଇ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ, ୨୭ରେ ହେବ ଲୋକାର୍ପଣ । ମନ୍ଦିର ପରିସରର ଶ୍ରୀବୃଦ୍ଧି ହେବ । କେବଳ ପଶ୍ଚିମ ଓଡ଼ିଶା ନୁହେଁ; ସାରା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତଙ୍କ ସୁଅ ଛୁଟେ ମା' ସମଲେଶ୍ୱରୀଙ୍କ କୃପା ଲାଭ ପାଇଁ । ଏପରିକି ପଡ଼ୋଶୀ ରାଜ୍ୟରୁ ମଧ୍ୟ ଭକ୍ତ ଧାଇଁ ଆସନ୍ତି ମା'ଙ୍କ ଆଶୀର୍ବାଦ ପ୍ରାପ୍ତି ନିମନ୍ତେ । ତେଣୁ ଶୃଙ୍ଖଳିତ ଦର୍ଶନଠାରୁ ଆରମ୍ଭ କରି ସୁରମ୍ୟ ପରିବେଶରେ ମା'ଙ୍କ ମହିମାକୁ ଅନୁଭବ କରିବାର ସ୍ୱପ୍ନ ସାକାର ହେବାକୁ ଯାଉଛି । ସମଲେଶ୍ୱରୀ ପୀଠର ବିକାଶରେ ଯୋଡ଼ି ହେବ ଏକ ନୂତନ ଅଧ୍ୟାୟ ।

କିମ୍ବଦନ୍ତୀରେ ମା' ସମଲେଇ: ଦକ୍ଷିଣ କୋଶଳର ପୁରାତନ ରାଜଧାନୀ ଶ୍ରୀପୁରଠାରୁ ସୌରୀନାରାୟଣ, ଚନ୍ଦ୍ରପୁର, ପଦ୍ମପୁର, ସମ୍ବଲପୁର, ବିନିକା, ସୋନପୁର, ତୁଷରା, ବୌଦ୍ଧ, କଲୋ ହୋଇ କଟକ- ପୁରୀ ପର୍ଯ୍ୟନ୍ତ ପୂର୍ବେ ନୌପଥରେ ଯାତାୟାତ ହେଉଥିଲା। ତୀର୍ଥଯାତ୍ରୀ ଓ ପଣ୍ୟଦ୍ରବ୍ୟର ପରିବହନ ନଦୀପଥରେ ହେବା ଅଧିକ ସୁରକ୍ଷିତ ହେଲା। ସଡ଼କ ପଥରେ ଯାତ୍ରା କଷ୍ଟପ୍ରଦ ଓ ଅସୁରକ୍ଷିତ ଥିଲା। ଏହି ନଦୀ ପଥରେ ସମ୍ବଲପୁରରେ ଅଛି ଏକ ବିପଜ୍ଜନକ ଗଣ୍ଡ। ଏହାକୁ ଗୁମଦରହ ବୋଲି କୁହାଯାଏ। ଗୁମ୍‌ର ଅର୍ଥ ହଜିଯିବା। ଦର୍‌ହର ଅର୍ଥ ଗଣ୍ଡ ବା ଭଉଁରୀ। ଉପର ମୁଣ୍ଡରୁ ଚନ୍ଦ୍ରପୁର, ପଦ୍ମପୁର ପଟୁ ଆସି ନୌକା ଏହି ସ୍ଥାନ ଅତିକ୍ରମ କଲାବେଳେ ବିଶେଷ ସତର୍କତା ଅବଲମ୍ବନ କରିବାକୁ ହେଉଥିଲା। ନାଉରିଆମାନେ ଏହି ଗଣ୍ଡଠାରୁ ଦୂରତା ବଜାୟ ରଖି ନୌକା ଅତିକ୍ରମ କରାଉଥିଲେ। ସମ୍ବଲପୁରରୁ ଆରପଟକୁ ଯାତ୍ରା କଲାବେଳେ ମଧ୍ୟ ନାଉରିଆ ନୌକାକୁ ବୁଲେଇ କରି ନେବା ଆଣିବା କରୁଥିଲେ। ସୁରକ୍ଷିତ ଯାତ୍ରା କାମନା କରି ନାଉରିଆ ଓ ଯାତ୍ରୀ ଏଠାରେ ଠାକୁରାଣୀଙ୍କୁ ଡାକ ପକାଇ ପୁଷ୍ପ ଅର୍ପଣ କରୁଥିଲେ। ଭୟରୁ ଭକ୍ତି ଓ ଭକ୍ତିରୁ ଠାକୁରାଣୀଙ୍କ ଉତ୍ପତ୍ତି । ଏ ଠାକୁରାଣୀ ହେଲେ ସମଲେଶ୍ୱରୀ । ସମଲେଶ୍ୱରୀଙ୍କ ମୂଳ ଆସ୍ଥାନ ହେଲା ଗୁମଦରହ । ଭକ୍ତଙ୍କୁ ଦର୍ଶନ ପ୍ରଦାନର ସ୍ଥଳୀ ହେଲା ମନ୍ଦିର। ଗୁମଦରହ ନିକଟରେ ମହାନଦୀ ବକ୍ଷରେ ଏକ ବଡ଼ ପ୍ରସ୍ତର ଶଯ୍ୟାରେ ରହିଛି ଶିଳାଲେଖ। ଏହା ସହିତ ଶଙ୍ଖ-ଚକ୍ର-ଗଦା-ପଦ୍ମର ଚିହ୍ନ ସାଙ୍ଗକୁ ଏକ ଯୋଡ଼ା ପଦଚିହ୍ନ ଉତ୍କୀର୍ଣ୍ଣ ହୋଇଛି । ସାରଳା ଦାସଙ୍କ 'ମହାଭାରତ'ର ଦ୍ରୋଣପର୍ବରେ ବର୍ଣ୍ଣିତ ମା'ଙ୍କ ମହିମା:

ସମ୍ବଲପୁରେ ସମଲାଇ ତୁ ବୋଲାଉ
ସେଠାରେ ରହିଣ ମାତ ନାନା ପୂଜା ପାଉ ।।
ଏହି ରୂପେ ପୂଜା ପାଉ ରହି କେତେ ସ୍ଥାନେ
କି ଶକ୍ତି ମୋହର ମାତ ତୋ ଗୁଣ ବର୍ଣ୍ଣନେ ।।

ସେହିପରି ବଳରାମ ଦାସଙ୍କ 'ବଟ ଅବକାଶ' କାବ୍ୟରେ ସମଲେଇଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି । ବାଳକବି ଭଗବତୀଙ୍କ 'ଜଣାଣ ଚଉତିଶା'ରେ ମଧ୍ୟ ସମଲେଇଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି ।



## ମୁଖଶାଳାରୁ ଭବ୍ୟ ଅନୁଭବ

ସମଲେଇ ପ୍ରକଳ୍ପ ନିର୍ମାଣ ଓ ଲୋକାର୍ପଣ ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ବିନ୍ଧାଣିଙ୍କ ନିଖୁଣ କାରୀଗରି ଦେଖିଲେ ଆଖି ଝଲସି ଉଠୁଛି। ଆକର୍ଷଣୀୟ ୪ ମୁଖଶାଳା ସହିତ ପରିକ୍ରମା ପକଳ୍ପରେ ରହିଛି ଶ୍ରଦ୍ଧାଳୁଙ୍କ ପାଇଁ ସମସ୍ତ ସୁବିଧା ଓ ବ୍ୟବସ୍ଥା । ପାର୍କିଂ ପଟରୁ ମୁଖଶାଳାଗୁଡ଼ିକୁ ଦେଖିଲେ ଭକ୍ତମାନେ ଦିବ୍ୟ ଅନୁଭବ ଲାଭ କରିବେ। ସବୁଜ ସୁନ୍ଦର ପରିବେଶ, ଦକ୍ଷିଣ ଭାରତରେ ଥିବା ପୁରାତନ ଏକ ସ୍ତମ୍ଭ ଭଳି ରହିଛି । ଚତୁଃପାର୍ଶ୍ୱରେ ଭକ୍ତଙ୍କ ପାଇଁ ସୁବିଧା ରହିଛି । ପ୍ରସାଦ ବଣ୍ଟନ ଘର, ସୂଚନା କେନ୍ଦ୍ର, ଭକ୍ତ ଆଶ୍ରୟସ୍ଥଳ, ବିଶ୍ରାମ ଗାର ରହିଛି। ମୁଖ୍ୟ ଗେଟରେ ସୁଦୃଶ୍ୟ କାରୁକାର୍ଯ୍ୟ। ସ୍ଥାନୀୟ ଐତିହ, କଳା, ସଂସ୍କୃତିର ଛାପକୁ କାନ୍ଥ ବାଡ଼ରେ ସଜେଇ ଦିଆଯାଇଛି ।

## ଗାଁ ଗାଁରେ ପ୍ରଚାର ହେବ ମାଁ ସମଲେଇଙ୍କ ମହିମା.....

ପ୍ରତି ଗ୍ରାମରେ ସମଲେଇଙ୍କ ମହିମା ପ୍ରଚାର ହେବ। ଗାଁର ଇଷ୍ଟଦେବୀଙ୍କ ଠାରେ ସମସ୍ତ ଗ୍ରାମବାସୀ ଏକାଠି ହୋଇ ପୂଜା କରିବେ। ଶ୍ରଦ୍ଧାଳୁଙ୍କଠାରୁ ଆସନ୍ତାକାଲିଠାରୁ ସଂଗ୍ରହ ହେବ ସିନ୍ଦୂର ଓ ଚୁନରି। ପରେ ସଂଗ୍ରହ ହୋଇଥିବା ଅର୍ଘ୍ୟ ମା'ଙ୍କ ପାଖରେ ଲାଗି ହେବ। ଗ୍ରାମରେ ଭଜନକୀର୍ତ୍ତନ ମାଧ୍ୟମରେ ମା'ଙ୍କ ମହିମା ପ୍ରଚାର କରାଯିବ। ହୋମଯଜ୍ଞ ୨୭ରୁ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୭ ତାରିଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଜ୍ଞସ୍ଥଳରେ ଉପସ୍ଥିତ ରହିବେ ।

## ସବୁଜ ସୁନ୍ଦର ପରିବେଶ...

ମହାନଦୀ କୂଳରେ ବିରାଜମାନ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ମନ୍ଦିର ଓ ପାର୍ଶ୍ୱରେ ଥିବା ଐତିହ୍ୟ କରିଡର୍ ରୂପାନ୍ତରଣ ପ୍ରକଳ୍ପ ଲୋକାର୍ପଣ ହେବ ।

## ୨୭ରେ ଲୋକଙ୍କୁ ସମର୍ପିତ ହେବ ସମଲେଇ ପ୍ରକଳ୍ପ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଭଳି ଏହାକୁ ଭବ୍ୟ ଓ ସ୍ମରଣୀୟ କରିବାକୁ ଜୋରଦାର ପସ୍ତୁତି ଚଳାଇଛି ସମଲେଇ ମନ୍ଦିର ଟ୍ରଷ୍ଟ। ଜିଲ୍ଲା ପ୍ରଶାସନ ପକ୍ଷରୁ ପୂରା ସହଯୋଗ କରାଯାଉଛି। ଏଥିପାଇଁ ବିଭିନ୍ନ ଦେବାଦେବୀ ପୀଠ, ସାଧୁ-ସନ୍ଥଙ୍କୁ ନିମନ୍ତ୍ରଣ କରାଯାଉଛି । ସମଲେଇ ପ୍ରକଳ୍ପର ଲୋକାର୍ପଣ ଉତ୍ସବକୁ ପ୍ରତି ପଞ୍ଚାୟତରେ ଲାଇଭ କରିବା ଏବଂ ୨୭ ତାରିଖ ପରେ ପର୍ଯ୍ୟାୟକ୍ରମେ ଭକ୍ତଙ୍କୁ ପ୍ରକଳ୍ପ ବୁଲାଇବାକୁ ଯୋଜନା ରହିଛି। ପଶ୍ଚିମ ଓଡ଼ିଶା ତଥା ରାଜ୍ୟବାସୀ ଓ ବାହାରେ ରହୁଥିବା ସମଲେଇଙ୍କ ଭକ୍ତଙ୍କୁ ଯୋଡ଼ାଯିବ। ରାଜ୍ୟର ବିଭିନ୍ନ ଦେବପୀଠକୁ ନିମନ୍ତ୍ରଣ ପଠାଇବା ସହ, ପୁରା ପଶ୍ଚିମ ଓଡ଼ିଶାରେ ଧର୍ମୀୟ ଭାବନାର ସ୍ରୋତ ବୁହାଇବା ଲାଗି ଆୟୋଜନ ଚାଲିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇ ଲୋକାର୍ପଣ କରିବାକୁ ସ୍ଥିର ହୋଇଛି ।



## ଐତିହ୍ୟ କରିଡର୍‌ରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ

"ଐତିହ୍ୟ କରିଡର୍ ଓ ମନ୍ଦିର ଚତୁଃପାର୍ଶ୍ୱରେ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦିଆଯାଉଛି। ପଥର ବିଛାଇବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି । କାରିଗର, ଶ୍ରମିକ ପଥର ଉପରେ ପଥର ଦେଇ ବେଶ୍ ଆକର୍ଷଣୀୟ ଭାବେ ତିଆରି କରୁଛନ୍ତି ପ୍ରକଳ୍ପ । ସବୁଜ ବନାନୀରେ ସଜେଇ ହେଉଛି ପରିସର। ସୌନ୍ଦର୍ଯ୍ୟକରଣ ପାଇଁ ସ୍ଥାନୀୟ ବୃକ୍ଷଲତାର ବ୍ୟବହାର ଓ ସ୍ଥାନୀୟ ସଂସ୍କୃତିକୁ ଗୁରୁତ୍ୱ ଦେବାକୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପରାମର୍ଶ କ୍ରମେ କାମ କରାଯାଉଛି। ମନ୍ଦିର ଭିତର ପାର୍ଶ୍ୱରେ ନିର୍ମାଣ ହେଉଥିବା ବିଭିନ୍ନ କାମ, କ୍ଲକ୍ ଟାୱାର ଓ ଲାମ୍ପ୍ ରୁମ୍ କାମର ସୋନ୍ଦର୍ଯ୍ୟକରଣ କରାଯାଇଛି ।

## ଯଜ୍ଞମଣ୍ଡପ ପ୍ରସ୍ତୁତ, ଆଜି ଅଙ୍କୁରାରୋପଣ

ସମ୍ବଲପୁର ସମଲେଇଙ୍କ ଲୋକାର୍ପଣ ଉତ୍ସବ ଆଜିଠାରୁ ଆରମ୍ଭ ହେବ। ଯଜ୍ଞ ମଣ୍ଡପ ପ୍ରସ୍ତୁତ ହୋଇଯାଇଛି। ଚାରୋଟି ସ୍ଥାନରେ ୪ଗୋଟି ମଣ୍ଡପ ନିର୍ମାଣ ହୋଇଥିବା ବେଳେ ମନ୍ଦିର ପରିସର ମଧ୍ୟଭାବରେ ମୁଖ୍ୟ ଯଜ୍ଞମଣ୍ଡପ ହୋଇଛି। ମଣ୍ଡପ କାମ ଶେଷ ହୋଇଛି । ଆଜିଠାରୁ ଅଙ୍କୁରାରୋପଣ କାର୍ଯ୍ୟକ୍ରମ ହେବ। ଏଥିପାଇଁ ଟ୍ରଷ୍ଟ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ମଧ୍ୟ ହୋଇଛି। ମୁଖ୍ୟ ମଣ୍ଡପରେ ମୁଖ୍ୟମନ୍ତ୍ରୀ ପୂର୍ଣ୍ଣାହୁତି ଦେବାର କାର୍ଯ୍ୟକ୍ରମ ରହିଛି। ଅଙ୍କୁରାରୋପଣ ପରେ କଳସ ଯାତ୍ରା, ଅଧିବାସ ସହିତ ପୂଜାବିଧି ପ୍ରତିଦିନ ଚାଲିବ।

## ପଶ୍ଚିମ ଓଡ଼ିଶାର ପଣ୍ଡିତ ଯୋଗଦେବେ

ସମ୍ବଲପୁର ସମଲେଇ ଲୋକାର୍ପଣ ଉତ୍ସବ ପାଇଁ ପଶ୍ଚିମ ଓଡ଼ିଶାର ପଣ୍ଡିତମାନେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ପ୍ରତି ଜିଲ୍ଲାର ଶକ୍ତି ପୀଠରୁ ପଣ୍ଡିତମାନେ ଯୋଗ ଦେବେ। ଲୋକାର୍ପଣ ଉତ୍ସବ ଆରମ୍ଭରୁ ସେମାନେ ପୂଜା ଶେଷ ପର୍ଯ୍ୟନ୍ତ ରହିବେ। ପ୍ରତି ଯଜ୍ଞ ମଣ୍ଡପରେ ୬ଜଣ ପଣ୍ଡିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିବେ । ଏହାସହ ରାଜ୍ୟ ବାହାର ସମେଇଲ ମନ୍ଦିରରୁ ମଧ୍ୟ ପୂଜକ ଓ ପଣ୍ଡିତ ଆସିବାର କାର୍ଯ୍ୟକ୍ରମ ରହିଛି। ଯଜ୍ଞ ସମୟରେ ମନ୍ଦିର କୁଳ ପୁରୋହିତ ମହେନ୍ଦ୍ର ପୁଜାରୀଙ୍କ ନେତୃତ୍ୱରେ ପୂଜା ହେବ। ସମ୍ବଲପୁର ପଣ୍ଡିତ ମହାସଭା ସହିତ ମଧ୍ୟ ଆଲୋଚନା କରାଯାଇଛି। କିଭଳି ଭାବେ ମାଁଙ୍କ ପୂଜା ଭବ୍ୟ ଓ ଦିବ୍ୟ ଭାବରେ ହେବ ସମସ୍ତଙ୍କ ସହଯୋଗ ରହିବ ବୋଲି କହିଛନ୍ତି ।

## ନିମନ୍ତ୍ରଣ ଶେଷ ପର୍ଯ୍ୟାୟରେ, ପ୍ରଶାସନର ବ୍ୟବସ୍ଥା

ଆସନ୍ତା ୨୭ ତାରିଖରେ ମାଁ ସମଲେଶ୍ୱରୀଙ୍କ ଉନ୍ନୟନ ସମ୍ପର୍କିତ ସମଲେଇ ପ୍ରକଳ୍ପର ଲୋକାର୍ପଣ ଚୂଡାନ୍ତ ହୋଇଛି। ଏଥିପାଇଁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲା ସମେତ ଛତିଶଗଡ଼ର ବିଭିନ୍ନ ମନ୍ଦିରରେ ନିମନ୍ତ୍ରଣ ପ୍ରଦାନ ଶେଷ ହୋଇଛି । ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ମଣ୍ଡପ ନିର୍ମାଣ, ପାସ ପ୍ରଦାନ, ପୁଲିସ କଣ୍ଟ୍ରୋଲ ରୁମ୍, ସିସିଟିଭି ସେଟଅପ୍, ଆମ୍ବୁଲାନ୍ସ ଓ ଡାକ୍ତରଙ୍କୁ ନେଇ ମେଡିକାଲ ରୁମ୍, ହେଲ୍ପ ଡେସ୍କ, ଗଣମାଧ୍ୟମ ପରିଚାଳନା, ସଫେଇ ଓ ପରିମଳ ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଇଛି। ବୈଠକରେ ରାଜସ୍ୱ ବିଭାଗୀୟ କମିଶନର (ଉତ୍ତରାଞ୍ଚଳ) ସୁରେଶ ଚନ୍ଦ୍ର ଦଳାଇ, ପୁଲିସ ଉପମହାନିରୀକ୍ଷକ ଡ. ଦୀପକ କୁମାର ଆଇପିଏସ୍, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଆଇଏଏସ୍, ଏସଏମସି କମିଶନର ବେଦ ଭୂଷଣ ଆଇଏଏସ୍, ରେହାନ କ୍ଷେତ୍ରୀ ଆଇଏଏସ, ଅତିରିକ୍ତ ଜିଲ୍ଲାପାଳ କଟକ ଉମାକାନ୍ତ ରାଜ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ପ୍ରଦୀପ ସାହୁ, ଅତିରିକ୍ତ ଜିଲ୍ଲାପାଳ ଜେନେରାଲ ଅଜାମ୍ବର ମହାନ୍ତି ଧାର୍ଯ୍ୟ ସମୟ ଓ ସୁ-ବ୍ୟବସ୍ଥା ନେଇ ବାରମ୍ବାର ପରିଦର୍ଶନ କରୁଛନ୍ତି ।











● ବିଦଗ୍ଧ କବିଙ୍କ ଜୟନ୍ତୀ ପାଇଁ ବୈଠକ

# ଡ. ଚିତ୍ତରଞ୍ଜନ ମିଶ୍ର ପାଇବେ ଅଭିମନ୍ୟୁ ସାମନ୍ତସିଂହାର ସମ୍ମାନ

**ଯାଜପୁର ଟାଉନ,୨୩ା୧(ସମିସ):** ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାରଙ୍କ ଜୟନ୍ତୀ ଆସନ୍ତା ଫେବୃୟାରୀ ୧୬ ତାରିଖ ଦିନ ପାଳିତ ହେବ। ଏଥିପାଇଁ ଆୟୋଜକ ଅଭିମନ୍ୟୁ ସାଂସ୍କୃତିକ ପରିଷଦ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କଲେଜ ରୋଡ଼ ମାନସାପୋଲ ସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଡ଼ା ରାଜ କିଶୋର ପଣ୍ଡାଙ୍କ ଅଧ୍ୟକ୍ଷତାକ୍ରମେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ କୈଳାଶ ଚନ୍ଦ୍ର ନାୟକ ପ୍ରାରମ୍ଭିକ ସୂଚନା ରଖିଥିଲେ। ଜିଲ୍ଲା ସଂସ୍କୃତି ପରିଷଦ, ଯାଜପୁର ଏବଂ ଅଭିମନ୍ୟୁ ସାଂସ୍କୃତିକ ପରିଷଦଙ୍କ ମିଳିତ ଉଦ୍ୟମରେ ହୋଇ ଆସୁଥିବା ଜୟନ୍ତୀ ପାଳନ କାର୍ଯ୍ୟକ୍ରମରେ ଚଳିତ ବର୍ଷ ବିଶିଷ୍ଟ ବୈଜ୍ଞାନିକ ଡ଼ଃ ଚିତ୍ତ ରଂଜନ ମିଶ୍ରଙ୍କୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ସମ୍ମାନ ପ୍ରଦାନ କରାଯିବାକୁ ସର୍ବ ସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା। ଉତ୍ସବ ପାଳନ ଦିନ ଏକ ସାମାଜିକ ନାଟକ ପରିବେଷଣ ମଧ୍ୟ କରାଯିବ। ଏଥି ସହିତ ବିଦଗ୍ଧ କବିଙ୍କ ସମ୍ପର୍କରେ ବକ୍ତବ୍ୟ ରଖିବା ନିମନ୍ତେ ପ୍ରତିଷ୍ଠିତ ବକ୍ତା ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ବୈଠକ ପ୍ରାରମ୍ଭରେ ଦିବଙ୍ଗତ ବିଶିଷ୍ଟ ସାମ୍ବାଦିକ ଅରୁଣ କୁମାର ପଣ୍ଡା ଏବଂ ସ୍ମୃତି ଓ ପ୍ରଣତିର ଉପଦେଷ୍ଟା ଇଂ ଅଶ୍ୱିନୀ କୁମାର ରାୟଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଶରତ ରାୟ, ମନ୍ମଥ ରାୟ ସୁବାଷ ଚନ୍ଦ୍ର ତ୍ରିପାଠୀ, ଗିରିଶ ମିଶ୍ର,ଶରତ ମୁଦୁଲି, ପ୍ରସନ୍ନ ରାଉତରାୟ, ସନ୍ତୋଷ ଦାସ ଏବଂ ଭର୍ଚୁଆଲରେ ଶିଶିର କୁମାର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## କିଡ୍‌ସ୍ ଆଇଡ଼ିଆଲ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




**ଦଶରଥପୁର,୨୩ା୧(ସମିସ):** ଦଶରଥପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ପରା ସାହି ସ୍ଥିତ କିଡ୍‌ସ୍ ଆଇଡ଼ିଆଲ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଅଧ୍ୟାପକ କୈଳାସ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଉଦଘାଟନ କରିଥିଲେ। ମୁଖ୍ୟବକ୍ତାଭାବେ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ସମ୍ମାନୀତ ଅତିଥି ଭାବେ ଯୁବ ସମାଜସେବୀ ଧର୍ମରାଜ ଧୀର, ଇଜାପୁର ସରପଞ୍ଚ ରାଜଶ୍ରୀ ସାମଲ, କଟିକଟା ସରପଞ୍ଚ କାଞ୍ଚନବାଳା ପରିଡ଼ା ଓ ବ୍ୟଙ୍ଗ କବି ବାଇଧର ମାଝୀ ଯୋଗଦେଇ ଉପସ୍ଥିତ ବିଦ୍ୟାଳୟର କୁନି କୁନି ପିଲାମାନଙ୍କୁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତି ପିଲାମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶେଷରେ ବିଦ୍ୟାଳୟର ସଂପାଦକ ରମାକାନ୍ତ ସାହୁଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଛାତ୍ରଛାତ୍ରୀଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣକୁ ଉପସ୍ଥିତ ଅଭିଭାବକ ଓ ଗ୍ରାମବାସୀ ଉପଭୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

## ନେତାଜୀ କ୍ଲବର ୨୮ ତମ ବାର୍ଷିକୋତ୍ସବ

ପାଣିକୋଇଲି,୨୩ା୧(ସମିସ)

ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୨୮ ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଛି। କ୍ଲବର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମା' ତାରିଣୀ ମନ୍ଦିର ପୂଜକ ସୂର୍ଯ୍ୟମଣି ପଣ୍ଡାଙ୍କ ଦ୍ୱାରା ସକାଳୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାପର୍ଣ କରାଯିବା ସହ କ୍ଲବର ମୁଖ୍ୟ ଉପଦେଷ୍ଟା ସନ୍ତୋଷ କୁମାର ବେହେରାଙ୍କ ଦ୍ୱାରା ପତାକା ଉତ୍ତୋଳନ କରାଯାଇ ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ କ୍ଲବର ଉପଦେଷ୍ଟା ବରିଷ୍ଠ ସମ୍ବାଦିକ ସୁବାସ ଧଳ, ସ୍ୱପ୍ନାନନ୍ଦ ଦାସ, ନାରାୟଣ ଧଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ର/ଛାତ୍ରୀ ମାନଙ୍କ ଦ୍ୱାରା ନେତାଜୀ ଜ୍ୟୋତି ପାଣିକୋଇଲି ବଜାର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର, ଜବାହାର ନବୋଦୟ ବିଦ୍ୟାଳୟ, ପଥରପଦା ପ୍ରାଥମିକ ବିଦ୍ୟାଳୟ, ପାଣିକୋଇଲି ସରକାରୀ ହାଇସ୍କୁଲ, ମା' ତାରିଣୀ ଗାର୍ଲ୍ସ ହାଇସ୍କୁଲ ଛାତ୍ର/ ଛାତ୍ରୀ ମାନେ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ବକୃତା ପ୍ରତିଯୋଗୀତା କରାଯାଇଥିଲା। ୧୫୦ରୁ ଉର୍ଦ୍ଧ ଛାତ୍ର/ଛାତ୍ରୀ ଏଥିରେ ଭାଗ ନେଇଥିଲେ। ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତି ପ୍ରାକ୍ତନ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଳାଇ, ମଧୁପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଘଡାଇ, ଅଧ୍ୟାପକ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସବ ଜୁନିଅର ବିଭାଗରେ ଏସବିଡିର ଶ୍ରୀକାନ୍ତ ଜେନା, ନେମଏଣ୍ଡ ଫେମର ଭାଗ୍ୟଜ୍ୟୋତି ମହାପାତ୍ର ଓ ଏସବିଡିର ସାଇ ସନ୍ଦୀପ ବାରିକ, ନେମଏଣ୍ଡ ଫେମର ଜେଏସ ରେୟାଂଶ ଓ ଏସବିଡିର ବିଦିଶା ଲୋମାନୀ ଶତପଥି, ଜୁନିଅର ବିଭାଗରେ ଓଡିଶା ଆଦର୍ଶ ବିଦ୍ୟାଳୟର ବିଡି ଶ୍ରୀଦିପ୍ତା ନାୟକ, ପାଣିକୋଇଲି ସରକାରୀ ହାଇସ୍କୁଲର ଦୀପାଳି ଭାଗ୍ୟଜ୍ୟୋତି ବାରିକ, ଆଦର୍ଶ ବିଦ୍ୟାଳୟର ତ୍ରିଲୋଚନ ଥାଟୋଇ ସିନିଅର ବିଭାଗରେ ବୈଷ୍ଣବୀ ଧଳ, ରଶ୍ମୀକାନ୍ତ ସ୍ୱାଇଁ, ଅର୍ପିତା ଦ୍ୱିବେଦୀ ଓ ଜୀବନ ଜ୍ୟୋତି ବାରିକ ପ୍ରଥମ , ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ।

## ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ




**ଦାନଗଦୀ:** କଳିଙ୍ଗନଗର ଅଞ୍ଚଳ କୁସୁନପୁର ସ୍ଥିତ ଦେବ ଇଣ୍ଟର ନ୍ୟାସନାଲ ସ୍କୁଲରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ସଂଗ୍ରାମରେ ଉଭୟଙ୍କର ଅବଦାନ ଅତୁଳନୀୟ। ବ୍ରିଟିଶ ଶାସନ ବିରୋଧରେ ଲଢ଼େଇ କରି ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ ଏହି ଦୁଇ ମହାପୁରୁଷ। କଟକ ସହରରେ ୧୮୯୭ ମସିହା ଜାନୁଆରୀ ୨୩ ତାରିଖରେ ନେତାଜୀ ଜନ୍ମ ଗ୍ରହଣ କରିଥିଲାବେଳେ ୧୮୦୯ ଜାନୁଆରୀ ୨୩ରେ ସମ୍ବଲପୁରରେ ଜନ୍ମ ଗ୍ରହଣ କରିଥଲେ ସୁରେନ୍ଦ୍ର ସାଏ। ଏହି ଦୁଇ ମହାପୁରୁଷ ଆଜିବି ପ୍ରତିଟି ଭାରତୀୟଙ୍କ ପ୍ରାଣରେ ଜୀବିତ ବୋଲି ବିଦ୍ୟାଳୟର ମୁଖ୍ୟ ପ୍ରଶାସନିକ ଅଧିକାରୀ ନିର୍ମଳ କୁମାର ରଣା କହିଥିଲେ। ଏକାଡେମିକ କୋର୍ଡିନେଟର ସୋନିଆ ବେଦୀ ଦ୍ୱୀପ ପ୍ରଜ୍ୱଳିତ କରିବା ସହ ଦୁଇ ଜଣ ପୁଣ୍ୟାତ୍ମାଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅଧ୍ୟାପିକା ତୃପ୍ତିରାଣୀ ରାୟଙ୍କ ଦ୍ୱାରା ଦୀପ ପ୍ରଜ୍ୱଳିତ ମନ୍ତ୍ର ଉଚ୍ଚାରଣ କରାଯାଇଥିଲା। କୁନି କୁନି ପିଲାଙ୍କ ଦ୍ୱାରା ନୃତ୍ୟ,ଗୀତ, ଭାଷଣ ପରିବେଷଣ କରାଯାଇଥିଲା। ଅଧ୍ୟାପକ ବିଦ୍ୟାଧର ପରିଡା ସୁଭାଷ ଚନ୍ଦ୍ର ବୋଷଙ୍କ ସମ୍ପର୍କରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର



ଅଧ୍ୟକ୍ଷ ବୁଦ୍ଧଦେବ ରାଉତ ଛାତ୍ର ଛାତ୍ରୀଙ୍କର ପ୍ରତିଭାକୁ ପ୍ରଶଂସା କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶେଷରେ ଅଧ୍ୟାପକ ଦୀପକ ରଂଜନ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶାଳ ଗଣଦୌଡ ଏବଂ ରକ୍ତଦାନ ଶିବିର

**ବ୍ୟାସନଗର :** ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ସହିଦ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ବିଶାଳ ଗଣଦୌଡ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଗଣଦୌଡକୁ ଯୁବ ସମାଜସେବୀ ରାକେଶ ରାଉତ, ଯୁବ ଉଦ୍ୟୋଗୀ ତଥା ସମାଜସେବୀ ଅନିରୁଦ୍ଧ ମହାନ୍ତି, ଡ଼. ସନ୍ତୋଷ କୁମାର ପୃଷ୍ଟି, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ବିଜୟସାହୁ, ପ୍ରଦ୍ୟୁମ୍ନ ବୋଇତାଇ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ରାଜୀବ ଗାନ୍ଧୀ ଷ୍ଟାଡିୟମରୁ ଗଣଦୌଡ ଆରମ୍ଭ ହୋଇ କାଳୀ ମେଳଣ ପଡିଆ ଚୋରଦାଠାରେ ସମାପନ ହୋଇଥିଲା। ମେଳଣ ପଡିଆଠାରେ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ବ୍ୟାସନଗର ପୌରପରିଷଦର ଉପାଧ୍ୟକ୍ଷ ସୁବାଷ ଚନ୍ଦ୍ର ବଳ, ମୁଖ୍ୟବକ୍ତା ବଜ୍ରବାହୁ ସୀମାନ୍ତ କେଶରୀ ସାମଲ, ସମ୍ମାନିତ ଅତିଥି ଅନିରୁଦ୍ଧ ମହାନ୍ତି, ମଣିନ୍ଦ୍ର ସାହୁ, ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ମଞ୍ଚର ଶୋଭା ବଢାଇଥିଲେ। ବ୍ୟଙ୍ଗ କବି ବାଇଧର ମାଝୀ ମଞ୍ଚ ପରିଚାଳନା କରିଥିବା ବେଳେ ସଂଘର ସମ୍ପାଦକ ହେମନ୍ତ କୁମାର ଧୀର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବରିଷ୍ଠ ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁବାଶିଷ ଆଇଚ, ଦ୍ୱିତୀୟ ଦେବେନ୍ଦ୍ର ପ୍ରଧାନ, ତୃତୀୟ ଚନ୍ଦନ କୁମାର ସାହୁ, କନିଷ୍ଠ ବିଭାଗରେ ପ୍ରଥମ ମନ୍ଦୀପ ଖୁଣ୍ଟିଆ, ଦ୍ୱିତୀୟ ଆୟୁଷ ମଲ୍ଲିକ, ତୃତୀୟ ବିଶ୍ୱ ମୋହିତ ବେହେରା, ବାଳିକା ବିଭାଗରେ ପ୍ରଥମ ଭାରତୀ ଗୁଣ୍ଡୁଆ, ଦ୍ୱିତୀୟ ଅନ୍ୱେଷା ପ୍ରିୟଦର୍ଶିନୀ ଯେନା, ତୃତୀୟ ଯୁଗ୍ମ ବିଜେତା ସ୍ନେହା ବର୍ମା ଓ କୁମାରୀ ଗାରିମା ବିଜେତା ହୋଇ ପୁରସ୍କୃତ ହେଇଥିଲେ। ଏହି ଅବସରରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଉକ୍ତ କ୍ୟାମ୍ପରେ ୧୫ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ସମସ୍ତ କାର୍ଯ୍ୟକୁ ସଙ୍ଘର ସଭ୍ୟ ରଶ୍ମି ମୁଦୁଲି, ଜନ୍ମେଜୟ ରାଉତ, କଳିଙ୍ଗ ପହି ,ପ୍ରମୋଦ ମଲ୍ଲିକ, ମାନସ ରାଉତ, ଅସିତ ଦାସ, ରମେଶ ବିଶ୍ୱାଳ, ଆଶିଷ ମଲ୍ଲିକ, ଆଶିଷ ଦାସ, ଦେବାଶିଷ ଦାସ, ସୁବ୍ରତ ଯେନା, ସୁଜୟ ସାମଲ, ହେମନ୍ତ ନାୟକ, ସମୀର ରାୟ, ଖଗେଶ୍ୱର ମଲ୍ଲିକ,ପ୍ରିତିଶ ରାଉତ, ପବିତ୍ର ପ୍ରଧାନ, ଅନ ସାହୁ, ରାଜୁ ଲାହା,ପଦ୍ମଲୋଚନ ନାୟକ ଏବଂ ସନ୍ତୋଷ ପୁହାଣ ପ୍ରମୁଖ ସଫଳ ରୂପାୟନ ପ୍ରଦାନ କରିଥିଲେ।

## ସଂଗୀତ, ନୃତ୍ୟ ଓ ଚିତ୍ରାଙ୍କନ ପ୍ରତିଯୋଗିତା

ନେତାଜୀ ସ୍ମୃତିସଂସଦ ବ୍ୟାସନଗର ତରଫରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏ ଙ୍କ ଜୟନ୍ତୀ ପରିପ୍ରେକ୍ଷୀରେ ସଂସଦ ତରଫରୁ ସକାଳ ୮ ଘଟିକା ସମୟରେ ବିଭିନ୍ନ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ସଂଗୀତ ନୃତ୍ୟ ଚିତ୍ରାଙ୍କନ ଓ ପରିବେଶ ସୁରକ୍ଷା ପ୍ରଭୃତି ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ସ୍ମୃତିସଂସଦ ସଭାପତି ତଥା ସିଆଇଟିୟୁ ଯାଜପୁର ଜିଲ୍ଲା ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ସ୍ୱାଧୀନତା ସଂଗ୍ରାମରେ ନେତାଜୀଙ୍କ ଭୂମିକା ଶୀର୍ଷକ ଆଲୋଚନା ସଭାକୁ ବରିଷ୍ଠ ଆଇନଜୀବୀ ଗୋକୁଳାନନ୍ଦ ମହାନ୍ତି ଉଦଘାଟନ



କରିଥିଲେ। ସଭାରେ ଅଣସଂଗଠିତ କର୍ମଚାରୀ କଂଗ୍ରେସର ରାଜ୍ୟ ଅଧ୍ୟକ୍ଷ ବିଦ୍ୟାଧର ମହାନ୍ତି, ଜିଲ୍ଲା ଟ୍ୟାକ୍ସ ବାର ଆସୋସିଏସନ ସଭାପତି ବିବେକାନନ୍ଦ ମହାନ୍ତି, ଭିଏନ କଲେଜ ପୂର୍ବତନ ଅଧକ୍ଷ ଡ଼ଃ କୁଶଧ୍ୱଜ ପ୍ରଧାନ, ଦଳିତ ନେତା ବାବୁଲାଲ ଗୁରୁ, ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ସିଂହ, ପ୍ରମୁଖ ସଭାରେ ବକ୍ତବ୍ୟ ଉପସ୍ଥାପନା କରିଥିଲେ। ବିକାଶ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପ୍ରତିଯୋଗିତା ରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ଝୁମୁକା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ପରିବେଷଣ କରାଯାଇଥିବା ଦେଶାତ୍ମବୋଧକ ନୃତ୍ୟ ଓ ସଂଗୀତ ବହୁ ଆକର୍ଷଣୀୟ ଓ ଚିତାକର୍ଷକ ହୋଇଥିଲା। କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ବରାଳ, ଲାଲମଣି ମୁଣ୍ଡା, ରମେଶ ରାଉତ, ରାଜେନ୍ଦ୍ର ସ୍ୱାଇଁ ଓ ସନ୍ତୋଷ ପୃଷ୍ଟି, ସୁଧାକର ବେହେରା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସସ୍ମିତା ଦାସ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ସଭାପତି ପ୍ରଫୁଲ୍ଲ ନାୟକ ନିଜ ବକ୍ତବ୍ୟରେ କହିଲେ ଯେ କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାର ସମୟରେ ଦେଶର ଗଣତନ୍ତ୍ର ସୁରକ୍ଷିତ ନୁହେଁ। ଏହାକୁ ରକ୍ଷା କରିବାକୁ ଆହ୍ୱାନ ଦେବାସହ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଡୋଲୀପୁର ନେତାଜୀ ନଗର ଠାରେ ୨୦୨୪ ମଧ୍ୟ ଭାଗରେ କରାଯିବ ବୋଲି ସଂସଦ ପକ୍ଷରୁ ଆହ୍ୱାନ କରାଯାଇଛି।

# ଅଲ୍ ଓଡ଼ିଶା ଦର୍ଶନଶାସ୍ତ୍ର ସଂଘର ବାର୍ଷିକ ସମ୍ମିଳନୀ

ଯାଜପୁର ଟାଉନ,୨୩ା୧(ସମିସ)

ଯାଜପୁର ସହରର ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୩୬ତମ ଅଲ ଓଡିଶା ଫିଲୋସଫି ଆସୋସିଏସନ (ଦର୍ଶନ ଶାସ୍ତ୍ର) ବାର୍ଷିକ ସମ୍ମିଳନୀର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଫିଲୋସଫି ବିଭାଗ ପକ୍ଷରୁ ଆୟୋଜିତ ଏହି ଦୁଇ ଦିନିଆ କର୍ମଶାଳା ରେ ଆସୋସିଏସନର ସାଂଗଠନିକ ସଂପାଦକ ଡ. ଗୋ÷ରାଙ୍ଗ ଚରଣ ବେହେରା ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ କଲେଜର ଅଧ୍ୟକ୍ଷ ବିଷ୍ଣୁ ଚରଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଲେଖକ,ସମ୍ଭକାର ହରପ୍ରସାଦ ଦାସ ଯୋଗ ଦେଇ ଥିବା ବେଳେ କାର୍ଯ୍ୟକ୍ରମରେ ଅତିଥି ଭାବେ ସାଧାରଣ ସଂପାଦକ ସଚିନ୍ଦ୍ର ରାଉଳ,ପ୍ରଫେସର ମୋହିନ ମହମ୍ମଦ,ଡ.ସୁଶାନ୍ତ କୁମାର ଦାସ, ପ୍ରଫେସର ବିଜୟାନନ୍ଦ କର ପ୍ରମୁଖ ଉପସ୍ଥିତ ରହି ଏହି ଦର୍ଶନ ଶାସ୍ତ୍ର ଶିକ୍ଷକ ସମ୍ମିଳନୀ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଜ୍ଞାନ ବିନିମୟର ସୁଯୋଗ ସୃଷ୍ଟି କରିଛି ବୋଲି ମତ ଦେଇଥିଲେ। ଶେଷରେ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଶ୍ରାବଣୀ ଅଲପନା ଧନ୍ୟବାଦ ପ୍ରଦାନ କରିଥିଲେ।




ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ପ୍ରାଧ୍ୟାପକ ଓ ପ୍ରଫେସର ମାନେ ସାମିଲ ହୋଇ ବିଭିନ୍ନ ବିଷୟକୁ ନେଇ ଆୟୋଜିତ ଆଲୋଚନାଚକ୍ର, ବିତର୍କରେ ସାମିଲ ହୋଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅଞ୍ଚଳର ଫିଲୋସଫି ବିଭାଗର ୬ ଜଣ ଅବସର ପ୍ରାପ୍ତ ପ୍ରଫେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଳକା ଖାଦ୍ୟ ବଣ୍ଟନ

**ପାଣିକୋଇଲି,୨୩ା୧(ସମିସ):** ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ କରାଯାଇଛି। ସୋତି ଇଶାଣେଶ୍ୱର ମନ୍ଦିରରେ ରାମ ପ୍ରନ୍ଦିର ପ୍ରତିଷ୍ଠା ଅବସରରେ ପୂଜାର୍ଚ୍ଚନା କରାଯିବା ସହ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମାତ୍ର କିଛି ଖାଦ୍ୟ ବଳିଥିବାର ଖବର ଗ୍ରୁପକୁ ଜଣାଇବା ପରେ ସଭାପତି ଅଶୋକ କୁମାର ଦାସ ସେଠାରେ ପହଂଚି ବଳକା ଖାଦ୍ୟକୁ ଆଣିଥିଲେ। ପଥରପଦା ଆଦିବାସୀ ବସ୍ତିରେ ଉକ୍ତ ଖାଦ୍ୟକୁ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗ୍ରୁପର ଉପଦେଷ୍ଟା ଅଶୋକ କୁମାର ବଳ, ସୁବାସ ଧଳ, ତାରିଣୀ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଧର୍ମଶାଳା ପ୍ରେସ କ୍ଲବର ପ୍ରତିଷ୍ଠାତା ସଭାପତି ନରହରି ମହାନ୍ତିଙ୍କ ପୁଣ୍ୟତିଥି

## 'ନରହରି ବାବୁ ଥିଲେ ମୂଲ୍ୟବୋଧ ପରମ୍ପରାର ବାହକ'

**ଧର୍ମଶାଳା,୨୩ା୧(ସମିସ):** ଧର୍ମଶାଳା ପ୍ରେସ କ୍ଲବର ପ୍ରତିଷ୍ଠାତା ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୫ତମ ପୁଣ୍ୟତିଥି ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଏହି ସଭାରେ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ସାମ୍ବାଦିକତା, ସାମାଜିକ ଓ ପାରିବାରିକ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ସାଲିସ ବିହୀନ ସାମ୍ବାଦିକତା ଥିଲା ତାଙ୍କର ଅନନ୍ୟ ପରିଚୟ। ସେ ଥିଲେ ମୂଲ୍ୟବୋଧ ପରମ୍ପରାର ବାହାକ, ସଞ୍ଚାରିତ ବ୍ୟକ୍ତିତ୍ୱ ଓ ବିଶାଳ ହୃଦୟର ମଣିଷଟି ବୋଲି




ଅତିଥିମାନେ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ରାଜକିଶୋର ପାଢ଼ୀ, ଡକ୍ଟର ରୁଦ୍ର ନାରାୟଣ ପୃଷ୍ଟି, ଡକ୍ଟର ପ୍ରିୟ ନାଥ ମହାପାତ୍ର, କାହ୍ନୁ ଚରଣ ଦାଶ, ରମେଶ ଚନ୍ଦ୍ର ସିଂହ, ସଂଗ୍ରାମ ଜେନା, ବସନ୍ତ ପରିଡ଼ା, ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତ ପ୍ରମୁଖ ନରହରି ବାବୁଙ୍କ ସାମ୍ବାଦିକ କ୍ଷେତ୍ରରେ ନିର୍ଭୀକତା ଓ ସାଂପ୍ରତିକ ସମୟରେ ଗଣମାଧ୍ୟମ ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରେସ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ପ୍ରେସ କ୍ଲବ୍ ଗଠନ ଦିଗରେ ନରହରି ବାବୁଙ୍କ ଭୂମିକା ଉପରେ ମତ ରଖିଥିଲେ। କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ଓ ସହ ସମ୍ପାଦକ ମାନସ ରନ ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ।

ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ

# ସ୍କୁଲଘରେ ବିପଦସଂକୁଳ ଅବସ୍ଥାରେ ଚାଲିଛି ପାଠପଢ଼ା

ଧର୍ମଶାଳା,୨୩ା୧(ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ଗୋବିନ୍ଦପୁର ଅଙ୍ଗନବାଡି କେନ୍ଦ୍ରଟି ବହୁ ବର୍ଷ ଧରି ନାନା ଅବ୍ୟବସ୍ଥା ଭିତରେ ଗତି କରୁଛି। ୨୦୦୭ ମସିହାରେ ଅନୁମୋଦିତ ହୋଇଥିଲେ ମଧ୍ୟ ଦୀର୍ଘ ୧୭ବର୍ଷ ହେବ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ଯାହା ଫଳରେ ଏବେ ରଘୁନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଟି ବହୁ ପୁରୁଣା ହୋଇଥିବାରୁ ଭାଙ୍ଗି ରୁଜି ଯିବା ସହିତ ବ୍ୟବହାର କରିବା ଅସମ୍ଭବ ହୋଇଛି। ତେଣୁ ବିଦ୍ୟାଳୟକୁ ଲାଗିଥିବା ଏକ ରୋଷେଇ ଘର ବହୁ ପୁରୁଣା ହୋଇଥିବାରୁ ଘରର ଛାତ କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଏହି ରୋଷେଇ ଘରେ ରୋଷେଇ କରିବା ସହିତ ୨୨ଜଣ ଛାତ୍ରୀ ଛାତ୍ରଙ୍କୁ ନେଇ ବିପଦସଂକୁଳ ଅବସ୍ଥାରେ ଚାଲିଛି ପାଠ ପଢା। ଏହି ରୋଷେଇ ଘରଟି ଖାଲୁଆ ଜାଗାରେ ହୋଇଥିବାରୁ



ଅଳ୍ପ ବର୍ଷାରେ ଜମୁଛି ବର୍ଷା ଜଳ। ଛୋଟ ପିଲାଙ୍କ ପାଇଁ କୌଣସି ପ୍ରକାର ଶୌଚଳୟ ବ୍ୟବସ୍ଥା କରାଯାଇନାହିଁ। ବିଷଧର ସାପ ବିଛା ମଧ୍ୟ ଶ୍ରେଣୀ ଗୃହ ମଧ୍ୟକୁ ପଶି ଯାଉଛନ୍ତି। ଖାଲି ସେତିକି ନୁହେଁ ମମତା ଦିବସରେ ଗର୍ଭବତୀ ମହିଳାମାନଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଯାହା ଫଳରେ ମହିଳା ମାନେ ବାହାରେ ବସୁଛନ୍ତି। ଏ ବାବଦରେ ସ୍ଥାନୀୟ ଲୋକ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଅଙ୍ଗନବାଡ଼ି ଦିଦି ସରସ୍ୱତୀ ରାଉତ କହିଛନ୍ତି ଘର ନଥିବାରୁ ପିଲାମାନଙ୍କୁ ପଢ଼ାଇବାରେ ଅସୁବିଧା ହେବା ସହ ମମତା ଦିବସରେ ଗର୍ଭବତୀ ମହିଳାମାନଙ୍କ ବସିବା ପାଇଁ କୌଣସି ସୁବିଧା ନାହିଁ। ଇଚ୍ଛାଶକ୍ତି ଅଭାବ ଓ ପ୍ରଶାସନିକ ଅବହେଳା ଯୋଗୁଁ ଏହା ସଫଳ ହୋଇପାରୁନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ତୁରନ୍ତ ଏଥିପ୍ରତି ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଦୃଷ୍ଟି ଦେଇ ନୂତନ ଅଙ୍ଗନବାଡି ଗୃହ ନିର୍ମାଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଧର୍ମଶାଳା ସିଡିପିଓ ସୁଶ୍ରୀ ପୂର୍ଣ୍ଣିମା ବୈଠାରୁଙ୍କୁ ପଚାରିବାରୁ ତଦନ୍ତ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଖେଳ ଦୁନିଆ
ସକାଳ THE SAKALA
www.sakalaepaper.com

**ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ୍**

# ଜୋକୋଭିଚ୍-ସିନର୍ ସେମିଫାଇନାଲ

ମେଲବୋର୍ଣ୍ଣ, ୨୩।୧(ଏଜେନ୍ସି): ଚଳିତ ଅଷ୍ଟ୍ରେଲିଆନ୍ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ପ୍ରଥମ ସେମିଫାଇନାଲ ସ୍ପଷ୍ଟ ହୋଇଛି। ଶୁକ୍ରବାର ଖେଳାଯିବାକୁ ଥିବା ଏହି ମୁକାବିଲାରେ ଶ୍ରେଷ୍ଠ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଓ ଚତୁର୍ଥ ସିଡ୍ ଇଟାଲୀର ଜାନିକ ସିନର ପରସ୍ପରକୁ ଭେଟିବେ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମୁକାବିଲାରେ ଜୋକୋଭିଚ୍ ୭-୬, ୪-୬, ୬-୨, ୬-୩ ସେଟ୍‌ରେ ଦ୍ୱାଦଶ ସିଡ୍ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟରରେ ସିନର ୬-୪, ୭-୬, ୬-୩ ସେଟ୍‌ରେ ୫ମ ସିଡ୍ ରୁଷିଆରେ ଆନ୍ଦ୍ରେ ରୁବଲେଭଙ୍କୁ ହରାଇ ସେମିକୁ ଉଠିଛନ୍ତି।



ନୋଭାକ ଜୋକୋଭିଚ୍

**ସେମିରେ ସାବାଲେଙ୍କା- ଗଫ୍ ମୁକାବିଲା:** ମହିଳା ଏକକ ପ୍ରତିଯୋଗିତାରେ ପ୍ରଥମ ସେମିଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ନିର୍ଣ୍ଣାୟକ ଏହି ମ୍ୟାଚ୍‌ରେ ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ଓ ଚତୁର୍ଥ ସିଡ୍ ଆମେରିକୀୟ ଖେଳାଳି କୋକୋ ଗଫ୍ ମୁହାଁମୁହିଁ ହେବେ। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟରରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ଚେକ ଗଣରାଜ୍ୟର ୯ମ ସିଡ ବାର୍ବୋରା କ୍ରେଜିସିକୋଭାଙ୍କୁ ଏବଂ ଗଫ୍ ୭-୬, ୬-୭, ୬-୨ ସେଟ୍‌ରେ ୟୁକ୍ରେନର ମାର୍ଟା କୋଷ୍ଟିକଙ୍କୁ ହରାଇ ସେମିରେ ପ୍ରବେଶ କରିଛନ୍ତି।



ଅରିନା ସାବାଲେଙ୍କା

# ଆଇସିସି ଦିନିକିଆ ଦଳରେ ୬ ଭାରତୀୟ

ଦୁବାଇ, ୨୩।୧(ଏଜେନ୍ସି): ୨୦୨୩ ବର୍ଷ ପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ତା'ର ଦିନିକିଆ ଦଳ (ଟିମ୍ ଅଫ୍ ଦି ଇୟର) ଘୋଷଣା କରିଛି। ଭାରତକୁ ବିଶ୍ୱକପ୍ ଫାଇନାଲରେ ପହଞ୍ଚାଇଥିବା ରୋହିତ ଶର୍ମାଙ୍କୁ ଦଳର ଅଧିନାୟକ ମନୋନୀତ କରାଯାଇଛି। ଗତବର୍ଷର ବିଶେଷ କରି ବିଶ୍ୱକପ୍‌ର ପ୍ରଦର୍ଶନକୁ ଦୃଷ୍ଟିରେ ରଖି ଆଇସିସି ଏହି ଦଳ ଚୟନ କରିଛି। ଏହି ଦଳରେ ରୋହିତ୍‌ଙ୍କ ସମେତ ୬ ଭାରତୀୟ ବିରାଟ କୋହଲି, ଶୁବମାନ ଗିଲ୍, ମହମ୍ମଦ ସାମି, ମହମ୍ମଦ ସିରାଜ ଓ କୁଲଦୀପ ଯାଦବଙ୍କୁ ସ୍ଥାନ ମିଳିଛି। ସେହିପରି ଭାରତକୁ ହରାଇ ବିଶ୍ୱକପ୍ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ଦଳରେ ଟ୍ରାଭିସ ହେଡ୍ ଓ ଆଡାମ ଜାମ୍ପାଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି।

**ଟେଷ୍ଟ ଦଳରେ ଜାଡେଜା, ଅଶ୍ୱିନ:** ସେହିଭଳି ମଙ୍ଗଳବାର ମଧ୍ୟ ଆଇସିସି ଟେଷ୍ଟ ଟିମ୍ ଅଫ୍ ଦି ଇୟର ଘୋଷଣା କରାଯାଇଛି। ଏହି ଦଳରେ ଦୁଇ ଅଭିଜ୍ଞ ଭାରତୀୟ ଖେଳାଳି ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସ୍ଥାନ ମିଳିନାହିଁ। କିନ୍ତୁ ଦୁଇ ଅଲରାଉଣ୍ଡର ରବୀନ୍ଦ୍ର ଜଡେଜା ଓ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଦଳରେ ନିଆଯାଇଛି। ଅଷ୍ଟ୍ରେଲିଆରୁ ସର୍ବାଧିକ ୫, ଭାରତ ଓ ଇଂଲଣ୍ଡ ୨ଜଣ ଲେଖାଏ ନ୍ୟୁଜିଲାଣ୍ଡ ଓ ଶ୍ରୀଲଙ୍କାର ଜଣେ ଲେଖାଏ ଖେଳାଳି ସାମିଲ ହୋଇଛନ୍ତି।



**ଆଇସିସି ଦିନିକିଆ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁବମାନ ଗିଲ, ଟ୍ରାଭିସ ହେଡ, ବିରାଟ କୋହଲି, ଡାରିଲ ମିଚେଲ, ହେନେରିକ କ୍ଲାସେନ, ମାର୍କୋ ଜନସନ, ଆଡାମ ଜାମ୍ପା, କୁଲଦୀପ ଯାଦବ, ମହମ୍ମଦ ସିରାଜ ଓ ମହମ୍ମଦ ସାମି। **ଆଇସିସି ଟେଷ୍ଟ ଦଳ:** ପ୍ୟାଟ କୁମିନ୍ସ (ଅଧିନାୟକ), ଉସମାନ ଖୱାଜା, ଦିମୁଥ କରୁଣାରତ୍ନେ, କେନ୍ ୱିଲିୟମସନ, ଜୋ ରୁଟ୍, ଟ୍ରାଭିସ ହେଡ, ରବୀନ୍ଦ୍ର ଜଡେଜା, ଆଲେକ୍ସ କାରେ, ରବିଚନ୍ଦ୍ରନ ଅଶ୍ୱିନ, ମିଚେଲ ଷ୍ଟାର୍କ ଓ ଷ୍ଟୁଆର୍ଟ ବ୍ରଡ।

# ରିଙ୍କୁ ସିଂ ଭରାତ-ଏ ଦଳରେ ସାମିଲ

ଅହମ୍ମଦାବାଦ, ୨୩।୧(ଏଜେନ୍ସି): ଇଂଲଣ୍ଡ ଲାୟନ୍ସ ବିପକ୍ଷ ଦ୍ୱିତୀୟ ଅନଅଫିସିଆଲ ଟେଷ୍ଟ ମ୍ୟାଚ୍ ପାଇଁ ଭାରତ-ଏ ଦଳ ଘୋଷିତ ହୋଇଛି। ନୂଆ ଫିନିସର ଭାବେ ପରିଚୟ ପାଇଥିବା ରିଙ୍କୁ ସିଂଙ୍କୁ ଭାରତ-ଏ' ଦଳରେ ସାମିଲ କରାଯାଇଛି। ପୂର୍ବରୁ ତାଙ୍କୁ କେବଳ ତୃତୀୟ ତଥା ଅନ୍ତିମ ମ୍ୟାଚ୍ ପାଇଁ ସାମିଲ କରାଯାଇଥିଲା। ଅହମ୍ମଦାବାଦ୍‌ରେ ବୁଧବାରଠାରୁ ଦ୍ୱିତୀୟ ୪ ଦିନିଆ ମ୍ୟାଚ୍ ଖେଳାଯିବ।

**ଭାରତ-ଏ ଦଳ:** ଅଭିମନ୍ୟୁ ଈଶ୍ୱରନ (ଅଧିନାୟକ), ସାଇ ସୁଦର୍ଶନ, ରଜତ ପଟିଦାର, ସର୍ଫରାଜ ଖାନ୍, ତିଳକ ବର୍ମା, କୁମାର କୁଶାଗ୍ର, ୱାଶିଂଟନ ସୁନ୍ଦର, ସୌରଭ କୁମାର, ଅର୍ଶଦୀପ ସିଂ, ତୁଷାର ଦେଶପାଣ୍ଡେ, ବିଦ୍ୱାଥ୍ କଭେରପ୍ପା, ଉପେନ୍ଦ୍ର ଯାଦବ, ଆକାଶ ଦୀପ, ଯଶ ଦୟାଲ ଓ ରିଙ୍କୁ ସିଂ।

# ଫେବୃଆରୀ ୨୩ରୁ ମହିଳା ପ୍ରିମିୟର ଲିଗ୍

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ) ଦ୍ୱିତୀୟ ସଂସ୍କରଣର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଫେବୃଆରୀ ୨୩ରୁ ଆରମ୍ଭ ହୋଇ ଏହି ଲିଗ୍ ମାର୍ଚ୍ଚ ୧୭ ତାରିଖରେ ଶେଷ ହେବ। ଡବଲ ରାଉଣ୍ଡ ରବିନ ଓ ପ୍ଲେ ଅଫ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିବେ ଓ ମୋଟ ୨୨ଟି ମ୍ୟାଚ୍ ଖେଳାଯିବ। ମ୍ୟାଚ୍‌ଗୁଡିକ ଏଥର ବେଙ୍ଗାଲୁରୁର ଏମ୍ ଚିନ୍ନସ୍ୱାମୀ ଷ୍ଟାଡିୟମ ଓ ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯିବ। ଫେବୃଆରୀ ୨୩ରେ ପ୍ରଥମ ସଂସ୍କରଣର ଫାଇନାଲିଷ୍ଟ ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ମାର୍ଚ୍ଚ ୧୫ରେ ଏଲିମିନେଟର ଓ ୧୭ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଡବ୍ଲ୍ୟୁପିଏଲ୍ ସରିବା ପରେ ମାର୍ଚ୍ଚ ୨୨ରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଆରମ୍ଭ ହେବ। ମାର୍ଚ୍ଚ ୪ ପର୍ଯ୍ୟନ୍ତ ଲିଗ୍‌ର ପ୍ରଥମ ୧୧ଟି ମ୍ୟାଚ୍ ବେଙ୍ଗାଲୁରୁରେ ଖେଳାଯିବ। ଏହାପରେ ମାର୍ଚ୍ଚ ୫ରୁ ୧୭ ପର୍ଯ୍ୟନ୍ତ ଦିଲ୍ଲୀରେ ବାକି ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ପ୍ରତ୍ୟେକ ଦିନ ଗୋଟିଏ ଲେଖାଏ ମ୍ୟାଚ୍ ଖେଳାଯିବ ଓ ସବୁ ମ୍ୟାଚ୍ ୭.୩୦ରୁ ଆରମ୍ଭ ହେବ। ଗତବର୍ଷ ପ୍ରଥମ ସଂସ୍କରଣରେ ଦିଲ୍ଲୀକୁ ହରାଇ ମୁମ୍ବାଇ ଟାଇଟଲ ହାସଲ କରିଥିଲା।

# ମ୍ୟାଚ୍ ବଞ୍ଚାଇବାକୁ ଓଡ଼ିଶାର ଉଦ୍ୟମ

କଟକ, ୨୩।୧(ସମିସ): ଅଗରତାଲାର ପୁଲିସ ଟ୍ରେନିଂ ଏକାଡେମୀ ଗ୍ରାଉଣ୍ଡରେ ଓଡ଼ିଶା ଏବଂ ଘରୋଇ ତ୍ରିପୁରା ମଧ୍ୟରେ ଚାଲିଥିବା ସି.କେ. ନାଇଡୁ ଟ୍ରଫିର ୩ୟ ଦିବସ ଖେଳ ମଙ୍ଗଳବାର ଶେଷ ହୋଇଛି। ଘରୋଇ ତ୍ରିପୁରା ପ୍ରଥମ ପାଳିରେ ୧୦୩ ରନର ଅଗ୍ରଣୀ ହାସଲ କରିଛି। ଜବାବରେ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ମଙ୍ଗଳବାର ଷ୍ଟମ୍ପ ଅପସାରଣ ସୁଦ୍ଧା ଗୋଟିଏ ୱିକେଟ ହରାଇ ୯ ନ କରିଛି। ରଘୁନାଥ ମଲ୍ଲ ୩ ରନରେ ଆଉଟ ହୋଇଥିବାବେଳେ ଓମ ଟି ମୁଣ୍ଡେ ୬ ଏବଂ ଅଭିନବ ନନ୍ଦ କୌଣସି ରନ ନ କରି ଅପରାଜିତ ରହିଛନ୍ତି। ବୁଧବାର ମ୍ୟାଚ୍‌ର ଅନ୍ତିମ ଦିବସରେ ଓଡ଼ିଶା ମ୍ୟାଚ୍ ବଞ୍ଚାଇବାକୁ ଉଦ୍ୟମ କରିବ। ପ୍ରକାଶଥାଉକି, ଓଡ଼ିଶାର ପ୍ରଥମ ପାଳି ୧୨୬ ରନ ଜବାବରେ ତ୍ରିପୁରା ଅମିତ ଅଲ୍ଲୀଙ୍କ ୭୩ ରନ ସହାୟତାରେ ୨୨୯ ରନ କରିଥିଲା। ଓଡ଼ିଶା ପକ୍ଷରୁ ବାଦଲ ବିଶ୍ୱାଳ ସର୍ବାଧିକ ୫ଟି ୱିକେଟ ଦଖଲ କରିଥିଲେ।



**● ଏଏଫ୍‌ସି ଏସିଆନ କପ୍**

# ହ୍ୟାଟ୍ରିକ୍ ପରାଜୟ: ଖାଲି ହାତରେ ଫେରିଲା ଭାରତ

ଦୋହା, ୨୩।୧(ଏଜେନ୍ସି): କତାରରେ ଚାଲିଥିବା ଏଏଫ୍‌ସି ଏସିଆନ୍ କପ୍‌ରେ ସୁନିଲ ଛେତ୍ରୀଙ୍କ ନେତୃତ୍ୱାଧୀନ ଭାରତୀୟ ଫୁଟ୍‌ବଲ ଦଳ ହ୍ୟାଟ୍ରିକ ପରାଜୟ ବରଣ କରିବା ସହ ବିଦାୟ ନେଇଛି। ଗ୍ରୁପ୍ ବି'ରେ ମଙ୍ଗଳବାର ଅନୁଷ୍ଠିତ ଅନ୍ତିମ ତଥା ତୃତୀୟ ମ୍ୟାଚ୍‌ରେ ଭାରତ ୦-୧ ଗୋଲରେ ସିରିଆଠାରୁ ପରାସ୍ତ ହୋଇଛି। ଦମ୍‌ଦାର ପ୍ରଦର୍ଶନ କରି ଭାରତ କଡ଼ା ଟକ୍କର ଦେଇଥିଲା। ତେବେ ୭୬ତମ ମିନିଟ୍‌ରେ ଓମାର ଖ୍ରିବିନ ଏକମାତ୍ର ଗୋଲ ସ୍କୋର କରି ସିରିଆକୁ ଜିତାଇଥିଲେ। ୩ଟି ମ୍ୟାଚ୍ ଖେଳି ୩ ପରାଜୟ ସହ ଭାରତ ବିନା ଗୋଲ୍ ଓ ପଏଣ୍ଟ ସହ ଖାଲି ହାତରେ ଘରକୁ ଫେରିଛି। ଗ୍ରୁପ୍ ବି' ଭାରତ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ଅଷ୍ଟ୍ରେଲିଆ ୭, ଉଜବେକିସ୍ତାନ ୫ ଓ ସିରିଜଆ ୪ ଅଙ୍କ ସହ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ପୂର୍ବରୁ ଭାରତ ଏହି ୩ଟି ଦଳଠାରୁ ପରାସ୍ତ ହୋଇଥିଲା। ପ୍ରଥମେ ଭାରତ ୦-୨ ଗୋଲରେ ଅଷ୍ଟ୍ରେଲିଆଠାରୁ ଓ ପରେ ୦-୩ ଗୋଲରେ ଉଜବେକିସ୍ତାନଠାରୁ ପରାସ୍ତ ହୋଇଥିଲା।

**● ତମାଣ୍ଡୋ ପ୍ରିମିୟର୍ ଲିଗ୍**

# ସେମିରେ ବାଲୁଙ୍କେଶ୍ୱର ୱାରିୟର୍ସ

ଭୁବନେଶ୍ୱର, ୨୩।୧ (ସମିସ): ବାଲୁଙ୍କେଶ୍ୱର ୱାରିୟର୍ସ (ତମାଣ୍ଡୋ) ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର୍ ଲିଗ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ତମାଣ୍ଡୋ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ମଙ୍ଗଳବାର ବାଲୁଙ୍କେଶ୍ୱର ୱାରିୟର୍ସ ଓ ବିହାରୀଲାଲ୍ ଫାଇଟର୍ସ (ପୋଖରୀପୁଟ) ମଧ୍ୟରେ ଲିଗ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବିହାରୀଲାଲ୍ ଫାଇଟର୍ସ ୧୫.୩ ଓଭରରେ ୯୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅମିତ୍ ବଡ଼ଜେନା ସର୍ବାଧିକ ୩୦ ରନ କରିଥିଲେ। ଘରୋଇ ଦଳ ପକ୍ଷରୁ ଗୁଡୁ ମହାରଣା ୪ ଓ ତାହରି ଭଟ୍ଟ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବାଲୁଙ୍କେଶ୍ୱର ୱାରିୟର୍ସ ୭ ଓଭରରେ ଗୋଟିଏ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରି ସେମିଫାଇନାଲରେ ସ୍ଥାନ ପକ୍କା କରିନେଇଥିଲା। ବିଜୟୀ ଦଳର ବିଜିରାମ ବେହେରା ୨୦ ବଲରେ ଅପରାଜିତ ୪୩ ରନ କରିଥିଲେ। ୪ଟି ୱିକେଟ୍ ନେଇଥିବା ଗୁଡୁଙ୍କୁ ଆୟୋଜକ କ୍ଲବର ଉପସଭାପତି ଅନିରୁଦ୍ଧ ବେହେରା ମ୍ୟାଚର ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରିଥିଲେ।

## CBSE BOARD EXAMINATION (2023-24)
## PROBABLE QUESTION PAPER
## CLASS-X, SUB: SOCIAL SCIENCE

### SECTION-A

1. Which one of the following is the appropriate meaning of collateral?
   (a) It is the sum total of money borrowed from banks.
   (b) The amount borrowed from friends.
   (c) It is an asset of the borrower used as guarantee to a lender.
   (d) The amount invested in a business.
2. Employment figures of a country are based on data collected from 5-yearly survey on employment and unemployment. Which organisation conducts this survey?
   (a) NSSO—National Sample Survey Organisation
   (b) NREGA 2005—National Rural Employment Guarantee Act, 2005
   (c) ILO — International Labour Organisation
   (d) Census of India
3. People also have the provision to withdraw the money as and when they require the deposits in the bank accounts to be withdrawn, what are these deposits called?
   (a) Fixed deposits (b) Savings
   (c) Demand deposits (d) Demand drafts
4. The literacy rate is highest in Kerala while the infant mortality rate is highest in Bihar. What does it show?
   (a) Most of the people in Kerala and Bihar have good living conditions.
   (b) Both Bihar and Kerala lack basic necessities of life.
   (c) The standard of living in Kerala is better than Bihar.
   (d) The standard of living in Bihar is better than Kerala.
5. Investments made by MNCs are termed as:
   (a) Indigenous investment (b) Foreign investment
   (c) Entrepreneur's investment (d) Only a option
6. Which of the following is not a feature of a Multi-National Company?
   (a) It owns/controls production in more than one nation.
   (b) It sets up factories where it is close to the markets.
   (c) It organises production in complex ways.
   (d) It employs labour only from its own country.
7. The Krishna-Godavari dispute is due to the objections raised by the Karnataka and Andhra Pradesh Governments regarding the diversion of more water at Koyna by the ________ Government for a multipurpose project.
   (a) Tamil Nadu (b) Madhya Pradesh (c) Maharashtra (d) Kerala
8. Assertion (A) : India is believed to be the original home of the cotton plant.
   Reason (R) : Cotton, jute, hemp and natural silk are the four major fibre crops grown in India.
   (a) Both A and R are true , R is the correct explanation of A.
   (b) Both A and R are true, R is not the correct explanation of A.
   (c) A is true , R is false
   (d)A is false, R is true.
9. Assertion (A): Collateral is an asset that the borrower owns (such as land, building, vehicle, livestock, deposits with banks) and uses this as a guarantee to a lender until the loan is repaid.
   Reason (R): Collateral is given as the lender can sell the collateral to recover the loan amount if the borrower fails to repay the loan.
   (a) Both A and R are true, R is the correct explanation of A
   (b) Both A and R are true, R is not the correct explanation of A
   (c) A is true , R is false
   (d) A is false, R is true.
10. Identify the industry with the help of information given below.
    • This Industry produces diammonium phosphate.
    • The production of this industry was boosted by the Green Revolution.
    (a) Automobile Industry (b) Fertilizers Industry
    (c) IT industry (d) Chemical industry
11. Which one of the following areas was the most serious source of nationalist tension in Europe after 1871?
    (a) The Balkans (b) Great Britain (c) Italy (d) Germany
12. Which industrialist attacked colonial control over Indian economy and supported the Civil Disobedience Movement?
    (a) Dinshaw Petit (b) Purshottamdas Thakurdas
    (c) Dwarkanath Tagore (d) Seth Hukumchand
13. Who visualised and depicted the image of 'Bharat Mata' through a painting?
    (a) Bankim Chandra Chattopadhyay (b) Rabindranath Tagore
    (c) Natesa Sastri (d) Abanindranath Tagore
14. Identify the French artist who prepared a series of four prints visualising his dream of a world from the following:
    (a) Kitagewa Utamaro (b) Richard M Hoe
    (c) Voltaire (d) Frederic Sorrieu
15. Who among the following led the civil disobedience movement in Peshawar ?
    (a) Maulana Abdul Kalam Azad (b) Mohammad Ali
    (c) Khan Abdul Gaffar Khan (d) Gandhiji
16. As per the census, India has _____ languages.
    (a) 22 (b) 131 (c) 121 (d)161
17. Who has the power to make laws ?
    (a) Union Government (b) State Government
    (c) Supreme court (d) Both a and b option
18. The distinguishing feature of communalism is:
    (a) Followers of a particular religion must belong to one community.
    (b) Communalism leads to the belief that people belonging to different religions can live as equal citizens within one nation.
    (c) A communal mind does not lead to quest for political dominance of one's own religious community.
    (d) A secular constitution is sufficient combat communalism.
19. How many political parties are being registered with election commission of India?
    (a) Less than hundred (b) Between 100 to 500 hundred
    (c) Between 500 to 750. (d) More than 750
20. Assertion: Community government in belgium is elected by one language community.
    Reason :community government helped in resolving the conflict between different linguistic groups
    (a) Both A and R are true R is the correct explanation of A
    (b) Both A and R are true R not correct explanation of A
    (c) A is true but R is false
    (d) A is false but R is true

### SECTION – B (2 Marks)

21. Banks and cooperatives are needing to lend more to borrowers. Give reason .
22. Name the national political party, which espouses secularism and welfare of weaker sections and minorities. Mention any two features of that party.
23. State the order passed by the Supreme Court to reform the election commission of India.
24. Analyse the main changes brought by the "Vienna Treaty."
25. Resource planning is a complex process but can't be ignore .Give reason.

### SECTION-C (3 Marks)

26. Describe the significance of the Lahore Congress session of 1929 .
27. Describe the factors that have stimulated the globalisation process.
28. Explain with examples the interdependence of agriculture and industries.
29. Briefly explain how cast inequalities are still prevailing in India .

### SECTION-D (5 Marks)

30. "Cheap and affordable credit is essential for poor households both in rural and urban areas. In the light of the above statement, explain the social and economic value attached to it.
31. "Plantation workers too had their own understanding of Gandhiji's nation of Swaraj." Explain the statement.
32. Describe the steps to be taken to minimise environmental degradation by industry.
33. "Democracy is not considered very successful in reducing inequalities". Explain the statement in brief.

### SECTION-E (4 Marks)

34. **Read the given text and answer the following questions:**
    Jhum cultivation, also known as shifting cultivation or slash-and-burn farming, is a traditional agricultural practice prevalent in north eastern India, particularly in states like Nagaland, Mizoram, and Manipur. This centuries-old method involves clearing a patch of forest, burning the vegetation, and using the ashes as natural fertilizers. Farmers then cultivate various crops, including rice, maize, and vegetables, in this nutrient-rich soil. While jhum cultivation has sustained indigenous communities for generations, it poses environmental challenges like deforestation and soil degradation. Recognizing these issues, efforts are underway to promote sustainable alternatives, such as terrace farming and agroforestry, to protect the fragile ecosystem while preserving the cultural significance of jhum cultivation. Balancing tradition with sustainability is essential to ensure food security and conserve the biodiversity of India's north eastern regions.
    i. Write about various regional names given to jhum cultivation in India? (2)
    ii. Write two advantages and disadvantages of Jhum cultivation? (2)
35. **Read the given text and answer the following questions:**
    Frederic Sorrieu prepared a series of four prints visualizing his dream of a world made up of 'democratic and social Republics', as he called them. The first print of the series shows the peoples of Europe and America - men and women of all ages and social classes marching in a long train, and offering homage to the Statue of Liberty as they pass by it. Artists of the time of the French Revolution personified Liberty as a female figure. She bears the torch of Enlightenment in one hand and the Charter of the Rights of Man in the other. On the earth in the foreground of the image lie the shattered remains of the symbols of absolutist institutions. In Sorrieu's utopian vision, the peoples of the world are grouped as distinct nations, identified through their flags and national costume. Leading the procession, way past the Statue of Liberty, are the United States and Switzerland, which by this time were already nation-states. France, identifiable by the revolutionary tricolour, has just reached the statue. She is followed by the peoples of Germany, bearing the black, red and gold flag.
    i. Who was Frederic Sorrieu?
       (a) French artist (b) German Artist (c) Italian Artist (d) British Artist
    ii. In which year did Frederic Sorrier prepare a series of four prints?
       (a) 1845 (b) 1843 (c) 1848 (d) 1841
    iii. Which of the following statements correctly describes "absolutist"?
       (a) Monarchical Government (b) Democratic Government
       (c) Uncentralised Government (d) Bureaucratic Government
    iv. Which of the following is correct with respect to "utopian vision"?
       (a) Homogenous society (b) Monarchical society
       (c) Ideal society (d) only A
36. **Read the given text and answer the following questions:**
    In 1956, an Act was passed to recognise Sinhala as the only official language, thus disregarding Tamil.
    The governments followed preferential policies that favoured Sinhala applicants for university positions and government jobs. A new constitution stipulated that the state shall protect and foster Buddhism. All these government measures, coming one after the other, gradually increased the feeling of alienation among the Sri Lankan Tamils. They felt that none of the major political parties led by the Buddhist Sinhala leaders was sensitive to their language and culture. They felt that the constitution and government policies denied them equal political rights, discriminated against them in getting jobs and other opportunities and ignored their interests. As a result, the relations between the Sinhala and Tamil communities strained over time. The Sri Lankan Tamils launched parties and struggles for the recognition of Tamil as an official language, for regional autonomy and equality of opportunity in securing education and jobs. But their demand for more autonomy to provinces populated by the Tamils was repeatedly denied. By 1980s several political organisations were formed demanding an independent Tamil eelam in northern and eastern parts of Sri Lanka.
    i. What is the moral reason behind power sharing?
       (a) It gives absolute power to the government
       (b) It gives absolute power to the people.
       (c) It is the very spirit of democracy
       (d) It ensures development.
    ii. Which is the official language of Sri-Lanka?
       (a) Hindi (b) Tamil (c) Sinhala (d) None of these
    iii. Sri-Lanka emerged as an independent country in----
       (a) 1956 (b) 1948 (c) 1947 (d) 1951
    iv. Sri-Lanka is an island nation, just a few kilometres off the southern coast of
       (a) Tamil Nadu (b) Kerala (c) Goa (d) Karnataka

*****

*All the Best..*

**ANSWER KEY**

| | | | | | | | | | |
|---|---|---|---|---|---|---|---|---|---|
| 1.c | 2.b | 3. c | 4.c | 5.b | 6. d | 7.c | 8. b | 9.b | 10. b |
| 11. a | 12.b | 13. d | 14.d | 15.c | 16.c | 17.a | 18.a | 19.d | 20.a |

ePaper : sakalaepaper.com
News Portal : thesakala.in
Facebook : SakalaNews
Twitter : SakalaNews
Instagram : sakalanews
Youtube : @SakalaNews

Courtesy:
ARYAVART ANCIENT ACADEMY, KHORDHA
A SENIOR SECONDARY SCHOOL
Web: www.aaaschool.in

## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଲାଭଜନକ ରହିବ। ଘରକୁ ଅତିଥିଙ୍କ ଆଗମନ ହେବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ପୁରୁଣା ବନ୍ଧୁଙ୍କ ସହ ଭେଟ ହେବ। ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ଯନ୍ତ୍ରଣାଦାୟକ ରହିବ। କଠିନ ପରିଶ୍ରମ ସତ୍ତ୍ୱେ ଆଶାଜନକ ଫଳ ମିଳିବ ନାହିଁ। ଅର୍ଥ ନିବେଶ ଲାଗି ଉପଯୁକ୍ତ ସମୟ। କୌଣସି କାମ ସମସ୍ୟା ସୃଷ୍ଟି କରିବ। ଧାର କରଜରୁ ନିବୃତ୍ତ ରହିବେ।

**ମିଥୁନ:** ଜୀବନସାଥୀଙ୍କ ପାଇଁ କୌଣସି ନୂଆ ଜିନିଷ କିଣିବେ। ବନ୍ଧୁଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ଆଲୋଚନା କରନ୍ତୁ ନାହିଁ। ନୂଆ ଲୋକଙ୍କ ସହ ସମ୍ପର୍କ ସ୍ଥାପନ ହେବ। ବନ୍ଧୁ ଆର୍ଥିକ ସହାୟତା ଲୋଡ଼ିବେ।

**କର୍କଟ:** ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଚାକିରିକୁ ନେଇ ଶୁଭ ଖବର ମିଳିବ। ଘର କିମ୍ବା ଜାଗାବାଡ଼ି କିଣିବା ପୂର୍ବରୁ ଗୁରୁଜନଙ୍କ ଆଶୀର୍ବାଦ ନିଅନ୍ତୁ।

**ସିଂହ:** ଦିନଟି ସକାରାତ୍ମକ ଫଳ ପ୍ରଦାନ କରିବ। ଅଫିସ୍‌ରେ ପରିଶ୍ରମ ଅନୁସାରେ ଫଳ ମିଳିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଭଲ ରହିବ। ଜୀବନସାଥୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହେବ।

**କନ୍ୟା:** ସମସ୍ୟାର ସମାଧାନ ପାଇଁ ଦିନଟି ଅତ୍ୟନ୍ତ ଶୁଭଙ୍କର। ନୂଆ ଯାନବାହନ କିଣିବାର ସ୍ୱପ୍ନ ପୂରଣ ହେବ। ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନେଇ ଅଫିସ୍ ସମସ୍ୟାର ସମାଧାନ କରିବେ।

**ତୁଳା:** ଉଧାର ଅର୍ଥ ଫେରି ପାଇବେ। ବନ୍ଧୁଙ୍କ ସହାୟତାରେ କୌଣସି ନୂଆ କାମ ମିଳିବ। କୋର୍ଟ କଚେରୀ ମାମଲା ଆପଣଙ୍କ ସପକ୍ଷରେ ରହିବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ସୃଷ୍ଟି ହେବ।

**ବିଛା:** ଦିନଟି ବ୍ୟସ୍ତତା ଭିତରେ କଟିବ। ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିପାରିବେ ନାହିଁ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଦୂରସ୍ଥାନକୁ ଯାତ୍ରାଯୋଗ ଅଛି।

**ଧନୁ:** କଠିନ ପରିଶ୍ରମ ସହ କାର୍ଯ୍ୟ କରିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଏକସଙ୍ଗରେ ଅନେକ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପାରିବାରିକ ସମସ୍ୟା ଦୂର ହେବ।

**ମକର:** ନୂଆ ଯୋଜନାକୁ ନେଇ ବାପାଙ୍କ ସହ ଆଲୋଚନା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ସରକାରୀ ଚାକିରିଆଙ୍କୁ ଶୁଭ ଖବର ମିଳିବ। ଘରେ ଭୋଜିଭାତର ଆୟୋଜନ କରିବେ।

**କୁମ୍ଭ:** ଯୁକ୍ତିତର୍କରୁ ଦୂରେଇ ରୁହନ୍ତୁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ସମାଜସେବା ଦ୍ୱାରା ପ୍ରତିଷ୍ଠା ବଢ଼ିବ। ପୈତୃକ ସମ୍ପତ୍ତିରୁ ଧନ ଲାଭ ହେବ। ସୃଜନାତ୍ମକ କାମ ପ୍ରତି ଆଗ୍ରହ ବଢ଼ିବ।

**ମୀନ:** ରାଜନୈତିକ କ୍ଷେତ୍ରରେ ମାନ ସମ୍ମାନ ବଢ଼ିବ। ଅଫିସ୍‌ରେ ଦାୟିତ୍ୱର ସହ କାର୍ଯ୍ୟ ତୁଲାଇବେ। ବିଦ୍ୟାର୍ଥୀମାନେ ଉଚ୍ଚଶିକ୍ଷା ସମ୍ପର୍କରେ ଶିକ୍ଷକଙ୍କ ସହ ଆଲୋଚନା କରିବେ। ପରିଶ୍ରମର ଉଚିତ ଫଳ ମିଳିବ।

## ଆଜିର ଐତିହ୍ୟ

- ୧୮୫୭: କଲିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା।
- ୧୯୫୦: ଜନ-ଗଣ-ମନକୁ ଭାରତୀୟ ଜାତୀୟ ସଙ୍ଗୀତର ମାନ୍ୟତା।
- ୧୯୫୨: ମୁମ୍ବାଇରେ ପ୍ରଥମ ଆନ୍ତର୍ଜାତିକ ଫିଲ୍ମ ମହୋତ୍ସବ ଆୟୋଜିତ।
- ୧୯୬୫: ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ।
- ୧୯୬୬- ଏୟାର୍ ଇଣ୍ଡିଆ ବିମାନ 'ବୋଇଂ ୭୦୭' ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ମୃତ୍ୟୁ।
- ୨୦୧୧: ମହାନ୍ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ପଣ୍ଡିତ ଭୀମସେନ ଯୋଶୀଙ୍କ ପରଲୋକ।

# ଜାତୀୟ କନ୍ୟା ସନ୍ତାନ ଦିବସ



ସ୍ୱାଧୀନତାର ଏତେ ବର୍ଷ ପରେ ବି ଥମିନି କନ୍ୟାଭ୍ରୂଣ ହତ୍ୟା। ଲୋକ ଆଧୁନିକତା ଆଡ଼କୁ ଗତି କରୁଥିବାବେଳେ ଆଜି ବି ଝିଅ ଓ ପୁଅଙ୍କ କ୍ଷେତ୍ରରେ ପ୍ରଭେଦ ଘଟଣାମାନ ନଜର ଆସୁଛି। ବର୍ତ୍ତମାନ ସମୟରେ ପୁଅମାନଙ୍କ ତୁଳନାରେ ଝିଅମାନେ କିଛି କମ୍ ନୁହଁନ୍ତି। ତଥାପି ସମାଜରେ ଝିଅଟିଏ ଅଣଦେଖା ଓ ଅଲୋଡ଼ା ହୋଇ ରହିଛି। ପୁଅଟିଏ ଜନ୍ମ ହେଲେ ରୋଜଗାରକ୍ଷମ ହେବ, ପରିବାର ଚଳାଇବ, ବୃଦ୍ଧାବସ୍ଥାରେ ବାପା ମା'ଙ୍କ ଯତ୍ନ ନେବ। ସବୁଠୁ ବଡ଼ କଥା ହେଉଛି ବଂଶ ରକ୍ଷା କରିବ। ଅପର ପକ୍ଷରେ କନ୍ୟା ସନ୍ତାନଟିଏ ଜନ୍ମ ନେଲେ ପରଘରକୁ ଚାଲିଯିବ ଓ ଯୌତୁକ ପାଇଁ ଅଭିଭାବକଙ୍କ ଉପରେ ବୋଝ ସାଜିବ। ଏଭଳି ରୁଗ୍ଣ ମାନସିକତା ଆଜି ବି ଆମ ସମାଜରେ ରହିଛି। ସରକାରଙ୍କର ବେଟି ବଚାଓ, ବେଟି ପଢାଓ, ସେଭ ଦି ଗାର୍ଲ ପରି ଅନେକ ଅଭିଯାନ ସତ୍ତ୍ୱେ ସମାଜରେ କନ୍ୟାସନ୍ତାନ ଅଲୋଡ଼ା ଅଖୋଜା ହୋଇରହିଛନ୍ତି। କନ୍ୟା ସନ୍ତାନର ସୁରକ୍ଷା ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ୨୪ ତାରିଖକୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଏ। କନ୍ୟା ସନ୍ତାନମାନଙ୍କ ସାମାଜିକ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସେମାନେ ଏକ ସମ୍ମାନଜନକ ଜୀବନ ଜିଇଁବା ଦିଗରେ ଗୃହ, ଗୋଷ୍ଠୀ ଏବଂ ଅନୁଷ୍ଠାନମାନଙ୍କରେ ଅନୁକୂଳ ବାତାବରଣ ନିର୍ମାଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସ୍ତରରେ ଏବଂ ବିଭିନ୍ନ ଜିଲ୍ଲାଗୁଡ଼ିକରେ ଏହି ଦିବସ ପାଳନ କରାଯାଏ। ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରେ ପ୍ରଥମ ଥର ପାଇଁ ଜାତୀୟ କନ୍ୟା ଦିବସ ପାଳନ ପାଇଁ ପଦକ୍ଷେପ ନିଆଯାଇଥିଲା। ଶୋଷିତ, ନିର୍ଯାତିତ ଶିଶୁକନ୍ୟାମାନଙ୍କୁ ଉଦ୍ଧାର କରି ସମାଜରେ ସଚେତନତା ସୃଷ୍ଟି କରାଇ ଶିକ୍ଷା, ସ୍ୱାସ୍ଥ୍ୟ, ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

# ପୁଣି ଥରେ ମଞ୍ଜୁଲିକା ହେବେ ବିଦ୍ୟା



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ୟ୍ୟନ୍‌ଙ୍କ ଅଭିନୀତ 'ଭୁଲ୍ ଭୁଲୈୟା-୨' ୨୦୨୨ରେ ରିଲିଜ୍ ହୋଇଥିଲା। ସେତେବେଳେ ଏହା ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ଫିଲ୍ମରେ କାର୍ତ୍ତିକ୍‌ଙ୍କ ସହ କିଆରା ଆଡଭାନୀ ଓ ତବୁ କାମ କରିଥିଲେ। ଇତିମଧ୍ୟରେ 'ଭୁଲ୍‌ଭୁଲୈୟା-୩' ଫିଲ୍ମ ଆସିବ ବୋଲି ଘୋଷଣା କରାଯାଇଛି। ଫିଲ୍ମର ସୁଟିଂ ମାର୍ଚ୍ଚରୁ ଆରମ୍ଭ ହେବ। ଫିଲ୍ମର ହିରୋ ଭାବେ କାର୍ତ୍ତିକ୍‌ଙ୍କୁ ଫାଇନାଲ୍ କରାଯାଇଛି। ଏହାର ନିର୍ଦ୍ଦେଶନା ଦେବେ ଅନିସ୍ ବଜ୍‌ମୀ। ଏହି ଫିଲ୍ମରେ ବିଦ୍ୟା ବାଲାନ୍ ମଧ୍ୟ ଅଭିନୟ କରିବେ। ପୁଣି ଥରେ ଦର୍ଶକେ ବିଦ୍ୟାଙ୍କୁ ମଞ୍ଜୁଲିକା ଭୂମିକାରେ ଦେଖିବେ। ତଥାପି ଫିଲ୍ମର ନାୟିକାଙ୍କୁ ନେଇ ବିଧିବଦ୍ଧ ଭାବେ କିଛି କୁହାଯାଇ ନାହିଁ। ୨୦୦୭ରେ 'ଭୁଲ୍ ଭୁଲୈୟା' ରିଲିଜ୍ ହୋଇଥିଲା। ଏଥିରେ ଅକ୍ଷୟ କୁମାର, ସାଇନି ଆହୁଜା ଓ ବିଦ୍ୟା ବାଲାନ୍ ଲିଡ୍ ରୋଲରେ ନଜର ଆସିଥିଲେ। ୨୦୨୨ରେ ଏହାର ଦ୍ୱିତୀୟ ଭାଗ ଆସିଥିଲା। ଏଥିରେ କାର୍ତ୍ତିକ୍ ଆର୍ୟ୍ୟନ୍ ଓ କିଆରା ଆଡଭାନୀ ଦେଖାଯାଇଥିଲେ। ସେହିଭଳି ତବୁ ଡବଲ ରୋଲ୍‌ରେ ଦେଖାଯାଇଥିଲେ। ଏଥିରେ ତବୁ ମଞ୍ଜୁଲିକା ଓ ଅଞ୍ଜୁଲିକା ଭୂମିକାରେ ଦେଖାଯାଇଥିଲେ। ତେବେ 'ଭୁଲ୍‌ଭୁଲୈୟା-୩' ନଭେମ୍ବର ୧୨, ୨୦୨୪ରେ ରିଲିଜ୍ ହେବ।

## ପାଇକ ବିଦ୍ରୋହର ଅନନ୍ୟ ନାୟକ
# ବକ୍ସି ଜଗବନ୍ଧୁ

ସ୍ମୃତିଶ୍ରଦ୍ଧାଞ୍ଜଳି



ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ହେଉଛନ୍ତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟ। ଭାରତୀୟ ମୁକ୍ତି ସଂଗ୍ରାମର ଆଦ୍ୟକାଳରେ ସେ ଥିଲେ ଜଣେ ପ୍ରଚଣ୍ଡ ଯୋଦ୍ଧା। ସେ 'ବକ୍ସି ଜଗବନ୍ଧୁ' ଭାବେ ଲୋକପ୍ରିୟ। ୧୭୭୩ ମସିହାରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ବକ୍ସି ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ। ବକ୍ସି ଥିଲେ ରାଜକୁଳ ସମ୍ଭୂତ। ପିଲାଦିନୁ ସେ ଅଶ୍ୱଚାଳନାର ବିଭିନ୍ନ ରଣକୌଶଳ ଶିଖିଥିଲେ। ଜଗବନ୍ଧୁ ବିଦ୍ୟାଧର ତାଙ୍କର ପୂର୍ବପୁରୁଷଙ୍କଠାରୁ ବଂଶାନୁକ୍ରମେ 'ବକ୍ସି' ଉପାଧି ଲାଭ କରି ଖୋର୍ଦ୍ଧା ରାଜାଙ୍କର ସେନାପତି ଦାୟିତ୍ୱ ବହନ କରିଥିଲେ। ରାଜାଙ୍କ ପରେ ସେ ଥିଲେ ଦ୍ୱିତୀୟ ମାନ୍ୟଗଣ୍ୟ ବ୍ୟକ୍ତି। ସେହି ସମୟରେ ପାଇକମାନେ ନିଷ୍କର ଜମି ଭୋଗ କରୁଥିଲେ। ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ପାଇଁ ଇଂରେଜମାନେ ଗଜପତି ମହାରାଜାମାନଙ୍କୁ ସାହାଯ୍ୟ କରିଥିଲେ। ଏହାପରେ ରାଜ୍ୟର ଶାସନଭାରରେ ସେମାନେ ହସ୍ତକ୍ଷେପ କଲେ। ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରି ତାଙ୍କର ରାଜ୍ୟକୁ ଇଂରେଜ ଶାସନାଧୀନ ଅଞ୍ଚଳ ସହିତ ମିଶାଇ ଦେଲେ। ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା। ଫଳରେ ପାଇକମାନେ ତାଙ୍କ ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ। ଅନେକ ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ। ଯେଉଁମାନେ ରହିଲେ ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା। ୧୮୧୭ ମସିହାରେ ଇଂରେଜମାନେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଏକ ହତ୍ୟା ମାମଲାରେ ଗିରଫ କଲେ। ଏହି ଘଟଣାର ପ୍ରତିବାଦରେ ଖୋର୍ଦ୍ଧାର ପାଇକମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୋଧରେ ବିଦ୍ରୋହ କଲେ। ଏହାପରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା। ଏହି ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ। ଯାହାର ମୁଖ୍ୟ କାରଣ ହେଉଛି, ନୂଆ ରାଜସ୍ୱ ନୀତି ଏବଂ ଲବଣ ଦର ବୃଦ୍ଧି। ଘୁମୁସରର କନ୍ଧ ଓ ପାଇକମାନେ ମିଳିତ ଭାବେ ବାଣପୁରରେ ଥିବା ଇଂରେଜମାନଙ୍କ ବିଭିନ୍ନ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ। ବାଣପୁରରୁ ପିପିଲି ମଧ୍ୟରେ ଥିବା ଇଂରେଜଙ୍କର ବିଭିନ୍ନ କାର୍ଯ୍ୟାଳୟ ଓ ସୈନ୍ୟ ଛାଉଣୀ ଉପରେ ଆକ୍ରମଣ ହୋଇଥିଲା। ପରେ ପୁରୀ ଆଡକୁ ଅଗ୍ରସର ହୋଇଥିଲେ। ମାତ୍ର ସେଠାରେ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିବା ସମ୍ଭବ ହୋଇ ପାରିନଥିଲା। ମାତ୍ର ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଗିରଫ କରି ନ ଥିଲେ। ପରେ ବଡ଼ଲାଟ୍ ୧୮୨୨ ମସିହାରେ ଜଗବନ୍ଧୁଙ୍କୁ କେତେ ସର୍ତ୍ତରେ କ୍ଷମା କରିବେ ବୋଲି ଘୋଷଣା କରିଥିଲେ। ମାତ୍ର ବକ୍ସି ଜଗବନ୍ଧୁ ଏହାକୁ ଗ୍ରହଣ କରି ନଥିଲେ। ଏହାପରେ ୧୮୨୫ ମସିହା ମେ' ମାସ ୨୭ ତାରିଖରେ ବକ୍ସି ଜଗବନ୍ଧୁ କଟକରେ ଆତ୍ମସମର୍ପଣ କରିଥିଲେ। ୧୮୨୯ ଜାନୁଆରୀ ୨୪ ତାରିଖରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ଇହଲୀଳା ସମ୍ବରଣ କଲେ।



# କ୍ରପ୍‌ଡ ପ୍ୟାଣ୍ଟ

**ଯୁବତୀମାନଙ୍କ ଭଳି ଯୁବକମାନେ ମଧ୍ୟ ଫେଶନକୁ ନେଇ ବେଶ୍ ସଚେତନ। ଦିନକୁ ଦିନ ମେନ୍ସ ଫେଶନ୍‌ରେ ବିଭିନ୍ନ ଡିଜାଇନ୍‌ର ସାର୍ଟ ଓ ପ୍ୟାଣ୍ଟ ସାମିଲ ହେଉଥିବା ବେଳେ ସେଥିରୁ ଅନ୍ୟତମ 'କ୍ରପ୍‌ଡ ପ୍ୟାଣ୍ଟ।' ଏହି ପ୍ୟାଣ୍ଟ ପୁରୁଷଙ୍କୁ ସ୍ମାର୍ଟ ଓ ଷ୍ଟାଇଲିସ୍ ଲୁକ୍ ଦେଇଥାଏ।**



- ଯୁବକମାନଙ୍କ ପାଇଁ ଏବେ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସାଜିଛି କ୍ରପ୍‌ଡ ପ୍ୟାଣ୍ଟ। ଏହି ପ୍ୟାଣ୍ଟ ଯୁବକମାନେ ପିନ୍ଧିବାକୁ ବେଶି ପସନ୍ଦ କରୁଛନ୍ତି। ଏହାସହିତ ଫର୍ମାଲ ସାର୍ଟ କିମ୍ବା ଟି-ସାର୍ଟକୁ ଇନ୍ କରି ପିନ୍ଧି ପାରିବେ। ଏହା ହେଉଛି ଏମିତି ଏକ ପ୍ୟାଣ୍ଟ, ଯାହାକି ଅଳ୍ପ ଟାଇଟ୍ ହୋଇଥିବା ବେଳେ ଏହାର ଲମ୍ବ ଗୋଇଠି ଉପରକୁ ରହେ। ଏ ପ୍ରକାରର ନୀଳ, କଳା ଓ ଧଳା ରଙ୍ଗର ପ୍ୟାଣ୍ଟ ଅଧିକ ଆକର୍ଷଣୀୟ ଲାଗେ। ଅଫିସ୍ ମିଟିଂକୁ ଏହା ପିନ୍ଧି ଯାଇହେବ।
- ସେହିପରି ଏହି ପ୍ୟାଣ୍ଟ ସହିତ କିଭଳି ଜୋତା ପିନ୍ଧିବେ, ସେ ଦିଗରେ ବି ଯତ୍ନବାନ ହେବା ଆବଶ୍ୟକ। ଏହା ସହିତ ଏଭଳି ଜୋତା ପିନ୍ଧନ୍ତୁ, ଯେଉଁଥିରେ ମୋଜା ପିନ୍ଧିବା ଦରକାର ପଡୁ ନ ଥିବ। ସ୍ନିକର୍ କିମ୍ବା ସ୍ପୋର୍ଟସ ସୁ ଏହି ପ୍ୟାଣ୍ଟକୁ ଭଲ ଲାଗେ। କ୍ରପ୍‌ଡ ପ୍ୟାଣ୍ଟ ସହିତ ବ୍ଲେଜର୍ ବେଶ୍ ଆକର୍ଷଣୀୟ ଦିଶିଥାଏ।

# ଚାକିରି ନା ଫ୍ରିଲାନ୍‌ସିଂ

**ଯେତେବେଳେ ଖର୍ଚ୍ଚ ବଢ଼ିଥାଏ ସେତେବେଳେ ରୋଜଗାର ମଧ୍ୟ ବଢ଼ାଇବାକୁ ପଡ଼ିଥାଏ। କୌଣସି ଗୋଟିଏ ସ୍ଥାନରେ ପୂର୍ଣ୍ଣକାଳୀନ କାମ କରି ଆବଶ୍ୟକତା ପୂରଣ ହୋଇ ନ ଥାଏ। ତେଣୁ ଅଧିକ ଆୟର ଉତ୍ସ ଖୋଜିବାକୁ ପଡ଼ିଥାଏ। ଏଥିପାଇଁ ଫ୍ରିଲାନ୍ସିଂ ଏକ ଭଲ ବିକଳ୍ପ। ସେହିପରି ଥରେ ଏହି କାମ ଆରମ୍ଭ କଲେ କିମ୍ବା ଏହାର ଅଭ୍ୟାସରେ ପଡ଼ିଗଲେ ପରବର୍ତ୍ତୀ ସମୟରେ ଏହି କାମକୁ ଛାଡ଼ିବା ସହଜ ହୋଇ ନ ଥାଏ। ତେବେ ଜଣେ କାହିଁକି ଫ୍ରିଲାନ୍‌ସିଂ କରିବ ଏବଂ ଏଥିରୁ କ'ଣ ଲାଭ ମିଳେ, ସେ ସମ୍ପର୍କରେ ଆସନ୍ତୁ ଜାଣିବା...**

- ଏହା ଏକପ୍ରକାର ଘରେ ରହି କାମ କରିବାର ସୁଯୋଗ ପ୍ରଦାନ କରେ।
- ତା'ସହ ଘରୁ କାମ କରିବା ଦ୍ୱାରା ଅଫିସ୍ ଚାପରୁ ମୁକ୍ତି ମିଳିଥାଏ। ଏହା ଦ୍ୱାରା କାମ ଉପରେ ଅଧିକ ଧ୍ୟାନ ଦେଇ ହୁଏ।
- ଏକସଙ୍ଗରେ ଜଣେ ଚାହିଁଲେ ଅନେକ କମ୍ପାନିର କାମ କରିପାରିବେ। ଅବଶ୍ୟ ଏଥିପାଇଁ ସମୟ ପରିଚାଳନା ଜ୍ଞାନ ଜରୁରୀ।
- ସେହିପରି ଅଧିକ ଲୋକଙ୍କ ଭିତରେ କାମ କରିବାକୁ ଅସହଜ ଅନୁଭବ କରୁଥିଲେ ଫ୍ରିଲାନ୍ସିଂ ଉତ୍ତମ ବିକଳ୍ପ।
- ଜଣେ ଫ୍ରିଲାନ୍ସର କୌଣସି ପ୍ରୋଜେକ୍ଟକୁ ନିଜ ହିସାବରେ ଶେଷ କରିପାରିବେ।
- ଚାକିରିରେ ମାସ ଶେଷ ବେଳକୁ ପାରିଶ୍ରମିକ ଉପରେ ନିର୍ଭର କରିବାକୁ ପଡୁଥିବାବେଳେ ଫ୍ରିଲାନ୍ସିଂ କ୍ଷେତ୍ରରେ ତାହା ଘଟେ ନାହିଁ।
- ଫ୍ରିଲାନ୍ସିଂ କାମ ଦ୍ୱାରା ନିତିଦିନ ନଚେତ ସପ୍ତାହକୁ ପାରିଶ୍ରମିକ ମିଳେ ଏବଂ କାମ ଅନୁସାରେ ଏମାନଙ୍କ ରୋଜଗାର ହୋଇଥାଏ।
- ଫ୍ରିଲାନସରଙ୍କୁ ପରିବାର ସହ ବୁଲାବୁଲି ତଥା ବ୍ୟକ୍ତିଗତ କାରଣକୁ ନେଇ ଛୁଟି ନେବାକୁ ପଡ଼ି ନ ଥାଏ।
- ଅବଶ୍ୟ ଫ୍ରିଲାନ୍ସରଙ୍କୁ ବେଳେ ବେଳେ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ। ବେଳେବେଳେ ଏଥିରେ ଠକାମିର ଶିକାର ହେବାକୁ ପଡ଼ିଥାଏ। କ୍ଲାଏଣ୍ଟ ଯଦି ବିଦେଶର ହୋଇଥିବେ, ତେବେ କମ୍ୟୁନିକେସନ୍ ବଜାୟ ରଖିବା ପାଇଁ ସମୟ ଅନୁସାରେ ରାତିରେ ବି କାମ କରିବାକୁ ପଡ଼ିପାରେ।





## ସମ୍ଭାବନା

# ଅନ୍‌ଲାଇନ୍ ପରୀକ୍ଷା ଦେଉଥିଲେ



**ବର୍ତ୍ତମାନ ସମୟରେ ଘରେ ଥାଇ ମଧ୍ୟ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ପାଠ ପଢୁଛନ୍ତି। କୋଭିଡ୍ ମହାମାରୀ ସମୟରେ ଏହାର ଉପଯୋଗ ବଢ଼ିଯାଇଥିଲା। ଏହାପୂର୍ବରୁ ଅନ୍‌ଲାଇନ୍ ଶିକ୍ଷା ସହ ଛାତ୍ରଛାତ୍ରୀ ସେତିକି ଅଭ୍ୟସ୍ତ ନ ଥିଲେ। ସମୟ ବଦଳିଛି, ତାହା ସହ ବଦଳିଛି ଶିକ୍ଷାର ଢାଞ୍ଚା। ଏବେ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ପାଠ ପଢ଼ି ସଫଳ ହେଉଛନ୍ତି। ଘରେ ବସି କମ୍ପ୍ୟୁଟର ଦ୍ୱାରା ପରୀକ୍ଷା ଦେଉଛନ୍ତି। ତେବେ ଅନ୍‌ଲାଇନ୍ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ କେତେକ ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ।**

- ଅନଲାଇନ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀଙ୍କର କମ୍ପ୍ୟୁଟର ଜ୍ଞାନ ରହିଥିବା ନିହାତି ଆବଶ୍ୟକ। କାରଣ ବର୍ତ୍ତମାନ ସମୟରେ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଅନ୍‌ଲାଇନ୍‌ରେ ହେଉଛି। ଫଳରେ ଛାତ୍ରଛାତ୍ରୀ କମ୍ପ୍ୟୁଟର ବ୍ୟବହାର ଜାଣି ନ ଥିଲେ ସେମାନଙ୍କୁ ବହୁ ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ।
- ଏବେ ଅଧିକାଂଶ ପରୀକ୍ଷା ଅନ୍‌ଲାଇନ୍‌ରେ ହେଉଥିବାବେଳେ ଛାତ୍ରଛାତ୍ରୀମାନେ ପରୀକ୍ଷାର ଯଥେଷ୍ଟ ପୂର୍ବରୁ ମକ୍ ଟେଷ୍ଟରେ ଭାଗ ନେଇ ଏଥିରେ ସଫଳ ହୋଇ ପାରିବେ। ସୀମିତ ସମୟ ମଧ୍ୟରେ ସବୁଯାକ ପ୍ରଶ୍ନର ଉତ୍ତର କିପରି ଦେଇ ପାରିବେ ସେଥିପାଇଁ ପୂର୍ବରୁ ଅଭ୍ୟାସ ନିହାତି ଜରୁରି।
- ଛାତ୍ରଛାତ୍ରୀ ନିଜର ଡେସ୍କଟପ୍ ବା ଲାପଟପ୍‌ରେ ଏଥିପାଇଁ ଅଭ୍ୟାସ ଜାରି ରଖିଲେ ପରୀକ୍ଷାରେ ଭଲ ସ୍କୋର୍ କରିପାରିବେ।
- ଏହାବାଦ୍ ଅଧିକ ବେଗରେ କେମିତି ଟାଇପ୍ କରିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏହାଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମସ୍ତ ପ୍ରଶ୍ନର ଉତ୍ତର ଦେବା ସମ୍ଭବ ହୋଇପାରିବ। ସେଥିପାଇଁ ସର୍ଟକର୍ଟ କି' ଗୁଡ଼ିକ ଉପରେ ମଧ୍ୟ ଯଥେଷ୍ଟ ଜ୍ଞାନ ଆହରଣ କରିବା ଉଚିତ।
- ଅନ୍‌ଲାଇନ୍ ପରୀକ୍ଷା ସମୟରେ ନିଜର ପାରିପାର୍ଶ୍ୱିକ ସ୍ଥିତି ପ୍ରତି ନଜର ଦେବା ଆବଶ୍ୟକ। ଅନ୍‌ଲାଇନ୍ ପରୀକ୍ଷା ପାଇଁ ଘରର ଏପରି ସ୍ଥାନ ବାଛିବା ଆବଶ୍ୟକ, ଯେଉଁଠି କଥାବାର୍ତ୍ତା ଶୁଭୁ ନଥିବ। ଅନ୍‌ଲାଇନ୍ ପରୀକ୍ଷା ଯଦି କୌଣସି ଇଣ୍ଟରନେଟ୍ କାଫେରେ ଦେଉଛନ୍ତି ସେଠି ଯେମିତି ବାରମ୍ବାର ବିଦ୍ୟୁତ୍ କାଟ୍ ହେଉ ନ ଥିବ ସେଥିପ୍ରତି ଧ୍ୟାନ ଦେବେ। ଏହାବାଦ୍ ଯଦି ସ୍କୁଲ୍ କିମ୍ବା କଲେଜରେ ପରୀକ୍ଷା ଦେଉଛନ୍ତି, ତେବେ ପରୀକ୍ଷା ଆରମ୍ଭହେବା ପୂର୍ବରୁ କମ୍ପ୍ୟୁଟରକୁ ଭଲ ଭାବେ ଚେକ୍ କରି ନିଅନ୍ତୁ।

# ଇନ୍‌ଷ୍ଟାର ନୂଆ ଫିଚର୍ 'ବ୍ୟାକ୍‌ଡ୍ରପ୍'

ଆଧୁନିକ ଜୀବନ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ ସାମାଜିକ ଗଣମାଧ୍ୟମ। ଏହା ଆମକୁ ସୃଜନଶୀଳ ଭାବରେ ନିଜର ମତାମତ ପ୍ରକାଶ କରିବାର ସୁଯୋଗ ଦେଇଥାଏ ଏବଂ ଅନ୍ୟମାନଙ୍କ ସହିତ ଆମର ଚିନ୍ତାଧାରା ଏବଂ ଅନୁଭୂତି ବାଣ୍ଟିଥାଏ। ଆଜିକାଲି ପିଲାଠୁ ବୁଢ଼ା ସମସ୍ତେ ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଭଳି ସାମାଜିକ ଗଣମାଧ୍ୟମ ସହ ଅଭ୍ୟସ୍ତ। ଇନ୍‌ଷ୍ଟାଗ୍ରାମ୍ ଏକ ଲୋକପ୍ରିୟ ଫଟୋ ଓ ଭିଡିଓ ସେୟାରିଂ ପ୍ଲାଟଫର୍ମ। ସମ୍ପ୍ରତି ଯୁବପିଢ଼ିଙ୍କ ପାଇଁ ଇନ୍‌ଷ୍ଟାଗ୍ରାମ୍‌ର ଆଦର ଅଧିକ ରହିଥିବାବେଳେ ଅନେକ ସମୟରେ ଇନ୍‌ଷ୍ଟାଗ୍ରାମ୍ ୟୁଜର୍ ଫଟୋ ବ୍ୟାକ୍‌ଗ୍ରାଉଣ୍ଡକୁ ନେଇ ଚିନ୍ତାରେ ରହିଥାନ୍ତି। ଏହି ସମସ୍ୟାକୁ ଦୂର କରିବାକୁ ଇନ୍‌ଷ୍ଟାଗ୍ରାମ୍ ଏଆଇ ଆଧାରିତ ଫିଚର୍ 'ଇନ୍‌ଷ୍ଟାଗ୍ରାମ୍ ବ୍ୟାକ୍‌ଡ୍ରପ୍' ଲଞ୍ଚ୍ କରିଛି। ଏହା ଫଟୋକୁ ଏଡିଟ୍ କରିବାରେ ସାହାଯ୍ୟ କରିବ। ଏହା ଜରିଆରେ ଫଟୋର ବ୍ୟାକ୍‌ଗ୍ରାଉଣ୍ଡରେ ପରିବର୍ତ୍ତନ କରାଯାଇ ପାରିବ। ଉଦାହରଣ ସ୍ୱରୂପ ପାହାଡ଼, ଜଙ୍ଗଲରେ ଜଣେ ନିଜକୁ ଦେଖିବାକୁ ଚାହୁଁଥିଲେ, ଏହି ଫିଚର ଦ୍ୱାରା ଏହା ସମ୍ଭବ ହେବ। କେବଳ ସେତିକି ନୁହେଁ, ଏଥିରେ ଜଣେ ଡାଇନୋସର୍ ସହିତ ଚାଲୁଥିବା ଏବଂ କୁକୁରଛୁଆଙ୍କ ସହ ଖେଳୁଥିବାର ଦୃଶ୍ୟ ମଧ୍ୟ କରିପାରିବେ। ସବୁଠୁ ବଡ଼ କଥା ହେଲା ଏଥିପାଇଁ ୟୁଜର୍ସଙ୍କୁ ଫଟୋ ଷ୍ଟକ୍ କରିବାକୁ ପଡ଼ିବ ନାହିଁ। ଅନ୍ୟ ଏଆଇ ଟୁଲ୍ ଭଳି ଏଥିରେ ପ୍ରମ୍ପଟ୍ ବ୍ୟବହାର କରିବାକୁ ପଡ଼ିବ। ତେବେ ଏହା ଏବେ କେବଳ ଆମେରିକାରେ ଉପଲବ୍ଧ ହୋଇଛି। ଏହାକୁ ଇନ୍‌ଷ୍ଟଲ୍ କରିବା ପରେ ୟୁଜର୍ସଙ୍କୁ 'ଟ୍ରାଏ ଇଟ୍' ଅପସନ୍ ଆସିବ। ଏହାକୁ କ୍ଲିକ୍ କରିବା ପରେ ୟୁଜର୍ସଙ୍କୁ 'ବ୍ୟାକ୍‌ଗ୍ରାଉଣ୍ଡ'କୁ ପରିବର୍ତ୍ତନ କରିବା ଅପସନ୍ ମିଳିବ।



## ଇଂଲଣ୍ଡ ବିପକ୍ଷରେ ରାହୁଲ ୱିକେଟରକ୍ଷଣ କରିବେନି

ନୂଆଦିଲ୍ଲୀ, ୨୩ା୧(ଏଜେନ୍ସି): ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଲୋକେଶ ରାହୁଲ ୱିକେଟରକ୍ଷଣ କରିବେ ନାହିଁ। ଜଣେ ସ୍ପେଶାଲିଷ୍ଟ ବ୍ୟାଟର ଭାବେ ସେ ଦଳରେ ସାମିଲ ହେବେ ବୋଲି ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ କହିଛନ୍ତି। ସିରିଜରେ ରାହୁଲଙ୍କ ଭୂମିକା ନେଇ ଆମେ ପୂର୍ବରୁ ସ୍ପଷ୍ଟ କରିସାରିଛୁ। ଏହି ହାଇପ୍ରୋଫାଇଲ ସିରିଜରେ ଦୁଇଜଣ ଅନ୍ୟ ୱିକେଟରକ୍ଷକଙ୍କୁ ସାମିଲ କରାଯାଇଛି। ୨୫ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଏହି ସିରିଜର ପ୍ରଥମ ଦୁଇଟି ମ୍ୟାଚ୍ ପାଇଁ ଦଳ ଘୋଷଣା କରାଯାଇଛି। ରାହୁଲଙ୍କ ସମେତ କେଏସ୍ ଭରତ ଓ ଧ୍ରୁବ ଜୁରେଲଙ୍କୁ ୱିକେଟରକ୍ଷକ ଭାବେ ଦଳରେ ସାମିଲ କରାଯାଇଛି ବୋଲି ସେ କହିଛନ୍ତି। ଭରତ ପୂର୍ବରୁ ଟେଷ୍ଟ ଖେଳି ସାରିଛନ୍ତି। କିନ୍ତୁ ଜୁରେଲ ପ୍ରଥମଥର ପାଇଁ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ତାରକା ବ୍ୟାଟର ବିରାଟ କୋହଲି ପ୍ରଥମ ଦୁଇଟି ଟେଷ୍ଟରୁ ବ୍ୟକ୍ତିଗତ କାରଣ ଦର୍ଶାଇ ଓହରିଯାଇଛନ୍ତି।

## ତନୁଙ୍କୁ ରୌପ୍ୟ, ଆଲୋକଙ୍କୁ କାଂସ୍ୟ





ଭୁବନେଶ୍ୱର, ୨୩ା୧ (ସମିସ): ଚେନ୍ନଇରେ ଚାଲିଥିବା ୬ଷ୍ଠ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଓଡ଼ିଶାର ଦୁଇ ଜିମ୍ନାଷ୍ଟ ତନୁ ଓ ଆଲୋକ କୁମାର ପଦକ ସଫଳତା ପାଇଛନ୍ତି। ମହିଳା ଅନ୍‌ଇଭେନ ବାରସ୍‌ରେ ତନୁ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ପୋମେଲ ହର୍ସ ଇଭେଣ୍ଟରେ ଆଲୋକ କୁମାର କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ସଫଳତା ଲାଗି ଉଭୟ କ୍ରୀଡ଼ାବିତ୍‌ଙ୍କୁ ଚାରିଆଡୁ ଶୁଭେଚ୍ଛା ଆସିଛି।

## ଚିରାଗ-ସାତ୍ୱିକଙ୍କୁ ବିଶ୍ୱର ଏକ ନମ୍ବର ମାନ୍ୟତା

କ୍ୱାଲାଲୁମ୍ପୁର, ୨୩ା୧ (ଏଜେନ୍ସି): ଡିଫେଣ୍ଡି ଏସୀୟ କ୍ରୀଡ଼ା ଚାମ୍ପିଅନ ଭାରତୀୟ ବ୍ୟାଡ୍‌ମିଣ୍ଟନ ଯୋଡ଼ି ଚିରାଗ ସେଟ୍ଟୀ ଓ ସାତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ବିଶ୍ୱ ବ୍ୟାଡ୍‌ମିଣ୍ଟନର ସର୍ବୋଚ୍ଚ ସଂସ୍ଥା ବିଡବ୍ଲ୍ୟୁଏଫ୍ ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ପୁରୁଷ ଯୁଗଳ ମାନ୍ୟତାରେ ସାତ୍ୱିକ-ଚିରାଗ ଯୋଡ଼ି ଗୋଟିଏ ପାହାଚ ଉପରକୁ ଉଠି ଶୀର୍ଷ ମାନ୍ୟତା ଲାଭ କରିଛନ୍ତି। ଗତବର୍ଷ ଏହି ଭାରତୀୟ ଯୋଡ଼ି ଚମତ୍କାର ପ୍ରଦର୍ଶନ କରି ଇଣ୍ଡୋନେସିଆ ମାଷ୍ଟର୍ସ (ସୁପର୍-୧୦୦୦), କୋରିଆ ଓପନ୍ (ସୁପର୍-୫୦୦) ଓ ସୁଇସ୍ ଓପନ୍ (ସୁପର୍-୩୦୦) ଟାଇଟଲ୍ ଜିତିଥିଲେ। ଏହାବାଦ୍ ଏସୀୟ କ୍ରୀଡ଼ାରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ।

## ବିସିସିଆଇ ପୁରସ୍କାର
# ଗିଲ୍, ଦୀପ୍ତି ଶ୍ରେଷ୍ଠ କ୍ରିକେଟର୍

ହାଇଦରାବାଦ୍, ୨୩ା୧(ଏଜେନ୍ସି): ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଙ୍ଗଳବାର ଏଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ନିଜ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରିଛି। ୨୦୧୯ ପରେ ବିସିସିଆଇ ପ୍ରଥମଥର ପାଇଁ ବାର୍ଷିକ ପୁରସ୍କାର ପ୍ରଦାନ କରିଛି। ଏହି ଉତ୍ସବରେ ଭାରତୀୟ ଦଳର ସବୁ ଖେଳାଳି ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଉପସ୍ଥିତ ଥିଲେ। ଶୁବମାନ ଗିଲ୍ ଓ ଦୀପ୍ତି ଶର୍ମା ୨୦୨୨-୨୩ ବର୍ଷର ଶ୍ରେଷ୍ଠ ପୁରୁଷ ଓ ମହିଳା କ୍ରିକେଟର ଭାବେ ପଲି ଉମ୍ରିଗର ଟ୍ରଫି ଜିତିଛନ୍ତି। ସେହିପରି କିମ୍ବଦନ୍ତୀ ଅଲରାଉଣ୍ଡର ରବି ଶାସ୍ତ୍ରୀଙ୍କୁ ଜୀବନ ବ୍ୟାପୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ମହମ୍ମଦ ସାମିଙ୍କୁ ୨୦୧୯-୨୦ ପାଇଁ, ରବିଚନ୍ଦ୍ରନ ଅଶ୍ୱିନଙ୍କୁ ୨୦୨୦-୨୧ ପାଇଁ ଓ ଯଶପ୍ରୀତ ବୁମ୍‌ରାଙ୍କୁ ୨୦୨୧-୨୨ ପାଇଁ ଶ୍ରେଷ୍ଠ ପୁରୁଷ କ୍ରିକେଟର ଭାବେ ସମ୍ମାନିତ କରାଯାଇଛି। ସେହିପରି ମହିଳା ବର୍ଗରେ ସ୍ମୃତି ମନ୍ଧାନାଙ୍କୁ ୨୦୨୦-୨୧ ପାଇଁ ୨୦୧୯-୨୦ ପାଇଁ ଦୀପ୍ତିଙ୍କୁ ଶ୍ରେଷ୍ଠ କ୍ରିକେଟର ଭାବେ ପୁରସ୍କୃତ କରାଯାଇଛି।



ବିସିସିଆଇ ପୁରସ୍କାର ପ୍ରଦାନ ଉତ୍ସବ ଅବସରରେ ଶୁବମାନ ଗିଲ୍‌ଙ୍କ ସହ ଓଡ଼ିଶା କ୍ରିକେଟ୍ ଆସୋସିଏସନ ସମ୍ପାଦକ ସଞ୍ଜୟ ବେହେରା।

### ଶାସ୍ତ୍ରୀ, ଇଞ୍ଜିନିୟରଙ୍କୁ ସିକେ ନାଇଡୁ ଟ୍ରଫି

୧୯୮୩ ବିଶ୍ୱକପ୍ ବିଜୟୀ ଦଳର ସଦସ୍ୟ ରବି ଶାସ୍ତ୍ରୀଙ୍କ ସମେତ ପୂର୍ବତନ କ୍ରିକେଟର ଫାରୁକ ଇଞ୍ଜିନିୟରଙ୍କୁ ଜୀବନ ବ୍ୟାପୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବାବଦକୁ ଉଭୟଙ୍କୁ ସିକେ ନାଇଡୁ ଟ୍ରଫି ଦିଆଯାଇଥିଲା। ୧୯୬୧ରୁ ୧୯୭୫ ମଧ୍ୟରେ ଫାରୁକ ୪୬ଟି ଟେଷ୍ଟ ଓ ୫ଟି ଦିନିକିଆ ଖେଳି ଯଥାକ୍ରମେ ୨, ୬୧୧ ଓ ୧୧୪ ରନ ସଂଗ୍ରହ କରିଥିଲେ। ଟେଷ୍ଟରେ ସେ ୨ଟି ଶତକ ଓ ୧୬ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ। ସେହିପରି ଶାସ୍ତ୍ରୀ ୧୯୮୧ରୁ ୧୯୯୨ ମଧ୍ୟରେ ୮୦ ଟେଷ୍ଟ ଓ ୧୫୦ଟି ଦିନିକିଆ ମ୍ୟାଚ୍ ଖେଳି ସଫଳ ପ୍ରଦର୍ଶନ କରିଥିଲେ। ଶାସ୍ତ୍ରୀ ୧୧ ଶତକ ଓ ୧୨ ଅର୍ଦ୍ଧଶତକ ସହ ୩, ୮୩୦ ଟେଷ୍ଟ ରନ ଏବଂ ୪ ଶତକ ଓ ୧୮ ଅର୍ଦ୍ଧଶତକ ସହ ୩, ୧୦୮ ରନ ସଂଗ୍ରହ କରିଥିଲେ। ସେ ୧୫୧ ଟେଷ୍ଟ ଓ ୧୨୯ ଦିନିକିଆ ୱିକେଟ ମଧ୍ୟ ଅକ୍ତିଆର କରିଥିଲେ। ଏହି ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସମ୍ପାଦକ ସଞ୍ଜୟ ବେହେରା ଯୋଗ ଦେଇଥିଲେ।

## ପ୍ରଥମ ଫାଇନାଲ ଲକ୍ଷ୍ୟରେ ଇଷ୍ଟ ବେଙ୍ଗଲ-ଜାମସେଦପୁର

ଭୁବନେଶ୍ୱର, ୨୩ା୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା 'କଳିଙ୍ଗ ସୁପର୍ କପ୍' ଫୁଟ୍‌ବଲ ପ୍ରତିଯୋଗିତାର ଗ୍ରୁପ୍ ପର୍ଯ୍ୟାୟ ଶେଷ ହୋଇଯାଇଛି ଏବଂ ବୁଧବାରଠାରୁ ସେମିଫାଇନାଲ ଆରମ୍ଭ ହେବ। ଆଇଏସ୍‌ଏଲ୍‌ର ଦୁଇ ଦଳ ଇଷ୍ଟ ବେଙ୍ଗଲ ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ବୁଧବାର ପ୍ରଥମ ସେମିଫାଇନାଲ ଖେଳାଯିବ। ଉଭୟ ଦଳ ଗ୍ରୁପ୍ ପର୍ଯ୍ୟାୟରେ ସମସ୍ତ ୩ଟି ଲେଖାଏ ମ୍ୟାଚ୍ ଜିତି ଅପରାଜେୟ ସହ ସେମିଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଫାଇନାଲ ଖେଳିବା ଲାଗି ଦୁଇ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିବ ବୋଲି ଆକଳନ କରାଯାଉଛି। ଉଭୟ ଇଷ୍ଟ ବେଙ୍ଗଲ ଓ ଜାମସେଦପୁର ବିଜୟୀ ହୋଇ ପ୍ରଥମଥର ଫାଇନାଲ ଖେଳିବାକୁ ଲକ୍ଷ୍ୟ ରଖିଛନ୍ତି। ରେକର୍ଡ ଉପରେ ନଜର ପକାଇଲେ ଉଭୟ ଦଳ ବରାବର୍ ରହିଛନ୍ତି। ଇଷ୍ଟ ବେଙ୍ଗଲ ଓ ଜାମସେଦପୁର ମଧ୍ୟରେ ବର୍ତ୍ତମାନ ସୁଦ୍ଧା ୭ଟି ମ୍ୟାଚ୍ ଖେଳାଯାଇଛି। ଯେଉଁଥିରେ ଉଭୟ ଦଳ ୨ଟି ଲେଖାଏ ବିଜୟ ହାସଲ କରିଥିବାବେଳେ ୩ଟି ମ୍ୟାଚ୍ ଅମୀମାଂସିତ ରହିଛି।

**ପ୍ରଥମ ସେମିଫାଇନାଲ**
ଆରମ୍ଭ: ରାତି ୭ଟା ୩୦
ସ୍ଥାନ: କଳିଙ୍ଗ ଷ୍ଟାଡିୟମ
ପ୍ରସାରଣ: ଜିଓସିନେମା

## ୮୮ କ୍ରୀଡ଼ାବିତ୍‌ଙ୍କୁ ୧୯.୬୫ ଲକ୍ଷ ଟଙ୍କା ପୁରସ୍କାର




ଭୁବନେଶ୍ୱର, ୨୩ା୧ (ସମିସ): ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ମଙ୍ଗଳବାର ୮୮ଜଣ କ୍ରୀଡ଼ାବିତ୍‌ଙ୍କୁ ୧୯ ଲକ୍ଷ ୬୫ ହଜାର ୫୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। କଳିଙ୍ଗ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ହକି ପ୍ରମୋସନ କାଉନସିଲ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ। ବିଭିନ୍ନ ଜାତୀୟ ପ୍ରତିଯୋଗିତା ଯଥା ଖୋ ଖୋ, ଜିମ୍ନାଷ୍ଟିକ୍ସ, ଭାରୋତ୍ତୋଳନ, ଦୌଡ଼କୁଦ, ପାରା ଦୌଡ଼କୁଦ ଓ ଦୃଷ୍ଟିହୀନ କ୍ରିକେଟ୍‌ରେ ସଫଳତା ହାସଲ କରିଥିବା କ୍ରୀଡ଼ାବିତ୍‌ଙ୍କୁ ଏହି ଆର୍ଥିକ ପୁରସ୍କାର ରାଶି ଦିଆଯାଇଛି। ପୁରସ୍କାର ଜିତିଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଦୀପଙ୍କର ଶୁଭେଚ୍ଛା ଜଣାଇବା ସହ ଆଗାମୀ ପ୍ରତିଯୋଗିତାଗୁଡ଼ିକରେ ଆହୁରି ଭଲ ପ୍ରଦର୍ଶନ କରି ରାଜ୍ୟ ଓ ଦେଶକୁ ଗୌରବାନ୍ୱିତ କରିବା ନେଇ କାମନା କରିଥିଲେ।

ନିକଟରେ ଅନୁଷ୍ଠିତ ଜାତୀୟ କନିଷ୍ଠ ମହିଳା ଖୋଖୋ'ରେ ରୌପ୍ୟ ପଦକ ଜିତିଥିବା ଓଡ଼ିଶା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିଭଳି ଶେଷ ହୋଇଥିବା ୪ର୍ଥ ଜାତୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍‌ରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଦଳର ପ୍ରତ୍ୟେକ ଖେଳାଳିଙ୍କୁ ମଧ୍ୟ ୨୦ ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ପାରା ଦୌଡ଼କୁଦରେ ମୋଟ୍ ୮ ଜଣ କ୍ରୀଡ଼ାବିତ୍ ୩.୨ ଲକ୍ଷ ଟଙ୍କା ପୁରସ୍କାର ପାଇଛନ୍ତି। ଗୋଆରେ ଅନୁଷ୍ଠିତ ୨୨ତମ ଜାତୀୟ ପାରା ଦୌଡ଼କୁଦରେ ଏହି ପାରା କ୍ରୀଡ଼ାବିତ୍‌ମାନେ ସର୍ବମୋଟ୍ ୪ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ଜିତିଥିଲେ। ଅପରପକ୍ଷରେ ଓଡ଼ିଶାରେ ଆୟୋଜିତ ହୋଇଥିବା କନିଷ୍ଠ ଓ ବରିଷ୍ଠ ଜାତୀୟ ଜିମ୍ନାଷ୍ଟିକ୍ସ ଏବଂ ଇଟାନଗରରେ ଆୟୋଜିତ ଜାତୀୟ ଭାରୋତ୍ତୋଳନରେ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ ଯଥାକ୍ରମେ ୪୦ ହଜାର, ୨୭ ହଜାର ଓ ୧୭ ହଜାର ଟଙ୍କା ଦିଆଯାଇଛି। ଆର୍ଥିକ ପୁରସ୍କାର ପାଇଥିବା ପ୍ରମୁଖ କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଜୟନ୍ତୀ ବେହେରା, ସୁଚିତ୍ରା ପରିଡ଼ା, ପଙ୍କଜ ଭୁଏ, ଜ୍ୟୋତ୍ସ୍ନା ଶବର, ମିନା ସାନ୍ତା, ତପନ ମହାନ୍ତି, ରାକେଶ ପାତ୍ର, ମହମ୍ମଦ ଆନସ, ବାପି ହାଁସଦା ଓ ସବିତା ଟପ୍ପୋ ରହିଛନ୍ତି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର